Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୧୦ ଖ୍ୟା

ତା ୧୦ ରିଖ ମାର୍ଚ୍ଚ ସନ ୧୮୭୭ ମସିହା । ମୁ । ଫାଲ୍‌ଗୁନ ଦି ୨୯ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୨॥୦
ମଫସଲପାଇଁ ଡାକମାସୁଲ ଟ ୧୷

ବିଲାତରୁ ଆସୁଥିବା ତାରଡାକ ସମ୍ବାଦମାନ ପାଠ କରିବାରେ ଜଣାଯାଏ ଯେ ତୁରଷ୍କ ଘୋର ଯେଉଁ ମହାଯୁଦ୍ଧର ଆଶଙ୍କା ଥିଲା ତାହା ସଂଘଟିତ ହେବ ନାହିଁ ଓ ତୁରଷ୍କ ରାଜ୍ୟ ଆପଣା ବିଦ୍ରୋହୀମାନଙ୍କ ସହିତ ସନ୍ଧି ସ୍ଥାପନ କରିବାକୁ ସମର୍ଥ ହେବେ । ଗତ ମାସ ତା୧ ରିଖ ପର୍ଯ୍ୟନ୍ତ ବିଦ୍ରୋହୀଙ୍କ ସହିତ ଯୁଦ୍ଧ ସ୍ଥଗିତ ଥିଲା ଏଥିମଧ୍ୟରେ ନୂତନ ଉଦ୍ୟମ ହୋଇ ନ ଥିଲେ ଯୁଦ୍ଧ ଆରମ୍ଭ ହୋଇଥାନ୍ତା ମାତ୍ର ଜଣାଯାଏ ଯେ ବିଦ୍ରୋହୀ ଦଳ ମଧ୍ୟରୁ ଦୁଇଦଳ ସଙ୍ଗେ ସନ୍ଧି ସ୍ଥାପନ ହେଲାଣି ଓ ଅପର ଦଳ ସହିତ ଶୀଘ୍ର ସନ୍ଧି ହେବାର ଆଶା ଅଛି ବୋଲି ଯୁଦ୍ଧ ବନ୍ଦ ଅଛି । ଏସମସ୍ତ ସୁଖର ବିଷୟ ଅଟଇ ଓ ତୁରଷ୍କ ସମସ୍ତ ବିଦ୍ରୋହୀଙ୍କ ସହିତ ସନ୍ଧି କରି ଆପଣାର ଶାସନପ୍ରଣାଳୀ ସଂଶୋଧିତ କଲେ ଆଉ କିଛି ଅନିଷ୍ଟ ହେବ ନାହିଁ ଓ କିଛିକାଳ ପାଇଁ ଉକ୍ତ ରାଜ୍ୟ ଆପଣା ଗୌରବ ରକ୍ଷା କରିପାରିବ ।

---

ଗୋବିନ୍ଦଦ୍ୱାଦଶୀ ଓ ଦୋଲଯାତ୍ରା ଉପଲକ୍ଷରେ ଯେତେ ଯାତ୍ରୀ ପୁରୀକୁ ଆସିଥିଲେ ତହିଁରୁ ଅନେକ ଲୋକ ଓଲଉଠା ରୋଗରେ ମରି ପଡ଼ିଅଛନ୍ତି । ଉକ୍ତ ନଗରରେ ରୋଗର ପ୍ରାଦୁର୍ଭାବ ଅତ୍ୟନ୍ତ ହୋଇଅଛି ଏବଂ ଯାତ୍ରିମାନେ ଫେରି ଆସି ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଏ ରୋଗକୁ ପ୍ରବେଶ କରାଇଲେଣି । ଏହି ନଗରରେ କେତେଗୁଡ଼ିଏ ଲୋକ ପୁରୀରୁ ଫେରି ଆସି ଏହି ରୋଗରେ ମରିବାର ଦେଖାଯାଇଅଛି । ପୁରୀ ନଗର[illegible]ଇବେଲେ ଜନତା ହେଲା ତେତେ[illegible]ରିଷ୍ଟ୍ୟ ଏ ରୋଗ ବାହାରିବାର ଦେଖି ଆ[illegible]ମାନେ ଅନୁମାନ କରୁଁ କି ସେଠାରେ ସ୍ୱାସ୍ଥ୍ୟରକ୍ଷାପ୍ରତି ଯେପ୍ରକାର ବନ୍ଦୋବସ୍ତ ହେବାର ଉଚିତ ତାହା ହୋଇ ନାହିଁ ଓ କେବଳ ଯାତ୍ରୀକର ଆଇନ କରି ଗବର୍ଣ୍ଣମେଣ୍ଟ ଯାହା ନିଶ୍ଚିନ୍ତ ବସିଅଛନ୍ତି ବଡ ଦୁଃଖର ବିଷୟ ଅଟଇ । ଉକ୍ତ ଆଇନଦ୍ୱାରା ଯେତେ ଟଙ୍କା ଆୟ ହେଉଅଛି ତଦ୍ଦ୍ୱାରା ସ୍ୱାସ୍ଥ୍ୟରକ୍ଷାର ଉପାୟମାନ କରିବାରେ ସ୍ଥାନୀୟ କର୍ମଚାରୀମାନେ ଯତ୍ନବାନ୍ ହେଉନ୍ତୁ ।

---

ଗତ ଶନିବାର କଲିକତା ଭାରତବର୍ଷୀୟ ସଭାଗୃହରେ ଏକ ସଭା ହୋଇଥିଲା ମହାରାଜା ରମାନାଥ ଠାକୁର ସଭାପତିର ଆସନ ଗ୍ରହଣ କରିଥିଲେ । ଦେବାନି କାର୍ଯ୍ୟବିଧିର ଯେଉଁ ନୂତନ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାର ବିବେଚନାଧୀନରେ ଅଛି ତହିଁର କେତେକ ବିଧି ବିଶେଷତଃ ଟଙ୍କାର ସୁଧ ଓ ଡିକ୍ରୀଜାରିର ନିୟମମାନ ଅତ୍ୟନ୍ତ ଅନିଷ୍ଟକାରକ ହୋଇ ଥିବାରୁ ତହିଁ ବିରୁଦ୍ଧରେ ବ୍ୟବସ୍ଥାପକ ସଭାକୁ ଗୋଟିଏ ଆବେଦନପତ୍ର ପଠାଇବା ଏ ସଭାର ଉଦ୍ଦେଶ୍ୟ ଥିଲା । ସଭାରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ ଓ ଯେଉଁ ମର୍ମରେ ଆବେଦନପତ୍ର ଦିଆଯିବ ତାହା ଧାର୍ଯ୍ୟ ହେଲା । ଏପରି ବ୍ୟବସ୍ଥାପକ ସଭା ଏ ପାଣ୍ଡୁଲିପିକି ଶୀଘ୍ର ବିଧିବଦ୍ଧ କରିବାକୁ ମାନସ କରିଥିବାରୁ ତହିଁରେ ସର୍ବସାଧାରଣର ଅନିଷ୍ଟ ହେବ ବୋଲି ସଭାରେ ଧାର୍ଯ୍ୟହେଲା ଯେ ଅବଧି ପାଣ୍ଡୁଲିପିର ଅନୁବାଦ ସମସ୍ତ ଦେଶୀୟଭାଷାରେ ହୋଇ ନାହିଁ ଏବଂ ବମ୍ବେଇ ଓ ମାନ୍ଦ୍ରାଜରେ ଦୁର୍ଭିକ୍ଷ ପଡିଥିବାରୁ ସେଠା ଲୋକମାନେ ଏବଂ ସ୍ୱୟଂ ଗବର୍ଣ୍ଣମେଣ୍ଟ ସେହି ଚିନ୍ତାରେ ମଗ୍ନ ଅଛନ୍ତି ସୁତରାଂ ଏ ଆଇନ ପ୍ରତି ଦୃଷ୍ଟି କରି ଏଥିର ଦୋଷମାନ ବିବେଚନ କରିବାକୁ ସମୟ ନାହିଁ ଅତଏବ ସମ୍ପ୍ରତି ଏ ଆଇନ ଜାରି ସ୍ଥଗିତ ରଖିବା ସକାଶେ ବ୍ୟବସ୍ଥାପକ ସଭାକୁ ଅନୁରୋଧ କରିବାପାଇଁ ସ୍ଥିର ହୋଇଅଛି । ଆମ୍ଭେମାନେ ସ୍ଥାନାଭାବରୁ ଏ ସପ୍ତାହରେ ଆବେଦନପତ୍ରର ମର୍ମ ସଂକ୍ଷେପରେ ପ୍ରକାଶ କରି ପାରିଲୁ ନାହିଁ ଆଗାମୀ ସପ୍ତାହରେ ତାହା କରିବୁଁ ଓ ପାଠକମାନେ ତହିଁରୁ ଜାଣିପାରିବେ ଯେ ବର୍ତ୍ତମାନ ପ୍ରକାଶ ହୋଇଥିବା ପାଣ୍ଡୁଲିପି ଆଇନ କଲେ ଅନେକ ସାଧାରଣ ଅନିଷ୍ଟ ହେବ ।

---

ଚଟ୍ଟଗ୍ରାମ ଜିଲାର ଫେନୁଆ ମକଦ୍ଦମାମାନ ଗତ ସପ୍ତାହରେ ହାଇକୋର୍ଟରେ ନିଷ୍ପତ୍ତି ହୋଇଅଛି ଓ ତାହା ଘେନି ସମ୍ବାଦପତ୍ରମାନଙ୍କରେ ବଡ ଆନ୍ଦୋଳନ ଲାଗିଅଛି । ଏ ମକଦ୍ଦମାରେ କେତେଗୁଡ଼ିଏ ପ୍ରଜା ମିଥ୍ୟା ସାକ୍ଷ ଦେବା ଅପ-

Digitized by srujanika@gmail.com

ସ୍ଥଳରେ ଦଣ୍ଡ ପାଇଥିଲେ ଓ ସେମାନଙ୍କ ପକ୍ଷରୁ ହାଇକୋର୍ଟରେ ଏହି ଆପତ୍ତି ହୋଇଥିଲା ଯେ ମକଦ୍ଦମାର କାର୍ଯ୍ୟ ବେଆଇନରୂପେ ଚାଲି ଥିଲା ଏବଂ ଆସାମିମାନେ ବେଆଇନମତେ ଦଣ୍ଡ ପାଇଅଛନ୍ତି । ଗବର୍ଣ୍ଣମେଣ୍ଟ ପକ୍ଷରୁ ଏକଜଣ ଉକିଲ ନିଯୁକ୍ତ ହୋଇ ମକଦ୍ଦମାର କାର୍ଯ୍ୟ ଆଇନସଙ୍ଗତ ଥିବାର ଦେଖାଇବାକୁ ଚେଷ୍ଟା କରିଥିଲେ । ହାଇକୋର୍ଟ ଏହି ବିଚାର କଲେ କି ଏ ମକଦ୍ଦମାରେ ଆଇନସଙ୍ଗତ କାର୍ଯ୍ୟ ହୋଇ- ଥିବା ପକ୍ଷରେ ଜଜମାନଙ୍କର ଭାରି ସନ୍ଦେହ ହୋଇଅଛି ମାତ୍ର ସେମାନେ ଏ ବିଷୟର ବାଦାନୁବାଦର ବିଚାର କରିବା ଅନାବଶ୍ୟକ ବିବେଚନା କରନ୍ତି କାରଣ ସମସ୍ତ କାର୍ଯ୍ୟ ଯଥାମତେ ହୋଇଥିବାର ଏବଂ ଦୋଷ ସାବ୍ୟସ୍ତ ପ୍ରତି କୌଣସି ଆଇନଘଟିତ ଆପତ୍ତି ନ ଥିବାର ଅନୁମାନ କଲେ ସୁଦ୍ଧା ସେମାନେ ବିବେଚନା କରନ୍ତି କି ଆସାମିମାନେ ଯେତେ ଦଣ୍ଡ ଭୋଗ କରିଅଛନ୍ତି ତାହା ଉକ୍ତ ଅପରାଧ ସକାଶେ ଯଥେଷ୍ଟ ଅଟଇ । ଏଥିକୁ ସର୍ବସାଧାରଣ ଏକ ବାକ୍ୟ ହୋଇ କହୁଅଛନ୍ତି କି ହାଇକୋର୍ଟର ଏ ବିଚାରଟି ବଡ ହାସ୍ୟାସ୍ପଦ ହୋଇଅଛି ଓ ବାସ୍ତବରେ ଏହାକୁ ବିଚାର ବୋଲି ଯାଇ ନ ପାରେ । ପ୍ରଥମେ ଜଜମାନେ ଆଇନସଙ୍ଗତ କାର୍ଯ୍ୟ ହୋଇଥିବା ପ୍ରତି ଭାରି ସନ୍ଦେହ କଲେ ଓ ପରେ ଆଇନସଙ୍ଗତ କାର୍ଯ୍ୟ ହୋଇଥିବାର କଳ୍ପନା କରି ଆସାମିମାନଙ୍କୁ ଦଣ୍ଡର ଯୋଗ୍ୟ କଲେ କେବଳ ଦଣ୍ଡର ପରିମାଣ କିଛି ଊଣା କରି ଦେଲେ । ଆମ୍ଭେମାନେ ବୁଝିଥିଲୁଁ ଯେ ଆଇନସଙ୍ଗତ କାର୍ଯ୍ୟ ନ ହେଲେ ଅସାମିର ଅପରାଧ ପ୍ରତି ସନ୍ଦେହ ହୁଅଇ ଓ ଏରୂପ ସନ୍ଦେହ ହେଲେ ତହିଁର ଫଳ ଅସାମୀ ଲଭି କରି ଖଲାସ ପାଏ କିନ୍ତୁ ଏ ସ୍ଥଳରେ ହାଇ- କୋର୍ଟ ସନ୍ଦେହର ଆଂଶିକ ଫଳ ଅସାମିକୁ ଦେଇ ଦଣ୍ଡର ପରିମାଣ ଊଣା କରି ଦେଲେ । ସର୍ବୋଚ୍ଚ ବିଚାରାଳୟରୁ ଏ ପ୍ରକାର ବିଚାର ପାଇବାର ପ୍ରତ୍ୟାଶା କେହି କରନ୍ତି ନାହିଁ । ଆମ୍ଭେମାନେ ଆଶା କରୁଁ କି ହାଇକୋର୍ଟ ଯେଉଁ ସନ୍ଦେହ କରିଅଛନ୍ତି ତାହା ପ୍ରକୃତ ଅଟଇ କି ନା ଏଥିର ବିଚାର ନିମିତ୍ତ ପୁନର୍ବାର ହାଇକୋର୍ଟରେ ଆବେଦନ ହେଲେ ବଡ ଭଲ ହେବ । କଲ୍‌ଡ଼ ସାହେବଙ୍କର କାର୍ଯ୍ୟ ଯେତେ ମନ୍ଦ ହେଉ ତାହାଙ୍କର ଭାଗ୍ୟକୁ ବଡ ବୋଲି- ବାକୁ ହେବ କାରଣ ତାହାଙ୍କର ପଦେ ଦୋଷ- ଥିଲେହେଁ ସେ ବିଚାରକର୍ତ୍ତାଙ୍କ ହାତରୁ ବଡ ସହଜରେ ବାହାରି ଆସୁଅଛନ୍ତି ।

---

ଗତ ରବିବାର ଶ୍ରୀଯୁକ୍ତ କମିଶ୍ନର ସାହେବ ଢେଙ୍କାନାଳର ବନ୍ଦୋବସ୍ତ କରି ଏ ନଗରକୁ ଫେରି ଆସିଅଛନ୍ତି । ଆମ୍ଭେମାନେ ଶୁଣିଲୁଁ ଯେ ଢେଙ୍କାନାଳ ରାଜ୍ୟର କର୍ମ ଯେପରି ବନ୍ଦୋବ- ସ୍ତରେ ଚଳୁଥିଲା ଠିକ ସେହିପରି ବନ୍ଦୋବସ୍ତ- ରେ ବର୍ତ୍ତମାନ ନିଯୁକ୍ତ ଥିବା ଅମଲାଙ୍କଦ୍ୱାରା ଆଗାମୀ ସୁନିୟାଁ ପର୍ଯ୍ୟନ୍ତ ବାବୁ ବନମାଳୀ ସିଂହଙ୍କ ତତ୍ତ୍ୱାବଧାରଣରେ ଚଳିବ ଓ ଭବି- ଷ୍ୟତକୁ କିପରି ବନ୍ଦୋବସ୍ତ କଲେ ଉତ୍ତମ ହେବ ଓ ବର୍ତ୍ତମାନ ନିଯୁକ୍ତ ଥିବା ଅମଲାଙ୍କ ମଧ୍ୟରୁ କିପରିମାଣରେ ଊଣା ହେବ ବାବୁ ବନମାଳୀ ସିଂହ ଏଥିମଧ୍ୟରେ ତହିଁର ତଦନ୍ତ କରି ରପୋର୍ଟ କଲେ କମିଶ୍ନର ସାହେବ ବିବେଚନା କରି ବିହିତ ଆଜ୍ଞା ଦେବେ । ସମ୍ପ୍ରତି ବନମାଳୀବାବୁଙ୍କ ସାହାଯ୍ୟ ନିମିତ୍ତ ମାସକୁ ୫ ୧୦୦୲ ଙ୍କା ବେତ- ନରେ ଜଣେ କର୍ମଚାରୀ ନିଯୁକ୍ତ ହେବ ଏବ ନାବାଳଗ ରାଜାଙ୍କୁ ପଢାଇବା[illegible]ମାସକୁ ୫ ୧୫୦୲ଙ୍କା ବ୍ୟୟରେ ଏ[illegible]ଉପଯୁକ୍ତ ଶିକ୍ଷକ ରହିବ । ନାବାଳଗ ରାଜା ଗଡଠାରେ ରହି ଶିକ୍ଷାଲାଭ କରିବେ । ଏପର୍ଯ୍ୟନ୍ତ ବନ୍ଦୋ- ବସ୍ତ ସବୁ ଉତ୍ତମ ହୋଇଅଛି ସନ୍ଦେହ ନାହିଁ ଓ କମିଶ୍ନର ସାହେବ ବନମାଳୀ ବାବୁଙ୍କ ହସ୍ତ ରେ ସମସ୍ତ ଭାର ଦେଇ ତାହାଙ୍କ ପରାମର୍ଶରେ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବାରେ ବିଚାରର କାର୍ଯ୍ୟ କରିଅଛନ୍ତି । ବାସ୍ତବରେ ମୃତ ମହାରାଜା ସ୍ୱୟଂ ଯେମନ୍ତ ବିଚକ୍ଷଣ ଥିଲେ ତେମନ୍ତ ଏକ- ଜଣ ବୁଦ୍ଧିମାନ ଓ ଗୁଣବନ୍ତ ଦେୱାନ ନିଯୁକ୍ତ କରି ଯାଇଥିବାରୁ ତାହାଙ୍କ ରାଜ୍ୟର କିଛି ମାତ୍ର ବିଶୃଙ୍ଖଳା ଘଟିଲା ନାହିଁ । କିନ୍ତୁ ଦୁଃଖର ବିଷୟ ଯେ କମିଶ୍ନର ସାହେବ ବାବୁ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କୁ ବରଖାସ୍ତ କଲେ । ମୃତ ମହାରାଜା ଏହାଙ୍କୁ ଅନେକଦିନ ପରୀକ୍ଷାଧୀନରେ ରଖି ଏହାଙ୍କର ଗତି ନୀତି ଓ ବିଦ୍ୟାରେ ସନ୍ତୁଷ୍ଟ ହୋଇ ଯୁବରାଜଙ୍କର ଶିକ୍ଷକ ପଦରେ ନିଯୁକ୍ତ କରିଥିଲେ ଓ ସେ ଅଳ୍ପକାଳରେ ଯୁବରାଜଙ୍କୁ ଯେମନ୍ତ ଉତ୍ତମ ପ୍ରଣାଳୀରେ ଶିକ୍ଷା ଦେଇ ଅଛନ୍ତି ତାହା ଯେ ଯୁବରାଜଙ୍କ ଶିକ୍ଷାର ପରୀକ୍ଷା ନେଇଅଛି ସେ ଜାଣିଅଛି ଓ ଆମ୍ଭେମାନେ ମୁକ୍ତକଣ୍ଠରେ କହୁଁ ଯେ ଗୋବିନ୍ଦ ବାବୁଙ୍କ ପକ୍ଷରେ ତାହା ବଡ ପ୍ରଶଂସାର ବିଷୟ ଅଟଇ ମାତ୍ର କମିଶ୍ନର ଏସବୁ କିଛି ବିଚାର ନ କରି ଗୋବିନ୍ଦ ବାବୁଙ୍କର ସରକାରୀ କର୍ମରେ ଥିବା ସମୟର ସାମାନ୍ୟ ଦୋଷକୁ ଗୁରୁତର ଜ୍ଞାନ କରି ଯାହା ତାହାଙ୍କୁ ଏକାବେଳକେ କର୍ମରୁ ବାହାର କରି ଦେଲେ ଏଥିରେ ସାହେବଙ୍କର ଭାରି ବିବେଚନାର ତ୍ରୁଟି ଓ ନିଷ୍ଠୁରତା ପ୍ରକାଶ ପାଉ- ଅଛି । ସରକାରୀ ମହଲମାନରେ ବଡ ବଡ ଦୁଷ୍ଟମ- ମାନେ ଅଛନ୍ତି କମିଶ୍ନର ସାହେବ ତାହାଙ୍କର କିଛି କରି ପାରୁ ନାହାନ୍ତି ବରଂ କାହାରିକୁ ଉଚ୍ଚପଦ ଦେଇଅଛନ୍ତି ମାତ୍ର ପର୍ବେ ଯେ ବ୍ୟ- କ୍ତିର ସାମାନ୍ୟ ଦୋଷ ଥିଲା କି ନାହିଁ ସନ୍ଦେହ ଓ ବର୍ତ୍ତମାନକୁ ଉତ୍ତମ କାର୍ଯ୍ୟ କଲା ଏକାବେ- ଳକେ ତାହା ତଣ୍ଟିରେ ଛୁରୀ ଲଗାଇ ଦେଲେ । ଏହା ଯେବେ ଅବିଚାର ଓ ନିର୍ଦ୍ଦୟାର କାର୍ଯ୍ୟ ନୁହଇ ତେବେ ଏହାକୁ କି ବୋଲିବା ଅଥବା ଏଥିରେ ସାହେବଙ୍କର ଦୋଷ କି ଏହା କଳି- କାଳର ଧର୍ମ ଅଟଇ !

---

ମାନ୍ଦ୍ରାଜ ଓ ବମ୍ବେଇର ଦୁର୍ଭିକ୍ଷ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପରାମର୍ଶ କ୍ରମେ ସର ରିଚାର୍ଡ ଟେମ୍ପଲ ଅପରାପର ନିୟମ ମଧ୍ୟରେ ତଳଲିଖିତ ତିନୋଟି ନିୟମ କରିଅଛନ୍ତି ଯଥା;- ୧—ରାଜସ୍ୱ କ୍ଷମା ନ ଦେବା ୨—ଦୈନିକ ମଜୁରି ପରିମାଣ ଊଣା କରିବା । ୩—ଦୁର୍ଭି- କ୍ଷିତାଙ୍କୁ ସାହାଯ୍ୟ ନ ଦେବା । ଏସବୁ ନିୟ- ମର ପ୍ରତ୍ୟେକରୁ ମନ୍ଦଫଳ ଜାତ ହେବାର ଦେଖି ପୁନାର ସର୍ବଜନିକ ସଭା ଗବର୍ଣ୍ଣମେଣ୍ଟ- ରେ ଏସମସ୍ତ ବିରୁଦ୍ଧରେ ପ୍ରତିବାଦ କରିଅଛନ୍ତି ଓ ସେମାନଙ୍କ ପ୍ରତିବାଦରୁ ଜଣାଯାଏ ଯେ ଶୀଘ୍ର ଗବର୍ଣ୍ଣମେଣ୍ଟ ନିୟମମାନ ପରିବର୍ତ୍ତନ ନ କଲେ ଦେଶ ନାରଖାର ହୋଇଯିବ । ଅତି ପ୍ରାଚୀନ କାଳରୁ ଏହି ପ୍ରଥା ଚଳି ଆସୁଅଛି କି ଦୁର୍ଭିକ୍ଷ ପଡିଲେ ସର୍ବାଗ୍ରେ ରାଜସ୍ୱ କ୍ଷମା ଦିଆ ଯାଏ ଓ ଏଥିରେ ଅଶେଷ ଉପକାର ହୁଅଇ ବୋଲି ସମସ୍ତେ ପ୍ରଥମେ ତାହାହିଁ ପ୍ରାର୍ଥନା କରନ୍ତି । ଅନେକ ଦେଶୀୟ ରାଜା ଓ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଦେଶର ଜମିଦାରମାନେ ଫସଲ ନଷ୍ଟ ହେବା କାଳରେ ପ୍ରଜାଙ୍କୁ ରାଜସ୍ୱ କ୍ଷମା ଦେଇ ଆସୁଅଛନ୍ତି ଏବଂ ପୂର୍ବେ ଇଂରାଜ ଗବ- ର୍ଣ୍ଣମେଣ୍ଟ ବରାବର ଏହି ନିୟମରେ କାର୍ଯ୍ୟ କରୁଥିଲେ ଏମନ୍ତ କି ଗତ ଦଶନ୍ଧିରେ ଓଡିଶାର ଦୁର୍ଭିକ୍ଷ ସମୟରେ ରାଜସ୍ୱ କ୍ଷମା ଦିଆ ଯାଇଥିଲା ଓ ତାହା ଦେବାରେ ବିଳମ୍ବ ହେବାରୁ ମଧ୍ୟ

Digitized by srujanika@gmail.com

Split by PDF Splitter



ଅନେକ ଅନିଷ୍ଟ ଘଟିଥିଲା କିନ୍ତୁ ବେହାରର ଦୁର୍ଭିକ୍ଷଠାରୁ ସବୁ ରିଚର୍ଡ ଟେମ୍ପଲ ଏ ନିୟମର ବିରୋଧୀ ହୋଇଅଛନ୍ତି ଓ ପୂର୍ବ ବଙ୍ଗଳାର ଗତ ଜଳପ୍ଲାବନରେ ରାଜସ୍ୱ କ୍ଷମା ନ ଦେବାକୁ ପ୍ରସ୍ତାବ କରି ହରବରରେ ପଡଥିଲେ ହେଁ ସେ କଥାକୁ ଛାଡୁ ନାହାନ୍ତି । ଯାହା ହେଉ ମାନ୍ଦ୍ରାଜ ଗବର୍ଣ୍ମେଣ୍ଟ ଏ ନିୟମର ଅଯୌକ୍ତିକତା ଇଣ୍ଡିଆ ଗବର୍ଣ୍ମେଣ୍ଟଙ୍କୁ ଭଲ କରି ଦେଖାଇବାରେ କେତେକ ସ୍ଥଳରେ ରାଜସ୍ୱ କ୍ଷମା ଦେବାର ଆଜ୍ଞା ହୋଇଅଛି ଏବଂ ଭରସା ହୁଅଇ ଯେ ପ୍ରଥମ ଲିଖିତ ନିୟମଟି କ୍ରମଶଃ ରହିତ ହେବ । ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଯେସମସ୍ତ କର୍ମ ଲଗିଅଛି ତହିଁରେ ମୂଲିୟାଙ୍କର ମୂଲ ଊଣା କରିବାରୁ ଦୁର୍ଭିକ୍ଷ ପୀଡିତ ଲୋକମାନେ କ୍ରମଶଃ ବଳହୀନ ହୋଇ ରୋଗଗ୍ରସ୍ତ ହେଉଅଛନ୍ତି ଏବଂ ଆହୁରି ଜଣାଯାଏ ଯେ ଏମାନଙ୍କ ରହିବା ସକାଶେ ଘର ନାହିଁ ମାଟିରେ ଗାଡ଼ ଖୋଳି ରାତ୍ର କାଟନ୍ତି ଓ ବର୍ଷାଋତୁରେ ଫୁଙ୍ଗା ପଡଥାନ୍ତି ଏପରି ଅବସ୍ଥାରେ ଯେ ଓଲାଉଠାର ପ୍ରାଦୁର୍ଭାବ ହେବ ଏଥିରେ ବିଚିତ୍ର କି ବାସ୍ତବରେ କେବଳ କୁଲିମାନଙ୍କ ମଧ୍ୟରେ ଏ ରୋଗ ଜନ୍ମ ହୋଇ ଗାଁ ଲୋକଙ୍କୁ ଯମ ଭବନକୁ ପଠାଉଅଛି ମାନ୍ଦ୍ରାଜ ଗବର୍ଣ୍ମେଣ୍ଟ ଏ ନିୟମର ଦୋଷ ଜାଣିପାରି କର୍ମଚାରୀଙ୍କୁ ଆଜ୍ଞା ଦେଇଅଛନ୍ତି ଯେ ମୂଲ ଊଣା କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଦୃଷ୍ଟି ରଖିବାର ଉଚିତ ଯେମନ୍ତ ଏହାଦ୍ୱାରା କେହି ଅନାହାରରେ ମରି ନ ଯାଏ କିନ୍ତୁ ଅନାହାରରେ ମୃତ୍ୟୁ ଘଟିବାର ସମ୍ବାଦ ଆସୁଅଛି ସୁତରାଂ ଅଧିକ ଦିନ ଏ ନିୟମ ରହିବ ନାହିଁ ତାହା ହେଲେ ରକ୍ଷା । ଭୂମିର ନିୟମ ବିରୁଦ୍ଧରେ ସଭା କହୁଅଛନ୍ତି କି ଭୂମ୍ୟଧିକାରୀମାନେ ବାସ୍ତବରେ ବଡ ଲୋକ ନୁହନ୍ତି ଓ ସେମାନେ ଦେଶରେ ବୃତ୍ତି ରହି ଅଛନ୍ତି । ଏମାନଙ୍କର ବର୍ତ୍ତମାନ ଅବସ୍ଥା ଏମନ୍ତ ଯେ ମୂଲ ଲଗିବା ଭିନ୍ନ ପ୍ରାଣ ରକ୍ଷା କରି ନ ପାରନ୍ତି ତାହାଙ୍କୁ ସାହାଯ୍ୟ କର୍ମରେ ଲଗାଇ ମୂଲ ନ ଦେଲେ ସେମାନେ ଅନାଦୃତ ହୋଇ ରୋଷ ଇତ୍ୟାଦି କରି କେ ଲଘୁନାରେ ପ୍ରାଣରକ୍ଷା କରିବେ ଓ ଏପରି ଅବସ୍ଥାରେ ତାହାଙ୍କୁ ପଢାଇବା କଦାଚ ଗବର୍ଣ୍ମେଣ୍ଟଙ୍କର ଉଚିତ ନୁହଇ । ଆମ୍ଭେମାନେ ଏକୁ ନିୟମ ଦେଖି ଏହି କହୁଅଛୁଁ କି ଗବର୍ଣ୍ମେଣ୍ଟଙ୍କ ବିବେଚନାରେ କୃଷିକାରୀମାନେ ସମସ୍ତଙ୍କଠାରୁ ଭଲ ଅବସ୍ଥାର ଲୋକ ଓ ଦୁର୍ଭିକ୍ଷ ତାହାଙ୍କୁ ବାଧଇ ନାହିଁ ମାତ୍ର କାହାପରୁ ଦୁର୍ଭିକ୍ଷ ଜାତ ହୁଅଇ । ଯେବେ ଫସଲ ନ ହେଲା ତେବେ ଏମାନେ କେମନ୍ତେ ବଞ୍ଚି ରହିବେ ଓ କିପରି ରାଜସ୍ୱ ଦେବେ ଓ ଯେବେ ଏହାଙ୍କୁ ଅଗ୍ରେ ସାହାଯ୍ୟ ଦିଆ ନ ଯାଏ ତେବେ ସେମାନେ କିପରି ଭବିଷ୍ୟତକୁ ଚାଷ କରି ପାରିବେ ଯେ ତଦ୍ଦ୍ୱାରା ଦୁର୍ଭିକ୍ଷ ନିବାରଣ ହେବ? ଗବର୍ଣ୍ମେଣ୍ଟଙ୍କର ଏସମସ୍ତ ନିୟମ କରିବାର ମୂଳ ଉଦ୍ଦେଶ୍ୟ ସାହାଯ୍ୟ ବ୍ୟୟ ଊଣା କରିବା ଅଟଇ ଓ ରାଜଭଣ୍ଡାରରେ ପ୍ରଚୁର ଧନ ନ ଥିବାରୁ ଗବର୍ଣ୍ମେଣ୍ଟ ବାଧ୍ୟ ହୋଇ ଏହା କରୁଅଛନ୍ତି । ମାତ୍ର ଯେସ୍ଥଳେ ଗବର୍ଣ୍ମେଣ୍ଟ ପ୍ରଜାଙ୍କର ପ୍ରାଣ ରକ୍ଷା କରି ଏ କଷ୍ଟରୁ ଉଦ୍ଧାର କରିବାକୁ ବସିଅଛନ୍ତି ସେସ୍ଥଳେ ଉପଯୁକ୍ତବ୍ୟୟ କରିବାକୁ କୁଣ୍ଠିତ ହେଲେ କିପରି ଚଳିବ । ଏହି ଦୁର୍ଭିକ୍ଷ ସାହାଯ୍ୟର ବ୍ୟୟ ନିମିତ୍ତ ଟଙ୍କା ଋଣ କରିବାକୁ ଗବର୍ଣ୍ମେଣ୍ଟ ପ୍ରସ୍ତାବ କଲେଣି ଓ ଶୀଘ୍ର ବଜେଟ ବାହାରିଲେ ଋଣ ଗୃହୀତ ହେବ ତେବେ ଆଉ ଯେତେ ବ୍ୟୟ ହେବ ତହିଁପାଇଁ ଋଣ ନ କରି ଅପ୍ରଚୁର ସାହାଯ୍ୟ ଦେବାର କାରଣ କି । ବୋଧ ହୁଅଇ ସଭାଙ୍କ ଆବେଦନପତ୍ର ପାଠକରି ଗବର୍ଣ୍ମେଣ୍ଟ ପ୍ରଚୁର ପରିମାଣରେ ସାହାଯ୍ୟ ଦେବା ବିଷୟରେ ଆଜ୍ଞା ପ୍ରଚାର କରିବେ ।

---

ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଶ୍ରୀଯୁକ୍ତ ଡାକ୍ତର ଷ୍ଟୁଆର୍ଟ ସାହେବଙ୍କ ରଚିତ ଭୈଷଜ୍ୟରତ୍ନାକର ପୁସ୍ତକ ଏକଖଣ୍ଡ ଉପହାର ପ୍ରାପ୍ତ ହୋଇଅଛୁଁ । ଏ ପୁସ୍ତକ ଖଣ୍ଡି ଡାକ୍ତର ସାହେବ ଓଡିଶା ମେଡିକଲ ସ୍କୁଲର ଛାତ୍ରମାନଙ୍କର ବ୍ୟବହାର ନିମିତ୍ତ ଇଂରାଜୀ ଗ୍ରନ୍ଥମାନଙ୍କରୁ ସଂକଳନ କରିଅଛନ୍ତି ଓ ଏହାକୁ ସର୍ବାଙ୍ଗସୁନ୍ଦର କରିବାଲାଗି କୌଣସି ଯତ୍ନରେ ତ୍ରୁଟି କରି ନାହାନ୍ତି । ଏଥିରେ ଇଂରାଜୀ ଔଷଧସବୁର ଗୁଣ ଓ ପ୍ରୟୋଗ ଇତ୍ୟାଦି ବର୍ଣ୍ଣିତ ହୋଇଅଛି । ପୁସ୍ତକଟି କଟକ ମିଶନପ୍ରେସରେ ଉତ୍ତମ କାଗଜରେ ସୁନ୍ଦରରୂପେ ଛପା ହୋଇଅଛି । ଏହାର ଗୁଣ ବିଷୟରେ ଆମ୍ଭେମାନେ ସମାଲୋଚନା କରିବାକୁ ଅକ୍ଷମ ଓ ଆମ୍ଭେମାନେ ଏତିକି କହିପାରୁଁ ଯେ ଡାକ୍ତର ସାହେବଙ୍କ ଚିକିତ୍ସାରେ ଏସ୍ଥାନର ଲୋକଙ୍କର ଯେମନ୍ତ ସନ୍ତୋଷ ଜାତ ହୋଇଅଛି ତଦ୍ଦୃଷ୍ଟିରେ ପୁସ୍ତକ ଭଲ ହୋଇଥିବ ସନ୍ଦେହ ନାହିଁ । ଭାଷା ଯଦ୍ୟପି କି ଅଧିକ ବଙ୍ଗଳା ପରି ହୋଇଅଛି ମାତ୍ର ତହିଁପାଇଁ ପାଠକମାନେ ଆଶ୍ଚର୍ଯ୍ୟ ହେବେ ନାହିଁ । କାରଣ ରଚୟିତା ସ୍ୱୟଂ ଇଂରାଜ ପୁଣି ତାହାଙ୍କର ସାହାଯ୍ୟକାରୀ ଜଣେ ବଙ୍ଗାଳୀ ଓ ଜଣେ ନେଟିବ ଖ୍ରୀଷ୍ଟିୟାନ ଅଟନ୍ତି । ଫଳତଃ ଡାକ୍ତର ସାହେବଙ୍କ ଯତ୍ନ ଓ ପରିଶ୍ରମରୁ ଆମ୍ଭେମାନେ ଏତେଶୀଘ୍ର ଓଡିଶାରେ ଖଣ୍ଡିଏ ଇଂରାଜୀ ପ୍ରଣାଳୀର ଚିକିତ୍ସାପୁସ୍ତକ ଲାଭ କଲୁଁ ପରମଭାଗ୍ୟର ବିଷୟ ଓ ଏଥିପାଇଁ ଡାକ୍ତର ସାହେବଙ୍କୁ ଧନ୍ୟବାଦ ଦେଉଅଛୁଁ ।

---

## ସାପ୍ତାହିକସଂବାଦ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଶ୍ରୀଯୁକ୍ତ କମିଶ୍ନର ସାହେବ ଅଳ୍ପକାଳ ବାଲେଶ୍ୱର ଗସ୍ତକୁ ଯାତ୍ରା କରିବେ । ଜିଲାର କଲେକ୍ଟର ସାହେବ ମଧ୍ୟ ଗସ୍ତକୁ ଯାଉଅଛନ୍ତି । ଏବର୍ଷ ଗସ୍ତଟା ବଡ ଖରଟିଆ ଦିନରେ ପଡିଲା ।

କଟକଜିଲା ମଧ୍ୟରେ କେନ୍ଦ୍ରାପଡାରେ ଦୋଳଯାତ୍ରାର ଧୂମ କିଛି ଅଧିକ ଦେଖାଯାଏ । ସେଠାରେ ବାବୁ ରାଧାଶ୍ୟାମ ନରେନ୍ଦ୍ର ଓ ବାବୁ ରାମଗୋବିନ୍ଦ ଜଗଦେବ ଏହି ଯାତ୍ରାରେ ପ୍ରାୟ ୫ । ୬ ହଜାର ଟଙ୍କା ବ୍ୟୟ କରନ୍ତି । ରୋଷନାଇ ବାଣ ଓ ନାଚ ଅଙ୍କର ଇତ୍ୟାଦିର ବଡ ଧୂମ ହୁଅଇ । ଏବର୍ଷ ପ୍ରାୟ ଏକୋଇ ଜଣଙ୍କ ଠାକୁର ପାଖରେ ପାଞ୍ଚ ସାତ ପଞ୍ଝା ନାଚ ହୋଇଥିଲା । ଆମ୍ଭେମାନେ ଶୁଣିଲୁଁ ଯେ ଏ ଦୁହିଙ୍କ ମଧ୍ୟରେ ଜିଦାଜିଦି ଲାଗିଥିବାରୁ ଅକାରଣ ଅନେକ ଟଙ୍କା ବ୍ୟୟ ହୁଅଇ । ରାଧାଶ୍ୟାମ ବାବୁଙ୍କର ନାମ ଅନ୍ୟପ୍ରକାରରେ ବାହାରିଅଛି ରାମଗୋବିନ୍ଦ ବାବୁ ତହିଁପ୍ରତି ଦୃଷ୍ଟି କଲେ ଭଲ ହୁଅନ୍ତା ।

ଏଜିଲ୍ଲାରେ ଏମାସରେ ଯେତେ ବିବାହ ହେଲା ଅନ୍ୟ କୌଣସିବର୍ଷ ଏସମୟରେ ତାହା ଦେଖା ନ ଥିଲା ଅବଶ୍ୟ ବିବାହର ଗୋଳମାଳ ଭାଙ୍ଗି ନାହିଁ ଓ ଏଥିପାଇଁ ଗୌଡଙ୍କର ଆଦର ଭାରି ହୋଇଅଛି ଦ୍ୱିଗୁଣ ଦାମ ଦେଲେହେଁ ବା ଗୌଡ ମିଳିବାର କଠିନ ।

ମହୁସୁର ନିକଟ ଗଡାଲୁର ଜଙ୍ଗଲରେ ବହୁତ ବାଉଁଶ ଧାନ ହୋଇଅଛି ଓ ସହସ୍ର ସହସ୍ର ଦୁର୍ଭିକ୍ଷପୀଡିତ ପ୍ରଜା ସେହି ଧାନ ଖାଇ ପ୍ରାଣ ରକ୍ଷା କରୁଅଛନ୍ତି । ବାଉଁଶରେ ଧାନ ହେବାର ସଚରାଚର ଦେଖା ଯାଏ ନାହିଁ କିନ୍ତୁ ଦୁର୍ଭିକ୍ଷ

Digitized by srujanika@gmail.com

Split by PDF Splitter



ପଡ଼ିଲେ ପ୍ରାୟ ଧାନ ହୁଅଇ ଏଥିର କାରଣ କି? ବର୍ଷା ଊଣା ହେଲେ ଏପରି ହୁଅଇ କି ?

ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ମାନ୍ଦ୍ରାଜ ନଗରରେ ଅତ୍ୟନ୍ତ ଜଳକଷ୍ଟ ହୋଇଅଛି ଓ ପିଇବା ପାଣି ଯୋଗାଇବା ସକାଶେ ବଡ଼ ଭାବନା ଉପସ୍ଥିତ ହୋଇଅଛି । କଥିତ ହୁଅଇ ଯେ କ୍ଷେତକୁ ଜଳ ନ ଦେଇ ସେହି ଜଳ ପାନ କରିବାରେ ବ୍ୟବହାର ହେବ । ଗବର୍ଣ୍ଣମେଣ୍ଟ ଏଥିର ଅନୁସନ୍ଧାନ କରୁଅଛନ୍ତି ।

ମାନ୍ଦ୍ରାଜମେଲରୁ ଜଣା ଗଲା ଯେ ସର ରିଚର୍ଡ଼ ଟେମ୍ପଲ ମହୋଦୟର କର୍ମଚାରୀମାନଙ୍କୁ ଅନୁରୋଧ କରିଅଛନ୍ତି କି ସେମାନେ ଗ୍ରାମ ୨ ବୁଲି ଦୁର୍ଭିକ୍ଷର ଅବସ୍ଥା ଅବଲୋକନ କରିବେ ଏବଂ ଅନାହାରରେ ମୃତ୍ୟୁ ଘଟିବାକୁ ନ ଦେବେ

ତିବାଙ୍କୁରର ଜଙ୍ଗଲରେ ଗୋଟାଏ ହାତୀ ଜଣେ କୁଲିକୁ ଶୁଣ୍ଢରେ ଧରି ଅନେକକ୍ଷଣ ପର୍ଯ୍ୟନ୍ତ ବୁଲାଇ ୨ ଯେତେବେଳେ ଜାଣିଲା ଯେ ମନୁଷ୍ୟଟି ମରିଗଲା ସେତେବେଳେ ଗୋଟାଏ ଗାତ ଖୋଳି ମନୁଷ୍ୟକୁ ଲମ୍ବା କରି ତହିଁ ଭିତରେ ଶୁଆଇ ଦେଇ ଉପରେ ଡାଳ ପତ୍ର ଘୋଡ଼ାଇ ଦେଇ ଚାଲିଗଲା । ଭାଗ୍ୟକ୍ରମେ ମନୁଷ୍ୟଟି କେବଳ ମୂର୍ଚ୍ଛିତାବସ୍ଥାରେ ଥିଲା ଆଉ ଜଣେ ବାଟୋଇ ତାହାକୁ ଦେଖି ଗାତରୁ ବାହାର କରି ହାସପାତାଲକୁ ପଠାଇ ଦେବାରେ ସେ ପଦର ଦିନ ମଧ୍ୟରେ ଆରୋଗ୍ୟ ଲାଭ କଲା । ହାତୀଙ୍କ ଜାତିରେ କି କବର ଦେବାର ନିୟମ ଅଛି ଅଥବା ଏ ବୁଦ୍ଧି ହାତୀଟି କାହୁଁ ଶିଖିଲା ।

ଲାହୋର ରେଲଷ୍ଟେସନରେ ଦୁଇଜଣ ରେଲଗାଡ଼ିର ଚାକର ଗୋଟିଏ ଖାଲିଗାଡ଼ିରେ କୋଇଲାର ନିଆଁ ଜାଳି ଦେଇ ଗାଡ଼ିର ଦ୍ୱାର ବନ୍ଦ କରି ଶୋଇଥିଲେ ସେମାନଙ୍କ ଜମାଦାର ସକାଳେ ସେମାନଙ୍କୁ ଖୋଜି ନ ପାଇବାରେ ଗାଡ଼ି ଦ୍ୱାର ଫିଟାଇ ଦେଖିଲା ଯେ ଏକଜଣର ମୃତ୍ୟୁ ହୋଇଅଛି ଓ ଅପର ଜଣ ମୃତବତ୍ ହୋଇଅଛି । ଶେଷ ବ୍ୟକ୍ତିକୁ ଔଷଧାଦି ଦେବାରେ ଆରୋଗ୍ୟ ଲାଭ କଲା । କୋଇଲାରୁ ଏକପ୍ରକାର ବାଷ୍ପ ବାହାରେ ତାହା ପ୍ରବଳ ବିଷ ଅଟଇ ସେହି ବାୟୁରେ ଏ ଲୋକର ମୃତ୍ୟୁ ହେଲା । କୋଇଲା ଜଳା ଥିବା ଘରେ ଦ୍ୱାର ବନ୍ଦ କରି ଶୋଇବା ଅତି ସାଂଘାତିକ କାର୍ଯ୍ୟ ଅଟଇ ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ! ଓଡ଼ିଶା ମଧ୍ୟରେ ଗଡ଼ଜାତ ରାଜାମାନେ ଯେପରି କୃତବିଦ୍ୟ ଅଛନ୍ତି ତାହା କିଛି ଆପଣଙ୍କୁ ଅବିଦିତ ନାହିଁ । ସେମାନଙ୍କ ମଧ୍ୟରେ ଢେଙ୍କାନାଳର ମୃତ ମହାରାଜା ଯେପରି କୃତବିଦ୍ୟ ଓ ବିଦ୍ୱାନ ବ୍ୟକ୍ତିମାନଙ୍କଠାରେ ଅନୁରାଗୀ ଥିଲେ ଏବଂ ବିଦ୍ୟା ଦେଖି ଯେପରି ସତ୍କାର କରୁଥିଲେ ତାହାସବୁ ବର୍ତ୍ତମାନକୁ ପ୍ରାୟ ଓଡ଼ିଶାରୁ ଲୋପ ହୋଇଗଲା ବୋଇଲେ ଅତ୍ୟୁକ୍ତି ହେବ ନାହିଁ, ଏହା ଓଡ଼ିଶାର ଅଭାଗ୍ୟ ବୋଲିବାକୁ ହେବ । କେବଳ ବର୍ତ୍ତମାନକୁ ତାଲଚେରର ନୂତନ ରାଜା ଯେପରି ବିଦ୍ୟାନୁରାଗୀ ଓ ବିଦ୍ୱାନ ବ୍ୟକ୍ତିମାନଙ୍କଠାରେ ସ୍ନେହୀ ହୋଇଅଛନ୍ତି ଏହି ଭାବ ଯେବେ ରାଜାସାହେବଙ୍କର ଚିରକାଳ ପର୍ଯ୍ୟନ୍ତରେ ଓ ଦୃଢ଼ଭାବରେ ରହି ପାରିବ ତେବେ ଅବଶ୍ୟ ପ୍ରଶଂସାର ବିଷୟ ହେବ ଏଥିରେ ସନ୍ଦେହ ନାହିଁ । ଦେଖ ଉକ୍ତ ତାଲଚେରର ନୂତନ ରାଜା ସ୍ୱୟଂ ସଂସ୍କୃତ ବ୍ୟାକରଣ, କାବ୍ୟ ଓ ନାଟକାଦିରେ ପରିଶ୍ରମ କରି ସଂସ୍କୃତଭାଷାରେ ଯଥାସାଧ୍ୟ ଜ୍ଞାନ ଲାଭ କରିଅଛନ୍ତି, ଆଉ ଆପଣା ସଙ୍ଗରେ କେତେକ ବ୍ରାହ୍ମଣସନ୍ତାନଙ୍କୁ ରଖାଇ ଆପେ ବେଦାନ୍ତଶାସ୍ତ୍ର ବର୍ତ୍ତମାନରେ ପଢ଼ୁଅଛନ୍ତି । ଏପରି ରାଜା ନିଜେ କିଛି ୨ ଇଂରାଜୀ ପଢ଼ି ମଧ୍ୟ ୨ କରି ଇଂରାଜୀଭାଷାରେ କଥାଭାଷା କରୁଅଛନ୍ତି ଏବଂ ଏକଜଣ ଇଂରାଜୀଶିକ୍ଷକ ରଖି ଇଂରାଜୀଶିକ୍ଷା ଉତ୍ତମରୂପେ ହେବା ବିଷୟରେ ଚେଷ୍ଟିତ ଅଛନ୍ତି । ଆଉ ମଧ୍ୟ ପ୍ରଜାପାଳନ ବିଷୟରେ ରାଜା ନିଜେ ଯତ୍ନଶୀଳ ହୋଇ ଏକ କଚେରିଘର ତୋଲାଇ ଆପେ ଉପସ୍ଥିତ ରହି ଘ ୧୨ ଘଣ୍ଟାଠାରୁ ଘ ୪ ଘଣ୍ଟା ପର୍ଯ୍ୟନ୍ତ ରୀତିମତ ମକଦ୍ଦମା ନିଷ୍ପତ୍ତି କରୁଥିବାର ସେହି ସ୍ଥାନ ନିବାସିମାନଙ୍କଠାରୁ ଶୁଣାଯାଇଅଛି । କେବଳ ପୂର୍ବ ରାଜାଙ୍କ ସମୟରେ ଯେଉଁମାନେ ଠକାଠକି କରି ସର୍ବସ୍ୱ ଖାଉଥିଲେ ସେମାନଙ୍କୁ ତାଡ଼ନା କରିବାରୁ ସେମାନେ ନାନାରୂପେ ବେନାମି ପ୍ରଭୃତି ପଠାଉଥିବାର ଶୁଣାଯାଏ । ବାସ୍ତବରେ ରାଜା ଅଫିସରେ ଯେପରି ନୂତନ ନିୟମ ଚଳୁଅଛନ୍ତି ତହିଁ କି ଉତ୍ତମ ଅମାତ୍ୟ ନ ଥିବାରୁ ତାହା କିଛି ଭଲହୋଇପାରୁ ନାହିଁ, ଅତଏବ ରାଜାସାହେବ ଆପଣାର ପ୍ରଖ୍ୟାତି ପ୍ରତି ଦୃଷ୍ଟିରଖି ଉତ୍ତମ କୃତବିଦ୍ୟ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ବେତନ ଦେଇ ଆପଣା ନିକଟରେ ରଖାଇ ପ୍ରଜାପାଳନ କଲେ ସର୍ବସାଧାରଣରେ ଅସାଧାରଣ ମାନ୍ୟାସ୍ପଦ ହୋଇ ଉଠିବେ ଏଥିରେ ସନ୍ଦେହ ନାହିଁ ଇତି ।

୫।୩।୭୭

କ । କେହି ପର୍ଯ୍ୟଟକ ।

## ବିଜ୍ଞାପନ

ଆମ୍ଭେମାନେ ଆପଣାର ତଳଲିଖିତ ସମ୍ପତ୍ତିମାନ ଗୋସବନ୍ଦୀ କରିବାକୁ ଇଚ୍ଛାକରୁଁ ଓ ସର୍ବସାଧାରଣଙ୍କୁ ପ୍ରାର୍ଥନା ଯାହାଙ୍କର ନେବାର ଇଚ୍ଛା ହେବ ସମ୍ପତ୍ତିମାନ ଦେଖି ଅମ୍ଭମାନଙ୍କ ନିକଟରେ ତତ୍ତ୍ୱ କରନ୍ତୁ ।

ଯୋବ୍ରାଠାରେ ଥିବା ଅମ୍ଭମାନଙ୍କକାର୍ଯ୍ୟାଳୟ କୋଠି, ଗୋଦାମ ଇତ୍ୟାଦି ।

ମାର୍ସାଘାଇରେ ଥିବା କୋଠି ଓ ଗୋଦାମ

କୃତମୁଣ୍ଡିରେ ଥିବା ଗୋଦାମ

'ପ୍ରାଇଓଅବ କଟକ' ନାମର ବଡ଼ ଅଗ୍ନିଆର ନୌକା

'ଯମୁ' ନାମର ଛୋଟ ଅଗ୍ନିଆର ନୌକା

ଛୋଟ ଜାଲିବୋଟ

ଗୋଟାଏ ଟମ୍. ଲୁହାର ସିନ୍ଦୁକମାନ, ଓ ଜନକଷ୍ଣା ଇତ୍ୟାଦି,

ଅଫିସର ସରଞ୍ଜାମ ଇତ୍ୟାଦି ।

କଟକ ୧୫।୩।୭୭ } ଉଇଦର କମ୍ପାନି

NOTICE.

Wanted a Third Teacher for the Bhadrakh M. C. E. School, on a salary of Rs. 20 per mensem.

Natives of Orissa, who have passed the University Entrance Examination, will have the preference.

Applications to be sent in ( not later than the 31st instant ) to the President of the Bhadrakh School committee.

The 5th March 1877. } TRAILOKYANATH GHOSE Hd. master. B. A. Bhadrakh M. C. E. S.

☞ ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଗ } ତା ୧୭ ରିଖ ମାର୍ଚ୍ଚ ସନ ୧୮୭୭ ମସିହା। ମୂ। ଚୈତ୍ର ବ ୭ ନ ସନ ୧୨୮୪ ସାଲ ଶନିବାର
ସ ୧୧ ଖ୍ୟା }

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୮
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୧୨
ମଫସଲଯାଇ ଡାକମାସୁଲ ଟ୧୫

ନୂତନ ମିଉନିସିପଲ ଆଇନ ଅର୍ଥାତ୍ ସନ ୧୮୭୬ ମସିହା ୫ ଆଇନର ଦ୍ୱିତୀୟ ଅଧ୍ୟାୟର ନବମ ଭାଗ କଟକ ମିଉନିସିପାଲିଟିର ଅନୁରୋଧ କ୍ରମେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏଠାରେ ପ୍ରବଳ କରିବାର ଘୋଷଣା ଦେଇଅଛନ୍ତି। ଆଇନର ଏ ଭାଗ ଲେଖିତ ନିୟମମାନ ମିଉନିସିପଲ ହାଟ ପକ୍ଷରେ ଖଟିବ ସୁତରାଂ ଏଠାରେ ଯେଉଁ ହାଟ ନିର୍ମିତ ହୋଇଅଛି ତହିଁର କାର୍ଯ୍ୟ ଏହି ନିୟମାନୁସାରେ ଚଳିବ ଏବଂ ସେଠାରେ ଯେଉଁମାନେ ଦ୍ରବ୍ୟ ବିକ୍ରୟ କରିବେ ସେମାନେ କମିଶ୍ନରଙ୍କଠାରୁ ପଟ୍ଟା ନେବେ ଓ ତାହାଙ୍କଠାରୁ ଏହି ଆଇନକ୍ରମେ ଖଜଣା ଆଦାୟ ହେବ। ବିନା ପଟ୍ଟାରେ କେହି ଦୋକାନ କଲେ ଦଣ୍ଡନୀୟ ହେବ।

---

ଗତ ସପ୍ତାହରେ ଏ ନଗରରେ ଓଲାଉଠା ରୋଗ ଭାରି ପ୍ରବଳ ହୋଇଥିଲା ଏ ସପ୍ତାହରେ ତହିଁ ପ୍ରତି କମ୍ପୁଭରେ ଜଣା ଜଣା ଯାଏ ମାତ୍ର ତଥାପି ପ୍ରବଳ ରହିଅଛି ଓ ତହିଁ ପାଇଁ ଲୋକେ ଆଶଙ୍କିତ ଅଛନ୍ତି। ସାଧାରଣ ବିଶ୍ୱାସ ମତେ ଗ୍ରାମଦେବତୀଙ୍କ ଅର୍ଚ୍ଚନା ଓ ନଗରକୀର୍ତ୍ତନ ଇତ୍ୟାଦି ପ୍ରାୟ ସବୁ ବଜାରରେ ଦିନେ୨ ହେଉଅଛି ଓ ଏଥିରେ ଅନ୍ୟ କିଛି ହେଉ ନ ହେଉ ଲୋକଙ୍କର ମନ ଟିକିଏ ଦମ୍ଭ ହେଉଅଛି ଏବଂ ଗ୍ରାମଦେବତୀଙ୍କର ପଣ୍ଡାମାନଙ୍କର ଦୁଇପଇସା ଲାଭ ମଧ୍ୟ ହେଉଅଛି।

ପୁରୀରୁ ସମ୍ବାଦ ପାଇଅଛୁଁ ଯେ ଯାତ୍ରିମାନେ ବାହାର ଆସିବାରେ ସେଠାରେ ରୋଗ କିଛି ଊଣା ହୋଇଅଛି ତଥାପି ଏବେ୨ ସାହିରେ ଗୋଟିଏ୨ ଲୋକକୁ ଏ ରୋଗ ଧରିବାର ବନ୍ଦ ନାହିଁ। ମୋଫସଲର ନାନାସ୍ଥାନରେ ମଧ୍ୟ ଏ ରୋଗର ଉପଦ୍ରବ ଲାଗିଅଛି।

---

ଆମ୍ଭେମାନେ ଶୁଣିଲୁଁ ଯେ ଯାଜପୁର ସବ୍ ଡିବିଜନ ଆମଲାଙ୍କ ବିରୁଦ୍ଧରେ ଅନେକ ଗୋଟିଏ ବେନାମି ଦରଖାସ୍ତ ମେଜିଷ୍ଟ୍ରର ସାହେବଙ୍କ ସମ୍ମୁଖରେ ପଡିଅଛି। ଦରଖାସ୍ତଦ୍ୱାରା ଅମଲାଙ୍କର ଅତ୍ୟାଚାର ଓ ଅପହରଣ ବିବରଣ ଲେଖି ଦୋଷ ଡିପୋଟି କଲେକ୍ଟରଙ୍କ ମୁଣ୍ଡରେ ଦେଇଅଛି କାରଣ ତାହା ବିବେଚନାରେ ଡିପୋଟିଙ୍କର ସଦୟ ଓ କୋମଳ ବ୍ୟବହାର ହେତୁ ତଦନୁପଯୁକ୍ତ ଅମଲାମାନେ ମୁହଁ ପାଉଅଛନ୍ତି। ଏକଥା ମାନ କେତେଦୂର ସତ୍ୟ ଆମ୍ଭେମାନେ କହି ନ ପାରୁଁ ମାତ୍ର ଯାଜପୁର କଚେରିରେ ଗଣ୍ଡଗୋଲ ବାରମ୍ବାର ଶୁଣିବାରେ ଆସେ। ପୂର୍ବେ କେତେଗୁଡିଏ ନଥି ହଜିବାରୁ ସିରସ୍ତାଦାର ମାସେ ସସ୍ପେଣ୍ଡ ହୋଇଥିଲେ ଓ ଅମଲାଙ୍କ ନାମରେ ଦରଖାସ୍ତମାନ ପଡିବାରୁ ତାହା ତଦନ୍ତରେ ପ୍ରମାଣ ହେଲା ଓ ଜଣେ ମୋହରିର ବରଖାସ୍ତ ଓ ଜଣେ କେନ୍ଦ୍ରାପଡାକୁ ବଦଳି ହେଲା। ଏଥର ମଧ୍ୟ କେତେକ ନଥି ହଜିଅଛି। ମେଜିଷ୍ଟ୍ରର ସ୍ୱୟଂ ଏବିଷୟ ସବୁର ତଦନ୍ତ କରୁଅଛନ୍ତି ଫଳ ଜଣାଯାଇ ନାହିଁ।

---

ବୋର୍ଡର ପ୍ରଧାନ ମେମ୍ବର ଶ୍ରୀଯୁକ୍ତ ସବ୍ ସାହେବ ଶୀଘ୍ର କର୍ମ ତ୍ୟାଗ କରିବେ ଏବଂ ଦ୍ୱିତୀୟ ମେମ୍ବର ଶ୍ରୀଯୁକ୍ତ ମନି ସାହେବ ଛମାସ ଛୁଟୀ ନେବେ। ଏମାନଙ୍କ କର୍ମରେ ଶ୍ରୀଯୁକ୍ତ ବକଲାଣ୍ଡ ଏବଂ ଶ୍ରୀଯୁକ୍ତ ରେବନସା ସାହେବମାନେ ନିଯୁକ୍ତ ହେବାର ସମ୍ଭାବନା ଅଛି। କିନ୍ତୁ ଡେଲିନ୍ୟୁସ ଶୁଣିଅଛନ୍ତି କି ଏକଜଣଙ୍କ କର୍ମରେ ବଙ୍ଗଳା ଗବର୍ଣ୍ଣମେଣ୍ଟର ସେକ୍ରେଟରୀ ରେନଲଡ୍ ସାହେବ ନିଯୁକ୍ତ ହେବାର କଥା ଅଛି ଓ ଅନ୍ୟ କେହି କହନ୍ତି କି ବକଲାଣ୍ଡ ସାହେବ ବୋର୍ଡକୁ ଯିବାକୁ ଇଚ୍ଛା ନ ରଖନ୍ତି ତାହା ହେଲେ ରେବନସା ସାହେବଙ୍କର ପଦୋନ୍ନତିର ଅନେକ ସମ୍ଭାବନା ଅଛି ଓ ତାହା ଘଟିଲେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେବୁଁ କାରଣ ଏକପକ୍ଷରେ ସେ ବୋର୍ଡରେ ଥାଇ ଓଡିଶାର ମଙ୍ଗଳ କରିବାକୁ ଅଧିକ କ୍ଷମତା ପାଇବେ ଏବଂ ପକ୍ଷାନ୍ତରେ ଓଡିଶାରେ ଅତି ଦୀର୍ଘକାଳ ରହିବାରୁ କେତେ ଗୁଡିଏ ତାହାଙ୍କର କୁସଂସ୍କାର ଜନ୍ମିଅଛି ତାହା ଆଉ ରହିବ ନାହିଁ।

ଶ୍ରୀଯୁକ୍ତ ରେବନସା ସାହେବ ବୋର୍ଡକୁ ଗଲେ ଶ୍ରୀଯୁକ୍ତ ବାମସ୍ ସାହେବ କମିଶନର ଏବଂ ଶ୍ରୀଯୁକ୍ତ ଟୋଏନବି ସାହେବ କଟକର କଲେକ୍ଟର

Digitized by srujanika@gmail.com

ହେବେ ଓ ଏ ସମସ୍ତ ବନ୍ଦୋବସ୍ତରେ ଆମ୍ଭମାନଙ୍କର ଲଭ ଅଛି ସନ୍ଦେହ ନାହିଁ ।

---

ଗତ ଶନିବାର ଅପରାହ୍ନ କାଳରେ କଲିକତାରେ ବିଶ୍ୱବିଦ୍ୟାଳୟର କନବୋକେସନ-ସଭା ହୋଇଥିଲା । ମହାମାନ୍ୟ ଲର୍ଡ ଲରେନ୍ସ ଏସଭାକୁ ଶୁଭାଗମନ କରିଥିଲେ ଏବଂ ଅନେକ ଦେଶୀୟ ଓ ଇଉରୋପୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ସମାଗମ ହୋଇଥିଲା । ଗତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ଉପାଧିଦାନ ଇତ୍ୟାଦି ହେଲା ଉତ୍ତାରୁ ଭାଇସଚେନସଲର ସାହେବ ପରୀକ୍ଷାର ଫଳାଫଳ ଏବଂ ବିଶ୍ୱବିଦ୍ୟାଳୟର କାର୍ଯ୍ୟର ବର୍ଣ୍ଣନା କଲେ ତହିଁରୁ ଜଣାଗଲା ଯେ ଗତ ବର୍ଷର ଫଳ ତହିଁ ପୂର୍ବବର୍ଷାପେକ୍ଷା ଉତ୍ତମ ହୋଇଥିଲା । ପରଶେଷରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଗୋଟିଏ ଦୀର୍ଘ ବକ୍ତୃତା କଲେ ଓ ତହିଁମଧ୍ୟରେ ଦେଶୀୟ ଲୋକଙ୍କ ଶିକ୍ଷାରେ କେଉଁ ବିଷୟର ଅଭାବ ଓ ଶିକ୍ଷିତ ଲୋକଙ୍କର ସଂସାରରେ କି କର୍ତ୍ତବ୍ୟ ଇତ୍ୟାଦି ପ୍ରସଙ୍ଗରେ ଉପଦେଶ ଗର୍ଭ କଥା କହି ପରଶେଷରେ ଦେଶୀୟ ଲୋକଙ୍କୁ ଉଚ୍ଚ କର୍ମ ଦେବାରେ କି ବାଧା ଅଛି ଓ କେଉଁ ନିୟମରେ ଏମାନେ ଉଚ୍ଚ କର୍ମ ପାଇ ପାରନ୍ତି ଏ ସମସ୍ତ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ମତ ସମସ୍ତଙ୍କୁ ଜଣାଇଥିଲେ । ଆମ୍ଭେମାନେ ଏମନ୍ତ ଶୁଣିବାକୁ ଅନେକଦିନରୁ ଆଶା କରିଥିଲୁଁ ଏତେଦିନେ ତାହା ପ୍ରକାଶ ପାଇଲା ବଡ ସୁଖର ବିଷୟ ଅଟଇ । ଏ ସପ୍ତାହରେ ସ୍ଥାନାଭାବ ହେତୁରୁ ବକ୍ତୃତାର ସାରାଂଶ ପ୍ରକାଶ କରି ପାରିଲୁଁ ନାହିଁ ।

---

ଅମୃତବଜାର ପତ୍ରିକାର ଜଣେ ପତ୍ରପ୍ରେରକ ସରଜଙ୍ଗ ବାହାଦୁରଙ୍କର ମୃତ୍ୟୁ ଓ ତାହାଙ୍କର ସ୍ତ୍ରୀମାନଙ୍କ ସତୀ ହେବାର ନିମ୍ନଲିଖିତ ବିବରଣଟି ଲେଖି ପଠାଇଅଛନ୍ତି । ଯଥା;—

ଗତ ଫେବ୍ରୁଏରୀ ମାସ ତା ୨୫ ଈଖରେ ଗୋବିନ୍ଦଦ୍ୱାଦଶୀ ଯୋଗ ପଡିଥିବାରୁ ସରଜଙ୍ଗ ବାହାଦୁର ବାଘମତୀ ନଦୀରେ ସ୍ନାନ କରିବାକୁ ମାନସ କଲେ । ଉକ୍ତ ନଦୀ ତଟସ୍ଥ ପାଥରଘାଟ ଗ୍ରାମରେ ପହଞ୍ଚି ସୂର୍ଯ୍ୟୋଦୟ ପୂର୍ବ ନଦୀ ମଧ୍ୟରେ ଆନନ୍ଦରେ ସ୍ନାନକଲେ ସେ ସମୟରେ ତାହାଙ୍କ ଶରୀରର କୌଣସି ବିକୃତି ପ୍ରତ୍ୟକ୍ଷ ହୋଇ ନ ଥିଲା । ସ୍ନାନ ଉତ୍ତାରୁ କୂଳରେ ବସି ପୂଜା କରୁ୨ କ୍ରମଶଃ ତାହାଙ୍କର ଶରୀର ଅଚଳ ହେଲା ଓ ଅଳ୍ପକ୍ଷଣ ମଧ୍ୟରେ ତାହାଙ୍କର ଅଙ୍ଗୀକ ବର୍ଣ୍ଣ ଦେଖିଲେ ଯେ ତାହାଙ୍କର ପ୍ରାଣ ବାହାର ଯାଇଅଛି । ନେପାଲର ରାଜାଙ୍କ ନିକଟକୁ ତତ୍କ୍ଷଣାତ୍ ସମ୍ବାଦ ଗଲା ଏବଂ ତାହାଙ୍କର ତିନି ପ୍ରଧାନ ରାଣୀ, ଭାଇ ଓ ପୁତ୍ର ଏ ସମ୍ବାଦ ଶୁଣି ଘଟଣାସ୍ଥାନକୁ ଆସିଲେ । ରାଣୀମାନେ ସତୀ ହେବାର ଇଚ୍ଛା ପ୍ରକାଶ କଲେ ପୁତ୍ର ତହିଁକି କିଛି କହିଲା ନାହିଁ କିନ୍ତୁ ଭାଇ ସେମାନଙ୍କ ମନ ଫେରାଇବାକୁ ଅନେକ ଚେଷ୍ଟା କଲେ ମାତ୍ର ରାଣୀମାନେ ମାନିଲେ ନାହିଁ ଚନ୍ଦନକାଠ ଝୁଣା ଘିଅ ଇତ୍ୟାଦି ଯଥାବିଧିରେ ଆୟୋଜନ ହୋଇ ସଂସ୍କାର ସ୍ଥଳକୁ ଆସିଲା ଓ ରାଣୀମାନେ ନଦୀରେ ସ୍ନାନ କରି ପୂଜା ବିଧିମାନ ସାରି ବ୍ରାହ୍ମଣ ଓ ସାଧୁମାନଙ୍କୁ ଗୋରୁ ଘୋଡ଼ା ହାତୀ ଓ ସୁନା ଦାନ କଲେ । ତହିଁ ଉତ୍ତାରୁ ରାଜ୍ୟର ଶାସନ କାର୍ଯ୍ୟ ଓ ଶାନ୍ତିରକ୍ଷା ପକ୍ଷରେ କେତେକ ଉପାୟ କଲେ । କେତେ କର୍ମଚାରୀଙ୍କୁ ପଦୋନ୍ନତ ଓ କାହାରିକୁ ଆପଣା କର୍ମରେ ବାହାଲ କରି ଦେଲେ ଓ ଦେଅରଙ୍କୁ କେତେକ ସାଧାରଣ ଉପଦେଶ ଦେଲେ ପରଶେଷରେ କେତେଜଣ ବନ୍ଦୀଙ୍କୁ କାରା ମୁକ୍ତ କଲେ । ଏହି ଅବସରରେ ଚିତା ପ୍ରସ୍ତୁତ ହୋଇଥିଲା ଓ ସେମାନେ ସ୍ତବପାଠ କରି୨ ସ୍ୱଚ୍ଛନ୍ଦରେ ସେଠାରେ ପ୍ରବେଶ ହେଲେ । ମୃତଦେହକୁ ଚିତା ଉପରେ ଚିତ କରି ଶୁଆଇ ଦେଅନ୍ତେ ବଡରାଣୀ ମୃତ୍ପତିଙ୍କୁ ବସି ଆପଣା କୋଳରେ ମୃତସ୍ୱାମୀର ମସ୍ତକ ସ୍ଥାପନ କଲା ଏବଂ ଅନ୍ୟ ଦୁଇ ରାଣୀ ଦୁଇ ଚରଣ ସେବା କରି ବସିଲେ ଓ ଲୋକମାନେ କାଷ୍ଠ ଓ ସୁଗନ୍ଧ ଦ୍ରବ୍ୟମାନ ତାହାଙ୍କ ଚାରିପାଖରେ ସଜାଡି ଦେଲେ । ରାଣୀମାନେ ଯେମନ୍ତ ସଂସାରର ସବୁ କଥା ପାସୋରି ଯାଇ ଏକ ଧ୍ୟାନରେ ଆପଣା ସ୍ୱାମିର ମୁଖାରବିନ୍ଦକୁ ଚାହିଁ ରହିଥାନ୍ତି ଏଥିମଧ୍ୟରେ ପୁତ୍ର ଅଗ୍ନି ପ୍ରଦାନ କଲେ ଓ ଉପସ୍ଥିତ ଜନମାନେ ଅଶ୍ରୁଜଳରେ ଭାସିଲେ । ଅଳ୍ପକ୍ଷଣ ମଧ୍ୟରେ ସବୁ ଶେଷ ହୋଇଗଲା ।

ଇଣ୍ଡିଆନମିରର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କେବଳ ବଡରାଣୀ ସତୀ ହୋଇଅଛନ୍ତି ଓ ପୁତ୍ର ଓ ଯାମାତାଙ୍କ ଅନୁରୋଧ ଓ ଚେଷ୍ଟାରେ ଅନ୍ୟ ଦୁଇ ରାଣୀ ସତୀ ହେବାରୁ କ୍ଷାନ୍ତ ହେଲେ । ଧନ୍ୟ ସରଜଙ୍ଗ ବାହାଦୁର ଓ ଧନ୍ୟ ତାହାଙ୍କର ରାଣୀମାନେ !!

---

ଗତସପ୍ତାହରେ ଆମ୍ଭେମାନେ ପାଠକଙ୍କୁ ଜଣାଇଥିଲୁଁ ଯେ ଦେୱାନୀ କାର୍ଯ୍ୟବିଧି ସମ୍ପର୍କରେ ଯେଉଁ ନୂତନ ଆଇନର ପାଣ୍ଡୁଲିପି ବାହାରିଅଛି କଲିକତାବାସିମାନେ ସଭା କରି ତହିଁ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିଅଛନ୍ତି ଉକ୍ତ ଆବେଦନପତ୍ରର ସାରାଂଶ ନିମ୍ନେ ପ୍ରକାଶିତ ହେଲା । ପାଠକମାନେ ତହିଁରୁ ଦେଖିବେ ଯେ କେତେଗୁଡିଏ ଭୟଙ୍କର ନିୟମ ପ୍ରଚଳିତ କରିବାକୁ ବ୍ୟବସ୍ଥାପକ ସଭା ପ୍ରସ୍ତାବ କରିଅଛନ୍ତି ଏବଂ ସେସବୁ ବିଧିବଦ୍ଧ ହେଲେ ଘୋର ଅନିଷ୍ଟ ହେବ ଏବଂ ଯେହେତୁ ଏ ଆଇନ ସର୍ବସାଧାରଣଙ୍କୁ ବିଶେଷରୂପେ ସ୍ପର୍ଶ କରୁଅଛି ଅତଏବ ଆମ୍ଭେମାନେ ଅନୁରୋଧ କରୁଁ କି ଓଡିଶାବାସିମାନେ ମଧ୍ୟ ଅନ୍ୟାନ୍ୟ ନଗରର ଲୋକଙ୍କ କାର୍ଯ୍ୟକୁ ଅନୁକରଣ କରି ଏଠାରୁ ଗୋଟିଏ ସାଧାରଣ ଆବେଦନ ପତ୍ର ଗବର୍ଣ୍ଣମେଣ୍ଟକୁ ପ୍ରେରଣ କରନ୍ତୁ ତାହା ହେଲେ ଅବଶ୍ୟ ଗବର୍ଣ୍ଣମେଣ୍ଟଙ୍କୁ ଅଧିକ ଭାର ଜଣାଯିବ ବର୍ତ୍ତମାନ କାଳ ଭୁଲ ହୋଇ ରହିବାର ନୁହଇ ଓଡ଼ିଆ ଭାଇମାନେ ଯେ ଯାହା ମନକୁ ଗୋଟାଏ ହୋଇ ବୁଲିଲେ ମଙ୍ଗଳର ବାଟ ହେବା କଠିନ ଅତଏବ ଥରେ ସମସ୍ତେ ଏକଠିତ ହୋଇ ଏପ୍ରକାର ଗୁରୁତର ବିଷୟ ସବୁର ଚିନ୍ତା କରନ୍ତୁ ।

ଆବେଦନପତ୍ରର ସାରମର୍ମ ।

ଦେୱାନୀ କାର୍ଯ୍ୟବିଧି ଆଇନ ମଧ୍ୟରେ ଯେସମସ୍ତ ପରିବର୍ତ୍ତ ବିଧାନ ହେଉଅଛି, ତାହାର କେତେଗୁଡିଏ ପରିବର୍ତ୍ତ ଅଶଙ୍କାର ମୂଳ ହୋଇଅଛି । ତହିଁରେ ଅଦାଲତର କାର୍ଯ୍ୟଦାରୀ ଟଙ୍କାର ମୂଲ୍ୟ, ଋଣରେ ଅର୍ଥ ବିନିଯୋଗ, କୃଷି ଓ ବାଣିଜ୍ୟାର୍ଥ "ମହାଜନୀ କାରବାର" ଏହି ସକଳ ବିଷୟରେ ହସ୍ତକ୍ଷେପ ବା ବ୍ୟାଘାତ ଉପସ୍ଥିତ ହେବ ।

ଏହି ସମସ୍ତ ପରିବର୍ତ୍ତ ବିହିତ ହେଲେ ସୁଧ ଗ୍ରହଣ ସମ୍ବନ୍ଧରେ ସ୍ୱତନ୍ତ୍ର ଆଇନ ସୃଷ୍ଟି କରିବାକୁ ହେବ । କିନ୍ତୁ ସେପ୍ରକାର ଆଇନର ଅନିଷ୍ଟ ଫଳ ଅନୁଭୂତ ହେବାରୁ ତାହା ଇଂଲଣ୍ଡ ଏବଂ ଭାରତବର୍ଷ ଉଭୟ ସ୍ଥାନରେ ରଦ ହୋଇ ଯାଇଅଛି । ଋଣ ସମ୍ବନ୍ଧେ ଆଇନ ହେଲେ ଖାତକମାନଙ୍କ ପକ୍ଷରେ ମଧ୍ୟ ମହା ଅସୁବିଧା ହେବ, ଯେଉଁମାନେ ସମ୍ପତ୍ତି ବିହୀନ ସେମାନଙ୍କର ଋଣ ପାଇବା କଠିନ ହୋଇ ଉଠିବ । ଅଥଚ ପ୍ରୟୋଜନ ହେଲେ କାହାରିକୁ ଋଣ ନ

Split by PDF Splitter
Digitized by srujanika@gmail.com

Split by PDF Splitter



ହେବେ ଚଳିବ ନାହିଁ । ଏଣେ ଣେ ଆଦାୟି ପକ୍ଷରେ ମହାଜନମାନଙ୍କର ଯେରୂପ କଷ୍ଟ ହେବ ସେରୂପ ଋଣ ଦେବା ବିଷୟର ମଧ୍ୟ ପ୍ରବୃତ୍ତି ଜନ୍ମିବ ନାହିଁ ।

ବର୍ତ୍ତମାନ ଆଇନ ଅନୁସାରେ ମୋକଦ୍ଦମା ଜାରି ବ୍ୟକ୍ତିମାନେ ଡିକ୍ରୀ ପାଇଲେ ତାହା ଜାରି କରିବାରେ ବିଲକ୍ଷଣ କଷ୍ଟ ପାଉଥାନ୍ତି । ତହିଁରେ ପୁଣି ପ୍ରସ୍ତାବିତ ପରିବର୍ତ୍ତ ଘଟିଲେ ଭୂସ୍ୱାମୀ ବ୍ୟବସାୟୀ, କୃଷକ ପ୍ରଭୃତି ଅନେକଙ୍କୁ ଅନେକ ଅବଧ ସମ୍ପତ୍ତିର ଅଧିକାରରୁ ବଞ୍ଚିତ ହେବାକୁ ହେବ । ମୋକଦ୍ଦମାର ରୁଜୁର ଦିନଠାରୁ ଅଦାଲତର ବିବେଚନାନୁସାରେ ଯଦି ସୁଧ ନିର୍ଦ୍ଦିଷ୍ଟ ହୁଏ; ଏବଂ ଅନଧିକ ୫ ୬ ଟା ବାର୍ଷିକ ସୁଧ ଯଦି ଡିକ୍ରୀ ତାରିଖ ଉତାରୁ ଅଦାଲତଦ୍ୱାରା ନିର୍ଦ୍ଦିଷ୍ଟ ହୁଏ, ତମ୍ଭା ଅଦାଲତ ସୁଧ ରହିତ କରନ୍ତି, ଏବଂ ୧୦ ବର୍ଷର ଅଧିକକାଳ ମଧ୍ୟରେ କିସ୍ତିବନ୍ଦି କରି ଯଦି ଅସଲ ଟଙ୍କା ପରିଶୋଧର ବ୍ୟବସ୍ଥା ହୁଏ; ଯଦି ଗବର୍ଣ୍ଣମେଣ୍ଟର ଅଦେଶାନୁସାରେ ସ୍ଥଳବିଶେଷରେ ଭୂସମ୍ପତ୍ତିର ନୀଲାମ ଓ ବିକ୍ରୟ ନିଷେଧ ହୁଏ, ତାହା ହେଲେ 'ଲେଣ ଦେଣ' କାରବାର ଏକାବେଳକେ ଲୋପ ହୋଇଯିବ ।

ବିଲର ପ୍ରଧାନ ଗୁଡ଼ିକରେ ଖାତକ ପ୍ରତି ଯେ ଦୟା ପ୍ରଦର୍ଶନ କରି ହୋଇଅଛି ତାହା ବିବେଚନା ସିଦ୍ଧ ଓ ଉତ୍ତମ ହୋଇ ନାହିଁ । ଏଥିରେ ମହାଜନମାନେ ଋଣ ଦାନ ପକ୍ଷରେ ସାହସ କରିବେ ନାହିଁ । ସୁତରାଂ ଦୁଃସ୍ଥ ବ୍ୟକ୍ତିମାନଙ୍କର କ୍ଷତି ହେବ । ଯଦି ବ୍ୟବସ୍ଥାପକ କର୍ତ୍ତାମାନଙ୍କର ଦୟା ପ୍ରଦର୍ଶନ କରିବା ଉଚିତ ବୋଧ ହୁଏ, କିନ୍ତୁ ତାହା ସନ୍ଦେହ ବିଶେଷର କ୍ଷତି କରିବା ଯୁକ୍ତିସିଦ୍ଧ ନୁହଇ । ଯଦି ଏରୂପ ସ୍ୱକୀୟ ଉତ୍ତମ ବୋଲି ବିବେଚିତ ହୁଏ ଯେ, ସ୍ଥାନ ବିଶେଷରେ ସମ୍ପତ୍ତି ବିଶେଷ ବର୍ଦ୍ଧିତ ହେବା ଉଚିତ ନୁହଇ, ଭୂସ୍ୱାମୀ ସବୁ କଷ୍ଟ କରିବା ଉଚିତ ନୁହେ, ତାହା ହେଲେ ସରକାରୀ ଅର୍ଥରେ ସେହି ସମସ୍ତ ଦୟାପାତ୍ର ବ୍ୟକ୍ତିମାନଙ୍କର ରକ୍ଷାବିଧାନ କରିବାହିଁ କର୍ତ୍ତବ୍ୟ ।

ଦେଣଦାରମାନେ ସରକାରୀ କର୍ମଚାରୀମାନଙ୍କର କେବଳ କ୍ରୋକ ହୋଇ ପାରିବ ନାହିଁ । ଖାତକମାନଙ୍କ ପ୍ରତି ଆଇନକର୍ତ୍ତାମାନଙ୍କର ଏହା ଗୋଟିଏ ଦୟାର କାର୍ଯ୍ୟ ହୋଇଅଛି । କିନ୍ତୁ ଏସ୍ଥଳରେ ଏହି ବିବେଚନା କରିବା ଉଚିତ ଯେ ସରକାରୀ କର୍ମଚାରୀମାନଙ୍କର ପ୍ରାୟ ବେତନହିଁ ଏକମାତ୍ର ଆୟ । ତାହା କ୍ରୋକ ହେବା ବନ୍ଦ ହେଲେ ମହାଜନର ଟଙ୍କା କିରୂପେ ଆଦାୟ ହୋଇପାରେ ? ଅତଏବ ଏହା ଉତ୍ତର ସିଦ୍ଧ ହେଉ ନାହିଁ ତଥାପି ଯଦି ସରକାରୀ କର୍ମଚାରୀମାନଙ୍କର ଋଣଗ୍ରହଣ ନିଷିଦ୍ଧ ହୁଏ ଏହା ମଧ୍ୟ ଦାରୁଣ ଅନ୍ୟାୟ ହେବ । ଏଥିରେ ସମୟ ବିଶେଷରେ ଋଣ କରିବାକୁ ନ ପାଇଲେ ସେମାନଙ୍କର କି କ୍ଷତି ହେବ ନାହିଁ ? ଏହା ମଧ୍ୟ ଆଶ୍ଚର୍ଯ୍ୟ ନୁହଇ ଯେ ଅମଲାମାନେ ପ୍ରୟୋଜନ ସମୟରେ ଋଣ କରିବାକୁ ନ ପାଇଲେ ଦୁର୍ବଳ ମାତ୍ର ଲୋକମାନେ ଅନ୍ୟାୟ ଉପାୟଦ୍ୱାରା ଟଙ୍କାର ପ୍ରୟୋଜନ ପୂର୍ଣ୍ଣ କରିବେ ନୂତନ ଆଇନର ୨୦୯, ୨୧୦, ୨୭୭, ୩୦୪, ୩୧୦, ୩୨୧, ୩୨୨, ୩୨୩ ଓ ୩୨୪ ଧାରା ପ୍ରତି ଉପରଲିଖିତ ମନ୍ତବ୍ୟ ଖଟଇ ।

ମୁନସଫ ଏବଂ ଅଧଃସ୍ଥ ଜଜମାନେ ଗବର୍ଣ୍ଣମେଣ୍ଟ ଅଥବା ଗବର୍ଣ୍ଣମେଣ୍ଟ କର୍ମଚାରୀ ବିରୁଦ୍ଧରେ ମୋକଦ୍ଦମା କରି ପାରିବେ ନାହିଁ, ଏବଂ ଉଚ୍ଚ ଅଦାଲତରୁ କ୍ଷମତା ନ ପାଇଲେ ଡିକ୍ରୀଜାରୀ କରି ନ ପାରିବେ, ଅଧଃସ୍ଥ ବିଚାରପତିମାନଙ୍କ ପ୍ରତି ଏହି ଅବିଶ୍ୱାସ ନିତାନ୍ତ ଦୁଃଖର ବିଷୟ ହେଉଅଛି । ଯେତେବେଳେ ଗବର୍ଣ୍ଣମେଣ୍ଟ ନିଜେ ଦେଶୀୟ ବିଚାରପତିମାନଙ୍କ କର୍ମର କାର୍ଯ୍ୟର ପ୍ରଶଂସା କରନ୍ତି, ତେବେ କେବେ ଯେଉଁ କ୍ଷମତା ସେମାନେ କେତେଦିନରୁ ଭୋଗକରି ଆସୁଅଛନ୍ତି, ଏବଂ ଯେଉଁ କ୍ଷମତାର ଅପବ୍ୟବହାର ସେମାନଙ୍କଠାରୁ ଘଟି ନାହିଁ । ସେମାନଙ୍କ ହସ୍ତରୁ ସେକ୍ଷମତା ବାହାର କରି ନେବା ବିଚାର ପୂର୍ବୋକ୍ତ ବିଷୟ ଭିନ୍ନ ଅନ୍ୟ କିଛିହିଁ ବିବେଚନା ହେଉ ନାହିଁ । ନିମ୍ନ ଅଦାଲତ ପ୍ରତି ସାଧାରଣଙ୍କର ଉତ୍ତମ ବିଶ୍ୱାସ ଅଛି, ଅଥଚ ସେମାନଙ୍କୁ ଗବର୍ଣ୍ଣମେଣ୍ଟ ଅବିଶ୍ୱାସ କରୁଅଛନ୍ତି । ଏଥିରେ ପ୍ରଜାମାନଙ୍କର ଦାରୁଣ ଅସୁବିଧା ଓ କଷ୍ଟ ହେବ ( ୭, ୩୦୪ ଓ ୩୧୬ ଧାରାମାନ ) ।

ବିଲର ୩୩୪ ଧାରାରେ ଖାତକକୁ ଦେଉଳିଆର ପ୍ରଲୋଭନ ଦେଖାଇବା ହୋଇଅଛି । ଦେଣଦାରଙ୍କୁ ଯଦି ଅଦାଲତ ଦେଉଳିଆ ଅଦାଲତର ଆଶ୍ରୟ ନେବାକୁ ଉତ୍ସାହ ଦିଅନ୍ତି ତହିଁରେ ଋଣ ପରିଶୋଧ କରିବାକୁ ସମର୍ଥ ଥିବା ଲୋକମଧ୍ୟ ପ୍ରତାରଣାର ଆଶ୍ରୟ ନେଇ ପାରେ । ନିଜେ ସମ୍ପତ୍ତି ହସ୍ତାନ୍ତର କରି ଅନାୟାସରେ ଆପେ ନିଃସ୍ୱ ବୋଲି ପ୍ରମାଣ ଦେଇ ପାରେ । ଏଥିରେ ଏ ଦେଶର ଜାତୀୟ ନ୍ୟାୟ ଧର୍ମରେ ଆଘାତ କରିବା ହେବ ।"

ଏ ଆଇନରେ ହକସଫା ଅଥବା ଅନ୍ୟ ଲୋକଙ୍କ ଅଗ୍ରେ ସମ୍ପତ୍ତି ଖରିଦ କରିବାର ଯେଉଁ ନିୟମ ହୋଇଅଛି ତାହା କିନ୍ତୁ ପରିବର୍ତ୍ତିତ ନ ହେଲେ ଖାତକ ମାନଙ୍କର ଭାରି ଅନିଷ୍ଟ ହେବ ଏବଂ ସରକାରଙ୍କ ଛଡ଼ ସକାଶେ ଖାତକଙ୍କୁ ସମ୍ପତ୍ତିର ପୂର୍ଣ୍ଣ ମୂଲ୍ୟରୁ ବଞ୍ଚିତ କରିବା କଦାଚ ବ୍ୟବସ୍ଥାପକ ସଭାର ଅଭିପ୍ରାୟ ହୋଇ ନ ପାରେ କିନ୍ତୁ ୩୧୦ ଧାରା ବର୍ତ୍ତମାନ ଯେଉଁପରି ଅଛି ସେପରି ରହିଲେ ତାହାକୁ ବଜାରର ମୂଲ୍ୟରୁ ନୈରାଶ କରିବା ହେବ ।

ଅପିଲର ବିଧି ସମ୍ପର୍କରେ ୩୬୪ ଧାରା ଗୋଟିଏ ପ୍ରଚଳିତ ନିୟମକୁ ଅଭ୍ୟନ୍ତ ପରିବର୍ତ୍ତିତ କରୁଅଛି ଏବଂ ହାଇକୋର୍ଟର କ୍ଷମତାପ୍ରତି ତହିଁରେ ବାଧା ଦେବା ହୋଇଅଛି । ଯଦ୍ୟପି ମତ ଭେଦ ଅବସ୍ଥାରେ ହାଇକୋର୍ଟରେ ଅପିଲରେ କିଛି କ୍ଷତି ହେବ ନାହିଁ ତେବେ ଅପିଲ କରିବା କେବଳ ବୃଥା ବ୍ୟୟ ଓ ଶ୍ରମର କଥା ହେବ ।

ଫଳତଃ ବର୍ତ୍ତମାନ ଆଇନର ପରିବର୍ତ୍ତନ ଲଣ୍ଡଭଣ୍ଡ କରି କରିବା ଉଚିତ ନୁହେ । ଆଇନଟି ଅତି ଗୁରୁତର ଅଟଇ ଏବଂ ଦେଶର ସମସ୍ତ ଲୋକଙ୍କୁ ଏହା ସ୍ପର୍ଶ କରି ରହିଅଛି, ଏବଂ ଏହି ଆଇନ ଦେଶର ପ୍ରାୟ ସମସ୍ତଙ୍କୁ ବିଦିତ ଅଛି । ଅତଏବ ଏ ଆଇନର ଧାରା ଗୁଡ଼ିକ ହଠାତ୍ ଉଲଟାଇଲେ ବର୍ତ୍ତମାନ ଗୋଟିଏ ବିଶୃଙ୍ଖଳତା ଉପସ୍ଥିତ ହେବ । ଏହା ବିଧିବଦ୍ଧ ହେବାକୁ ଅତ୍ୟନ୍ତ ଅନେକ ସମୟ ଓ ବିବେଚନା ଆବଶ୍ୟକ ହେଉଅଛି ବିଶେଷତଃ ବର୍ତ୍ତମାନ ଏ ଆଇନ ବଙ୍ଗପ୍ରଦେଶରେ ଓଡ଼ିଆ ଓ ହିନ୍ଦି-ଭାଷାରେ ଅନୁବାଦିତ ହୋଇ ନାହିଁ ଏପରି ବମ୍ବେଇ ଓ ମାନ୍ଦ୍ରାଜରେ ଚାରି ପାଞ୍ଚ ଦେଶୀୟ ଭାଷାରେ ଅନୁବାଦିତ ହେବ ଓ ଅନୁବାଦ ହେଲେ ମଧ୍ୟ ବର୍ତ୍ତମାନ ମାନ୍ଦ୍ରାଜ ଓ ବମ୍ବେଇରେ ଦୁର୍ଭିକ୍ଷ ପଡ଼ିଥିବାରୁ ସେଠା ଗବର୍ଣ୍ଣମେଣ୍ଟ ଅଥବା ପ୍ରଜାମାନେ ଏତେବଡ଼ ଆଇନକୁ ପଢ଼ି ତହିଁର ଦୋଷ ଗୁଣ ବିବେଚନା କରିପାରିବେ ନାହିଁ ସୁତରାଂ ଆବେଦନ କାରମାନେ ପ୍ରାର୍ଥନା କରୁଅଛନ୍ତି କି ଏ ଆଇନ ଜାରି କରିବା ବର୍ତ୍ତମାନ ସ୍ଥଗିତ ରହୁ ଏବଂ ଉପରେ ଯେସମସ୍ତ ଆପତ୍ତି ଲେଖା ଯାଇଅଛି ତଦୃଷ୍ଟିରେ ଆଇନର ବିଧାନ ବହୁତରୂପେ ପରିବର୍ତ୍ତିତ ହେଉ ।

---

Digitized by srujanika@gmail.com

Split by PDF Splitter



# ସାପ୍ତାହିକସଂବାଦ ।

କମିଶନର ସାହେବଙ୍କ ବାଲେଶ୍ବର ଗସ୍ତ ସମ୍ପ୍ରତି ବନ୍ଦ ହେଲା । ଏଠାରେ ଥିଲେ ପ୍ରାୟ ଆଗାମୀ ମାସରେ ଫିବେ ।

ଅମ୍ଭେମାନେ ଏଥିପୂର୍ବେ ଯେଉଁପ୍ରକାର ଜୁଆ-ଖେଳର କଥା ଲେଖି ଥିଲୁଁ ତାହା ଅବଶ୍ୟ ଏ ନଗରରେ ବନ୍ଦ ହୋଇ ନାହିଁ କେବଳ ପୂର୍ବଠାରୁ କିଛି ଊଣା ଅଛି କିନ୍ତୁ ଯେଉଁ ଖେଳ ଦିନବେଳେ ସଡ଼କ ଓ ଦାଣ୍ଡରେ ହେଉଅଛି ତାହା ଏକାବେଳକେ ବନ୍ଦ ହେଉ ନାହିଁ କାହିଁକି ? ପୁଲିସର ଏଥିରେ ଲାଗଅଛି କି ?

ଶୁଣିଲୁଁ ଯେ ଗତ ଶନିବାର ରାତ୍ରରେ କେହି ଦୁଷ୍ଟଲୋକ ଗୋଟାଏ ଗୋରୁକୁ ପତାବାଟବଲରେ ମାରି ପକାଇ ତାହାର ଚମ କାଢ଼ିନେଇ ଯାଇଥିଲା । ଯାହାର ଗୋରୁ ସେ ତାହାକୁ ଆପଣା ପିଣ୍ଡାରେ ବାନ୍ଧି ରଖି ସ୍ବୟଂ ଜଗିଗୋଇ ଥିଲା । ତାହା ପାଖରୁ ଫିଟାଇ ନେଇ ଏ କର୍ମ କରିଅଛି । ନାଗରିକ ପୁଲିସର ସୁଖ୍ୟାତି କହିଲେ ସରଇ ନାହିଁ ।

ଫେୟରସାହେବଙ୍କ ଟ୍ରେଞ୍ଚ ମକଦମାର ବୃତ୍ତାନ୍ତ ପୂର୍ବେ ଲେଖିଥିଲୁଁ । ସେ ମୋକଦମାରେ ଜଣେ ଆସାମିକୁ ଦୁଇବର୍ଷ ଓ ଅନ୍ୟ ଜଣକୁ ଛଅମାସ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ହୋଇଅଛି ।

ଗତ ମାସରେ ନୂଆଗଡ଼ ରାଜାଙ୍କର ଦୁଇ କନ୍ୟାଙ୍କର ବିବାହରେ ତାହାଙ୍କ ଗଡ଼ଠାରେ ଦ ୨୦ ଦ ପର୍ଯ୍ୟନ୍ତ ବଡ଼ ଧୂମଧାମ ଲାଗିଥିଲା । ଅମ୍ଭେମାନେ ଶୁଣିଲୁଁ ଯେ ସୁରଙ୍ଗି ରାଜା ୩୦୦୦ ଲୋକ ଓ ଭଗିରଥୀପୁରରାଜା ୨୫୦୦ ଲୋକ ଆପଣା୨ ପୁତ୍ରଙ୍କ ସହିତ ପଠାଇ ଥିଲେ ଓ ସେମାନେ ଦ ୧୦।୧୫ ଦ ରହିଲେ ଏପରି ଅନ୍ୟାନ୍ୟ ଗଡ଼ଜାତରୁ ଦେଖିବା ପାଇଁ ଅନେକ ଲୋକ ଆସିଥିଲେ ସର୍ବସୁଦ୍ଧା ନୟାଗଡ଼ ରାଜା ଏକଲକ୍ଷ ଲୋକର ତର୍ଚ୍ଚା କରିଥିଲେ ଏବଂ ଦ ୪ ଦ ତାମାସା ଟ୍ରେଷନାଇ ନାଚ ଇତ୍ୟାଦିରେ ସମସ୍ତଙ୍କୁ ସନ୍ତୋଷ କରିଥିଲେ ।

ଦିଲ୍ଲିଦରବାରରେ ବର୍ତ୍ତମାନର ମହାରାଜାରର ତେର ତୋପ ସଲାମି ମଞ୍ଜୁର ହୋଇଥିଲା । ସମ୍ପ୍ରତି ସେ ଆପଣା ପୁତ୍ର ସହିତ କଲିକତାକୁ ଆସିବାରେ ଗବର୍ଣ୍ଣର ଜେନେରଲସାହେବ ଉପଯୁକ୍ତ ସମ୍ମାନ ସହିତ ତାହାଙ୍କୁ ନଗର ମଧ୍ୟରେ ପ୍ରବେଶ କରାଇଲେ ଏବଂ ଉକ୍ତ ତୋପ ସଲାମି ପ୍ରଥମଥର ଏହାଙ୍କୁ ଦିଆଗଲା । ବର୍ତ୍ତମାନର ମହାରାଜା ଯେତେବେଳେ ଜଣେ ବଡ଼ ଜମିଦାର ଏହାଙ୍କୁ ଏପ୍ରକାର ସମ୍ମାନ ଦିଆଯିବାରେ ଭାରତବର୍ଷର ପ୍ରକୃତ ରାଜା ଓ ସରଦାରମାନେ ଦୁଃଖିତ ଓ ଆପଣାକୁ ଅପମାନିତ ଜ୍ଞାନ କରୁଅଛନ୍ତି । ଦିଲ୍ଲିଦରବାରରେ ଅଯଥାରୂପେ ମର୍ଯ୍ୟାଦା ଦତ୍ତ ହେବାରୁ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଲୋକଙ୍କର ଶ୍ରଦ୍ଧା ନ ବଢ଼ି କେବଳ ମନସ୍ତାପର କାରଣ ହେବାର ଦେଖାଯାଏ ।

ଗଙ୍ଗାନଦୀ ଉପରେ ନିର୍ମିତ ହୋଇ ଥିବା ନୂତନ ପୁଲରେ ଏକ ସପ୍ତାହରେ ଟ୨୯୩୦।୯/୦ ଆଦାୟ ହୋଇଥିଲା ପ୍ରତି ସପ୍ତାହରେ ପ୍ରାୟ ଏହିରୂପ ହେଉଅଛି ।

ବଙ୍ଗାଲୋରରେ ଜଳକଷ୍ଟ ନିବାରଣ ଉଦ୍ଦେଶ୍ୟରେ କେତେ ଶହେ କୂଅ ଖୋଳା ହେଉଅଛି ।

ଚଳିତ ମାସ ତା ୪ ରାତରେ ବାବୁ କେଶବ ଚନ୍ଦ୍ର ସେନ କଲିକତା ଟାଉନ ହଲରେ ଗୋଟିଏ ଧର୍ମ ସଂକ୍ରାନ୍ତ ବକ୍ତୃତା କରିଥିଲେ ତାହା ଶୁଣିବା ପାଇଁ ପ୍ରାୟ ୨୦୦୦ ଲୋକ ସମବେତ ହୋଇଥିଲେ ଏବଂ ସ୍ବୟଂ ଗବର୍ଣ୍ଣର ଜେନେରଲସାହେବ ଆପଣା ସହଧର୍ମିଣୀ ସହିତ ଉପସ୍ଥିତ ହୋଇଥିଲେ । ବକ୍ତୃତା ଶୁଣି ତାହାଙ୍କର ଅତ୍ୟନ୍ତ ଆନନ୍ଦ ହୋଇଥିଲା ।

ଗତମାସ ତା ୨୩ ଖ ପର୍ଯ୍ୟନ୍ତର କମେଟି ଦୁର୍ଭିକ୍ଷ ସାହାଯ୍ୟ ସମ୍ପର୍କୀୟ ହିସାବରୁ ଜଣାଯାଏ ଯେ ଉକ୍ତ ସମୟରେ ଜ ୨୪୮୯୦୨ ଣ ସାହାଯ୍ୟ କର୍ମରେ ନିଯୁକ୍ତ ଥିଲେ ଏଥି ପୂର୍ବ ସପ୍ତାହରେ ଜ ୨୩୮୨୧୯ ଣ ଥିଲେ ସୁତରାଂ ଜ ୧୦୬୮୩ ଣ ବୃଦ୍ଧି ହୋଇଅଛି । ଦୁର୍ଭିକ୍ଷ ସାହାଯ୍ୟର ବ୍ୟୟ ପୂର୍ବେ ୧୫୦ ଲକ୍ଷ ଟଙ୍କା ଅନୁମାନ ହୋଇଥିଲା ସମ୍ପ୍ରତି ୧୧୬ ଲକ୍ଷ ଅନୁମାନ ହୋଇଅଛି । ଓଳାଉଠା ରୋଗର ପ୍ରାଦୁର୍ଭାବ ଅବଶ୍ୟ ଅଛି ଓ ଛଅ ଜିଲାରେ ଜ ୮୦୦ ଣ ଏକ ସପ୍ତାହରେ ମରିଅଛନ୍ତି ।

ଗତ ଜାନୁଏରୀ ମାସ ତା ୨୯ ଓ ୩୦ ରାତରେ ଇଂଲଣ୍ଡରେ ଘୋର ତୋଫାନ ହୋଇଥିଲା । ଏଥିରେ କେତେଗୁଡ଼ିଏ ମନୁଷ୍ୟ ଲୟ ପାଇଅଛନ୍ତି ଓ ଘରମାନ ଭଗ୍ନ ଓ ଜାହାଜ ଜଳମଗ୍ନ ହୋଇଅଛି ।


ବିଜ୍ଞାପନ

ଅମ୍ଭେମାନେ ଆପଣାର ଚଳନ୍ତି ସମ୍ପତ୍ତିମାନ ଖୋସକବ୍ଲି କରିବାକୁ ଇଚ୍ଛାକରୁଁ ଓ ସର୍ବସାଧାରଣଙ୍କୁ ପ୍ରାର୍ଥନା ଯାହାଙ୍କର ନେବାର ଇଚ୍ଛା ହେବ ସମ୍ପତ୍ତିମାନ ଦେଖି ଅମ୍ଭମାନଙ୍କ ନିକଟରେ ତତ୍ତ୍ବ କରନ୍ତୁ ।

ଯୋବ୍ରାଠାରେ ଥିବା ଅମ୍ଭମାନଙ୍କ କାର୍ଯ୍ୟାଳୟ କୋଠି, ଗୋଦାମ ଇତ୍ୟାଦି ।

ମାରସାଘାଇରେ ଥିବା କୋଠି ଓ ଗୋଦାମ

କୁଜମୁଣ୍ଡିରେ ଥିବା ଗୋଦାମ

'ପ୍ରାଇଡଅବ କଟକ' ନାମର ବଡ଼ ଅସୁଅର ନୌକା

'ଯମୁ' ନାମର ଛୋଟ ଅସୁଅର ନୌକା

ଛୋଟ ଜାଲିବୋଟ

ଗୋଟାଏ ଜମ୍ଭ୍. ଲୁହାର ସିନ୍ଦୁକମାନ, ଓଜନକଣ୍ଟା ଇତ୍ୟାଦି,

ଆଫିସର ସରଞ୍ଜାମ ଇତ୍ୟାଦି ।

କଟକ ୧୫।୩।୭୭ } ଉଇଦର କମ୍ପାନୀ

NOTICE.

FOR SALE.

Quite new, materials for a small Printing Establishment, consisting of an Iron Printing Press (crown size), inking table, roller mould, several founts of type (partly in pie), type cases, case-frame and rack, galleys, chases of sizes, metal and wood furniture, side and foot sticks in lengths, leads in lengths, brass rule, rule cutter, quoins, &c. &c.

Apply (in person) to the Supt. Orissa Misson Press, Cuttack.


ମୂଲ୍ୟପ୍ରାପ୍ତ ।

ବାବୁ ବ୍ରଜକୁମାର ଘୋଷ ଅଲଗ୍ରେ ଅଗ୍ରିମ ଟ ୨୷

ମହନ୍ତ ଚୈତନ୍ୟ ଚରଣ ଦାସ ଗୋସ୍ବାମୀ ଝଡ଼ାଳ ବଙ୍କସ୍ତା ଟ ୨୷

ମହନ୍ତ ନାରାୟଣ ଦାସ ପୁରୀ ,, ଟ ୧୦୵

ହେଡମାଷ୍ଟର ନର୍ମାଲସ୍କୁଲ ସମ୍ବଲପୁର ଅଗ୍ରିମ ଟ ୨୷

ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ ଗ
ସ ୧୨ ଖ୍ୟା
ତା ୨୪ ରିଖ ମାର୍ଚ୍ଚ ସନ ୧୮୭୭ ମସିହା । ମୁ । ଚୈତ୍ର ଦ ୧୩ ନ ସନ ୧୨୮୪ ସାଲ ଶନବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୩
ମଫସଲପାଇଁ ଡାକମାସୁଲ ଟ ୧।୵

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀନଗରରେ ଓଲାଉଠା ଅବସ୍ଥା ଊଣା ହୋଇ ନାହିଁ ବରଂ ଜଗରବାଦିନ ପ୍ରତି ଅତ୍ୟନ୍ତ ପରାକ୍ରମ ଦେଖାଇଅଛି । ଯେଉଁମାନେ ସେଠାରୁ ଫେରି ଆସିଅଛନ୍ତି ସେମାନେ କହନ୍ତି କି ପ୍ରତିଦିନ ଲୋକ ମରିବା ବନ୍ଦ ନାହିଁ ଓ ଏମନ୍ତ ଭୟ ହୋଇଅଛି ଯେ ସନ୍ଧ୍ୟାଉତାରୁ ଅନ୍ୟସ୍ଥାନ କଥା ଛେଣିକି ଥାଉ ବଡଦାଣ୍ଡରେ ପୁରୀ ଲୋକ ଯାତାୟାତ କରିବା ଅନ୍ତ କରିଲ । ଭାଗବତ ପାଠ ଓ ଜଗରକୀର୍ତ୍ତନ ଓ ଅନ୍ୟାନ୍ୟ ଦୈବୀ କାର୍ଯ୍ୟମାନ ବସ୍ତିରସ୍ଥାନରେ ଲଗି ରହିଅଛି । ଗୋବିନ୍ଦଦ୍ୱାଦଶୀଠାରୁ ପୁରୀର ଅଭାଗ୍ୟ ପଡିଅଛି ପ୍ରଥମେ ଉକ୍ତ ଯାତ୍ରାରେ ଅତ୍ୟନ୍ତ ଜନତା ହେବାରୁ ୨୦।୨୫ ଲୋକ ରଥାପଡ ମରିଗଲେ ତହୁଁ ଉତ୍ତାରୁ ଓଲଉଠା ଉପସ୍ଥିତ ହୋଇ ଅନେକ ଅସଂଖ୍ୟ ଯାତ୍ରି ନାଶ କଲା ଓ ଯାତ୍ରିମାନେ ପଳାଇ ଆସନ୍ତେ ସେଠା ଭିକାରିଙ୍କୁ ପେଟ ପଲାଉଅଛି । ଏସବୁ ବଡ ଅମଙ୍ଗଲ କଥା ଅଟଇ ।

---

ଗତମାସରୁ ଓଡିଆ ଗବର୍ଣ୍ଣମେଣ୍ଟ ଗଜେଟରେ ସ୍ଥାନୀୟ ନାନା ବିଷୟମାନ ପ୍ରକାଶ ହେବାର ଆରମ୍ଭ ହୋଇଅଛି ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଅଦ୍ୟ ଓଡିଶାର ବାଣିଜ୍ୟ ବିଷୟରେ ଯେଉଁ ପ୍ରସ୍ତାବ ଲେଖାଗଲା ତହିଁର ବୃତ୍ତାନ୍ତସବୁ ଉକ୍ତ ଗଜେଟରୁ ପାଇଅଛୁଁ ଏପରି ପୁରୀର ଗ୍ରେଡସେସ୍ କମିଟି ଏବ କଟକର ଶିକ୍ଷା କମିଟିଙ୍କର ସଭାର ବିବରଣ ଏକ ୨ ଗଣ୍ଡ ଗଜେଟରେ ପ୍ରକାଶ ପାଇଅଛି ମାତ୍ର ତହିଁରେ ସାଧାରଣଙ୍କର ଜାଣିବାଯୋଗ୍ୟ ପ୍ରଧାନ କଥା କିଛି ନ ଥିବାରୁ ଅମ୍ଭେମାନେ ତହିଁରୁ କିଛି ଉଦ୍ଧୃତ କରିବାର ଆବଶ୍ୟକ ଦେଖୁ ନାହୁଁ ଫଲତଃ ଏହିପରି ବିଷୟମାନ ଗଜେଟରେ ବାହାରିଲେ ସର୍ବସାଧାରଣରେ ଏହା ଲୋଡା ହୋଇ ପାରେ ମାତ୍ର ଅମ୍ଭେମାନେ ସମ୍ପାଦକ ମହାଶୟଙ୍କୁ ପ୍ରାର୍ଥନା କରୁଁ କି ସେ କେବଳ କଲେକ୍ଟର ଅଥବା ଅନ୍ୟ କର୍ମଚାରୀଙ୍କ ପ୍ରେରିତ ସମ୍ବାଦମାନଙ୍କୁ ଅବିକଳ ମୁଦ୍ରିତ ନ କରାଇ ପ୍ରୟୋଜନ ଅନୁସାରେ ସର୍ବସାଧାରଣଙ୍କର ସହଜରେ ବୋଧଗମ୍ୟ ହେବାଉଳି ଆକାରରେ ପରିଣତ କରି ପ୍ରକାଶ କରାନ୍ତୁ ତାହା ହେଲେ ଗଜେଟର ଆକାର ଅନାୟାସ ରୂପେ ବୃଦ୍ଧି ହେବ ନାହିଁ କିମ୍ବା ଯାହାର ଯାହା ଜାଣିବାକୁ ଇଚ୍ଛା ସେ ତାହା ଜାଣିବା କାରଣ କ୍ଳେଶ ପାଇବ ନାହିଁ । କିଛିମ ସମ୍ପର୍କୀୟ ନକ୍ସାମାନ ଦେଖି ଆମ୍ଭମାନଙ୍କର ଏକ ଉଦୟ ହୋଇଅଛି ଏକ ସେସବୁ ଏକ ପ୍ରସ୍ଥ ଇଂରାଜୀ ଓ ଏକ ପ୍ରସ୍ଥ ଓଡିଆରେ ଛପା ହେବାର ମଧ୍ୟ କୌଣସି କାର୍ଯ୍ୟକାରିତା ପ୍ରକାଶ ହେଉ ନାହିଁ । କେଉଁ ଜିଲାର ଜନ୍ମ ମୃତ୍ୟୁର ବିବରଣ ଦାତବ୍ୟ ଚିକିତ୍ସାଳୟମାନଙ୍କରେ ସର୍ବସାଧାରଣଙ୍କୁ ଦିଆଯାଉଥିବା ସାହାଯ୍ୟର ବିବରଣାଦି ଗଜେଟରେ ଛାୟାମିତରୂପେ ପ୍ରକାଶ ହେଲେ ବଡ ଭଲ ହେବ ।

---

ଗତ ଗୋବିନ୍ଦଦ୍ୱାଦଶୀ ଉପଲକ୍ଷରେ ପୁରୀରେ ଯେମନ୍ତ ଯାତ୍ରୀ ହୋଇଥିଲେ ଅଯୋଧ୍ୟାରେ ମଧ୍ୟ ସେହିରୂପ ହୋଇଥିଲା । ହିନ୍ଦୁପେଟ୍ରିଅଟକୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ସେଠାରେ ପ୍ରାୟ ଦଶଲକ୍ଷ ଲୋକ ଏକତ୍ରିତ ହୋଇଥିଲେ । ରାତ୍ର ଶେଷ ପ୍ରହର ଘ ୩ ଣ୍ଟା ସମୟରୁ ସରଯୂ ନଦୀକୁ ଯାତ୍ରୀ ଯିବାର ଆରମ୍ଭ ହେଲା ଓ ଘ ୫ ଣ୍ଟା ବେଳକୁ ଏମନ୍ତ ଭିଡ ହେଲା ଯେ ଆଉ ବାଟ ମିଳିଲା ନାହିଁ ଓ ସବୁ ଯାତ୍ରିଙ୍କର ଦେହ ମିଶି ଯେମନ୍ତ ଗୋଟାଏ ବୃହତ୍ ପିଣ୍ଡ ହେଲା । ଏଥିରେ ଯେପ୍ରକାର ଠେଲାଠେଲି ହେଲା ତାହା କହିବାର ନୁହେ ଅନୁମାନହୁଅଇ ପ୍ରାୟ ଶହେଶତ ଲୋକ ମଡାଦଳା ହୋଇ ପ୍ରାଣ ହରାଇଲେ ମାତ୍ର ଅତ୍ୟନ୍ତ ଦାରୁଣ ଦୁର୍ଘଟନା ଏହି ଘଟିଥିଲା ଯେ ଜଣେ ଧନବାନ୍ ତାଲୁକଦାରର ସ୍ତ୍ରୀ ଓ ଗୋଟିଏ ପିଲା ଏକ ପାଲିକ ମଧ୍ୟରେ ଥିଲେ ଏକ ସରକାରୀ ହାତୀ ସେ ପାଲିକିକୁ ମାଡି ଦଳିଦେବାରେ ସେମାନଙ୍କର ମୃତ୍ୟୁ ହେଲା । ମରିବାବେଳର ଚିତ୍କାର ଧ୍ୱନିରେ ଶ୍ରୋତାଙ୍କର ଛାତି ଫାଟି ଯାଉଥିଲା । ଓ ଯାହାଙ୍କର ଆତ୍ମୀୟ କୁଟୁମ୍ବ ଇତ୍ୟାଦି ମରିପଡିଲେ ତାହାଙ୍କ ବିଳାପସ୍ୱର ଚରିଆଡେ ଉଚ୍ଛନ୍ନ ପଡିଲା । ପୁଲିସର ବନ୍ଦୋବସ୍ତ ଅତ୍ୟନ୍ତ ମନ୍ଦ ହୋଇଥିଲା ଓ

Digitized by srujanika@gmail.com

Split by PDF Splitter



ଅଭାବଲ୍ପ ପୁଲିସ କର୍ମଚାରୀ ଏ ଠାରେ ଶାନ୍ତିରକ୍ଷ ନିମିତ୍ତ ନିଯୁକ୍ତ ହୋଇଥିଲେ । ଜଣେ ଇଂରେଜ ଘଟନାସ୍ଥଳରେ ଉପସ୍ଥିତ ଥିବାରୁ ସ୍ଥାନୀୟ ହାକିମଙ୍କୁ ଏସମସ୍ତ ଶୋଚନୀୟ ବ୍ୟାପାରର ସମ୍ବାଦ ଦେଲେ ।

ଅନ୍ୟ ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ପୁଲିସର ଡେପୁଟୀ ଓ ଅସିଷ୍ଟାଣ୍ଟ କମିଶନର ପୂର୍ବେ ସେଠାରେ ସମସ୍ତଦିନ ଉପସ୍ଥିତ ଥିଲେ ମାତ୍ର ଏମନ୍ତ ଭୀତ ହୋଇଥିଲା ଯେ ଅଯୋଧ୍ୟା ପ୍ରଦେଶର ସମସ୍ତ ପୁଲିସ ସେଠାକୁ ଆସିଥିଲେ ଦୁର୍ଘଟନା ନିବାରଣ କରି ପାରନ୍ତେ ନାହିଁ । ଯାହା ହେଉ ଗବର୍ଣ୍ଣମେଣ୍ଟଙ୍କ ତଦାରଖ ଶେଷ ହେଲେ ସବୁକଥା ଜଣା ପଡ଼ିବ ।

---

ପ୍ରାପ୍ତ ଏକସ୍ଥଗ ଓଡ଼ିଶାର କମିଶନର ପଦ ଭୋଗ କରି ଶ୍ରୀଯୁକ୍ତ ରେବନସାସାହେବ ଗତ ବୁଧବାର ଗୋଧୂଳି ସମୟରେ କଲିକତାକୁ ଯାତ୍ରା କଲେ । ଏଥିପୂର୍ବେ ସେ ବୋର୍ଡର ମେମ୍ବର ହାକ୍ ସାହେବଙ୍କ କର୍ମରେ ନିଯୁକ୍ତ ହେବେବୋଲି ତାରଡାକଯୋଗେ ସମ୍ବାଦ ପାଇ ଥିଲେ ମାତ୍ର ତହିଁପାଇଁ ଏତେ ତରତର ହୋଇ ଯାଇ ନ ଥାନ୍ତେ ଏଥି ମଧ୍ୟରେ ନୂତନ ବଜେଟର ମର୍ମାନୁସାରେ କେନାଲ ଓ ରେଲବାଟ ସମ୍ପର୍କରେ ବଙ୍ଗଦେଶରେ ଯେଉଁ ଟାକ୍ସ ବସିବାର ପ୍ରସ୍ତାବ ହୋଇ ଅଛି ଓ ଯହିଁର ଭାର ଓଡ଼ିଶାକୁ କେନାଲ ହେତୁରୁ ଅଧିକ ପରିମାଣରେ ସହିବାକୁ ହେବ ସେଥିର ପରାମର୍ଶ ଓ ସୁବ୍ୟବସ୍ଥା ସ୍ଥିର କରିବା କାରଣ ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଏହାଙ୍କୁ ଶୀଘ୍ର କଲିକତାରେ ଉପସ୍ଥିତ ହେବାକୁ ପତ୍ର ଲେଖିବାରେ ତଦନୁସାରେ ସେ ଓଡ଼ିଶାର କମିଶନର ସ୍ୱରୂପ ବର୍ତ୍ତମାନ୍ ଯାଇ ଅଛନ୍ତି । ବୋଧ ହୁଅଇ ଆଉ ସେ ଫେରି ଆସିବେ ନାହିଁ କାରଣ ଏ କାର୍ଯ୍ୟ ସରୁ ସରୁ ହାକ୍ ସାହେବ କର୍ମ ତ୍ୟାଗ କରିବେ । ସମ୍ପ୍ରତି କମିଶନର ପଦର ଭାର ଆପଣା ହାତରେ ଘେନିଯାଇଛନ୍ତି ଏଠାରେ କାହାରିକୁ ଦାୟିତ୍ୱ ଦେଇ ନାହାନ୍ତି । ଯେବେ ବଙ୍ଗଳାରୁ କେହି କମିଶନର ନିଯୁକ୍ତ ହୋଇ ଆସିବ ତେବେ ତାହାକୁ କଲିକତାରେ ଦାୟିତ୍ୱ ଦେବେ ।

ଶ୍ରୀଯୁକ୍ତ ରେବନ୍ସା ସାହେବ ଓଡ଼ିଶାକୁ ତ୍ୟାଗ କରିବାରେ ଏଠା ନିବାସିଙ୍କର ଅବଶ୍ୟ ଦୁଃଖ ହୋଇ ଅଛି କାରଣ ସେ ଶାସନ କାର୍ଯ୍ୟରେ ଅପାରଗ ହେଲେହେଁ ଦୀର୍ଘକାଳ ଏଠାରେ ରହିବାରୁ ତାହାଙ୍କ ପ୍ରତି ଲୋକଙ୍କର ମମତା ଜନ୍ମିଥିଲା ଓ ସେ କାର୍ଯ୍ୟରେ ପାରନ୍ତୁ ବା ନ ପାରନ୍ତୁ ଓଡ଼ିଶାର ହିତଚିନ୍ତା ସର୍ବଦା କରୁଥିଲେ ବିଶେଷତଃ ସାଧାରଣ ଶିକ୍ଷା ପ୍ରତି ଏହାଙ୍କର ବିଶେଷ ଦୃଷ୍ଟି ଥିଲା ଏବଂ ତହିଁର ସାକ୍ଷିସ୍ୱରୂପ କଲେଜ ଓ ମେଡିକଲ ସ୍କୁଲ ଇତ୍ୟାଦି କେତେଗୁଡ଼ିଏ କୀର୍ତ୍ତି ରହିଯାଇ ଅଛନ୍ତି । ଏପରି ଆଉ ଅନେକ ହିତକାର୍ଯ୍ୟର ଅନୁଷ୍ଠାନ ତାହାଙ୍କ ଯୋଗେ ଓଡ଼ିଶାରେ ହୋଇ ଅଛି ପ୍ରସ୍ତାବ ବାହୁଲ୍ୟ ଭୟରେ ଯଦ୍ୟପି ସେ ସବୁ ବର୍ତ୍ତମାନ ଲେଖିବାରୁ କ୍ଷାନ୍ତ ହେଲୁଁ ମାତ୍ର ସେ ସବୁ ଯଥା ସମୟରେ ଏ ପତ୍ରିକାରେ ବାହାରି ଅଛି ଓ ପାଠକମାନେ ଅନାୟାସରେ ସ୍ମରଣ କରି ପାରନ୍ତି । ବର୍ତ୍ତମାନ ଆମ୍ଭମାନଙ୍କର ଆଶା ଏହି ଯେ ଗବର୍ଣ୍ଣମେଣ୍ଟ ଓଡ଼ିଶା ପ୍ରତି ଅନୁଗ୍ରହ କରି ଜଣେ ବିଚକ୍ଷଣ ଓ ନିରପେକ୍ଷ ଓ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କୁ ଏହାଙ୍କ ପଦରେ ନିଯୁକ୍ତ କରି ପଠାନ୍ତୁ ଯେ ସେ ଶ୍ରୀଯୁକ୍ତ ରେବନ୍ସା ସାହେବଙ୍କର ଅନୁଷ୍ଠିତ ହିତକାର୍ଯ୍ୟମାନ ଅଚିରେ ସାର୍ଥକ କରିବେ ।

---

ଚଳିତ ମାସ ତା ୧୫ ରିଖରେ କଲିକତାରେ ସରଜନ ଷ୍ଟ୍ରାଚି ସାହେବ ଭାରତବର୍ଷର ବ୍ୟବସ୍ଥାପକ ସଭାରେ ଭାରତବର୍ଷର ବଜେଟ ଅର୍ଥାତ୍ ଆୟ ବ୍ୟୟର ହିସାବମାନ ଦାଖିଲ ଓ ତହିଁ ସମ୍ପର୍କରେ ଗୋଟିଏ ଦୀର୍ଘ ବକ୍ତୃତା କରିଥିଲେ । ତହିଁର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶିତ ହେଲା ଯଥା,—

ସନ ୧୮୭୫ । ୭୬ ର ଠିକ ହିସାବ—ରାଜସ୍ୱ ଟ ୫୨,୫୧,୫୭,୮୮୨ ଟଙ୍କା ବ୍ୟୟ ଟ ୫୫,୧୧,୨୫,୩୫୫ ଏଥି ମଧ୍ୟରେ ଦୁର୍ଭିକ୍ଷ ସାହାଯ୍ୟ ପ୍ରାୟ ଷାଠିଏଲକ୍ଷ ଏବଂ ଅସାଧାରଣ ନିର୍ମାଣକାର୍ଯ୍ୟ ଟ ୪,୨୭,୦୬,୨୯୦ ଟଙ୍କା ଅସାଧାରଣ କାର୍ଯ୍ୟର ବ୍ୟୟ ବ୍ୟୟ ମଧ୍ୟରୁ ଗଣ୍ଡଦେଲେ ଟ ୧,୬୬,୮୮,୮୨୦ ଟଙ୍କା ଉଦ୍ବୃତ୍ତ ହୋଇଅଛି ।

ସନ ୧୮୭୬ । ୭୭ ର ଠିକ ଅନୁମାନ—ରାଜସ୍ୱ ଟ ୫୧,୨୦,୬୭,୦୦୦ ଟଙ୍କା ବ୍ୟୟ ଟ ୫୭,୨୮,୫୦,୦୦୦ ଟଙ୍କା ଏଥି ମଧ୍ୟରେ ଅସାଧାରଣ ନିର୍ମାଣ କାର୍ଯ୍ୟର ବ୍ୟୟ ଟ ୩,୮୦,୦୦,୦୦୦ ଟଙ୍କା । ନିଅଣ୍ଟ ଟ ୬,୦୭,୮୩,୦୦୦ ଟଙ୍କା ଅଥବା ଅସାଧାରଣ ନିର୍ମାଣକାର୍ଯ୍ୟ ଛଡ଼ା ଟ ୨,୨୭,୮୩,୦୦୦ ଟଙ୍କା । ଦୁର୍ଭିକ୍ଷର ଅନୁମାନିକ ବ୍ୟୟ ରାଜସ୍ୱ ହାନିସହିତ ଟ ୩,୯୦,୦୦,୦୦୦ ଟଙ୍କା । ନିରୂପିତ ହେବାକରୁ ଦୁର୍ଭିକ୍ଷର ବ୍ୟୟ ଗଣ୍ଡଦେଲେ ଉଦ୍ବୃତ୍ତ ହେବ ଟ ୬୨,୪୮,୦୦୦ ଟଙ୍କା ।

ସନ ୧୮୭୭।୭୮ ବଜେଟ ହିସାବ । ରାଜସ୍ୱ ଟ ୫୨,୧୯,୨୭,୦୦୦ ଟଙ୍କା ବ୍ୟୟ ଟ ୫୬,୪୪,୨୫,୦୦୦ ଟଙ୍କା ଏଥି ମଧ୍ୟରେ ଅସାଧାରଣ ନିର୍ମାଣ କାର୍ଯ୍ୟର ବ୍ୟୟ ଟ ୩,୬୨,୮୦,୦୦୦ ଟଙ୍କା ଧରା ଯାଇଅଛି । ନିଅଣ୍ଟ ଟ ୪,୨୫,୯୮,୦୦୦ ଟଙ୍କା ଅଥବା ଅସାଧାରଣ ନିର୍ମାଣକାର୍ଯ୍ୟ ଛଡ଼ା ଟ ୬୨,୧୮,୦୦୦ ଟଙ୍କା । ଏବର୍ଷ ଦୁର୍ଭିକ୍ଷ ସାହାଯ୍ୟ ବ୍ୟୟ ଅନୁମାନିକ ଟ ୨,୧୫,୦୦,୦୦୦ ଟଙ୍କା ହେବ ସୁତରାଂ ଦୁଇ ବର୍ଷରେ ମୋଟ ଦୁର୍ଭିକ୍ଷ ବ୍ୟୟ ଟ ୬,୨୫,୦୦,୦୦୦ ଟଙ୍କା ହେବ । ଦୁର୍ଭିକ୍ଷ ପଡ଼ି ନ ଥିଲେ ବ୍ୟୟ ଯାଇ ଟ ୯୨,୮୩,୦୦୦ ଟଙ୍କା ବଳି ଥାନ୍ତା ।

ଏବର୍ଷ ସାଢ଼େ ଛକୋଟି ଟଙ୍କା ଋଣ ଗୃହୀତ ହେବ ଏଥି ମଧ୍ୟରୁ ୨୫ ଲକ୍ଷ ଟଙ୍କା ଷ୍ଟେଟଲିଥର ରେଲବାଟ ନିର୍ମାଣ ସକାଶେ ନିଜାମ୍ ମହାରାଜା ଦେବେ ଓ ଅବଶିଷ୍ଟ ଟଙ୍କା ଭାରତବର୍ଷ ଓ ଇଂଲଣ୍ଡରେ ଋଣ ଗୃହୀତ ହେବାର ପ୍ରସ୍ତାବ ହୋଇଅଛି ।

କୌଣସି ନୂତନ ସ୍ୱତନ୍ତ୍ରୀୟ ଟାକ୍ସ ଏବର୍ଷ ବସିବ ନାହିଁ ମାତ୍ର ଉତ୍ତର ପଶ୍ଚିମ ଓ ବଙ୍ଗପ୍ରଦେଶର ଗବର୍ଣ୍ଣମେଣ୍ଟମାନେ ରେଲବାଟ ଏବଂ କେନାଲ ନିର୍ମାଣରେ ବ୍ୟୟ ହୋଇଥିବା ଟଙ୍କାର ସୁଧ ଦେବାକୁ ଟ ୩୭,୫୦,୦୦୦ ଟଙ୍କା ସଂଗ୍ରହ କରିବେ । ସୁତରାଂ ଏଥିପାଇଁ ପ୍ରଦେଶୀୟ ଟାକ୍ସ ବସିବ ଓ ମାନ୍ଦ୍ରାଜ ବଙ୍ଗପ୍ରଦେଶରେ ଟ ୨୭,୫୦,୦୦୦ ଟଙ୍କା ଏବଂ ଉତ୍ତର ପଶ୍ଚିମରେ ପାଞ୍ଚଲକ୍ଷ ଟଙ୍କା ଉଠାଇବାକୁ ହେବ । କିରୂପେ ଏ ଟଙ୍କା ଆଦାୟ ହେବ ତହିଁର ବ୍ୟବସ୍ଥା ହୋଇ ନାହିଁ ମାତ୍ର ପ୍ରସ୍ତାବ ହୋଇ ଅଛି ଯେ ନୂତନ ପ୍ରକାର ଟାକ୍ସ ନ କରି ପ୍ରଚଳିତ ଟାକ୍ସ ବୃଦ୍ଧିଦ୍ୱାରା ଏ ଟଙ୍କା ତୋଳିବାର ଉଚିତ ।

ଭବିଷ୍ୟତରୁ ପାଟ ଓ ସୂତା ଲୁଗାର ମାସୁଲ ଉଠିଯିବ ଏବଂ ଲବଣର ମାସୁଲ ସମ୍ବନ୍ଧରେ ସମାନ ହେବ ମାତ୍ର ଦୁର୍ଭିକ୍ଷ ହେତୁ ଏବର୍ଷ କିଛି ହେବ ନାହିଁ ଚଳିତ ବର୍ଷ ଶେଷରେ ନଗଦ ତହବିଲରେ ଟ ୧୫,୫୦,୦୦,୦୦୦ ଟଙ୍କା ବାକି ରହିବ ବୋଲି ଅନୁମାନ ହୋଇଅଛି ।

ବଜେଟର ସାରକଥା ଏହିପରି ଅଟଇ ଓ ଏହିରୂପ ସଂବାଦ ତାରଡାକ ଯୋଗେ ଇଂଲଣ୍ଡକୁ ପ୍ରେରିତ ହୋଇଅଛି । ଏ ସମ୍ପର୍କରେ ଯାହା ବକ୍ତବ୍ୟ ଆଗାମୀ ସପ୍ତାହକୁ ରହିଲା ଏଥି ମଧ୍ୟରେ ଓଡ଼ିଶା ବାସିମାନେ ନୂତନ ଟାକ୍ସ ଚାପି

Digitized by srujanika@gmail.com

Split by PDF Splitter



ପ୍ରସ୍ତୁତ ହେଉନ୍ତୁ ଓ ତଦ୍ରୂପ ଦେଲେ ବାଧିବ ନାହିଁ ତହିଁର ଭାବନା କରନ୍ତୁ ।

---

### ଉତ୍କଳର ବାଣିଜ୍ୟ ।

ଗତ ଜାନୁଏରୀ ମାସରେ ବାଲେଶ୍ୱରରେ ଉଲ୍ଲିଖିତ ଦ୍ରବ୍ୟମାନ ସମୁଦ୍ରଦ୍ୱାରା ଆମଦାନୀ ଓ ରପ୍ତାନୀ ହୋଇଥିଲା । ଯଥା;—

| | |
|---|---|
| ଭୁଲା ସୂତା | ଟ ୭୭,୬୫୦ |
| ଥାନଲୁଗା | ଟ ୧୯,୮୮୫ |
| ଔଷଧୀୟ ଦ୍ରବ୍ୟ | ଟ ୫,୬୬୭ |
| ଧାତୁ | ଟ ୭୫,୪୯୧ |
| ମଦଲି | ଟ ୧୮,୪୩୯ |
| ତମାଖୁ | ଟ ୫,୮୦୯ |
| ଅନ୍ୟାନ୍ୟ ଦ୍ରବ୍ୟ | ଟ ୧୯,୯୦୦ |
| | ଟ ୨,୨୧,୯୫୯ |

ରପ୍ତାନୀ ।

| | |
|---|---|
| ଚାଉଳ | ଟ ୩,୬୧,୩୨୭ |
| ଧାନ | ଟ ୨୭,୨୮ |
| ଝୋଟ | ଟ ୭,୩୭୨ |
| ଅନ୍ୟାନ୍ୟ ଦ୍ରବ୍ୟ | ଟ ୬୧,୬୦୧ |
| | ଟ ୪,୬୫,୫୮୮ |

ଏହି ମାସରେ ବାଲେଶ୍ୱରକୁ ୯ ଖଣ୍ଡ ଧୂଆଁ କଳ ଜାହାଜ ଓ ୬୫ ଖଣ୍ଡ ପାଲଟଣା ଜାହାଜ ଆସିଥିଲା ଏବଂ ୯ ଖଣ୍ଡ ଧୂଆଁକଲ ଆଉ ୮୫ ଖଣ୍ଡ ପାଲଟଣା ଜାହାଜ ବାହାରି ଯାଇଥିଲା ।

କୌଣସି ଦ୍ରବ୍ୟ ବିଦେଶକୁ ରପ୍ତାନୀ ହେବାର ପ୍ରକାଶ ନାହିଁ ଯାହା ରପ୍ତାନୀ ହୋଇଅଛି କେବଳ ଭାରତବର୍ଷୀୟ ବନ୍ଦରମାନଙ୍କୁ ଯାଇଅଛି ।

ଏହି ମାସ ମଧ୍ୟରେ କଟକରୁ ଲଙ୍କା ଏବଂ ମରିଚଦ୍ୱୀପକୁ ମ ୨୯,୭୪୨ ହଣ ଚାଉଳ ମୂଲ୍ୟ ଟ ୭୨,୭୧୭ ଙ୍କା ଏବଂ ପ୍ରାୟ ମ ୪୫୦ ହଣ ଗହମ ମୂଲ୍ୟ ଟ ୯,୩୪୦ ଙ୍କା ରପ୍ତାନୀ ହୋଇଥିଲା ଏବଂ ଏଥିରେ ଟ ୫,୫୭୭ ଙ୍କା କଷ୍ଟମ ମାସୁଲ ପ୍ରାପ୍ତ ହୋଇଥିଲା ।

ଭାରତବର୍ଷର ଭିନ୍ନ ସ୍ଥାନକୁ କଟକରୁ ଏହି ମାସ ମଧ୍ୟରେ ଟ ୩,୫୩,୩୧୭ ଙ୍କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା ଏଥି ମଧ୍ୟରେ ମାନ୍ଦ୍ରାଜ ପ୍ରଦେଶକୁ କେବଳ ଶସ୍ୟ ରପ୍ତାନୀ ହୋଇଥିଲା ତହିଁର ମୂଲ୍ୟ ଟ ୩,୦୬,୬୦୦ ଙ୍କା ଅଟଇ ଏବଂ କଲିକତାକୁ ଉଲ୍ଲିଖିତ ଦ୍ରବ୍ୟମାନ ରପ୍ତାନୀ ହୋଇଥିଲା । ଯଥା;—

| | |
|---|---|
| ଚମଡା | ଟ ୨୬୩୬୫ |
| ଲାଖ | ଟ ୧୪୭୭ |
| ଦେଶୀ ଲୁଗା | ଟ ୫୭୨ |
| ତୈଳଜ ମଞ୍ଜି | ଟ ୧୩୮ |
| ସିଂହ | ଟ ୩୨୦ |
| କାଠ | ଟ ୪୦୦ |
| ମହମ | ଟ ୨୭୪ |
| କୋଚିଲା | ଟ ୧୫୫ |

ଏ ମାସ ମଧ୍ୟରେ କଟକକୁ ବହୁ ଆମଦାନୀ ହୋଇ ନାହିଁ କାରଣ କେବଳ ବସ୍ତ୍ରର ଟଙ୍କାର ଅଧା ଆସିଥିଲା ଓ ତାହା ଚାଉଳ ମହାଜନମାନେ ଚାଉଳ ନେବାପାଇଁ ଆଣି ଥିବାରୁ ତାହାକୁ ପ୍ରକୃତ ଆମଦାନୀ କୁହା ଯାଇ ନ ପାରେ ।

ଏ ମାସରେ କଟକର ବନ୍ଦରକୁ ୧୧ ଖଣ୍ଡ ଧୂଆଁକଲ ଓ ୭ ଖଣ୍ଡ ପାଲଟଣା ଜାହାଜ ଆସିଥିଲା ଏବଂ ୧୧ ଖଣ୍ଡ ଧୂଆଁକଲ ଓ ୧୦ ଖଣ୍ଡ ପାଲଟଣା ଜାହାଜ ବାହାରି ଯାଇଥିଲା ।

ଅତଏବ ଦେଖାଯାଏ ଯେ ଏକ ମାସରେ କଟକରୁ ପ୍ରାୟ ଟ ୩,୮୦,୦୦୦ ଏବଂ ବାଲେଶ୍ୱରରୁ ପ୍ରାୟ ଟ ୩,୯୦,୦୦୦ ମୋଟ ଟ ୭୭୦୦୦୦ ଙ୍କାର ଶସ୍ୟ ରପ୍ତାନୀ ହୋଇଅଛି । ପୁରୀରୁ ଯେବେ ଏହି ପରିମାଣରେ ଯାଇଥାଏ ତେବେ ମୋଟ ଓଡିଶାରୁ ଏକମାସରେ ଦଶଲକ୍ଷ ଟଙ୍କାର ଶସ୍ୟ ଯାଇଅଛି ଅର୍ଥାତ୍ ଓଡିଶାକୁ ଦଶଲକ୍ଷ ଟଙ୍କା ଆସିଅଛି । ଅବଶ୍ୟ ଏଥି ମଧ୍ୟରୁ ପ୍ରାୟ ଦୁଇ ବା ଅଢେଇ ଲକ୍ଷ ଟଙ୍କା ବିଦେଶୀ ମହାଜନମାନଙ୍କର ଭାଗ ପଡିଥିବ ତଥାଚ ଅବଶିଷ୍ଟ ଟଙ୍କା କୃଷକ ଓ ଶ୍ରମଜୀବୀଙ୍କର ହସ୍ତଗତ ହୋଇଅଛି । ଦୁଃଖର ବିଷୟ ଯେ କଟକରେ କେହି ଓଡିଶାବାସୀ ଧନାଢ୍ୟବ୍ୟକ୍ତି ଏ ବାଣିଜ୍ୟରେ ପ୍ରବେଶ ହେବାକୁ ସାହସ କରୁ ନାହାନ୍ତି ତାହା କଲେ ଏକା ଏହି ଦ୍ରବ୍ୟର ବାଣିଜ୍ୟଦ୍ୱାରା ଏ ପ୍ରଦେଶବାସିଙ୍କର ଅନେକ ଧନାଗମ ହୋଇ ପାରନ୍ତା ।

---

## ସାପ୍ତାହିକସଂବାଦ ।

ଆଜି କାଲି ଏଠାରେ ବାଗଲ ଗାରଡର ଭାରି ଧୂମଧାମ ଲାଗିଅଛି ଏଥିପାଇଁ ମଫସଲରୁ ଅନେକ ଲୋକ ସମାଗତ ହୋଇଅଛନ୍ତି ସେମାନଙ୍କ ମଧ୍ୟରେ ଅଧିକାଂଶ ବ୍ରାହ୍ମଣ ଅଟନ୍ତି । ବ୍ରାହ୍ମଣଭୋଜନ କ୍ରିୟା ଘର ଘର କରେଣୀ ହଉଅଛି । ବ୍ରାହ୍ମଣମାନେ ମେଳା ହୋଇ କଚେରୀ ହତାଯାକ ବସିଥାନ୍ତି ବା ବୁଲୁଥାନ୍ତି ଏବଂ ଭୋଜନ ବା ବିଦାକି ନେଲେ ସେମାନେ ଧକା ଚପେଟାଘାତ ଇତ୍ୟାଦିଦ୍ୱାରା ଯେପରି ସମ୍ମାନିତ ହୋଇଥାନ୍ତି ସେହିପରି ଫାରମ ବାଣ୍ଟିବା ବେଳେ ସମ୍ମାନ ପାଉଅଛନ୍ତି । ସେମାନଙ୍କର ଗଣ୍ଡଗୋଳ ଓ ଧସ୍ତାଧସ୍ତି ଯୋଗେ ଅନେକ ଫାରମ ମଧ୍ୟ ନଷ୍ଟ ହେଉଅଛି ବର୍ତ୍ତମାନ ପ୍ରାୟ ଉନଶତ ଦାଖଲଖାରଜ ଦରଖାସ୍ତ ପ୍ରତ୍ୟହ ପଡୁଅଛି ।

ଏ ନଗର ତେଲଙ୍ଗାବଜାର ଖୁନି ଚୋର୍ ସୁଦ୍ଧା ହଜମ ହୋଇଗଲା । ପୁଲିସ ଯେଉଁ ଭଣ୍ଡାରୀକୁ ଧରି ପଠାଇଥିଲେ ଦୌରାରେ ଗତ ବୁଧବାର ସେ ଖଲାସ ପାଇଅଛି ତାହା ଉପରେ ଅପରାଧ ପ୍ରମାଣ ହେଲା ନାହିଁ । ପୁଲିସ ଆଉ ବହୁ ଘଣ୍ଟାଘଣ୍ଟି କରିବ କି ? ଦୌରାର ବିଚାର ଠିକ ହୋଇଅଛି ବୋଲି ଲୋକେ କହୁଅଛନ୍ତି ।

ଓଲାଉଠା ରୋଗ ଏ ନଗରରୁ ଅନ୍ତର୍ଦ୍ଧାନ ହୋଇ ନାହିଁ । ଏ ସପ୍ତାହରେ କେତେଗୁଡିଏ ଲୋକ ମରି ପଡିଅଛନ୍ତି ଏବଂ ଗତ ସପ୍ତାହ ପରି ଠାକୁରାଣୀ ଲଗାଇବା ଓ ନଗର କୀର୍ତ୍ତନ ଇତ୍ୟାଦି ଅନୁଷ୍ଠାନ ହେଉଅଛି ।

ଆମ୍ଭେମାନେ ଶୁଣିଲୁଁ ଯେ ଶ୍ରୀଯୁତ ବାମସ୍ ସାହେବ କଲେକ୍ଟର ଯାଜପୁରରେ ବିଗୃଜମାନ ହେବା ବେଳେ ସେଠାର ଡେପୁଟୀ କଲେକ୍ଟର ଓ ଅମଲାମାନେ ସାହେବଙ୍କ ଅଭ୍ୟର୍ଥନାର୍ଥେ ଷ୍ଟେଷନରେ ଓ ଅଭିବାଦନ କରିଥିଲେ । ତେଲର ଷ୍ଟେଷନରେ ଅତିସାମାନ୍ୟ ପ୍ରକାର ଓ ଇବଗୋଟି ବାଣଗଛ ହୋଇଥିଲା ତଥାଚ ଏହା ଉଭୟପକ୍ଷଙ୍କ ପ୍ରତି ଯଥେଷ୍ଟ ହୋଇପାରେ । ଅନର୍ଥକ ଓ ଅକାରଣ ବ୍ୟୟରେ ଅଭ୍ୟର୍ଥନା କରିବାର ଏବେ ଗୋଟିଏ ରୀତି ହୋଇଗଲା ।

ଆଦର୍ଶପ୍ରଶ୍ନକଲୀ ନାମକ ଖଣ୍ଡିଏ ଉତ୍କଳ ପୁସ୍ତକ ଆମ୍ଭେମାନେ କୃତଜ୍ଞତା ସହିତ ଉପହାର ପାଇଥିବାର ସ୍ୱୀକାର କରୁଅଛୁଁ । ଏଥିରେ ସାଧାରଣ ଭୂଗୋଳର ପ୍ରଶ୍ନମାନ ଅଛି ଓ ବାବୁ ଭୋଳାନାଥ ଦେ ଓ ହରଶ୍ଚନ୍ଦ୍ରସରକାର ଏହାକୁ ସଙ୍କଳନ କରିଅଛନ୍ତି । ବାଲେଶ୍ୱର ବୈକୁଣ୍ଠ ବାବୁଙ୍କ ଯନ୍ତ୍ରାଳୟରେ ଏହା ଛପା ହୋଇଅଛି । ଶିକ୍ଷକ ଓ ପରୀକ୍ଷାର୍ଥୀଙ୍କ ପକ୍ଷରେ ଏହା ଉପଯୋଗୀ ଅଟଇ ।

Digitized by srujanika@gmail.com

Split by PDF Splitter



କେତେକ ଦିନ ହେଲା ଲଙ୍କାର ଜଣେ ମନୁଷ୍ୟ ଏଠାକୁ ଆସିଅଛି । ସେ ମହାଜନ ଅଟେ ବ୍ୟାପାର ଛଳେ ଏ ନଗରକୁ ଆସିଅଛି ଲଙ୍କାର କେତେକ ବୃତ୍ତାନ୍ତ ତାହାଠାରୁ ଅମ୍ଭେମାନେ ଅବଗତ ହେଲୁଁ । ଏଠାର ପୌରାଣିକମାନେ ଯେ ଆଧୁନିକ ଭୂଗୋଳ ଲିଖିତ ଲଙ୍କାର ବୃତ୍ତାନ୍ତ ଅବିଶ୍ୱାସ କରନ୍ତି ଏ ଲୋକର କଥାକୁ ବିଶ୍ୱାସ କରିବେ କି ନା ?

ବନାରସରେ ଥିବା ଡାକ୍ତର ଲଜାରସଙ୍କ ପୁତ୍ର ଏ ବର୍ଷ ସଂସ୍କୃତଭାଷା ଓ ସାହିତ୍ୟରେ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବୋଡେନ ସଂସ୍କୃତ ଛାତ୍ରବୃତ୍ତି ପାଇଅଛନ୍ତି । ଅକ୍ସଫୋର୍ଡବଲିଓଲ କଲେଜରେ ଅଧ୍ୟୟନ କରି ଏହାଦୃଶ ବ୍ୟୁତ୍ପତ୍ତି ଲାଭ କରିଅଛନ୍ତି ।

ଅମ୍ଭମାନଙ୍କର ଧନବିଭାଗର ମନ୍ତ୍ରୀ ସର ଜାନ ଷ୍ଟ୍ରାଚି ସାହେବ ସିଭିଲସରଭିସ ତ୍ୟାଗ କରିଅଛନ୍ତି । ଏଥିରୁ ହିନ୍ଦୁପେଟ୍ରିଅଟ ବୋଲନ୍ତି କି ନୂତନ କର୍ମର ବେତନ ସହିତ ସିଭିଲସରଭିସର ପେନସନ ନେବାପାଇଁ ଏ କୌଶଳ ହୋଇଅଛି ମନ୍ଦ ନୁହେ ।

ମାନ୍ଦ୍ରାଜ ପ୍ରଦେଶରେ ଏବା ଚାଉଳ ଫସଲ ମାର୍ ପଡ଼ି ନାହିଁ ତହିଁ ସଙ୍ଗେ ରପା ଫସଲ ମଧ୍ୟ ମାର୍ ପଡ଼ିଅଛି । ସୁତରାଂ ଅନ୍ନ ବସ୍ତ୍ର ଦୁଇ ବିଷୟରେ ମାନ୍ଦ୍ରାଜବାସିଙ୍କ ଉପରେ ବିପତ୍ତି ପଡ଼ିଅଛି ।

ବମ୍ବେ ଗେଜେଟର ସମ୍ପାଦକ ମାକ୍ଲିନ ସାହେବ ବମ୍ବେର ଟାଉନକୌନସଲର ସଭାପତି ହୋଇଅଛନ୍ତି । ସ୍ୱାଧୀନଲୋକଙ୍କୁ ଏପରି କର୍ମରେ ରଖିବା ଉତ୍ତମ ବନ୍ଦୋବସ୍ତ ଅଟଇ ।

ବଙ୍ଗଳର ମହାମାନ୍ୟ ନବାବ ନଜମ୍ମଦ ଦାସ୍ତମଅଲଗାନ ତୁରସ୍କ ଦେଶର ଯୁଦ୍ଧରେ ଆଘାତ ପାଇଥିବା ବ୍ୟକ୍ତିଙ୍କ ସାହାଯ୍ୟ ନିମିତ୍ତ ୨୫୦୦୦ ଟଙ୍କା ଦାନ କରିଅଛନ୍ତି । ଏହାକୁ ଅବଶ୍ୟ ନବାବୀ ବୋଲିବାକୁ ହେବ ।

ମହୀସୂରର ଦୁର୍ଭିକ୍ଷ ସାହାଯ୍ୟ ଉଲ୍ଲାରେ ସେଠାର ଡେପୁଟୀ କମିସନର ବକୃଷ୍ଣାଅଇନଗାର ଉତ୍ତମକାର୍ଯ୍ୟ କରିଥିବାର ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଅବଗତ ହୋଇ ତାହାଙ୍କର ଅନେକ ସୁଖ୍ୟାତି ସେକ୍ରେଟରୀ ଅବଷ୍ଟେଟଙ୍କ ନିକଟକୁ ଲେଖି ପଠାଇଅଛନ୍ତି । ଦେଶୀୟଲୋକଙ୍କ ଯୋଗ୍ୟତା ବିଷୟରେ ଅବଶ୍ୟ ଲର୍ଡ ସାହେବଙ୍କର ବିଶ୍ୱାସ ହୋଇଅଛି ।

କର୍ଲ୍ଡ଼ ସାହେବଙ୍କର ଗୁଣ ଖ୍ୟାତି ଯେମନ୍ତ ଚଟ୍ଟଗ୍ରାମରେ ପ୍ରକାଶ ପାଇଥିଲା ତେମନ୍ତ ଯଶୋରରେ ସମ୍ପୃତ ପ୍ରକାଶ ପାଇଥିବାର ହିନ୍ଦୁପେଟ୍ରିଅଟରୁ ଜଣାଯାଏ । ଏକଜଣକୁ କର୍ଲ୍ଡ଼ ସାହେବ ୩୦ ବେତ ଦଣ୍ଡ ଦେଲେ ମାତ୍ର ଡାକ୍ତର ସାହେବ ସେ ବ୍ୟକ୍ତି ବୁଢା ଥିବା ଓ ମାଡ ସହ ନ ପାରିବାର ସାର୍ଟିଫିକଟ ଦେବାରୁ ମାଜିଷ୍ଟ୍ରେଟ ସାହେବ ବେତ ପରିବର୍ତ୍ତରେ ତାହାକୁ ଦୁଇବର୍ଷ କାରାବାସର ଦଣ୍ଡ ଦେଲେ ଓ ତାହା ପୁଅକୁ ୩୦ ବେତ ଦଣ୍ଡ ଦେଲେ । କର୍ଲ୍ଡ଼ ସାହେବଙ୍କ ଉପରେ ଗବର୍ଣ୍ଣମେଣ୍ଟଙ୍କର ଏତେ ସ୍ନେହ କାହିଁକି ?

ଡାକା ନଗରର ଜଣେ ଧନୀ ବାବୁ ଶ୍ୟାମଗଙ୍କର ଚୌଧୁରୀ ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଏକ ଖଣ୍ଡ ଭୂମିସମ୍ପତ୍ତି ଦାନ କରିଅଛନ୍ତି । ଏଥିର ବାର୍ଷିକ ଲାଭ ୫୮୦୦ ଟଙ୍କା ଅଟଇ । ଏ ଦାନଟି ଚିରସ୍ଥାୟୀ ଅଟେ ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆପଣ ଅବଗତ ଅଛନ୍ତି ଯେ ଗତବର୍ଷ ଜୁନ ମାସରେ ଅବସ୍ଥ ପଲଟନର ସାର୍ଜନ ମେଜର ଡାକ୍ତର ପାର୍କର ସାହେବ ଏହି ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖି ପ୍ରଚାର କରନ୍ତି ଯେ ଗନ୍ଧକଧୂମ ଓଲାଉଠା ରୋଗର ପ୍ରକୃତ ଔଷଧ ଏବଂ ପ୍ରାୟ ୮।୯ ମାସ ହେବ ଏଡିନ୍ବରରେ ଏହି ପ୍ରଣାଳୀରେ ଉକ୍ତ ରୋଗର ଚିକିତ୍ସା ହୋଇ ଆସୁଅଛି । ଏହାର ଫଳାଫଳ ବିଷୟ ଅମ୍ଭେ କହି ନ ପାରୁଁ ଯେହେତୁ ଅମ୍ଭେ ସ୍ୱୟଂ ଏହା କେବେ ପରୀକ୍ଷା କରି ଦେଖି ନାହୁଁ କିମ୍ବା ଆମ୍ଭ ସମକ୍ଷରେ ମଧ୍ୟ ତାହା କେବେ ପରୀକ୍ଷିତ ହୋଇ ନାହିଁ । ତେବେ ପରମ୍ପରା ମୁଖରେ ଏତାଦୃଶ ଶୁଣା ହୋଇ ଅଛୁଁ ଯେ ଗନ୍ଧକଧୂମ ପ୍ରୟୋଗଦ୍ୱାରା କେହି ଆରୋଗ୍ୟ ଲାଭ କରି ଅଛନ୍ତି । ଡାକ୍ତର ପାର୍କର ସାହେବ ଲେଖନ୍ତି ଯେ ଏହି ମତ ପ୍ରଚାର କରିବା ପୂର୍ବେ ସେ ଗୋଟିଏମାତ୍ର ରୋଗୀ ଭଲ କରିଥିଲେ ତଦ୍ଦ୍ୱାରା ତାହାଙ୍କ ପରିବାରରେ ବିଶେଷ ଦର୍ଶିତ ହୋଇ ଅଛି । ସୁତରାଂ ତାହାଙ୍କ ନବୋଦ୍ଭୂତ ପ୍ରଣାଳୀ ସମର୍ଥନାର୍ଥ ସେ ଆଉ କୌଣସି ରୋଗୀ ଭଲ ହେବାର ପ୍ରମାଣ ପ୍ରଦର୍ଶନ କରି ନାହାନ୍ତି ।

ସେ ଯାହାହେଉ ଅଦ୍ଭୁତ ହେଲା ମେଡ଼ିକଲ ଡିପାର୍ଟମେଣ୍ଟର ସାର୍ଜନ ଜେନରଲଙ୍କ ଆଦେଶାନୁସାରେ କଲିକତା ମେଡିକଲ ହାସ୍ପାତାଲରେ ଡାକ୍ତର ମ୍ୟାକଡୋନେଲ ସାହେବ ପାଞ୍ଚୋଟି ଓଲାଉଠାରୋଗୀଙ୍କୁ ଗନ୍ଧକଧୂମଦ୍ୱାରା ଚିକିତ୍ସା କରିଥିଲେ, ସେମାନେ ପ୍ରତ୍ୟେକେ ମୃତ୍ୟୁ ପ୍ରାପ୍ତ ହେଲେ । ଡାକ୍ତର ମେକଡୋନେଲ ରିପୋର୍ଟ କରନ୍ତି ଯେ ଗନ୍ଧକଧୂମରେ ଓଲାଉଠା ରୋଗସ୍ଥ ପଦାର୍ଥ ନଷ୍ଟ ନାହିଁ, ତେବେ ଏହାଦ୍ୱାରା ଶରୀରରେ କସ୍ତୁରମାଣେ ଉଷ୍ମତା ଉତ୍ପାଦିତ ହୁଏ । କିନ୍ତୁ ଅନ୍ୟାନ୍ୟ କୃତ୍ରିମ ଉପାୟରେ ମଧ୍ୟ — ଯଥା ଘର୍ଷଣ ଅବା ରୋଗୀର ଚତୁଃପାର୍ଶ୍ୱରେ ଉଷ୍ଣ ଜଳ ଦେବାରେ — ଉକ୍ତ କାର୍ଯ୍ୟ ସିଦ୍ଧ ହୋଇ ପାରେ ।

ଗନ୍ଧକ ଜ୍ୱାଳିଲେ ଯେଉଁ ବାଷ୍ପ ବା ଗ୍ୟାସ ନିର୍ଗତ ହୁଏ ତାହାକୁ ସଲଫର ଡାଇଅକ୍ସାଇଡ ବା ସଲଫୁରସ ଏସିଡ କହନ୍ତି । ଏହା ବର୍ଣ୍ଣହୀନ ଅଦୃଶ୍ୟକଳ୍ପ, ଏବଂ ଅଙ୍ଗାରମ୍ଳ ବାୟୁପରି ଅତି ଶ୍ୱାସଘାତକ । ଏହା ବକ୍ଷାକ୍ତ ଏବଂ ନିଃଶ୍ୱାସଦ୍ୱାରା ଗୃହୀତ ହେଲେ ଅତି କଷ୍ଟକର ବୋଧ ହୁଏ । ଅତଏବ ଏତାଦୃଶ ପଦାର୍ଥ ଯେବେ ଔଷଧ ବୋଲି ଧାର୍ଯ୍ୟ ନ ହେଲା ତେବେ ଅପରିମିତ ରୂପ ସେବନରେ ତଦ୍ଦ୍ୱାରା ଅଧିକ ଅପକାରର ସମ୍ଭାବନା ସନ୍ଦେହ କି ? ଏ ନିମନ୍ତେ ପତ୍ରଃ କେ ଥିବେ, ଇଂଲିସମ୍ୟାନ ସମ୍ପାଦକ ତା ୭ ଇଣ ମାର୍ଚ ପତ୍ରିକାରେ ଲେଖନ୍ତି ଯେ ଭବିଷ୍ୟତରେ ଏହି ଔଷଧର ପୁନଃ ବ୍ୟବହାର ବିଷୟରେ ଲୋକମାନେ ଯେପରି ସତର୍କ ଓ ସାବଧାନ ହୁଅନ୍ତି । ଇତି ।

୨୦।୩।୭୭ ଶ୍ରୀ———

## ବିଜ୍ଞାପନ

ଭୈଷଜ୍ୟରତ୍ନାକର ପୁସ୍ତକ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଏଥିରେ ଇଂରାଜୀ ଓ ଦେଶୀୟ ଔଷଧ ସମସ୍ତର ସ୍ୱରୂପ ଓ ଗୁଣ ଓଡ଼ିଆଭାଷାରେ ବର୍ଣ୍ଣିତ ହୋଇଅଛି ଏବଂ ଇଂରାଜୀ ଓ ଓଡ଼ିଆରେ ଔଷଧ ସମସ୍ତର ପର୍ଯ୍ୟାୟକ୍ରମେ ତାଲିକା ଦିଆ ଯାଇଅଛି ଏପରି ଅକ୍ଷର ଉତ୍ତମରେ ସମ୍ପୂର୍ଣ୍ଣ ସୁଚାପକ ଲେଖାଅଛି । ମୂଲ୍ୟ ୫ ୨୮ । କଟକ ଜେନେରଲ ହାସପାତାଲ ବାବୁ ଭୂଧରଲାଲ ଦାସଙ୍କ ନିକଟରେ ତତ୍ତ୍ୱ କଲେ ମିଳିବ ।

ଶ୍ରୀ ଏହି ଉତ୍କଳଦୀପିକା ସଦରକଟକ ଦରଘବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ
ସଂ ୧୩ ଖ୍ୟା
ତା ୩୧ ରିଖ ମାର୍ଚ୍ଚ ସନ ୧୮୭୭ ମସିହା । ମୁ । ଚୈତ୍ର ଦ ୨୦ ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲପାଁଇ ଡାକମାସୁଲ ଟ ୧୷

ଅଜକାଲି ଏ ନଗରରେ ମିଉନିସିପଲ ଟାକ୍ସ ବନ୍ଦୋବସ୍ତ ଲାଗିଅଛି । ସକାଳ ହେବାମାତ୍ରକେ ସରକାରୀ କର୍ମଚାରିମାନେ ଲୋକଙ୍କଦ୍ୱାରେ ଉପସ୍ଥିତ ହେଉଅଛନ୍ତି ଓ ଏହାଙ୍କୁ ଦେଖିଲାମାତ୍ରକେ ଦେହର ରକ୍ତ ଶୁଖି ଯାଉଅଛି । ବନ୍ଦୋବସ୍ତର ଭାର ବାବୁ ଜଗନ୍ମୋହନ ରାୟ ଡେପୁଟୀ କଲେକ୍ଟରଙ୍କୁ ଅର୍ପିତ ହୋଇଅଛି । ଲୋକେ ଏହାଙ୍କ ବନ୍ଦୋବସ୍ତକୁ ଟାଣ କହୁଅଛନ୍ତି ଓ ତହିଁରେ ଆଶ୍ଚର୍ଯ୍ୟ କିଛି ନାହିଁ କାରଣ କମିଟୀ ଆଦ୍ୟରୁ ଅଧିକ ତିନିହଜାର ଟଙ୍କା ଆଦାୟ କରିବାର ସ୍ଥିର କରି ବନ୍ଦୋବସ୍ତ କାର୍ଯ୍ୟାରମ୍ଭ କରିଅଛନ୍ତି ଅଧିକ ଜମା ନ ଉଠିଲେ ଉକ୍ତ ଟଙ୍କା ହସ୍ତଗତ ହେବ ନାହିଁ ସୁତରାଂ ବନ୍ଦୋବସ୍ତ ଟାଣ ହେଲା । ଯାହା ହେଉ ସୁଖର ବିଷୟ ଏହିକି ଯେ ଶ୍ରୀଯୁକ୍ତ ଟାଏନବୀ ସାହେବ ପ୍ରଜାପୀଡକ ନୁହନ୍ତି ଯାହା ଉପରେ ଅତ୍ୟନ୍ତ ଟାକ୍ସ ବସିଥିବ ଅପିଲରେ ସେ ଅବଶ୍ୟ ସୁବିଚାର ପାଇବ ।

---

ଆମ୍ଭେମାନେ ଯାହା କହିଥିଲୁଁ ତାହାହିଁ ପ୍ରତ୍ୟକ୍ଷ ହେଲା ଓ ତହିଁରେ ଆମ୍ଭମାନଙ୍କର ବାଞ୍ଛା ପୂର୍ଣ୍ଣ ହେଲା । ଗତ ମଙ୍ଗଳବାର ଶ୍ରୀଯୁକ୍ତ ବାମ୍ସ ସାହେବ ଓଡ଼ିଶାର କମିଶନରୀ ଏବଂ ଶ୍ରୀଯୁକ୍ତ ଟଏନବୀ ସାହେବ କଟକର କଲେକ୍ଟରୀ କର୍ମର ଚାର୍ଜ ନେଲେ । ଏମାନେ ସମ୍ପ୍ରତି ଉକ୍ତ ପଦମାନଙ୍କରେ ଏକଟିଂ ନିଯୁକ୍ତ ହେବାର ଶୁଣାଯାଏ ମାତ୍ର କେ-ଭେଦନ ସକାଶେ ତାହା କୁହାଯାଇ ନ ପାରେ ଗଜେଟ ଆସିଲେ ସବିଶେଷ ଜଣାଯିବ ମାତ୍ର ସ୍ପଷ୍ଟ ବୋଧ ହୁଅଇ ଯେ ଶ୍ରୀଯୁକ୍ତ ରେବନସା ସାହେବ ଫେରି ନ ଆସିଲେ ଏ ବନ୍ଦୋବସ୍ତ ଅନ୍ୟଥା ହେବାର କୌଣସି ହେତୁ ନାହିଁ । ଶ୍ରୀଯୁକ୍ତ ବାମସ୍ ସାହେବ ଗତ ସାତବର୍ଷରୁ ବାଲେଶ୍ୱର ଓ କଟକରେ ଜିଲାର ଭାର ନିର୍ବାହ କରିଅଛନ୍ତି ଓ ଏଠା ଲୋକଙ୍କଠାରେ ବିଶେଷ ପରିଚିତ । ଶ୍ରୀଯୁକ୍ତ ଟଏନବୀ ସାହେବ ମଧ୍ୟ ଅନେକ ଦିନ ଏ ଜିଲାରେ ଅଶିଷ୍ଟାଣ୍ଟ ଓ ଜଏଣ୍ଟମାଜିଷ୍ଟ୍ରେଟ ରହି ଏ ଜିଲାର ଅବସ୍ଥାରୁ ଉତ୍ତମରୂପେ ଅବଗତ ହୋଇ ଅଛନ୍ତି ବିଶେଷ ଇରିଗେଶନ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ କର୍ମରେ ଥାଇଁ ପ୍ରଜାଙ୍କର ଅବସ୍ଥା ପ୍ରତ୍ୟକ୍ଷ ଦେଖିଅଛନ୍ତି ଓ ତାହାଙ୍କଠାରେ ଅଧିକ ଦୟା ରଖିଥିବାର ଜଣାଯାଉଅଛି । ପ୍ରଜାମାନଙ୍କୁ ଭାଗ୍ୟବାନ୍ ବୋଲିବାକୁ ହେବ ଯେ ତାହାଙ୍କର ବେଦନା ଯେ ବୁଝିପାରନ୍ତି ଏମନ୍ତ ଲୋକ ତାହାଙ୍କର ଅବ୍ୟବହିତ ଶାସନକର୍ତ୍ତା ହୋଇଅଛନ୍ତି ।

---

ଗତ ଫେବୃଏରି ମାସ ତା ୧୫ ରିଖରେ ହୋଇଥିବା ପୁରୀ ବସାଘର କମିଟିର ଅଧିବେଶନ କାର୍ଯ୍ୟର ବିବରଣ ଗତ ପ୍ରକାଶିତ ଓଡ଼ିଶା ଗଜେଟରେ ପ୍ରକାଶ ପାଇଅଛି ତହିଁରେ ଦେଖାଗଲା ଯେ ଉକ୍ତ ନଗରର ସ୍ୱାସ୍ଥ୍ୟରକ୍ଷକ ନଗର ପରିଷ୍କାର କରିବା ବିଷୟରେ ଯଥୋଚିତ ମନୋଯୋଗୀ ହୋଇ ମଇଲା ସଫାର ଗାଡି ଓ କର୍ମ୍ମକରଙ୍କ ସଂଖ୍ୟା ବଢାଇ ଦେଇଅଛନ୍ତି ଏବଂ ନଗରର ପରିଷ୍କାର କାର୍ଯ୍ୟର ତତ୍ତ୍ୱାବଧାରଣ କାର୍ଯ୍ୟ ଉତ୍ତମରୂପେ ହେବା ବିବେଚନାରେ ନଗରଟିକୁ ପୋଲିସ ଚକ୍ରରେ ବିଭାଗ କରିନେଇଅଛନ୍ତି । ସଭାପତି ସାହେବ ଏକବାକ୍ୟରେ ଏହାଙ୍କର ପ୍ରସ୍ତାବମାନଙ୍କୁ ଗ୍ରହଣ କରିବାରେ ଜଣାଯାଏ ଯେ ନଗର ପରିଷ୍କାର ରକ୍ଷା ବିଷୟରେ ତାହାଙ୍କର ଯତ୍ନ ସମାନରୂପ ଅଛି ନରେନ୍ଦ୍ର ପୁଷ୍କରିଣୀରେ ଲାଳକାନ୍ତ ବାବୁଙ୍କ ପ୍ରସ୍ତାବାନୁସାରେ ମଇଲା ଲୁଗା ଓ ବାସନ ଧୋଇବାର ନିଷେଧ ହୋଇଅଛି ଏବଂ ମନ୍ଦିରର ସ୍ୱାସ୍ଥ୍ୟରକ୍ଷା ବିଶେଷ ଚରଣାମୃତ କୁଣ୍ଡ ପରିଷ୍କାର ବିଷୟରେ ସର୍ବଦା ଦୃଷ୍ଟି ରଖିବାପାଇଁ ଦୁଇଜଣ ହନୁମେମ୍ବର ଏକ ସବ୍‌କମିଟୀ ହୋଇଅଛନ୍ତି । ଏସମସ୍ତ ଉତ୍ତମ କାର୍ଯ୍ୟ ଅଟଇ ମାତ୍ର ଯାତ୍ରିଙ୍କ ରହିବା ସକାଶେ ପ୍ରଶସ୍ତ ସ୍ଥାନରେ ଘର ନିର୍ମାଣ ନ ହେଲେ ଆମ୍ଭମାନଙ୍କ ବିବେଚନାରେ ନଗର ପରିଷ୍କାର ରହିବା ବଡ କଠିନ ହେବ ସୁତରାଂ ସ୍ୱାସ୍ଥ୍ୟରକ୍ଷା ନ ହୋଇ ବର୍ତ୍ତମାନ ପ୍ରାୟ ଓଲାଉଠା ଇତ୍ୟାଦି ରୋଗର ପ୍ରାଦୁର୍ଭାବ ହେଉଥିବ । ଯାତ୍ରିଙ୍କ ସକାଶେ ଉତ୍ତମ ବସାଘରମାନ ନିର୍ମାଣ କରିବା ଏବଂ ଖାଦ୍ୟଦ୍ରବ୍ୟ ପ୍ରତି ଉତ୍ତମରୂପେ ଦୃଷ୍ଟି ରଖିବା ସକାଶେ ଗୋଟିଏ ହାଟ ବସାଇ ସ୍ୱାସ୍ଥ୍ୟରକ୍ଷକଙ୍କ ତତ୍ତ୍ୱାବଧାରଣରେ ରଖିବା ନିତାନ୍ତ ପ୍ରୟୋଜନୀୟ ଅଟଇ ଏପକ୍ଷରେ

Digitized by srujanika@gmail.com

Split by PDF Splitter


କିଛି ଚେଷ୍ଟା ହେଲେ ଭଲ ହେବ ନଚେତ୍
କମିଟି ଯେତେ ସଦୁପାୟ କରନ୍ତୁ ଯେପର୍ଯ୍ୟନ୍ତ
ପୁରୀ ନଗରରେ ଓଲଉଠା ରୋଗ ଦମନ ହୋଇ
ନାହିଁ ସେପର୍ଯ୍ୟନ୍ତ ସେଠାରେ କିଛି କାର୍ଯ୍ୟ
ହୋଇ ନାହିଁ ବୋଲିବାକୁ ହେବ । ଗତ ଜାନୁ-
ୟାରିମାସ ଶେଷରେ ବସାଘର ଟାକ୍ସ ତହବି-
ଲରେ ତେଇଶହଜାର ଟଙ୍କା ବାକି ରହିଥିଲା ।

---

ଦାଖଲ ଖାରଜ ପାଇଁ ଜିଲାର ଲୋକମାନେ
ଯେମନ୍ତ ହରବରରେ ପଡ଼ିଅଛନ୍ତି କହିଲେ
ସରିବ ନାହିଁ ପ୍ରତିଦିନ ଯେତେଲୋକ କଲେ-
କ୍ଟରିରେ ଜମା ହେଉଅଛନ୍ତି ତହିଁର ସଂଖ୍ୟା
ନାହିଁ । କେବଳ ଦରଖାସ୍ତ ଫାରମ ତିନି ଚାରି
ହଜାର ଯୋଗ ଯାଉ ଅଛନ୍ତି ତେବେସୁଦ୍ଧା
ପିଟାପିଟି ବନ୍ଦ ନାହିଁ । ଗତ ୨୧।୧୫ ଠାରୁ
ଏପ୍ରକାର ଗୋଲମାଲ ଆରମ୍ଭ ହେଲାଣି ଏବଂ
ଆଗାମୀମାସ ଶେଷ ପର୍ଯ୍ୟନ୍ତ ଏହିପରି ରହିବ
ଏତେଲୋକ ଭିଡ଼ ହେବାର କାରଣ ଏହି ଯେ
ଆଇନରେ ପଞ୍ଚଶମାଣ ପର୍ଯ୍ୟନ୍ତ ଲଖରାଜଭୂମି
ରେଜଷ୍ଟରିରୁ ମୁକ୍ତ ଦେବାର ବିଧାନ ଥିଲେହେଁ
ସ୍ବାର୍ଥ ହାକିମମାନେ ତହିଁ ବିରୁଦ୍ଧରେ ଗବ-
ର୍ମେଣ୍ଟଙ୍କୁ ଜଣାଇଲେ ଓ ଆପେ ବାହାଦୁର
ହେବା ସକାଶେ ଯେ ଦୁଃଖୀ ପ୍ରଜାଙ୍କୁ ଅନେକ
କ୍ଳେଶ ଓ ଉତ୍କଣ୍ଠାରେ ପକାଇଲେ ତାହା
ମନ୍ଦ ବୋଲି ଥରେ ବୁଝିଲେ ନାହିଁ । ଫଳ
ଏହି ହେଲା ଯେ ଯାହାର ବିଘାଏ ଲଖରାଜ
ଜମି ଅଛି ସେ ସୁଦ୍ଧା ଦରଖାସ୍ତ ଦେବାକୁ ସଦର
କଚେରିକୁ ଆସିବାକୁ ବାଧ୍ୟ ହେଲା । ପୁଣି
କେବଳ ଖଣ୍ଡେ ଦରଖାସ୍ତ ପକାଇଦେଲେ ହେବ
ନାହିଁ ଜମିର ନମ୍ବର ଇତ୍ୟାଦିର ତନ୍ନତନ୍ନ
ଦେବାକୁ ହେବ । ଅନେକଲୋକ ପାଖରେ
ସେସବୁ ଠିକଣା ନାହିଁ ଓ ସଦର ମହାଫିଜଖାନା
ବ୍ୟତୀତ ଅନ୍ୟ କୌଣସିଠାରେ ତାହା ମିଳିବ
ନାହିଁ ସୁତରାଂ ସବଡିଭିଜନରେ ଦରଖାସ୍ତ
ଦେବାର ବିଧି ଥିଲେହେଁ ଯେଉଁମାନେ ସେଠା-
ରେ ଦରଖାସ୍ତ ଦିଅନ୍ତେ ସେମାନଙ୍କ ମଧ୍ୟରୁ
ସମସ୍ତେ ନ ହେଉ ନିତାନ୍ତରେ ଅଧିକାଂଶଲୋକ
ସଦର ମୁକାମକୁ ଆସିବାକୁ ବାଧ୍ୟ ହେଲେ
ସଦର ମୁକାମକୁ ଆସିବାମାତ୍ରକେ କର୍ମ ହେଲା
ଏମନ୍ତ ନୁହେ । ଯେ ବ୍ୟକ୍ତିର ଅଧିକ ଲଖରାଜ
ଭୂମି ଅଛି ମୁକ୍ତାର କାରପରଦାଜ ଇତ୍ୟାଦି
ଲଗାଇ ସହଜରେ କାର୍ଯ୍ୟ ବାହାରକର ନେଲା
ଗରିବ ଲଖରାଜଦାରର ଦୁଃଖ କିଏ ଶୁଣିବ ?

ପ୍ରତିଦିନ ଯେମନ୍ତ ଦାଖଲ ଖାରଜର ଦରଖାସ୍ତ
ପଡ଼ୁଅଛି ତେମନ୍ତ ସମ୍ବାଦ ଓ ନକଲ ନେବା-
ପାଇଁ ଦରଖାସ୍ତ ପଡ଼ୁଅଛି ସିରସ୍ତାଦାରଠାରୁ
ସାମାନ୍ୟ ମୋହରର ପର୍ଯ୍ୟନ୍ତ ଅମଲାମାନେ
ନିଯୁକ୍ତ କର୍ମରେ ଅବକାଶ ପାଉ ନ ଥିଲେ
ଆଜିକାଲି ଅତିରିକ୍ତ କାର୍ଯ୍ୟ ପଡିଲା ବୋଲି
ସେମାନେ ଚତୁର୍ଭୁଜ ହୋଇ ନ ପାରନ୍ତି ଓ
ଠିକା ସିରସ୍ତାଦାର କିମ୍ବା ଠିକା ମହାଫିଜ ନିଯୁକ୍ତ
କରିବା ଅସମ୍ଭବ । ଅମଲା ବଢ଼ିବାରେ ଏଥିରେ
ବା ଲୋକଙ୍କର ଅଧିକା ସୁଯୋଗ ହେବ? ହା-
କିମ କେବଳ ଆପଣା ମିସଲର ଅତିରିକ୍ତଶ୍ରମ
ନିବାରଣ ନିମିତ୍ତ ଏକ ୨ ଡେପୁଟିଙ୍କୁ କେତୋଟା
ଲେଖାଁଏ ପରଗନା ବାଣ୍ଟିଦେଇ ଅଛନ୍ତି ମାତ୍ର
ତହିଁରେ ସିରସ୍ତାର କ୍ଳେଶ କେତେ ନିବାରଣ
ହେଲା ? ଫଳତଃ ଯେତେ ସହଜ ହେଉ ସମସ୍ତ
ଲଖରାଜଦାରଙ୍କୁ ଏକ ସମୟରେ ଦରଖାସ୍ତ
ଦେବାପାଇଁ ବାଧ୍ୟ କରିବାରେ ଦୁଃଖି ଲଖରାଜ-
ଦାରଙ୍କର ବଡ଼ କ୍ଳେଶ ହୋଇ ଅଛି ଏବଂ
ସେମାନେ ଏତେ ଉତ୍କଣ୍ଠାରେ ପଡ଼ି ଅଛନ୍ତି
କି ଏକଜଣର ଲଖରାଜର ମୂଲ୍ୟ ତେତେ ହେବ
ନାହିଁ । ଲୋକଙ୍କୁ ସବୁ ବିଷୟରେ ସୁଯୋଗ
ଦେବା ହାକିମଙ୍କର କର୍ତ୍ତବ୍ୟ ଅଟଇ ତାହା ହେ-
ଲେ ଅଭ୍ୟାଗତର ହେବା ଅସମ୍ଭବ ହୁଅଇ ଓ
ଯେ ପରିମାଣରେ ଅସୁବିଧା ଓ କ୍ଳେଶ ବଢ଼ଇ
ସେ ପରିମାଣରେ ସେମାନେ ବାଧ୍ୟ ହୋଇ
ଅଭ୍ୟାଗତର ଅର୍ଥାତ ହୁଅନ୍ତି । ଅତଏବ
ଯେରୂପ ନିୟମରେ କାର୍ଯ୍ୟ ଚଳାଇଲେ ଲୋକ
ମାନେ ଯେତେବେଳେ ଇଚ୍ଛା କରିବେ ସମ୍ବାଦ
ପାଇବାକୁ ବା ଦରଖାସ୍ତ ଦେବାକୁ ସମର୍ଥ ହେବେ
ଓ ଅମଲାଙ୍କର ଅବକାଶକୁ ଗ୍ରହି ପଡିରହିବେ
ନାହିଁ ତାହା କରିବାର ଉଚିତ । ଅମ୍ଭେମାନେ
ଏଥିନିମିତ୍ତ ପ୍ରସ୍ତାବ କରୁଁ କି କେବଳ ପଞ୍ଚାଶ-
ମାଣର ଅନ୍ୟୁନ ଲଖରାଜଭୂମି ପ୍ରଚଳିତ ମିଆଦ
ମଧ୍ୟରେ ରେଜଷ୍ଟରି ସକାଶେ ବାଧ୍ୟ । ଏ ମିଆଦ
ଉତ୍ତାରୁ ଛଅମାସ ମଧ୍ୟରେ ପଚିଶମାଣ ଏବଂ
ତହିଁର ଛଅମାସ ମଧ୍ୟରେ ପାଞ୍ଚମାଣ କି ଦଶମାଣ
ଓ ପରଶେଷରେ ଆଉ ଛଅମାସ ମଧ୍ୟରେ
ଏକମାଣର ଅନ୍ୟୁନଭୂମି ରେଜଷ୍ଟରି କରାଇବାର
ନିୟମ ହେଉ ଓ ଏକମାଣର ନ୍ୟୁନ ଏକାବେ-
ଳକେ ଛାଡ଼ି ଦିଆଯାଉ କାରଣ ତେତେ ଅଳ୍ପ
ଭୂମିର ରେଜଷ୍ଟରି ସକାଶେ ଯେତେ ଖର୍ଚ୍ଚ ଓ
କ୍ଳେଶ ହେବ ତାହା ସହଜରେ ଲଖରାଜ-
ଦାରଙ୍କୁ ବାଧିବ । କଲେକ୍ଟରସାହେବ ଏ ବିଷ-
ୟରେ ଶୀଘ୍ର କିଛି ବ୍ୟବସ୍ଥା କରି ପ୍ରଜାମାନଙ୍କ
କ୍ଳେଶ ଦୂର କରନ୍ତୁ ଆମ୍ଭମାନଙ୍କର ଏହି
ପ୍ରାର୍ଥନା ।

---

ନୂତନ ପ୍ରଦେଶୀୟ କର ।

ମାନ୍ୟବର ସର ଷ୍ଟ୍ରାଚି ସାହେବ ବଜେଟ
ବକ୍ତୃତାରେ ଏହିରୂପ କହିଅଛନ୍ତି କି ଓଡିଶା ଓ
ମେଦିନୀପୁରର ନାଲ ନିର୍ମାଣ କାର୍ଯ୍ୟରେ ସନ ୧୮
୭୬ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ଟ ୨,୪୮,୬୦,
୩୯୦ଟଙ୍କା ବ୍ୟୟ ହୋଇଅଛି ଏବଂ ଏ କାର୍ଯ୍ୟ
ଏତେଦୂର ହୋଇଅଛି ଯେ ଗତ କେତେକ
ବର୍ଷରୁ କ୍ଷେତରେ ମଡାଇବା ସକାଶେ ଅନେକ
ଜଳ ପ୍ରାପ୍ତ ହେଉଅଛି । ସନ ୧୮୭୫।୭୬ ସାଲ-
ରେ ଏସମସ୍ତ ନାଲରୁ ଟ ୧,୭୯,୫୩୦ଟଙ୍କା ଆୟ
ହୋଇଥିଲା ମାତ୍ର କର୍ମ ଚଳାଇବାରେ ଟ ୪,୧୪,
୦୬୦ଟଙ୍କା ବ୍ୟୟ ହୋଇଥିଲା । ଅତଏବ ନିର୍ମାଣ
କାର୍ଯ୍ୟରେ ଲାଗିଥିବା ଟଙ୍କାର ସୁଧ ସହିତ ଏ
ନାଲରେ ଉଟ ଟ ୧୨,୨୫,୬୭୦ ଟଙ୍କା ଏବର୍ଷ
କ୍ଷତି ହୋଇଅଛି ଏବଂ ସନ ୧୮୭୬ ମାର୍ଚ୍ଚ ମାସ
ପର୍ଯ୍ୟନ୍ତ ମୋଟ କ୍ଷତି ଟ ୬୬,୬୧,୩୧୦ ଟଙ୍କା
ହୋଇଅଛି । ଏଥକୁ ଓଡିଶାରେ ଆଉ ଯେତେ
ନିର୍ମାଣ କାର୍ଯ୍ୟ ହେବାର ପ୍ରସ୍ତାବ ହୋଇଅଛି
ତହିଁରେ ପ୍ରାୟ ୩୭ ଲକ୍ଷ ଟଙ୍କା ବ୍ୟୟ ହେବ
ଏବଂ କେହି କହିବାକୁ ସାହସୀ ନୁହନ୍ତି ଯେ
ବର୍ତ୍ତମାନ ପରି ଅବସ୍ଥା ରହିଲେ କୌଣସି
କାଳରେ ଏ ନାଲରୁ ଏତେ ଅଧିକ ବ୍ୟୟ
ପରିମାଣରେ ଉପଯୁକ୍ତ ଆୟ ହେବ । ଏହିପରି
ସୋନନାଲରେ ଏକକୋଟୀ ଅଠରଲକ୍ଷ ଟଙ୍କା
ହୋଇଅଛି ମାତ୍ର ଅନେକ ବର୍ଷ ଯାଏ ଏନାଲର
ଆୟରୁ ସୁଧ ସୁଦ୍ଧା ଉଠିବ ଏମନ୍ତ ସମ୍ଭାବନା
ନାହିଁ ।

ଅତ୍ୟନ୍ତ ଭ୍ରମ ହେଲେ ବଙ୍ଗଦେଶରେ
ଅଠକୋଟି ଟଙ୍କା କେବଳ ରେଲବାଟ ନାଲ
ଇତ୍ୟାଦିରେ ଖର୍ଚ୍ଚ ହୋଇଅଛି ଓ ଏଥିରେ
ଗତବର୍ଷ ଏକା କୋଡିଏଲକ୍ଷ ତୁଟି ପଡିଥିଲା
ଏରୂପ ଅବସ୍ଥା ଅତ୍ୟନ୍ତ ଅସନ୍ତୋଷ ଜନକ
ଅଟଇ ଅଥଚ ଏସମସ୍ତ କର୍ମ ଅତ୍ୟନ୍ତ ପ୍ରୟୋ-
ଜନୀୟ ଏବଂ ବଙ୍ଗଦେଶ ପକ୍ଷରେ ଫଳ ପ୍ରଦ
ଅଟଇ । ବଳାତ୍କାର ଜଳକର ଏଥିର ଏକ
ଉପାୟ ଥିଲା ମାତ୍ର ସନ ୧୮୬୧ ସାଲରେ ପଞ୍ଜାବ
ପ୍ରଦେଶର ନାଲ ସକାଶେ ତାହା ପ୍ରସ୍ତାବ ହେ-
ବାରେ ବିଲାତର ସେକ୍ରେଟରୀ ତାହାକୁ ଅଗ୍ରାହ୍ୟ
କଲେ । ସେପରି ଟାକ୍ସ ନେବା ନ୍ୟାଯ୍ୟ ସଙ୍ଗତ

Digitized by srujanika@gmail.com

ଅଟଇ ମାତ୍ର ତାହା କାର୍ଯ୍ୟରେ ପରିଣତ ହୋଇ ପାରନ୍ତା ନାହିଁ ସୁତରାଂ ତାହା ନ ହେବାରେ ଆମ୍ଭେ ଦୁଃଖିତ ନାହୁଁ ।

ଆମ୍ଭେ ଏହିକଥା କହୁଅଛୁଁ ଯେ ବର୍ତ୍ତମାନ ନିୟମରେ କେବଳ କୃଷିମାନେ ଇଚ୍ଛାପୂର୍ବକ ଯାହା ଦେଉଅଛନ୍ତି ତେତିକି ସାକ୍ଷାତରୂପେ ନାଲରୁ ଆୟ ହେଉଅଛି । ମାତ୍ର ଏ ନିୟମ ଭ୍ରମାତ୍ମକ ଓ ଅଯୌକ୍ତିକ ଅଟଇ । ଭାରତବର୍ଷରେ ସମୟ' ରେ ମରୁଡ଼ି ପଡ଼ିବାର ଦେଖା ଯାଉଅଛି ସୁତରାଂ ନାଲ ନିର୍ମାଣ କରିବା ଅତ୍ୟନ୍ତ ଆବଶ୍ୟକ । କୃଷିମାନେ ସାଧାରଣ ବର୍ଷରେ ଜଳ ନେଉନ୍ତୁ ବା ନ ନେଉନ୍ତୁ ଏବଂ ନାଲରୁ ଆୟ ହେଉ ବା ନ ହେଉ ଏ ଆବଶ୍ୟକତା ସମ୍ପୂର୍ଣ୍ଣରୂପେ ବିଦ୍ୟମାନ ରହିଅଛି । ଦେଶ ଓଡ଼ିଶାରେ ଅନେକ ଟଙ୍କା ନାଲରେ ବ୍ୟୟ ହୋଇଅଛି ଓ ତହିଁରେ ଏହି ଫଳ ହୋଇଅଛି ଯେ ଉକ୍ତ ଦେଶ ଦୁର୍ଭିକ୍ଷରୁ ରକ୍ଷା ପାଇଅଛି । ମାତ୍ର ସାଧାରଣ ସମୟରେ ଲୋକେ ଜଳ ନେଉ ନାହାନ୍ତି । ସେମାନେ ଜାଣନ୍ତି ଯେ ଜଳ ଭଣ୍ଡାର ପୂର୍ଣ୍ଣ ଅଛି ଆବଶ୍ୟକ ବେଳେ ଅକ୍ଳେଶରେ ପାଇବେ । ନାଲଦ୍ୱାରା ଦେଶଟି ଦୁର୍ଭିକ୍ଷରୁ ରକ୍ଷା ପାଇଲା ମାତ୍ର ତହିଁରୁ ସାକ୍ଷାତ ଆୟ ହେଉ ନାହିଁ ସୁତରାଂ ତହିଁର ବ୍ୟୟ ଭାର ଯାହାଙ୍କର ଉପକାର ହେଲା ତାହାଙ୍କ ଉପରେ ନ ପଡ଼ି ଭାରତବର୍ଷର ସମସ୍ତ ଟାକ୍ସଦାତାଙ୍କ ଉପରେ ପଡ଼ିଲା । ଏଥିରୁ ଆମ୍ଭେ ପ୍ରଶ୍ନ କରୁଅଛୁଁ କି ନାଲଦ୍ୱାରା ଯାହାଙ୍କର ଉପକାର ହେଉଅଛି ସେମାନେ କାହିଁକି ତହିଁପାଇଁ କିଛି ନ ଦେବେ ? ଜିଲା ଓ ନଗରର ଲୋକମାନେ ସଡ଼କ ସ୍କୁଲ ଚିକିତ୍ସାଳୟ ଇତ୍ୟାଦି ସକାଶେ କର ଦେଉଅଛନ୍ତି ତେବେ କ୍ଷେତରେ ଜଳ ମଡ଼ାଇବାର ସୁଯୋଗ ସକାଶେ କାହିଁକି କିଛି ନ ଦେବେ ? ଅଜ୍ଞ ଲୋକେ ଆପଣା ସ୍ୱାର୍ଥ ବିବେଚନାରେ ଯାହା କହିବେ ତହିଁ ଉପରେ ନିର୍ଭର କରି ଆମ୍ଭେମାନେ ନାଲ ନିର୍ମାଣ କରିବା କ୍ଷମା ନ କରିବା ଓ କୋଟି' ଲୋକଙ୍କୁ ଦୁର୍ଭିକ୍ଷର ଦାରୁଣ କବଳରୁ ଉଦ୍ଧାର କରିବା କ୍ଷମା ନ କରିବାର କଥା ମୀମାଂସା କରି ନ ପାରୁଁ । ଅତଏବ ଆମ୍ଭର ପ୍ରସ୍ତାବ ଏହି କି ଯେଉଁ ପ୍ରଦେଶର ଉପକାର ସକାଶେ ଉକ୍ତ କର୍ମମାନ ନିର୍ମାଣ ହୋଇଅଛି ସେହି ପ୍ରଦେଶ ଉପରେ ତହିଁର ବ୍ୟୟ ଲଦିବାକୁ ହେବ । ଏରୂପ ହେଲେ ବର୍ତ୍ତମାନ ଯାହା ଗୃହକାର୍ଯ୍ୟ ବ୍ୟୟ ହେଉଅଛି ତାହା ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଉପରେ ପଡ଼ିବ ଓ ସେମାନଙ୍କର ଦାୟ ସେମାନଙ୍କୁ ସହିବାକୁ ହେଲେ ସେ ସମସ୍ତ କାର୍ଯ୍ୟ ପରିମିତ ବ୍ୟୟରେ ଚଳାଇବାକୁ ସେମାନଙ୍କର ପ୍ରବୃତ୍ତି ହେବ । ନୂତନ ଟାକ୍ସ ନ ବସାଇଲେ ଏ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେବ ନାହିଁ ଏବଂ ସେ ଟାକ୍ସ ଯେ କେବଳ କୃଷିମାନେ ଦେବେ ଏମନ୍ତ ନୁହେ କାରଣ ନାଲଦ୍ୱାରା ତହିଁ ନିକଟବର୍ତ୍ତୀ କୃଷିମାନଙ୍କର ଅଧିକ ଲାଭ ଅଛି ସତ୍ୟ ମାତ୍ର ଯେଉଁମାନେ କୃଷି ନୁହନ୍ତି ତାହାଙ୍କର ମଧ୍ୟ ଉପକାର ହେଉଅଛି । ନାଲଦ୍ୱାରା ଦୁର୍ଭିକ୍ଷ ନିବାରଣ ନ ହେଲେ ସେମାନେ ଅନାହାର ଦୁଃଖ ସହିବେ ଏବଂ ନାଲ ପାଖ ଭୂମିରୁ ଯେଉଁ ଶସ୍ୟ ମରୁଡ଼ି ବର୍ଷ ମିଳିବ ତାହା ସଡ଼କ ନାଲ ଓ ରେଲ ବାଟରେ ସ୍ଥାନାନ୍ତରକୁ ଯାଇ ପାରିବ ସୁତରାଂ ନାଲ ନିକଟରେ ନ ଥିବା ଲୋକଙ୍କର ମଧ୍ୟ ଜୀବନ ରକ୍ଷା ହେବ । ଭୂମ୍ୟଧିକାରୀଙ୍କର ଲାଭ ଅଧିକ ଓ ଯଥାର୍ଥ ବିବେଚନା କଲେ ଗବର୍ଣ୍ଣମେଣ୍ଟ ତାହାଙ୍କଠାରୁ ଏ ସମସ୍ତ ହିତକାର୍ଯ୍ୟ ସକାଶେ ଅଧିକ ଟଙ୍କା ନେବେ ଓ ଅପର ସାଧାରଣ ବ୍ୟକ୍ତିଙ୍କର ମଧ୍ୟ ଉପକାର ଥିବାରୁ ସେମାନେ ଅଳ୍ପ ଟଙ୍କା ଦେବେ କିନ୍ତୁ ଅଦ୍ୟାପି ଉକ୍ତ ହିତକର କାର୍ଯ୍ୟମାନ ସଂପୂର୍ଣ୍ଣରୂପେ ନିର୍ମାଣ ହୋଇ ନାହିଁ ଓ କାର୍ଯ୍ୟ ଶେଷ ହେବାକୁ ଅନେକବର୍ଷ ଲାଗିବ ଏ କାରଣ ଉକ୍ତ ନିୟମ ବର୍ତ୍ତମାନ ପ୍ରଚଳିତ ହୋଇ ନ ପାରେ ଅତଏବ ସର୍ବସାଧାରଣଙ୍କଠାରୁ କିଛି' କର ନେବା ନିତାନ୍ତ ଆବଶ୍ୟକ ହୋଇଅଛି ।

ଏହି ପ୍ରକାରେ ସର ଷ୍ଟ୍ରାଚି ସାହେବ ନୂତନ ପ୍ରଦେଶୀୟ କର ବସାଇବାର ପ୍ରସ୍ତାବ ସମ୍ବନ୍ଧରେ ଯୁକ୍ତି ଦେଖାଇ ଚଳିତ ବର୍ଷ ବଙ୍ଗଳାରୁ ସାଢେ ସତେଇଶ ଲକ୍ଷ ଟଙ୍କା ଏବଂ ଉତ୍ତରପଶ୍ଚିମରୁ ପାଞ୍ଚଲକ୍ଷ ଟଙ୍କା କର ଆଦାୟ କରିବାକୁ କହିଅଛନ୍ତି ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ତହିଁରେ ସମ୍ମତ ହୋଇଅଛନ୍ତି । ଉତ୍ତରପଶ୍ଚିମରେ ଲାଇସନ୍ସ ଟାକ୍ସ କି ସନ ୧୮୬୨ ମସିହାରେ ଯାହା ସମସ୍ତ ଭାରତବର୍ଷ ସକାଶେ ପ୍ରସ୍ତାବ ହୋଇ ଟ୍ରେଡଟାକ୍ସ ନାମ ଧାରଣ କରିଥିଲା ଆଦାୟ ହେବ ଏବଂ ବଙ୍ଗଳାରେ କି ଆକାରରେ ଏ ଟାକ୍ସ ବସିବ ତହିଁର ବିଚାର ହେଉଅଛି । ସର ଷ୍ଟ୍ରାଚି ସାହେବ କହିଲେ କି ନୂତନ ଟାକ୍ସ ନ ବସାଇ କୌଣସି ପ୍ରଚଳିତ ଟାକ୍ସର ଦର ବୃଦ୍ଧି କଲେ ଭଲ ହେବ ଫଳତଃ ଯେପ୍ରକାରରେ ହେଉ ଆମ୍ଭମାନଙ୍କୁ ଟାକ୍ସ ଦେବାକୁ ହେବ । ଏହା ନିଶ୍ଚୟ ଓ ଏଥିରୁ ମୁକ୍ତ ପାଇବାର ଆଉ ଉପାୟ ନାହିଁ । ଓଡ଼ିଶା ନାଲର ବ୍ୟୟ ଏକା ଓଡ଼ିଶା ଉପରେ ପଡ଼ିଥାନ୍ତା ମାତ୍ର ଓଡ଼ିଶା ନିତାନ୍ତ ଦୁଃଖୀ ଦେଶ ବୋଲି ତେତେ ଦାୟରୁ ବର୍ତ୍ତି ଗଲା ଯାହା ହେଉ ନାଲ ଯେ ଓଡ଼ିଶାର କାଳ ଅଟଇ ଏଥିରେ ଆଉ ସନ୍ଦେହ ନାହିଁ ।

---

## ସାପ୍ତାହିକସଂବାଦ ।

କଦମରସୁଲ ଫାଣ୍ଡିର ଜମାଦାର କେତେ ଗୁଡ଼ିଏ ଜୁଆଖେଳାଳିଙ୍କୁ ଧରି ଦଣ୍ଡ ଦିଆଇଅଛି ଅନ୍ୟାନ୍ୟ ଫାଣ୍ଡିରୁ ଏପରି ଚାଲାନ ଆସୁଥିଲେ ଏ ଖେଳଟି ଏକାବେଳକେ ରହିତ ହୁଅନ୍ତା ମାତ୍ର ସବୁ ପୁଲିସକର୍ମଚାରୀଙ୍କ ଦୃଷ୍ଟି ଏକାବାଟରେ ପଡ଼ିଇ ନାହିଁ ।

ଅନେକ ଦିନ ଅତ୍ୟନ୍ତ ଗ୍ରୀଷ୍ମ ଉତ୍ତାରୁ ଗତ ଶୁକ୍ରବାର ଅପରାହ୍ନ କାଳରେ ଏକଅସ୍ରା ଉତ୍ତମ ବୃଷ୍ଟି ଏ ନଗରରେ ହୋଇଗଲା । ବର୍ଷା ସଙ୍ଗେ ପ୍ରବଳ ବତାସ ଓ ଶିଳାପତନ ହୋଇଥିଲା । ଏ ପର ଲାଲବାଗ ହତା ଫଉଜଦାରୀ ମହାଫିଜଖାନା ଘରେ ବଜ୍ରପାତ ହୋଇ ଖଣ୍ଡେ କାନ୍ଥକୁ ଫଟାଇ ଦେଲା । ନିକଟରେ ବସିଥିବା ୧୨ଜଣ ମନୁଷ୍ୟ ଅଚେତନ ହୋଇ ପଡ଼ିଲେ ତହିଁ ମଧ୍ୟରୁ ଦୁଇଜଣଙ୍କୁ ବଡ଼ ବାଧିଥିଲା । ଯାହା ହେଉ କେହି ପ୍ରାଣରେ ନଷ୍ଟ ହୋଇ ନାହିଁ ଧନ୍ୟବାଦର ବିଷୟ ଅଟଇ ।

ପୁରୀରେ ଅବଧି ଓଲାଉଠା ରୋଗ ଶେଷ ହୋଇ ନାହିଁ । ଏକମାସରୁ ଅଧିକ ହେବ ଏହା ବର୍ତ୍ତମାନ ରହିଅଛି । କଟକରେ ଏ ରୋଗ ପୂର୍ବଠାରୁ ଅନେକ ଊଣା ହୋଇଅଛି ମାତ୍ର ଯେରୂପ ଗ୍ରୀଷ୍ମ ହେଉଅଛି ଏଥିରେ ଏ ରୋଗ ବନ୍ଦ ହେବାର ପ୍ରତ୍ୟୟ ହେଉ ନାହିଁ ।

ନସିରାବାଦ ଜେଲଖାନାରେ ଜଣେ କଇଦୀ ଆପଣା ବିଛଣାରେ ଗୋଟାଏ କୁଟାର ପିତୁଳା ଶୁଆଇ ଦେଇ ଏମନ୍ତ କୌଶଳକ୍ରମେ ପଳାଇ ଗଲା ଯେ ପହରାବାଲାମାନେ ଜାଣି ପାରିଲେ ନାହିଁ । ପିତୁଳାଟିକୁ ଦେଖି ସେମାନେ କଇଦୀ ଶୋଇଅଛି ବୋଲି ଜାଣି ସକାଳ ପର୍ଯ୍ୟନ୍ତ ତାହାର ତତ୍ତ୍ୱ କଲେ ନାହିଁ । ସକାଳେ ତାହାଙ୍କର ଭ୍ରମ ଭାଙ୍ଗିଲା ମାତ୍ର କଇଦୀ କାହିଁ ? ସେ ଆଉ ଧରା ପଡ଼ ନାହିଁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଲର୍ଡ଼ ଲିଟନ ସାହେବ ଆଜକାଲ କଲିକତାରୁ ନଇନିତାଲକୁ ଯାତ୍ରା କରିବେ ଓ ସେଠାରେ କିଛିଦିନ ଅବସ୍ଥିତି କରି ସିମଲାକୁ ଯିବେ ।

ବାବୁ ଶ୍ୟାମ ଲାଲ ମଲ୍ଲିକ ଡାକ୍ତର କେବଳ କ୍ଷୁଦ୍ର ପିଚକାରିଦ୍ୱାରା ଦେହର ଚର୍ମ ମଧ୍ୟରେ ଔଷଧ ପ୍ରବେଶ କରାଇ ଗୋଟିଏ ଓଲାଉଠା ଓ ଗୋଟିଏ ଧନୁଷ୍ଟଙ୍କାର ବାତ ରୋଗିକୁ ଆରୋଗ୍ୟ କରିଅଛନ୍ତି । ସେ କହନ୍ତି କି ପ୍ରସବ କରିବାର ଏକସପ୍ତାହ ମଧ୍ୟରେ ଧନୁଷ୍ଟଙ୍କାର ବାତ ଉଦୟ ହେଲେ ରୋଗୀ କଦାଚ ଭଲ ହୁଅଇ ନାହିଁ ମାତ୍ର ଦ ୧୫ ନ ଉତ୍ତାରୁ ରୋଗ ଜାତ ହେଲେ ଓ ତତ୍କ୍ଷଣାତ୍ ଉତ୍ତମ ଚିକିତ୍ସା ହେଲେ ରୋଗ ଭଲ ହେବାର ବିସ୍ତର ସମ୍ଭାବନା ଅଛି ।

ନଦୀୟାର ଜଜ ମନରୋ ସାହେବ ପୁଲିସର ଇନ୍ସପେକ୍ଟର ଜେନରଲ ପଦରେ ନିଯୁକ୍ତ ହୋଇଅଛନ୍ତି । ମନରୋ ସାହେବ ସୁଲେଖକ ଅଟନ୍ତି ଓ ପୁଲିସର କାର୍ଯ୍ୟ ଭଲରୂପେ ନିର୍ବାହ କରିବେ ଏମନ୍ତ ଆଶା ହେଉଅଛି ।

କଲିକତାରେ ଦ ୧୫ ନ ରାତେ ବୃଷ୍ଟି ହୋଇଥିଲା ଓ ତହିଁ ସଙ୍ଗେ ବଡ ବଡ ହିମଶିଳା ପଡିଥିଲା ।

୧ । ସୁଲଭସମାଚାରରୁ ଜ୍ଞାତ ହେଲୁଁ ଲେଡି ଲିଟନଙ୍କର ବ୍ୟବହାର ଅତି ଅମାୟିକ ଓ କୋମଳ ଅଟଇ । ସମ୍ପ୍ରତି ସେ ଭବାନୀପୁରର କେତୋଟି ଭଦ୍ର ବଙ୍ଗାଳୀ ପରିବାର ମଧ୍ୟରେ ନାରୀମାନଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ । ସେଠାରେ କେହି ତାହାଙ୍କୁ ମିଠାଇ ଖାଇବାକୁ ଦେବାରେ ସେ ସେଥିରୁ କିଛି ଖାଇ ବାକିତକ ବସାକୁ ନେଇ ଯାଇଥିଲେ । ପ୍ରଧାନ ରାଜପୁରୁଷମାନଙ୍କର ବିବିମାନେ ଯଦି ଏହିରୂପେ ନାରୀମାନଙ୍କ ସଙ୍ଗରେ ମିଶନ୍ତି ତାହା ହେଲେ ଦୁଇ ଜାତିଙ୍କ ମଧ୍ୟରେ ସଦ୍ଭାବ ବର୍ଦ୍ଧିତ ହେବ ।

୨ । ଅଲିପୁର ଜଜଙ୍କ କୋର୍ଟର ଜଣେ କିରାଣି ବାବୁଙ୍କର ଗୋଟିଏ ଆଠ ବର୍ଷର ଝିଅ ଆତ୍ମହତ୍ୟା କରିଅଛି । ପିତା ଏ ସମ୍ବାଦ ଶୁଣି ଅତ୍ୟନ୍ତ ଶୋକାର୍ତ୍ତ ହେଲେ ଏବଂ ସୁରାପାନ କରି ତାହା ଭୁଲିବାକୁ ଚେଷ୍ଟା କଲେ । ସେ ନିଶା ହୋଇଥିବା ସମୟରେ ଝିଅଟିର ମୃତଦେହ ଖାଲ ମଧ୍ୟରେ ପକାଇ ଦେବାରୁ ପୁଲିସ ତାହାଙ୍କୁ ଧରି ନେଇ ଯାଇଅଛି ଏଡେ ଛୋଟପିଲା ଆତ୍ମହତ୍ୟା କଲା ଏବଂ ତାହା ଶୋକରେ ପିତା ସୁରାପାନ କଲେ ଏ ଦୁଇଟି ବିସ୍ମୟ କଥା ଅଟଇ ।

୩ । ମହାରାଣୀ ଭାରତେଶ୍ୱରୀ ନାମରେ ରଙ୍ଗପୁର ବ୍ରାହ୍ମଣଡଙ୍ଗାର ଜମିଦାର ଶ୍ରୀଯୁକ୍ତ ବାବୁ ନବୀନଚନ୍ଦ୍ର ରାୟ ଚୌଧୁରୀ ଆଲ ଇଲୁସୀ ନଦୀ ଉପରେ ପୁଲ ପ୍ରସ୍ତୁତ କରିବା ନିମନ୍ତେ କୋଡିଏ ହଜାର ଟଙ୍କା ପ୍ରଦାନ କରିଅଛନ୍ତି । ଏବଂ ସେ ସେଥିପାଇଁ ଗବର୍ଣ୍ଣମେଣ୍ଟରୁ ପ୍ରଶଂସା ପାଇ ଅଛନ୍ତି ।

୧ । ଏଡୁକେସନଗେଜେଟରୁ ଅବଗତ ହେଲୁଁ ଯେ ପଞ୍ଜାବର ପ୍ରତ୍ୟନ୍ତ ସୀମାପ୍ରଦେଶ ପଞ୍ଜାବରୁ ପୃଥକ୍ କରି ତାହା ଜଣେ ପ୍ରଧାନ କମିଶନରଙ୍କ ଅଧୀନରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟରୂପେ ପରିଣତ କରିବାର ସିଦ୍ଧାନ୍ତ ହୋଇ ଯାଇଅଛି । ସର୍ ଲୁଇସପେଲି ସାହେବ ସେହି ପ୍ରଦେଶର ପ୍ରଧାନ କମିଶନର ପଦ ପ୍ରାପ୍ତ ହେବେ ।

୨ । ଗତ ଶନିବାର ବିଶ୍ୱବିଦ୍ୟାଳୟର ସଭ୍ୟମାନଙ୍କର ଗୋଟିଏ ସଭା ହୋଇଥିଲା । ତହିଁରେ ସ୍ଥିର ହୋଇଅଛି ଯେ ସ୍ତ୍ରୀଲୋକମାନେ ପ୍ରବେଶିକା ଓ ଫାଷ୍ଟଆର୍ଟସ୍ ପରୀକ୍ଷା ଦେବାକୁ ସକ୍ଷମ ହେବେ ।

୩ । ସୋମପ୍ରକାଶ କହନ୍ତି, ଷ୍ଟେଟରେଲୱେର ପୋଷ୍ଟମାଷ୍ଟର ବାବୁ ନବୀନଚନ୍ଦ୍ର ରାୟ ପିତୃ ମାତୃ ହୀନ ଅନାଥ ଶିଶୁମାନଙ୍କ ନିମନ୍ତେ ଆରାରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି ସେ ନିଜବ୍ୟୟରେ ସେମାନଙ୍କୁ ଆହାର ଓ ସୁଶିକ୍ଷା ଦେବେ । ଆମ୍ଭେମାନେ ନବୀନ ବାବୁଙ୍କୁ ଏଥିପାଇଁ ଅନ୍ତଃକରଣ ସହିତ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

୪ । ମାନ୍ଦ୍ରାଜ ହାଇକୋର୍ଟ ନିୟମ କରିଅଛନ୍ତି ଯେ ବିବାହିତା ସ୍ତ୍ରୀକୁ ଯଦି କେହି କୁଅଭିସନ୍ଧିରେ ଗୃହରୁ ବାହାରକରେ ଏବଂ ଅଦାଲତରେ ଯଦି ଏଥି ସମ୍ବନ୍ଧରେ ମକଦ୍ଦମା ହୁଏ ତାହା ହେଲେ ତାହା ଅନ୍ୟ ବାଦୀ ପ୍ରତିବାଦୀର ସମ୍ମତିରେ ନିଷ୍ପତ୍ତି ହୋଇ ପାରିବ ନାହିଁ ।

୫ । ବୋମ୍ବାଇ ଗେଜେଟ କହନ୍ତି ରାଓ ମାଧବ ରାଓଙ୍କର ସୁଶାସନରେ ବରୋଦାର ଶୂନ୍ୟ ଧନାଗାର ଅର୍ଥରେ ପରିପୂର୍ଣ୍ଣ ହେବାର ଉପକ୍ରମ ହୋଇଅଛି । ଏଥିମଧ୍ୟରେ ଏକକୋଟି ଟଙ୍କା ଜମା ହୋଇଅଛି ମନ୍ତ୍ରୀ ସେହି ଟଙ୍କା ମଧ୍ୟରୁ ୭୫ ଲକ୍ଷ ଟଙ୍କା ଟ ୪୷ ଙ୍କା ସୁଧରେ ଗବର୍ଣ୍ଣମେଣ୍ଟଙ୍କୁ ଧାର ଦେବାପାଇଁ ବାସନା କରୁଅଛନ୍ତି ଅବଶିଷ୍ଟ ଟଙ୍କାଦ୍ୱାରା ବରୋଦା ରାଜ୍ୟର ପୂର୍ତ୍ତ କାର୍ଯ୍ୟ ଓ ରେଲୱେ ପ୍ରଭୃତି ସାଧାରଣହିତକର କାର୍ଯ୍ୟର ଉନ୍ନତି କରିବା ଅଭିପ୍ରାୟ ପ୍ରକାଶ କରିଅଛନ୍ତି ।

ବାଲେଶ୍ୱରରୁ ଏକ ବ୍ୟକ୍ତି ଦେଉପେଟ୍ରିଅଟଙ୍କୁ ଲେଖିଅଛନ୍ତି କି କଟକର ପ୍ରୋଭିନସେସ ଫଣ୍ଡର ହିସାବମାନ ଅଶୁଦ୍ଧରୂପେ ରଖା ଯାଇଥିବାରୁ କେତେଲୋକ ଦୁଇ ତିନି ଥର ଟାକ୍ସ ଦେବାକୁ ବାଧ୍ୟ ହେଉଅଛନ୍ତି ଓ ଏଥିର କିଛି ପ୍ରତୀକାର ହୋଇ ନାହିଁ । ଏହା କୃତା ମୋଫସଲରୁ ବାକିଦାରଙ୍କଠାରୁ ଦୁଇ ଏକ ଅଣା ଟାକ୍ସ ଆଦାୟ କରି ଆଣିବା ନିମିତ୍ତ ପିୟାଦା ପ୍ରେରିତ ହେଉଅଛି ଓ ତହିଁରେ ଏକ ୨ ବାକିଦାର ଏକଟଙ୍କା କେଶାଏ ମିଆଦ ଦେଉଅଛନ୍ତି । ଓଡ଼ିଶାବାସିମାନେ ଏତେ ଅତ୍ୟାଚାର ସହି ରହି କିଛି କହୁ ନାହାନ୍ତି ଏହ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ଦିଲ୍ଲୀ ମହାସଭା ସମ୍ବନ୍ଧରେ ଦେଶୀୟ ସମ୍ବାଦପତ୍ରମାନଙ୍କରେ ବାହାରିଥିବା ସମସ୍ତ ପ୍ରସ୍ତାବର ସ୍ଥୂଳ ଅନୁବାଦମାନ ଲର୍ଡ ଲିଟନ ସାହେବ ତଲବ କରିଅଛନ୍ତି । ସେ ଅନୁମାନ କରନ୍ତି କି ଇଂଲଣ୍ଡରୁ ଆଜ୍ଞା ଆସିଥିବାରୁ ଏମନ୍ତ ହୋଇଅଛି କାରଣ ଭାରତବର୍ଷୀୟ ସଭାରେ ମହାସଭାର କାର୍ଯ୍ୟକାରିତା ପ୍ରତି ମତାନ୍ତର ଜାତ ହୋଇଅଛି ।

## ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଏକପ୍ରସ୍ତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ଏବଂ ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କ ନିକଟରେ ବିକ୍ରୟ ହେଉଅଛି ।

| | |
|---|---|
| ଶିଶୁପାଠ ୧ ମ ଭାଗ | ଟ ୦।୵ |
| କ୍ଷେତ୍ରପରିମାଣ | ଟ |

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ହରେକୃଷ୍ଣ ମିତ୍ର | ଜଚଳା | ବକେୟା | ଟ ୧୨୧ |
| ମହନ୍ତ ବାଳମୁକୁନ୍ଦଦାସ ଜଉ | କଟକ | ,, | ଟ ୬୧ |
| ପାଦ୍ରୀ ଧବସେଟ ସାହେବ | | ,, ଅଗ୍ରିମ | ଟ ୫୧ |
| ଶ୍ରୀ ରାଜା କଲ୍ଲେ | ନରସିଂହପୁର | ବକେୟା | ଟ ୬୧ |
| ଶ୍ରୀ ରାଜା କଲ୍ଲେ | ଆଠଗଡ | ,, | ଟ ୬୧ |
| ଶ୍ରୀ ଚୌଧୁରୀ ରଘୁନାଥସାନ୍ତରାୟମହାପାତ୍ର | | ,, | ଟ ୬୧ |
| ବାବୁ ରାମପ୍ରସାଦ ସିଂହ | କଟକ | ,, | ଟ ୬୧ |
| ଶ୍ରୀ ରାଜା କଲ୍ଲେ | ତାଳଚେର | ,, | ଟ ୬୧ |
| ଶ୍ରୀ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ | | ,, | ଟ ୬୧ |
| ବାବୁ ହରମୋହନ ମିତ୍ର | କଟକ | ଅଗ୍ରିମ | ଟ ୫୧ |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଗ
ସଂ ୧୪ ଖ୍ୟା

ତା ୭ ରିଖ ଅପ୍ରେଲ ସନ୧୮୭୭ମସିହା । ମୂ । ଚୈତ୍ର ବ ୨୭ ନ ସନ୧୨୮୪ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୪୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯
ମଫସଲପାଇଁ ଡାକମାସୁଲ ଟ୧୫/

ବଙ୍ଗଲା ବ୍ୟବସ୍ଥାପକ ସଭାର ଗତ ଶନିବାରର ଅଧିବେଶନରେ ଶ୍ରୀଯୁକ୍ତ ରେନଲଡ ସାହେବ ପ୍ରଦେଶୀୟ କାର୍ଯ୍ୟର କର ଏବଂ ଶ୍ରୀଯୁକ୍ତ ରେବନ୍‌ସା ସାହେବ ବଲାତ୍କାର ଜନକର ବିଷୟକ ଆଇନମାନଙ୍କର ପାଣ୍ଡୁଲିପି ସଭାରେ ଉପସ୍ଥିତ କରିବାପାଇଁ ଅନୁମତି ପାଇଅଛନ୍ତି । ପାଣ୍ଡୁଲିପି ବାହାରିଲେ କି ନିୟମରେ କରମାନ ଆଦାୟ ହେବ ତହିଁର ସବିଶେଷ ଜଣା ପଡିବ ପ୍ରଦେଶୀୟ କରଟି ରୋଡ଼ସେସ୍‌ପରି ଜମିଦାରଙ୍କ ଦ୍ୱାରା ଆଦାୟ କରାଇବାର କଳ୍ପନା ହୋଇଅଛି ବୋଲି ଶୁଣାଯାଏ ।

---

ଏଥିପୂର୍ବ ଆମ୍ଭେମାନେ ଲେଖିଥିଲୁଁ କି ଯେ ସମସ୍ତ ଦ୍ରବ୍ୟ ଏଦେଶରେ ପ୍ରାପ୍ତ ହୁଅଇ ତାହା ଗବର୍ଣ୍ଣମେଣ୍ଟ ନାନା ମହକୁମାର ଖର୍ଚ୍ଚ ସକାଶେ ଏହିଠାରୁ କ୍ରୟ କରିବେ ଓ ଇଂଲଣ୍ଡ ପ୍ରଭୃତି ବିଦେଶରୁ ଅଣାଇବେ ନାହିଁ ଏରୂପ ମନସ୍ଥ କରିଅଛନ୍ତି । ସମ୍ପ୍ରତି ଜଣାଗଲା ଯେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଏଥିପାଇଁ ଗୋଟିଏ ସଭା ବସାଇଅଛନ୍ତି ସେମାନେ ଲିଖିତ ବିଷୟ ସବୁର ତଦନ୍ତ କରି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବେ । ଯଥା-

୧ । ଗବର୍ଣ୍ଣମେଣ୍ଟଙ୍କ ଅଧୀନ ନାନା ମହକୁମାରେ ଯେସମସ୍ତ ଦ୍ରବ୍ୟ ଲୋଡା ହୁଅଇ ତହିଁମଧ୍ୟରେ କେଉଁ ଦ୍ରବ୍ୟ ଏପ୍ରକାରର ଅଛି କି ଯାହା ଗବର୍ଣ୍ଣମେଣ୍ଟ ଇଉରୋପରୁ ନ ଅଣାଇ ସ୍ଥାନୀୟ ଶିଳ୍ପ କୌଶଳଦ୍ୱାରା ପାଇ ପାରିବେ ଓ ପ୍ରାପ୍ତ କରିବାର ଉଚିତ ।

୨ । ଇଉରୋପରୁ ଯେ ସମସ୍ତ ଦ୍ରବ୍ୟ ଅଣାଇବାକୁ ହେବ ତହିଁମଧ୍ୟରୁ କେଉଁ୨ ଦ୍ରବ୍ୟ ସେକ୍ରେଟରୀ ଅବଷ୍ଟେଟଙ୍କଦ୍ୱାରା ଓ କେଉଁ ଦ୍ରବ୍ୟ ସ୍ଥାନୀୟ ବନ୍ଦୋବସ୍ତଦ୍ୱାରା ଅଣାଇବାକୁ ହେବ ।

୩ । ସ୍ଥାନୀୟ ବନ୍ଦୋବସ୍ତଦ୍ୱାରା ଇଉରୋପରୁ ଦ୍ରବ୍ୟ ଅଣାଇବା ପକ୍ଷରେ କି କି ନିୟମ ଓ ସୀମା ସ୍ଥିର କରିବାର ଉଚିତ ।

ଏଥିରୁ ଦେଖାଯାଏ ଯେ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛା ଶୀଘ୍ର କାର୍ଯ୍ୟରେ ପରିଣତ ହେବ ଓ ତହିଁରେ ଭାରତବର୍ଷର ଅନେକ ଉନ୍ନତି ହେବାର ସମ୍ଭାବନା ଅଛି ।

---

ଗତ ଶନିବାର ସକାଳବେଳେ ଏ ନଗରର ଜେନରଲ ହାସପାତାଲ ଗୃହରେ କଟକ ମେଡିକଲ ସ୍କୁଲର ବାର୍ଷିକ ପାରିତୋଷିକ ବିତରଣ ଉପଲକ୍ଷରେ ସଭା ହୋଇଥିଲା ଉକ୍ତ ବିଦ୍ୟାଳୟଟି ଗତ ବର୍ଷ ଏଠାରେ ଫିଟିଅଛି ଓ ଏହି ସଭାଟି ଏହାର ପ୍ରଥମ ବାର୍ଷିକ ସଭା ଅଟଇ । ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସାହେବ ଅନେକ ଲୋକଙ୍କୁ ଆମନ୍ତ୍ରଣ କରିଥିଲେ ମାତ୍ର କେବଳ ଜ ୪୮ ଣ ଇଂରାଜ ଓ ଜ ୧୦।୧୫ ଣ ଦେଶୀୟ ଲୋକ ଉପସ୍ଥିତ ହୋଇଥିଲେ ଏହା ଦୁଃଖର ବିଷୟ ଅଟଇ କାରଣ ଏଥିରୁ ଜଣାଯାଏ ଯେ ଅଦ୍ୟାପି ଏଠାର ଅଧିକାଂଶ ଲୋକ ଏପ୍ରକାର ହିତକର କାର୍ଯ୍ୟ ସବୁପ୍ରତି ଯଥାଯୋଗ୍ୟ ମନୋଯୋଗୀ ହୋଇ ନାହାନ୍ତି । ଯେଉଁମାନେ ଉପସ୍ଥିତ ଆସ୍ଥା କରୁଥିଲେ ତହିଁର ଫଳାଫଳ ପ୍ରତ୍ୟକ୍ଷ କରିବାକୁ ଅବଶ୍ୟ ବ୍ୟଗ୍ର ହୋଇ ସଭାକୁ ଯାଇଥାନ୍ତେ ।

ଆମ୍ଭମାନଙ୍କ ନୂତନ କମିଶନର ଶ୍ରୀଯୁକ୍ତ ବିମସ୍ ସାହେବ ଏ ନୂତନ ସଭାର ସଭାପତି ହୋଇ କାର୍ଯ୍ୟାରମ୍ଭ କଲେ । ଡାକ୍ତର ସାହେବ ଅତି ସୁନ୍ଦରରୂପେ ବାର୍ଷିକ ବିଜ୍ଞାପନୀ ପାଠ କଲେ ଓ ତହିଁରେ ବିଦ୍ୟାଳୟର ସମ୍ପୂର୍ଣ୍ଣ ଅବସ୍ଥା ବର୍ଣ୍ଣିତ ହୋଇଥିଲା । ଉକ୍ତ ବିଜ୍ଞାପନୀରୁ ଜଣାଗଲା ଯେ ଏ ବିଦ୍ୟାଳୟଟି ସନ ୧୮୭୬ ଫେବୃଏରୀ ମାସରେ ଫିଟିଲା । ଏଥିରେ ପଢିବାପାଇଁ ଜ ୭୦ ଣ ପ୍ରାର୍ଥନା କରିଥିଲେ ତହିଁମଧ୍ୟରୁ ଜ ୯ ଣ ଅଯୋଗ୍ୟ ଥିବାରୁ ତାହାଙ୍କର ପ୍ରାର୍ଥନା ଅଗ୍ରାହ୍ୟ ହେଲା । ଅବଶିଷ୍ଟ ଜ ୬୧ ଣ ମଧ୍ୟରୁ ନିମ୍ନଲିଖିତରୂପେ ଜ ୨୦ ଣ ବୃତ୍ତିଭୋଗୀ ଛାତ୍ରସ୍ୱରୂପ ମନୋନୀତ ହେଲେ ଯଥା;—

| | |
|---|---|
| କଟକ ଜିଲ୍ଲାରୁ | ଜ ୧୦ ଣ |
| ବାଲେଶ୍ୱର " | ଜ ୩ ଣ |
| ପୁରୀ " | ଜ ୪ ଣ |
| ଗଡଜାତ ମଧ୍ୟରୁ | ଜ ୨ ଣ |
| ସମ୍ବଲପୁରରୁ | ଜ ୧ ଣ |

ଏପର ଜ ୧୬ ଣ ଛାତ୍ର ବେତନ ନ ଦେଇ ପଢିବାକୁ ଇଚ୍ଛା କରିବାରେ ତାହାଙ୍କୁ ସୁଦ୍ଧା ନିଆଗଲା ଏହିପରି ଜ ୩୬ ଣ ଛାତ୍ର ସେନ ବିଦ୍ୟାଳୟଟି ଆରମ୍ଭ ହେଲା ଏବଂ ବିଦ୍ୟାଳୟ ସ୍ଥାପନ ପୂର୍ବେ ଯେ ଛାତ୍ର ମିଳିବା ପକ୍ଷରେ ସଂ-

Split by PDF Splitter
Digitized by srujanika@gmail.com

ସନ୍ଦେହ ହୋଇଥିଲା ତାହା ଏକାବେଳକେ ଅମୂଳକ ହୋଇଗଲା। ପୁଣି ସୁଖର ବିଷୟ ଯେ କେବଳ ଜ ୭ ଣ ଛାତ୍ର ବର୍ଷମଧ୍ୟରେ ସ୍କୁଲ ତ୍ୟାଗ କରି ଗଲେ ଓ ବର୍ଷ ଶେଷରେ ୧୮ ଜଣ ବୃତ୍ତିଭୋଗୀ ଓ ଜ ୧୩ ଣ ଅର୍ଦ୍ଧବେତନିକ ଛାତ୍ର ବିଦ୍ୟାଳୟରେ ରହିଲେ। ଭିନ୍ନ ଜିଲାର ଛାତ୍ରମାନଙ୍କ ସକାଶେ ସ୍କୁଲ ହତାରେ ଘର ତିଆର ହେଲା ଓ ତହିଁରେ ବର୍ତ୍ତମାନ ଜ୧୭ଣ ବାଳକ ବସା କରି ରହିଅଛନ୍ତି।

ଶିକ୍ଷା ବିଷୟରେ ବିଜ୍ଞାପନୀରୁ ଜଣାଯାଏ ଯେ ଶିକ୍ଷକମାନେ ଯେଉଁ ଯେଉଁ ବିଷୟରେ ଶିକ୍ଷା ଦେବାର ଭାର ଗ୍ରହଣ କରିଥିଲେ ସେ ତାହା ଅତ୍ୟନ୍ତ ଯତ୍ନ ଓ ପରିଶ୍ରମ ସହିତ ଶିଖାଇଅଛନ୍ତି ଓ ବାଳକମାନେ ମଧ୍ୟ ଶିକ୍ଷାପକ୍ଷରେ କୌଣସି ପ୍ରକାର ତ୍ରୁଟି କରି ନାହାନ୍ତି। ଏକ ୨ ବିଷୟର ଶିକ୍ଷକ ଛାତ୍ରଙ୍କ ଉପଦେଶ ( ଲେକ୍‌ଚର ) ଦେଇଅଛନ୍ତି ଏବଂ ପ୍ରତି ସପ୍ତାହରେ ପରୀକ୍ଷାଦ୍ୱାରା ଛାତ୍ରମାନଙ୍କ ବ୍ୟୁତ୍ପତ୍ତିର ପରିଚୟ ନେଇଅଛନ୍ତି। କେବଳ ଜ ୮ ଣ ଛାତ୍ର ଶିକ୍ଷାରେ ତ୍ରୁଟି କରିଥିବାର ଉଲ୍ଲେଖ ହୋଇଅଛି ନତୁବା ଅଧିକାଂଶ ଛାତ୍ର ଏମନ୍ତ ସୁନ୍ଦର ଶିକ୍ଷା କରିଅଛନ୍ତି ଯେ ବଙ୍ଗଳାର କୌଣସି ଚିକିତ୍ସା ବିଦ୍ୟାଳୟର ଛାତ୍ରଙ୍କ ସହିତ ସମକକ୍ଷ ହୋଇ ପାରିବେ। ଚିକିତ୍ସା ବିଭାଗର ଡିପୋଟୀ ସର୍ଜନ ଜେନରଲ ଏ ନଗରର ପଲ୍‌ଟନର ଡାକ୍ତର ପାର୍କର ସାହେବ ଏବଂ ଅନ୍ୟାନ୍ୟ ଦୁଇ ଏକ ଜଣ ଚିକିତ୍ସା ପଣ୍ଡିତ ଏ ବିଦ୍ୟାଳୟକୁ ଦର୍ଶନ ଓ ଛାତ୍ରଙ୍କୁ ପରୀକ୍ଷା କରି ଅତ୍ୟନ୍ତ ସନ୍ତୋଷଜନକ ମତ ପ୍ରକାଶ କରିଅଛନ୍ତି ଓ ତହିଁରୁ ଜଣାଯାଏ ଯେ ଏ ବିଦ୍ୟାଳୟଟି ଏପର୍ଯ୍ୟନ୍ତ ସଫଳ ହୋଇ ଅଛି ଏବଂ ଛାତ୍ରମାନେ ଏମନ୍ତ ଆଗ୍ରହ ସହିତ ଶିକ୍ଷା କରୁଅଛନ୍ତି କି ମୁରଦାର ଛୁଇଁବାପକ୍ଷରେ ଏଦେଶୀ ଲୋକଙ୍କର ଅତ୍ୟନ୍ତ କୁସଂସ୍କାର ଥିଲେହେଁ ବିଦ୍ୟାର ଅନୁରୋଧରେ ଛାତ୍ରମାନେ ହୃଷ୍ଟଚିତ୍ତରେ ମୁରଦାର ଚିରି ମନୁଷ୍ୟ ଦେହ ବିବରଣମାନ ଶିକ୍ଷା କରିଅଛନ୍ତି।

ନୂତନ ବିଦ୍ୟାଳୟର ଏତାଦୃଶ ସୁନ୍ଦର ଫଳ ପ୍ରଥମ ବର୍ଷରେ ହେବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଏଥିପାଇଁ ଶ୍ରୀଯୁକ୍ତ ଡାକ୍ତର ଷ୍ଟିୱାର୍ଟ ସାହେବଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ କାରଣ ସେ କେବଳ ଓଡ଼ିଶାର ହିତ ସକାଶେ ଶ୍ରୀଯୁକ୍ତ ରେଭେନସା ସାହେବ କମିଶନରଙ୍କୁ ମନାଇ ତାହାଙ୍କ ସାହାଯ୍ୟରେ ଗବର୍ଣ୍ଣମେଣ୍ଟ ମଞ୍ଜୁର ଆଣାଇ ଆପେ ବିନା ବେତନରେ ପରିଶ୍ରମ କରି ଓ ଆପଣା ଅଧୀନସ୍ଥ କର୍ମଚାରୀଙ୍କୁ ମଧ୍ୟ ସେହିରୂପ ପରିଶ୍ରମ କରିବାକୁ ପ୍ରବୃତ୍ତ କରାଇବାର ଏ ପ୍ରକାର ସୁନ୍ଦର ଫଳ ପ୍ରତ୍ୟକ୍ଷ ହେଲା।

ବିଜ୍ଞାପନୀ ପାଠ ହେଲା ଉତ୍ତାରୁ ସଭାପତି ଶ୍ରୀଯୁକ୍ତ ବିମସ୍ ସାହେବ ଛାତ୍ରମାନଙ୍କୁ ପାରିତୋଷିକ ବିତରଣ କଲେ ଓ ଏଠାରେ ଲେଖିବାର ଉଚିତ କି ଏ ନଗରବାସି ସମ୍ଭ୍ରାନ୍ତ ବ୍ୟକ୍ତିମାନେ ପାରିତୋଷିକ ନିମିତ୍ତ ଚାନ୍ଦାଦ୍ୱାରା ଟ ୧୨୮ ଙ୍କା ଦେଇଥିଲେ ଏହା ସୁଖର ବିଷୟ ଅଟଇ।

ପରିଶେଷରେ ସଭାପତିମହାଶୟ ଗୋଟିଏ କ୍ଷୁଦ୍ର ବକ୍ତୃତାଦ୍ୱାରା ବିଦ୍ୟାଳୟର କାର୍ଯ୍ୟପ୍ରତି ସନ୍ତୋଷ ପ୍ରକାଶ କରି ଓ ଡାକ୍ତରସାହେବଙ୍କୁ ଧନ୍ୟବାଦ ଦେଇ ବିଦ୍ୟାଳୟର କାର୍ଯ୍ୟକାରିତା ବିଷୟରେ କହିଲେ ଯେ ଚିକିତ୍ସା ଅଭାବରୁ ଓଡ଼ିଶାରେ ବିସ୍ତର ପ୍ରାଣୀ ନଷ୍ଟ ହେଉଅଛନ୍ତି। ଏଠାଲୋକେ ଚିକିତ୍ସା କାହାକୁ କହନ୍ତି ଜାଣନ୍ତି ନାହିଁ ପୀଡ଼ା ହେଲେ ମନ୍ତ୍ର ଯନ୍ତ୍ର ଇତ୍ୟାଦି ନାନାପ୍ରକାର ମିଥ୍ୟାଧର୍ମମୂଳକ ଉପାୟଦ୍ୱାରା ଆରୋଗ୍ୟ ଲାଭ କରିବାକୁ ପ୍ରବୃତ୍ତ ହୁଅନ୍ତି ଓ ତଦ୍ଦ୍ୱାରା ଜୀବନ ହରାଇବସନ୍ତି। କଲର ମାଜେଷ୍ଟ୍ରେଟସ୍ୱରୂପ ସେ ଦେଖିଅଛନ୍ତି ଯେ ଏକା ପେଟବିକାରରୋଗରେ ଅପମୃତ୍ୟୁ ଘଟିବାର ସମ୍ବାଦ ପ୍ରାୟ ପ୍ରତିଦିନ ପାଉଅଛନ୍ତି ଅଥଚ ବିଧିପୂର୍ବକ ଚିକିତ୍ସାପ୍ରଣାଳୀ ଏଠାରେ ପ୍ରଚଳିତ ଥିଲେ ଏପରି ହୁଅନ୍ତା ନାହିଁ। ଏ ଅବସ୍ଥା ଅତି ଶୋଚନୀୟ ଓ ଏଥିର ପ୍ରତୀକାର କେବଳ ଏହି ବିଦ୍ୟାଳୟଦ୍ୱାରା ହେବାର ଅଛି। ଯେତେବେଳେ ଛାତ୍ରମାନେ ଶିକ୍ଷିତ ହୋଇ ମଫସଲରେ ଚିକିତ୍ସାବ୍ୟବସାୟ କରିବେ ସେତେବେଳେ ଦେଶର ଏ ଦୁରବସ୍ଥା ଲୋପ ହୋଇଯିବ। ବିଦ୍ୟାଳୟରୁ ଯେତେ ଛାତ୍ର ବାହାରିବେ ଗବର୍ଣ୍ଣମେଣ୍ଟ ସମସ୍ତଙ୍କୁ ଚାକିରୀ ଦେବା ଅସମ୍ଭବ ଓଡ଼ିଶାରେ ଏ ତେ ଚାକର ଲୋଡ଼ା ହେଉନାହାନ୍ତି କି ହେବନାହିଁ ଛାତ୍ରମାନେ ସ୍ୱାଧୀନ ବ୍ୟବସାୟଦ୍ୱାରା ପ୍ରତିପାଳିତ ହେବେ ଓ ଲୋକଙ୍କର ଉପକାର କରିବେ ଏହି ଆଶାରେ ଗବର୍ଣ୍ଣମେଣ୍ଟ ଶିକ୍ଷା ଦେଉଅଛନ୍ତି। ଏହି ଭାବର କେତେକ କଥା କହି ସଭାପତି କାର୍ଯ୍ୟ ସମାପ୍ତ କଲେ ଓ ସଭା ଭଙ୍ଗିଗଲା। ପରିଶେଷରେ ବକ୍ତବ୍ୟ ଏହି ଯେ ଶ୍ରୀଯୁକ୍ତ ବିମ୍‌ସସାହେବ ଯେମନ୍ତ ବିଦ୍ୱାନ୍ ଓ ସୁଲେଖକ ତାହାଙ୍କ ବକ୍ତୃତା ତଦ୍ରୂପ ହୋଇ ନ ଥିଲା।

---

## ଦାଖଲଖାରଜ।

ଅମ୍ଭେମାନେ ଗତ ଦୁଇସପ୍ତାହରେ ଦାଖଲଖାରଜର ଧୂମଧାମ ଓ ଲୋକଙ୍କର କଷ୍ଟ ବିଷୟ ସବିଶେଷ ଲେଖିଅଛୁଁ ପାଠକମାନେ ଅବଗତ ହୋଇଥିବେ। ବର୍ତ୍ତମାନ ଟ୍ରେଞ୍ଚ ସାହେବଙ୍କ ଦୟା ଓ ସୁବିଚାରଯୋଗେ ଲୋକଙ୍କର କେତେକ କଷ୍ଟ ନିବାରଣ ହୋଇଅଛି ତାହା ନିମ୍ନେ ପାଠକମାନଙ୍କୁ ଅତ୍ୟନ୍ତ ଆନନ୍ଦସହିତ ଜଣାଉଅଛୁଁ।

ମହାଫିଜଖାନାରୁ ଜେନରଲ ନମ୍ବର ପାଇବାରେ ଲୋକଙ୍କର ବିଶେଷ କଷ୍ଟ ଓ ଖର୍ଚ୍ଚା ପଡ଼ୁଥିଲା ଓ ଏଥିପାଇଁ ଲୋକେ ଅଠ ୨ ଦିନ ଏଠାରେ ପଡ଼ି ରହୁଥିଲେ। ପୁଣି କେତେକ ଉମେଦୱାର ଓ ମୋକ୍ତାରଙ୍କ ମୋହରର ବା କଚେରିର ଫାଲତୁ ଲେଖକମାନେ ଲୋକଙ୍କୁ ଏବିଷୟରେ ବଡ଼ ଠକୁ ଥିଲେ। ଦାଖଲଖାରଜପାଇଁ ମୋଫସଲରୁ ଏପରି ଲୋକେ ଆସିଅଛନ୍ତି କି ଯେଉଁମାନେ କେବେହେଁ କଚେରୀ ଦେଖି ନ ଥିଲେ। ସେମାନେ କଚେରିରେ କାହାରି ଦେହରେ ଧଳା ଲୁଗା ଓ କାନରେ କଲମ ଦେଖିଲେ ତାକୁ ମୋକ୍ତାର ବା ମୋହରିର ବୁଝି ଜେନରଲ ନମ୍ବର ମାଗନ୍ତି। ସେ ଚାରିଅଣା ଆଠଅଣା ନେଇ ମହାଫିଜଖାନା ଆଡ଼ୁ ବୁଲି ଆସି ଗୋଟିଏ ୨ ମିଥ୍ୟା ନମ୍ବର ଲେଖି ସେମାନଙ୍କୁ ଦିଏ। ଏହିପ୍ରକାରରେ କେତେକ ଲୋକ ପ୍ରବଞ୍ଚିତ ହୋଇଗଲେ। ଯେଉଁମାନେ ସମ୍ବାଦ ପାଇବାର ବିଧିମତ ପ୍ରାର୍ଥନା କଲେ ସେମାନେ ମଧ୍ୟ ଅଧିକା ଖର୍ଚ୍ଚା ଓ ହରବରରେ ପଡ଼ିଲେ। ଏବିଷୟମାନ ଶ୍ରୀ ଟ୍ରେଞ୍ଚ ସାହେବଙ୍କ ଦୃଷ୍ଟି ଗୋଚରରେ ପଡ଼ିବାରୁ ସେ ଦରଖାସ୍ତରେ ଜେନରଲନମ୍ବର ଦେବାର ସ୍ଥଗିତ କରି ଏହି ନିୟମ କଲେ କି ଦରଖାସ୍ତକାରୀମାନେ ନମ୍ବର ଘର ଖାଲି ରଖି ଦରଖାସ୍ତ ଦେବେ। ମହାଫିଜ କଇଫିୟତ ଦେଲା ବେଳେ ନମ୍ବର ଲେଖି ଦେବ। ମକଦମାର ପ୍ରମାଣ ଦେବାକୁ ଯେତେବେଳେ ଦରଖାସ୍ତକାରୀମାନେ ଆସିବେ ସେତେବେଳେ ସରକାରୀ ଫିସ ଚାରିଅଣା ସେମାନଙ୍କଠାରୁ ଉସୁଲ କରି ନିଆଯିବ। ଏ ଫିସ ଦାଖଲ ନ ହେଲେ ମକଦମା ଚଳିବ ନାହିଁ। କଚେରିର ବାହାରେ ଯେତେବେଳେ ଟ୍ରେଞ୍ଚ

Digitized by srujanika@gmail.com

ସାହେବ ସ୍ୱୟଂ ଏ ଅଙ୍କ ସମାଗତ ଲୋକଙ୍କୁ ବୁଝାଇ ଦେଲେ ଯେତେବେଳେ ଲୋକଙ୍କର ଆନନ୍ଦଧ୍ୱନି ଉଚ୍ଛଳିତ ହେଲା, ହରିବୋଲର ସୀମା ନ ରହିଲା ଓ ସମସ୍ତେ ସାହେବଙ୍କୁ ଘେରି ଧନ୍ୟବାଦ ଦେଲେ । ଏଥିରେ ଏମନ୍ତ ଶଙ୍କା ହୋଇପାରେ କି ଯଦ୍ୟପି ମଫସଲ କାହାର ଦରଖାସ୍ତରୁ ଜମି ଉଚିତ କରି ନ ପାରେ ତେବେ ଦରଖାସ୍ତକାରୀଙ୍କୁ ତଲବ କରିବାକୁ ହେଲେ ପିଆଦା ଯିବ ଓ ତାକୁ ଏକଟଙ୍କା ମିଆଦ ଦେଣ ପଡିବ । ତାହା ହେଲେ ବର୍ତ୍ତମାନ କଷ୍ଟ ବା କିଛି ଖର୍ଚ୍ଚରୁ ରକ୍ଷା ପାଇ ପଛକୁ ୧ ଟଙ୍କା ବା କିଛି ଖର୍ଚ୍ଚରୁ ରକ୍ଷା ପାଇ ପଛକୁ ଟ ୧ ଙ୍କା ଭିତ୍ତିରେ ପଡିବେ ମାତ୍ର ଭରସା ହେଉଅଛି କି ଏଥି ପକ୍ଷରେ ସାହେବ ପ୍ରଶଂସିତ ଉତ୍ତମ ବନ୍ଦୋବସ୍ତ କରିବେ ଲୋକମାନେ ଖର୍ଚ୍ଚରେ କଷ୍ଟ ପାଉଥିବାରୁ ସାହେବ ସେମାନଙ୍କ ପାଇଁ ଗୋଟିଏ ଠିଆ କରାଇଅଛନ୍ତି । ଦରଖାସ୍ତ ଦେବା ସମୟର ଭିଡ ଓ ଗୋଳ ନିବାରଣ ପାଇଁ କଚେରୀ ପିଣ୍ଡାରେ ଡାକଚିଠି ବାକ୍ସପରି ଗୋଟିଏ ବଡ ବାକ୍ସ ରହିଅଛି ଦରଖାସ୍ତକାରୀମାନେ ସେଥିରେ ଦରଖାସ୍ତ ପକାଇ ଦେଉଅଛନ୍ତି । ସାହେବ ଆହୁରି ଲୋକମାନଙ୍କୁ ବୁଝାଇ ଦେଇଅଛନ୍ତି ଯେ ଦରଖାସ୍ତ ଲେଖାଇ ଖର୍ଚ୍ଚା ଅଣାଏ ଦୁଇଅଣା ଭିନ୍ନ ଆଉ କିଛି କାହାରିକୁ ଦେବେ ନାହିଁ । ଏଥିରୁ ଟଏନସୀ ସାହେବଙ୍କର ପ୍ରଜାବର୍ଗ ପ୍ରତି ଅପାର ଦୟା ସହାନୁଭୂତି ଓ ଆଦରର ଉତ୍ତମ ପରିଚୟ ମିଳୁଅଛି ଓ ଏଥିପାଇଁ ଆମ୍ଭେ ତାଙ୍କର ପ୍ରଶଂସା ନ କରି କ୍ଷାନ୍ତ ରହି ନ ପାରୁଁ । ଫ.ରମ ବାଣ୍ଟରେ ମଧ୍ୟ ପୂର୍ବର ମାଡ଼ ଗୋଳ ନାହିଁ ।

---

### କଲିକତା ବିଶ୍ୱବିଦ୍ୟାଳୟର ଉପାଧି ଦାନ ସଭାରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବଙ୍କ ବକ୍ତୃତା ।

ଆମ୍ଭେମାନେ ଅତ୍ୟନ୍ତ ପ୍ରୀତି ସହିତ ଏ ବକ୍ତୃତାକୁ ପାଠ କରିଅଛୁଁ ଏଥିରେ ବିସ୍ତର ସାରକଥା ଅଛି ଏବଂ ଲର୍ଡଲିଟନ ଅତ୍ୟନ୍ତ ସରଳତା ସହିତ ଭାରତବର୍ଷର ଶିକ୍ଷା ବିଷୟରେ ଆପଣା ମନର ଭାବମାନ ପ୍ରକାଶ କରିଅଛନ୍ତି । ବକ୍ତୃତାଟି ଏମନ୍ତ ପ୍ରୀତିକର ଯେ ତହିଁର ଅବିକଳ ଅନୁବାଦ ପ୍ରକାଶ କରି ପାରିଲେ ପାଠକଙ୍କର ବଡ ସୁଖ ହୁଅନ୍ତା ମାତ୍ର ସ୍ଥାନାଭାବରୁ ତହିଁରୁ କ୍ଷାନ୍ତ ରହିବାକୁ ବାଧ୍ୟ ହୋଇ ତହିଁର ସାରମର୍ମ ଏଠାରେ ପ୍ରକାଶ କରୁଅଛୁଁ ।

ବକ୍ତୃତାରେ ତିନୋଟି କଥାର ବିଶେଷ ବର୍ଣ୍ଣନା ହୋଇଅଛି । ଯଥା—ଶିକ୍ଷାପ୍ରଣାଳୀ କିରୂପ ହେବାର ଉଚିତ, ଶିକ୍ଷିତ ଲୋକଙ୍କର କର୍ତ୍ତବ୍ୟ କି ଏବଂ ଗବର୍ଣ୍ଣମେଣ୍ଟ ଦେଶୀୟ ଲୋକଙ୍କୁ ଉଚ୍ଚକର୍ମମାନ କି ନିୟମରେ ଦେଇପାରନ୍ତି ।

ପ୍ରଥମ ବିଷୟରେ ଲାଟ ସାହେବ କହିଅଛନ୍ତି କି ଶିକ୍ଷା ଦେବାର ଅର୍ଥ ଚରିତ୍ର ସଂଗଠନ କରିବା । ଯହିଁରେ ବାଳକମାନେ ଭବିଷ୍ୟତକୁ ମନୁଷ୍ୟ ହୋଇ ପାରିବେ ଓ ମନୁଷ୍ୟ ହେଲେ ଯେ ସମସ୍ତ କର୍ତ୍ତବ୍ୟ କାର୍ଯ୍ୟ ତାହାଙ୍କୁ ସାଧନ କରିବାକୁ ହେବ ସେହି ସମସ୍ତ ତାହାଙ୍କୁ ପିଲାଦିନେ ଶିଖାବାର ଉଚିତ । ଦେଶ କାଳ ପାତ୍ର ବିବେଚନାରେ ଶିକ୍ଷାର ନିୟମ ସ୍ଥିର କରିବା ଉଚିତ ନୋହିଲେ ବୃଥାରେ ଅର୍ଥ ଓ ବଳ ନଷ୍ଟ ହୋଇ ଯିବ । ଉଦ୍ଦେଶ୍ୟଶୂନ୍ୟ ହୋଇ କାର୍ଯ୍ୟର ଫଳ ସମ୍ପର୍କରେ ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ ସେ ଦେଇଅଛନ୍ତି ତାହା ଏହି ଯେ ଜଣେ ସାଧୁ ଏକଦିନ ସନ୍ଧ୍ୟାସମୟରେ ଏକ ଗୃହସ୍ଥର ଘରେ ଅତିଥି ହେଲେ । ସେ ଘରେ ତିନୋଟି ଭାଇ ଏକାଠିରେ ଥିଲେ ସେମାନେ ଅତିଦୁଃଖୀ ଏବଂ ପୈତୃକ ଅଳ୍ପଭୂମି ଚଷି ପେଟ ପାଳନ୍ତି । ଆପଣା ଶକ୍ତି ଅନୁସାରେ ସାଧୁଙ୍କ ସେବା ରାତ୍ରିରେ କରିବାରୁ ସାଧୁ ତୁଷ୍ଟ ହୋଇ ସକାଳେ ଯିବା ବେଳେ ଏହି ବର ଦେଇ ଗଲେ କି "ତୁମ୍ଭେମାନେ ଯେଉଁ କର୍ମ କରିବ ତହିଁରେ ପୂର୍ଣ୍ଣ ଉନ୍ନତି ଲାଭ କରିବ ।" ବଡଭାଇର ମନ ଘରେ ଲାଗୁ ନ ଥିଲା ସେ ଦେଶ ଭ୍ରମଣ କରି ବାଣିଜ୍ୟ ବ୍ୟବସାୟ କଲା । ମଧ୍ୟମ ଭାଇ ଆପଣା ଘର ସମ୍ଭାଳି ରହିବା ଇଚ୍ଛା ରଖୁଥିବାରୁ ସେ କୃଷି ବିସ୍ତ କରିବାରେ ମଗ୍ନ ହେଲା ଓ ସାନଭାଇର କୌଣସି ବିଶେଷ କାର୍ଯ୍ୟରେ ମନ ନ ଥିଲା ସେ ଘରେ ବସି କେବଳ ମାଛ ଧରିବାରେ ମତ୍ତ ହେଲା । କିଛିଦିନ ଉତ୍ତାରୁ ତିନିଭାଇ ଏକତ୍ର ହେଲେ । ବଡଭାଇ ବାଣିଜ୍ୟଦ୍ୱାରା ବଡ ଧନବାନ୍ ହେଲେ ମଧ୍ୟମ ଭାଇ ଜଣେ ବଡ ଜମିଦାର ହେଲେ ଓ ସାନଭାଇ ଜଣେ ଭାରି ନିପୁଣ ମାଛୁଆ ହେଲେ କିନ୍ତୁ ତହିଁରେ କି ଲାଭ ? ଏଦେଶୀୟ ଲୋକଙ୍କୁ ଅତ୍ୟନ୍ତ ଗୁଣବାନ୍ କରିବାକୁ ଆମ୍ଭେମାନେ ଚେଷ୍ଟା କରୁଅଛୁଁ ମାତ୍ର ସାବଧାନ ହେବାର ଉଚିତ ଯେମନ୍ତ କି ସେମାନେ ସାହିତ୍ୟ ଓ ବିଜ୍ଞାନର ମାଛୁଆ ନ ହେବେ । ଏମାନଙ୍କୁ ପ୍ରତ୍ୟକ୍ଷବିଜ୍ଞାନ ଓ କାର୍ଯ୍ୟଦକ୍ଷତା ଶିଖାଇବା ଉଚିତ ।

ଦ୍ୱିତୀୟ ପ୍ରସଙ୍ଗରେ ସେ କହିଲେ କି ଶିକ୍ଷିତ ଲୋକମାନେ କେବଳ ଚାକରି କରିବା ଶିକ୍ଷାର ଶେଷଫଳ ମନେ କରନ୍ତି । ସେମାନେ ଏକ ହାତରେ ଏମ, ଏ, ଉପାଧି ଘେନି ଅନ୍ୟ ହାତରେ ଚାକରୀପାଇଁ ଦାବୀ କରନ୍ତି ଓ ଚାକରୀ ନ ପାଇଲେ ଗବର୍ଣ୍ଣମେଣ୍ଟ ଯେଉଁ ଭାଷା ତାହାଙ୍କୁ ଶିଖାଇଅଛନ୍ତି ସେହି ଭାଷା ଗବର୍ଣ୍ଣମେଣ୍ଟ ବିରୁଦ୍ଧରେ ପ୍ରୟୋଗ କରନ୍ତି । ଦେଶୀୟ ସମ୍ପାଦକମାନଙ୍କରେ ଏଥିର ବିଶେଷ ପରିଚୟ ମିଳଇ ଏ ସକାଶେ ସେ ଉପାଧିପ୍ରାପ୍ତ ବ୍ୟକ୍ତିଙ୍କୁ ସେ ଏହିରୂପ ଉପଦେଶ ଦେଲେ ଯେ ହେ ଯୁବକଗଣ ! ତୁମ୍ଭେମାନେ ଏତେ ଶିକ୍ଷିଅଛ ଏଥି ପାଇଁ ତୁମ୍ଭଙ୍କୁ ଭଲ କହୁଁ ମାତ୍ର ତୁମ୍ଭେମାନେ କେବଳ ଚାକରିର ଭରସା ନ କରି ବିଜ୍ଞାନ ସାହିତ୍ୟ ଶିଳ୍ପ ବା ବାଣିଜ୍ୟ କାର୍ଯ୍ୟରେ ବୁଦ୍ଧିଶକ୍ତିକୁ ନିୟୋଗ କରି ଆପଣା ଉପରେ ନିର୍ଭର କର । ଯେ ଯାହା ଲୋଡେ ବିଧାତା ତାହା ଦିଅନ୍ତି । ସଂସାର ଅତି ପ୍ରଶସ୍ତ ଓ ଅବଧି ଜୀବିକା ନିର୍ବାହର ଏତେ ଉପାୟ ରହିଅଛି ଯେ କେହି ଚେଷ୍ଟା କଲେ ନିଷ୍ଫଳ ହେବ ନାହିଁ । ସ୍ୱାଧୀନ ବ୍ୟବସାୟ ଅବଲମ୍ବନ କରି ତାହା ହେଲେ ସ୍ୱଦେଶୀୟଙ୍କଠାରେ ବିଶ୍ୱାସଭାଜନ ଏବଂ ଗବର୍ଣ୍ଣମେଣ୍ଟଙ୍କଠାରେ ଆଦରର ପାତ୍ର ହେବ ଆମ୍ଭେ ଦୁଃଖିତ ହୋଇ କହୁଅଛୁଁ ଯେ ଆତ୍ମନିର୍ଭରର ଭାବ ଏ ଦେଶରେ ଅତ୍ୟନ୍ତ ବିରଳ କେବଳ ବମ୍ବେଇବାସିମାନେ ବାଣିଜ୍ୟ ବ୍ୟବସାୟଦ୍ୱାରା ଆପଣା ସୁଖସମ୍ପତ୍ତି ବୃଦ୍ଧି କରିଅଛନ୍ତି । ବିଲାତର ବଡ଼ ବଡ଼ ଶିକ୍ଷିତବ୍ୟକ୍ତିମାନେ ସ୍ୱାଧୀନ ବ୍ୟବସାୟରେ ଅନୁରକ୍ତ ହୁଅନ୍ତି ଏଠା ଶିକ୍ଷିତଙ୍କ ମନରେ ସେ ଭାବ ଉଦୟ ହେଉ ନାହିଁ ।

ଦେଶୀୟଲୋକଙ୍କୁ ଉଚ୍ଚପଦ ଦେବାବିଷୟରେ ଗବର୍ଣ୍ଣମେଣ୍ଟ ଯାହା ଅଙ୍ଗୀକାର କରିଅଛନ୍ତି ତାହା ପୂର୍ଣ୍ଣ ନ ହେବାରେ ସମସ୍ତେ ଦୋଷାରୋପ କରି ପାରନ୍ତି ମାତ୍ର ଗବର୍ଣ୍ଣମେଣ୍ଟ ଦେଶୀୟ ଲୋକଙ୍କୁ ଠକାଇବାର ମାନସ ରଖନ୍ତି ନାହିଁ ତେବେ ଗୋଟିଏ ଅସୁବିଧାହେତୁ ତାହା ଏତେକାଳ ପୂର୍ଣ୍ଣ ହୋଇ ପାରୁନାହିଁ । ଉକ୍ତ ଅସୁବିଧାଟି ଏହି ଯେ ଯେତେବେଳେ ଦେଶୀୟ ଲୋକଙ୍କୁ ଉଚ୍ଚପଦ ଦେବାର ଅଙ୍ଗୀକାର ହେଲା ସେତେବେଳେ ଇଂରାଜ ଚାକିରି କର୍ମଚାରୀଙ୍କର କ୍ଷତି କରିବାର ମାନସ ନ ଥିଲା ଉକ୍ତ ଇଂରାଜକର୍ମଚାରୀଙ୍କର ସଂଖ୍ୟା ଅନେକ

Split by PDF Splitter



ବଢିଅଛି ଓ ସେମାନେ ଆଶାନୁରୂପ ଉଚ୍ଚପଦ ପାଉନାହାନ୍ତିବୋଲି ବିରକ୍ତ ଅଛନ୍ତି । ପକ୍ଷାନ୍ତରେ କେବଳ ତୀକ୍ଷ୍ଣବୁଦ୍ଧି ହେଲେ କେହି ଏ ପଦର ଉପଯୁକ୍ତ ହୋଇ ନ ପାରେ । ଭାରତବର୍ଷର ବର୍ତ୍ତମାନ ଅବସ୍ଥା ଏପରି ଅଛି ଯେ ଅନେକଗୁଡିଏ କର୍ମ ଅବଶ୍ୟ ଇଂରାଜଙ୍କ ହସ୍ତରେ ରହିବ ସେସମସ୍ତ ଦେଶୀୟ ଲୋକଙ୍କୁ ଦିଆଯାଇ ନ ପାରେ ଏବଂ ଭାରତବର୍ଷର ସବୁପ୍ରଦେଶର ଅବସ୍ଥା ଏକପ୍ରକାର ନୁହେ । କେଉଁଠାର ଲୋକ ଅଧିକ ବଳବାନ୍ ଓ ସାହସୀ ଏବଂ ଅପର କେଉଁ ସ୍ଥାନର ଲୋକ ବୁଦ୍ଧି ବିଦ୍ୟାରେ ଉନ୍ନତ । ବଙ୍ଗାଳିମାନେ ଲେଖାପଢାରେ ଅତ୍ୟନ୍ତ ନିପୁଣ ମାତ୍ର ଏମାନଙ୍କୁ ପଶ୍ଚିମାଙ୍କ ଉପରେ କର୍ତ୍ତୃତ୍ୱ ଦେବା ବଡ ବିପଦର କଥା । ଏପ୍ରକାର ଅବସ୍ଥା ହେବାରୁ ପ୍ରଥମେ ରାଜ୍ୟକୁ ନିରାପଦ ରଖିବାର ଉଚିତ ପଶ୍ଚାତ୍ ଦେଶ କାଳ ପାତ୍ର ଓ ବିଶ୍ୱାସୀଲୋକ ବୁଝି କ୍ରମେ ୨ ଉଚ୍ଚପଦ ଦେବାକୁ ହେବ । ଅତଏବ ଏ ବିଷୟର ମୀମାଂସା ନିମିତ୍ତ କାର୍ଯ୍ୟର ଶ୍ରେଣୀ ବିଭାଗ କରିବା ଆବଶ୍ୟକ ହୋଇଅଛି ଅର୍ଥାତ୍ ଯେଉଁ କର୍ମ ସକାଶେ ଦେଶୀୟମାନେ ଉପଯୁକ୍ତ ଅଛନ୍ତି ଏବଂ ଯେଉଁ କର୍ମସବୁ ଇଂରାଜଙ୍କ ହାତରେ ରହିବ ଏସମସ୍ତ ପୃଥକ୍ କରି କ୍ରମେ ଦେଶୀୟ ଲୋକଙ୍କ ପଦ ବୃଦ୍ଧି ଦିଆଯିବ । ଏରୂପ ନିୟମ ଶୀଘ୍ର ସ୍ଥିର କରିବାର ଆବଶ୍ୟକ ହୋଇଅଛି ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବାକାରଣ ଲାଟସାହେବ ଅତ୍ୟନ୍ତ ଉତ୍ସାହୀ ହେବେ । ଯେବେ ଲର୍ଡ ଲିଟନ ଏ କଥାଟିକୁ କାର୍ଯ୍ୟରେ ପରିଣତ କରନ୍ତି ତାହାହେଲେ ତାହାଙ୍କର କଥାସବୁ ସାର୍ଥକ ହେବ ଓ ଦେଶୀୟଲୋକମାନେ ତାହାଙ୍କୁ ବିଶେଷ ଧନ୍ୟବାଦ ଦେବେ ସନ୍ଦେହ ନାହିଁ ।

# ସାପ୍ତାହିକସଂବାଦ ।

ଅସ୍ମମାନଙ୍କର ନୂତନ କମିଶନର ସାହେବ ଅଦ୍ୟ ପୁରୀକୁ ଯାତ୍ରା କରିବେ । ଶୁଣାଯାଏ ଯେ ସେଠାରେ ଅନ୍ୟ କମିଶନରଙ୍କ ପ୍ରାୟ ଏକମାସ ନ ରହି ଆଠ ଦଶଦିନରେ ଫେରି ଆସିବେ । ଗୋବିନ୍ଦଦ୍ୱାଦଶୀ ପର୍ବରେ ସେଠାରେ ମନୁଷ୍ୟ ମରି ପଡିଥିବାର ଅବସ୍ଥା ସବୁ ତଦନ୍ତ କରିବା ତାହାଙ୍କର ବିଶେଷ କାର୍ଯ୍ୟ ବୋଲି ଶୁଣାଯାଏ ।

କଲିକତା ମେଡିକଲ କଲେଜର ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି ତହିଁରେ ଦେଖିଲୁଁ ଯେ କଟକ ସ୍କୁଲର ପୂର୍ବ ଛାତ୍ର ବାବୁ ଶ୍ୟାମାଚରଣ ଘୋଷ ପ୍ରଥମ ଏଲ, ଏମ, ଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଓଡିଶା ପକ୍ଷରେ ଏହା ଶୁଭସମ୍ବାଦ ଅଟଇ ।

ଓଡିଶା ଗଡଜାତର ଅସିଷ୍ଟାଣ୍ଟସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ଗତ ମାସ ପର୍ଯ୍ୟନ୍ତ ଆପଣା କର୍ମରେ ରହିବେ ବୋଲି ଗତବର୍ଷ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଥିଲେ କିନ୍ତୁ ତାହାଙ୍କ ପ୍ରାର୍ଥନାନୁସାରେ ଆଉ ଚାରିମାସ ରହିବା କାରଣ ଶ୍ରୀଯୁକ୍ତ ବୀମସ୍ ସାହେବ କମିଶନର ରିପୋର୍ଟ କରିବାର ଶୁଣାଯାଏ ।

ଗତ ସପ୍ତାହରୁ ଦୁଇ ତିନଥର ବୃଷ୍ଟି ଓ ଆକାଶ ମେଘାଚ୍ଛନ୍ନ ହୋଇଥିବାରୁ ବାୟୁ ଶୀତଳ ଅଛି ଓ ଗ୍ରୀଷ୍ମ ଅତ୍ୟନ୍ତ ଉଣା ହୋଇଅଛି ।

ହାରବରମାଷ୍ଟର ବଣ୍ଡ ସାହେବ ଛୁଟୀ ନେଇ ବିଲାତକୁ ଯାଉଅଛନ୍ତି । ଏହିମାସରେ ସେ ଯାତ୍ରା କରିବେ ।

ଶ୍ରୀଯୁକ୍ତ ରେବନ୍ସା ଓ ବେଲି ସାହେବମାନେ ବଙ୍ଗଳା ବ୍ୟବସ୍ଥାପକ ସଭାର ସଭ୍ୟ ହେବାର କଥା ଅଛି ।

କଟକର ପୂର୍ବ ଜଜ ଶ୍ରୀଯୁକ୍ତ ବ୍ରାଉନ ସାହେବ ପାଟନାର ଜଜ ହୋଇଅଛନ୍ତି । ଏ ସ୍ଥାନଟି ପାଇବାକୁ ତାହାଙ୍କର ବାସନା ଥିଲା ।

ହିନ୍ଦୁପେଟ୍ରିଅଟକୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଲକ୍ଷ୍ମୀପୁରରେ ଗୋଟିଏ ଗଛ ଅଛି ଯେ ତାହାର ପତ୍ରମାନ ଝିଟିକା ଆକୃତିରେ ବାହାରି ଯେତେ ବଢୁଥାଏ ତେତେ ଠିକ ଝିଟିକାର ରୂପକୁ ଧାରଣ କରୁଥାଏ । ପରିଶେଷରେ ଗୋଟିଏ ୨ ପତ୍ର ଗୋଟିଏ ୨ ଝିଟିକାର ପୂର୍ଣ୍ଣାକୃତି ପ୍ରାପ୍ତ ହୋଇ ଉଡି ବାହାରି ଯାଏ । ଏ ଗଛ ଆପେ ଜନ୍ମ ହୁଅଇ ଓ ଏକବୃକ୍ଷରୁ ଅନ୍ୟ ବୃକ୍ଷ ଜାତ ହେବାର ଦେଖା ଯାଇ ନାହିଁ । ଅନେକ ଲୋକ ଏ ଆଶ୍ଚର୍ଯ୍ୟ ବୃକ୍ଷକୁ ଦେଖିଅଛନ୍ତି ଓ ତହିଁର ତତ୍ତ୍ୱ କିଛି ବୁଝି ପାରୁ ନାହାନ୍ତି । ବିଜ୍ଞାନ ପଣ୍ଡିତଙ୍କ ସକାଶେ ଏ ବୃକ୍ଷ ଗୋଟିଏ ଚମତ୍କାର ଅନୁସନ୍ଧାନର ବିଷୟ ଅଟଇ ।

ବନାରସ କଲେଜର ଜଣେ ଦେଶୀୟ ଅଧ୍ୟାପକ ଜଣେ ଛାତ୍ରକୁ ଏକ ଚାପୁଡା ମାରିବାରୁ ଛାତ୍ରଟି ତତ୍କ୍ଷଣାତ୍ ତାହା ଅଧ୍ୟାପକଙ୍କୁ ଫେରାଇ ଦେଲା ଏଥିରେ ଦୁହିଙ୍କ ମଧ୍ୟରେ କଲିଣ ଯୁଦ୍ଧ ହେଲା କିନ୍ତୁ କିଏ ଜିଣିଲା ତାହା ନିଶ୍ଚୟ କରିବା ପୂର୍ବ କଲେଜର ପ୍ରିନ୍ସିପଲ ଓ ଅନ୍ୟାନ୍ୟ ଶିକ୍ଷକମାନେ ଆସି ଭାଙ୍ଗି ଦେଲେ । ଛାତ୍ରଟି ଅଧ୍ୟାପକଙ୍କ ଯୋଗ୍ୟ ଅଟଇ ।

ମହାମାନ୍ୟ ଲର୍ଡ ଲିଟନ ସାହେବ ଆପଣା ସଭାସ୍ଥ ଦେଶୀୟ ସଭ୍ୟଙ୍କର ବିଶେଷ ଖାତିର କରିଅଛନ୍ତି । ପୂର୍ବେ ବ୍ୟବସ୍ଥାପକସଭାର ଇଂରାଜ ସଭ୍ୟମାନେ କେବଳ ଜଳଖିଆ ପାଉଥିଲେ ଏ ମହାଶୟ ଏଥର ଏମନ୍ତ ବନ୍ଦୋବସ୍ତ କଲେ ଯେ ଯେତେବେଳେ ଇଂରାଜ ସଭ୍ୟମାନେ ଜଳଖିଆ କରି ବସିଲେ ତେତେବେଳେ ଦେଶୀୟ ସଭ୍ୟଙ୍କ ସକାଶେ ଦେଶୀୟ ରୀତ୍ୟନୁସାରେ ମିଷ୍ଟାନ୍ନ ଏକ ୨ ଥାଳରେ ସଜାଡି ତାହାଙ୍କ ସମ୍ମୁଖରେ ରଖା ଗଲା । ଦେଶୀୟ ସଭ୍ୟମାନେ ଏଥିରେ ବିଶେଷ ଆପ୍ୟାୟିତ ହେଲେ ।

ଉତ୍ତରପାଡାର ହିତକାରୀ ସଭାର କାର୍ଯ୍ୟରେ ମାନ୍ୟବର ଗବର୍ଣ୍ଣର ଜେନରଲ ସାହେବ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତହିଁର ଚିହ୍ନ ସ୍ୱରୂପ ଉକ୍ତ ସଭାକୁ ଟ ୨୦୦ଙ୍କା ଦାନ କରିଅଛନ୍ତି ।

ବାବୁ ଗିରୀଶଚନ୍ଦ୍ର ଘୋଷ କଲିକତା ଛୋଟ ଅଦାଲତର ଜଣେ ଜଜଙ୍କ ପଦରେ ନିଯୁକ୍ତ ହୋଇଅଛନ୍ତି ।

## ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କମିଶ୍ନରଙ୍କଠେଣ୍ଟି ଦିହା ମଧ୍ୟରେ ଗଡଜାତପୁଲିସ କଚେରିରେ କେତେକଖୁଲାବାରୁଦ ଓ ସୀସାର ଗୁଳିମାନ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ବାରୁଦ ପ୍ରତ୍ୟେକ ପାଉଣ୍ଡ ଓ ସୀସା ପ୍ରତ୍ୟେକ ପାଉଣ୍ଡ ସକାଶେ ଯେଉଁମାନେ ଯେତେ ମୂଲ୍ୟ ଦେଇ ତାହା ନେବାକୁ ଚାହିଁବେ ସେମାନଙ୍କର ଅବେଦନ ଆମ୍ଭେ ଅପ୍ରେଲମାସ ତା ୧୪ ରିଖ ପର୍ଯ୍ୟନ୍ତ ଶୁଣିବୁଁ । ବର୍ତ୍ତମାନ ବନ୍ଧୁକର ଖୁଲା ବାରୁଦ ୭୦୦ ପାଉଣ୍ଡରୁ ଅଧିକ ଓ ସୀସା ୮୦୦ ପାଉଣ୍ଡରୁ ଅଧିକ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି । ଏପ୍ରକାରେ ବିକ୍ରୟ ହୋଇ ଯାଇ ତା ୨୦ ରିଖ ଅପ୍ରେଲ ପ୍ରାତଃକାଳକୁ ଯେ ବାକୀ ଥିବ ତାହା ସରକାରୀ ନିଲାମଦ୍ୱାରା ଉକ୍ତ ତାରିଖ ଦୁଇପ୍ରହରଂ ସମୟେ ବିକ୍ରୟ ହେବ ଓ ଅନ୍ୟାନ୍ୟ ଜିନିସମାନ ମଧ୍ୟ ତହିଁ ସଙ୍ଗେ ବିକ୍ରୟ ହେବ । ଓ ସେ ବାରୁଦ ଅତସବାଜୀ ଓ କୌଣସି ଚଳକୁ ଚଲାଇବା ଓଗେର କର୍ମ ସକାଶେ ଉତ୍ତମରୂପେ ଉପଯୁକ୍ତ ଅଟେ ।

Cuttack 5—4—77

By order
DAVID J. POOLE,
*Dist. Supdt. of Police,*
GURJATS POLICE.

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED NO. 32


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ | ସଂ ୧୫ ଖ୍ୟା
ତା ୧୪ ରିଖ ଅପ୍ରେଲ ସନ ୧୮୭୭ ମସିହା । ମୂ । ବୈଶାଖ ଦି ୪ ନ ସନ ୧୨୮୪ ସାଲ ଶନିବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇଁ ଡାକମାସୁଲ ଟ ୧।/

ଉତ୍କଳଦର୍ପଣରୁ ଜଣାଗଲା ଯେ ଦାଖଲଖାରଜର ଅବସ୍ଥା କଟକରେ ଯେମନ୍ତ ସେଠାରେ ମଧ୍ୟ ତେମନ୍ତ ଅଟଇ ବରଂ ସେଠା ଲୋକେ ଅଧିକ କ୍ଲେଶରେ ପଡ଼ିଅଛନ୍ତି । କାରଣ ସେଠାରେ ଦୈବ ଓ ସ୍ଥାନୀୟ ହାକମ ଉଭୟ ସେମାନଙ୍କର ପ୍ରତିକୂଳ ହୋଇଅଛି, ଓଲାଉଠାରୋଗ ପ୍ରବଳ ଥିବାରୁ ମୋଫସଲରୁ ପ୍ରାଣ ଭୟରେ ଲୋକେ ଆସିପାରୁ ନାହାନ୍ତି ଏବଂ ଏମାସ ଶେଷ ପର୍ଯ୍ୟନ୍ତ ମିଆଦ ଥିଲେହେଁ ଆଗଠାରୁ କଲେକ୍ଟର ସାହେବ ଘୋଷଣା ଦେଲେଣି ଯେ ମିଆଦ ଗତ ହେଲା ଉତ୍ତାରୁ ଆଇନମତେ ଜରିମାନା କରିବେ ! ଯେବେ ଏକଥା ସତ୍ୟ ହୁଅଇ ତେବେ ନରମାନ ସାହେବଙ୍କ ହୃଦୟ ବଡ଼ କଠିନ ବୋଲିବାକୁ ହେବ । ପ୍ରଜାଙ୍କ ସୁଖ ଦୁଃଖରେ ତାହାଙ୍କର କିଛିମାତ୍ର ସହାନୁଭୂତି ନାହିଁ ତାହା ଥିଲେ ସେ ଅବଶ୍ୟ ମିଆଦ ବଢ଼ାଇବାର ଙ୍ମା ଆମ୍ଭମାନଙ୍କ କଲେକ୍ଟରଙ୍କ ପରି ପ୍ରଜାଙ୍କର କଷ୍ଟ ଯଥାସାଧ୍ୟ ନିବାରଣ କରିବାକୁ ଚେଷ୍ଟା କରନ୍ତେ ।

---

ଗତସପ୍ତାହର କଲିକତା ଗଜେଟରେ ହାକମଙ୍କ ପରିବର୍ତ୍ତନ ଆଣ୍ଣମାନ ବାହାରି ଅଛି । ତହିଁରୁ ଦେଖାଯାଏ ଯେ ବୋର୍ଡର ମେମ୍ବର ସାକ୍ ସାହେବଙ୍କ କର୍ମରେ ଶ୍ରୀଯୁକ୍ତ ଡମ୍ପିଅର ସାହେବ ନିଯୁକ୍ତ ହେଲେ ଓ ସେ ବିଲାତରୁ ଆସିବା ପର୍ଯ୍ୟନ୍ତ ଶ୍ରୀଯୁକ୍ତ ରେଭେନ୍ସାସାହେବ ଉକ୍ତ କର୍ମରେ ଏକଟିଂ ରହିଲେ । ରେଭେନ୍ସା ସାହେବ ଯାବତ ଉକ୍ତ କର୍ମରେ ରହିଲେ ତାବତ ଶ୍ରୀଯୁକ୍ତ ବମ୍ସ ସାହେବ ଓଡ଼ିଶାର କମିଶ୍ନର ଏବଂ ଶ୍ରୀଯୁକ୍ତ ଟୋଏନବି ସାହେବ କଟକର କଲେକ୍ଟର ନିଯୁକ୍ତ ହେଲେ । ବୋର୍ଡର ଅନ୍ୟ ମେମ୍ବର ଶ୍ରୀଯୁକ୍ତ ମନସାହେବ ଛୁଟି ନେବାରୁ ଶ୍ରୀଯୁକ୍ତ ବକଲାଣ୍ଡ ସାହେବ ତାହାଙ୍କ କର୍ମରେ ନିଯୁକ୍ତ ହେଲେ । ପାଟନାର କମିଶ୍ନର ବେଲି ସାହେବ ଗବର୍ଣ୍ଣମେଣ୍ଟ ବଙ୍ଗାଳର ସେକ୍ରେଟେରି ହେଲେ ଓ ମଲୋନସାହେବ ପାଟନାର କମିଶ୍ନର ହେଲେ । ମାତ୍ର ମଲୋନସାହେବ ବିଲାତରୁ ଫେରି ଆସିବା ପର୍ଯ୍ୟନ୍ତ ମାଙ୍ଗଲସ୍ ସାହେବ ଉକ୍ତ କର୍ମରେ ଏକଟିଂ ରହିଲେ ପଶ୍ଚାତ ଏ ମହାଶୟ ଭାଗଲପୁରର କମିଶ୍ନର ହେବେ ; ଶ୍ରୀଯୁକ୍ତ ଡମ୍ପିଅର ସାହେବଙ୍କର ଛୁଟି ଆଉ ଚାରି ପାଞ୍ଚମାସ ଅଛି ଓ କଥିତ ହୁଅଇ ଯେ ସେ ଫେରି ଆସିଲେ ରେଭେନସାସାହେବ ଛୁଟିନେଇ ବିଲାତକୁ ଯିବେ ସୁତରାଂ ଓଡ଼ିଶା ସକାଶେ ଯେ ବନ୍ଦୋବସ୍ତ ହୋଇ ଅଛି ତାହା ଅଳ୍ପକାଳ ସକାଶେ ନୁହଇ ଫଳତଃ ବଡ଼ ସୁଖର ବିଷୟ ଯେ ଲେଫ୍ଟେନେଣ୍ଟ ଗବର୍ଣ୍ଣରଠାରୁ କଟକର କଲେକ୍ଟର ପର୍ଯ୍ୟନ୍ତ କେବଳ ଓଡ଼ିଆ ହାକମମାନେ ନିଯୁକ୍ତ ହୋଇ ଅଛନ୍ତି ଏବଂ ଓଡ଼ିଶା ପକ୍ଷରେ ଏହା ଗୌରବର ବିଷୟ ଅଟଇ ।

---

ଦେୱାନୀ ଅଦାଲତର ନୂତନ କାର୍ଯ୍ୟବିଧି ସନ ୧୮୭୭ ମସିହାର ୧୦ ଆଇନ ନାମଧେୟରେ ଗତମାସରେ ବିଧିବଦ୍ଧ ହୋଇ ଅଛି । ଆଗାମୀ ଅକ୍ଟୋବର ମାସରୁ ପ୍ରଚଳିତ ହେବ । ଏ ଆଇନ ବିରୁଦ୍ଧରେ ଯେ ସମସ୍ତ ଆବେଦନପତ୍ରମାନ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଥିଲା ତହିଁର ଆପତ୍ତିମାନ ବଡ଼ ଲାଗିଲା ନାହିଁ ତେବେ ଦୁଇ ଏକ କଥା ଯଥା ସୁଧର ଦର ଓ ୬୦ ବର୍ଷରୁ ଅଧିକକାଳ ପର୍ଯ୍ୟନ୍ତ ଦେଣ ଆଦାୟ ହେବାର ନିୟମ ଇତ୍ୟାଦି ସଂଶୋଧିତ ହୋଇ ଅଛି ଏବଂ ଯୋତହୀନ ହେବାର ନିୟମ ସମ୍ବନ୍ଧରେ ଆଇନଦ୍ୱାରା ପ୍ରଚଳିତ ନ ହୋଇ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ସ୍ୱେଚ୍ଛାଧୀନ ରହିଅଛି ଅର୍ଥାତ ଯେତେବେଳେ ଯେଉଁ ପ୍ରଦେଶରେ ଉକ୍ତ ବିଧି ପ୍ରଚଳିତ ହେବାର ବିଜ୍ଞାପନ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଦେବେ ତେତେବେଳେ ସେଠାରେ ତାହା ପ୍ରଚଳିତ ହେବ । ଏ ସବୁ ସାମାନ୍ୟ କଥା କିନ୍ତୁ ଆଇନରେ ଗୋଟିଏ ପ୍ରଧାନ ଦୋଷ ଯାହା ଲକ୍ଷିତ ହେଉଥିଲା ତାହା ସଂଶୋଧିତ ହେବାରୁ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛୁଁ ଓ ତହିଁପାଇଁ ମହାରାଜା ଯୋତୀନ୍ଦ୍ରମୋହନ ଠାକୁର ଏବଂ ଲର୍ଡନର୍ଥବ୍ରୁକଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ । ପ୍ରଥମ ଲିଖିତ ମହାଶୟ ଉକ୍ତ ସଂଶୋଧନର ପ୍ରସ୍ତାବ କଲେ ଓ ଶେଷ ଲିଖିତ ମହାଶୟଙ୍କ ମତରେ ତାହା ସମ୍ପୂର୍ଣ୍ଣ ହେଲା । ଉକ୍ତ ବିଷୟଟି ଏହି ଯେ ସରକାରୀ

Digitized by srujanika@gmail.com

Split by PDF Splitter



ମକଦ୍ଦମାମାନ ପ୍ରଥମ ଅଦାଲତରେ ଗୃହୀତ ନ ହୋଇ କେବଳ ଜଜସାହେବଙ୍କ ଅଦାଲତରେ ଗୃହୀତ ହେବାର ପ୍ରସ୍ତାବ ହୋଇ ଥିଲା ଏଥିରେ ଯେମନ୍ତ ଦେଶୀୟ ବିଚାରକର୍ତ୍ତାଙ୍କର ଅପମାନ ତେମନ୍ତ ସରକାରୀ ମୋକଦ୍ଦମାପ୍ରତି ପକ୍ଷପାତିତ୍ୱ ପ୍ରଦର୍ଶିତ ହୋଇଥିଲା । ମାତ୍ର ତାହା ଆଉ ରହିଲା ନାହିଁ । ବର୍ତ୍ତମାନପର ନୂତନ ଆଇନ ଜାରୀ ହେଲେ ସ୍ବବା ମୁନସଫ ଓ ସବର୍ଡିନେଟ ଜଜମାନେ ସରକାରୀ ମୋକଦ୍ଦମାସବୁ ଗ୍ରହଣ ଓ ବିଚାର କରି ପାରିବେ ।

---

ବଙ୍ଗଳା ବ୍ୟବସ୍ଥାପକ ସଭାର ଗତ ଶନିବାର ଅଧିବେଶନରେ ମାନ୍ୟବର ରେନଲଡ୍ସ ହେବ ପ୍ରଦେଶୀୟ କାର୍ଯ୍ୟ ସକାଶେ କର ଧାର୍ଯ୍ୟ କରିବାର ଆଇନର ପାଣ୍ଡୁଲିପି ଆଗତ କରିଥିଲେ କେବଳ ରୋଡସେସକୁ ବୃଦ୍ଧି କରି ସେହି ବୃଦ୍ଧି ଟଙ୍କାକୁ ନୂତନ କର ସ୍ୱରୂପ ଗଣ୍ୟ କରିବାର ପ୍ରସ୍ତାବ ହୋଇଅଛି । ତାହା ହେଲେ କେବଳ ଜମିଦାର ଓ କୃଷିଙ୍କ ଉପରେ ଏ କରଟି ବସିଲା ଅପର ଶ୍ରେଣୀର ପ୍ରଜାମାନେ ନିସ୍ତାର ରହିଲେ । ମାନ୍ୟବର ବାବୁ କୃଷ୍ଣଦାସ ପାଲ୍ ଏ ଆଇନ ପ୍ରତି ଆପତ୍ତି କରି ଲବଣକର ବୃଦ୍ଧି କରିବାର ପ୍ରସ୍ତାବ କରିଥିଲେ ମାତ୍ର ତହିଁରେ ଲେଫ୍ଟନାଣ୍ଟ ଗବର୍ଣ୍ଣର ସମ୍ମତ ହେଲେ ନାହିଁ ଓ ଅନ୍ୟ କୌଣସି ପ୍ରସ୍ତାବ ନ ହେବାରୁ ଉକ୍ତ ପାଣ୍ଡୁଲିପି ଗୃହୀତ ହୋଇ ବିଚାର ନିମିତ୍ତ ବିଶେଷ କମିଟିଙ୍କ ହସ୍ତରେ ଅର୍ପିତ ହୋଇଅଛି ।

ବଲାହ୍ଲାର ଜଲକର ଆଇନର ପାଣ୍ଡୁଲିପି ଅଦ୍ୟାପି ସଭାରେ ଉପସ୍ଥିତ ହୋଇ ନାହିଁ ସୁତରାଂ କି ପରିମାଣରେ ଏ କର ଗୃହୀତ ହେବ ବୋଲି ଯାଇ ନ ପାରେ କିନ୍ତୁ ପ୍ରଥମଦିନ ସଭାରେ ଶ୍ରୀଯୁକ୍ତ ରେବନସା ସାହେବ ଯେରୂପ ବ୍ୟକ୍ତ କରିଥିଲେ ତହିଁରୁ ବୋଧ ହୁଅଇ ଜଲକରର ଭାଉ ଟାଣ ହେବ । ସାହେବ ପ୍ରସଂସିତ୍ତ ସଭାରେ କହିଲେ କି ବଙ୍ଗଳାରେ ଯେଉଁ ୨୭ ଲକ୍ଷ ଟଙ୍କା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ନେବାକୁ ଆଜ୍ଞା ଦେଇଅଛନ୍ତି ତହିଁ ମଧ୍ୟରେ ୨୨ ଲକ୍ଷ ଟଙ୍କା କେବଳ ନାଲ ଓ ତତ୍ସମ୍ପର୍କୀୟ କାର୍ଯ୍ୟ ବାବତର ଅଟଇ ଏଥିରୁ କେବଳ ଟ ୪,୨୫,୦୦୦ ଙ୍କା ବର୍ତ୍ତମାନର ସ୍ୱେଚ୍ଛାଧୀନ ଜଲକର ଦେବା ନିୟମରେ ଆଦାୟ ହେବାର ଅନୁମାନ ହୋଇଅଛି । ସମ୍ପ୍ରତି ଯେଉଁ ନାଲମାନ ଅଛି ତହିଁରୁ ପ୍ରାୟ ସାତଲକ୍ଷ ମାଣ ଜମିରେ ଜଳ ମଡ଼ାଯାଇ ପାରେ ଓ ନାଲର ସମସ୍ତ କର୍ମ ଶେଷ ହେଲେ ଆଗାମୀ ପାଞ୍ଚବର୍ଷକୁ ଏଗାରଲକ୍ଷରୁ ଅଧିକ ଭୂମିକୁ ନାଲ ଜଳ ଦିଆ ଯାଇ ପାରିବ କିନ୍ତୁ ଲୋକେ ଇଚ୍ଛା ପୂର୍ବକ ଅତ୍ୟଳ୍ପଭୂମି ସକାଶେ ପଟ୍ଟା ନେଉ ଅଛନ୍ତି ସୁତରାଂ ବଲାହ୍ଲାର ଜଲକର ନ ବସାଇଲେ ନାଲର ବ୍ୟୟ କଦାଚ ନିର୍ବାହ ହୋଇ ନ ପାରିବ କାରଣ ସେମାନେ ଜଲ ନେଉନ୍ତୁ ବା ନ ନେଉନ୍ତୁ ଗବର୍ଣ୍ଣମେଣ୍ଟଙ୍କର ଖର୍ଚ୍ଚା ହେବାର ବନ୍ଦ ନାହିଁ । ଆଉ ଏପରି କର ବସାଇଲେ ଲୋକଙ୍କର କଷ୍ଟ ହେବ ନାହିଁ କାରଣ ନାଲ ଜଲଦ୍ୱାରା ଭୂମିର ଏତେ ଉନ୍ନତିସାଧନ ହେବ ଯେ କର ଯେତେ ନିଆ ଯାଉ ଭୂମିର ଉତ୍ପନ୍ନ ତହିଁରୁ ଅଧିକ ହେବ ।

ଶ୍ରୀଯୁକ୍ତ ରେବନସା ସାହେବଙ୍କ କଥାରୁ ଅନୁମାନ ହେଉଅଛି ଯେ ଜଲକର ମାଣ ପ୍ରତି ଦୁଇଟଙ୍କାରୁ ଊଣା ହେବ ନାହିଁ ମାତ୍ର ଏହା ହେଲେ କୃଷିମାନେ କଷ୍ଟ ଭୋଗ କରିବେ ସନ୍ଦେହ ନାହିଁ ।

---

ଟାଉନକମିଟୀ ।

ଗତମାସ ତା ୯ ରିଖରେ ଏ ନଗରସ୍ଥ ଟାଉନକମିଟିର ସଭା ହୋଇଥିଲା ତହିଁରେ ଯେ ସମସ୍ତ କାର୍ଯ୍ୟ ହେଲା ତହିଁର ବିବରଣର ଏକଖଣ୍ଡ ପ୍ରତିଲିପି ଅମ୍ଭେମାନେ ପାଇଥିବାରୁ ଶ୍ରୀଯୁକ୍ତ ଏକଷ୍ଟିଂ ମାଜିଷ୍ଟ୍ରେଟ ଟେଏନସା ସାହେବଙ୍କୁ ଧନ୍ୟବାଦ ଦେଉଅଛୁଁ । କାରଣ ଏଥିରୁ ଜଣାଯାଏ ପୂର୍ବର ଅବସ୍ଥା ପରିବର୍ତ୍ତନ ହୋଇଅଛି ଏବଂ ବର୍ତ୍ତମାନ ମାଜିଷ୍ଟ୍ରେଟଙ୍କର ଇଚ୍ଛା ଯେ କମିଟିର କାର୍ଯ୍ୟ ସର୍ବସାଧାରଣ ଅବଗତ ହେଉନ୍ତୁ ଏଥିରୁ ନିଶ୍ଚୟ ଏମନ୍ତ ଅନୁମାନ ହେଉଅଛି ଯେ ସର୍ବସାଧାରଣଙ୍କର ମତାମତ ଶୁଣିବା ତାହାଙ୍କର ଇଚ୍ଛା ! ବାସ୍ତବରେ ଅମ୍ଭେମାନେ ଶୁଣିଅଛୁଁ ଯେ ଏଥର କମିଟିରେ ଅନେକ ସଭ୍ୟ ନିର୍ଭୟରେ ଆପଣା ମତାମତ ପ୍ରକାଶ କରି ପାରିଥିଲେ ଓ ପୂର୍ବପରି କାଷ୍ଠପିତୁଳା ପ୍ରାୟ ବସି ସଭାପତିଙ୍କ ପ୍ରସ୍ତାବରେ ମୁଣ୍ଡ ଟୁଙ୍ଗାର ନ ଥିଲେ । ଏ ସମସ୍ତ ଶୁଭଲକ୍ଷଣ ଅଟଇ ଓ ଏଥିରେ ଟାକ୍ସଦାତାଙ୍କର ମଙ୍ଗଳ ହେବ ଏମନ୍ତ ଆଶା ହେଉଅଛି ।

ଏସଭାରେ ନିମ୍ନଲିଖିତ କାର୍ଯ୍ୟମାନ ହୋଇଅଛି ଯଥା—

୧ । ପୁଲିସଖର୍ଚ୍ଚା ଅଥିକା ଟ ୪୭୭ଙ୍କା ଯାହା ଗତବର୍ଷ ଥାଁଇ ଇଷ୍ଟିମିଟ ହୋଇଅଛି ବାହାଲ ରହିଲା ମାତ୍ର ଏକଶତ ଟଙ୍କାରେ ଜଣେ ସେକ୍ରେଟରୀ ନ ରହି ତହିଁର ଅର୍ଦ୍ଧେ ବେତନରେ ଜଣେ ଓବରସିଅର ରଖିବାକୁ ହେବ ।

୨ । ଶ୍ରୀଯୁକ୍ତ ଟେଏନସା ସାହେବ ଟାଉନକମିଟିର ସଭାପତି ଓ ଶ୍ରୀଯୁକ୍ତ ହାଣ୍ଡଲି ସାହେବ ଜଏଣ୍ଟମାଜିଷ୍ଟ୍ରେଟ ସହକାରୀ ସଭାପତି ହେଲେ ।

୩ । ମିଉନିସିପଲ ଆଇନର ନବମ ଅଧ୍ୟାୟ କି ଯାହା ଅଲ୍ପଦିନ ହେଲା ଗବର୍ଣ୍ଣମେଣ୍ଟ ହାଟ ସକାଶେ ପ୍ରଚଳିତ ହେବ ବୋଲି ଘୋଷଣା ଦେଇଅଛନ୍ତି ଟାଉନକମିଟୀ ତଦନୁସାରେ କର୍ମ କରିବାକୁ ପ୍ରସ୍ତୁତ ନ ଥିବାରୁ ସମ୍ପ୍ରତି ଏହି ନିୟମ ହେଲା କି ତନ୍ତୁରକାର ମଳ୍ଲ ଇତ୍ୟାଦି ଆଇନର ୩୦୩ ଧାରା ଲିଖିତ ଦ୍ରବ୍ୟମାନ ବନା ଖଜଣାରେ ହାଟରେ ବିକ୍ରୟ ହୋଇପାରିବ ଓ ଏପରି ବିକ୍ରେତା କେହି ସଡ଼କ ପାଖରେ ଦ୍ରବ୍ୟ ବିକ୍ରୟ କଲେ ପୁଲିସ ଆଇନାନୁସାରେ ତାହାକୁ ଶାନ୍ତ କରିବାକୁ ହେବ ।

୪ । ପ୍ରତ୍ୟେକ ମାସର ତା ୧୫ ରିଖରେ ଟାଉନକମିଟର ନିୟମିତ ସଭା ହେବ ମାତ୍ର ଉକ୍ତ ଦିନ ରବିବାର କି ପର୍ବ ପଡ଼ିଲେ ତହିଁ ପରଦିନ ସଭା ହେବ ।

ଉପରଲିଖିତ କାର୍ଯ୍ୟଗୁଡିକ ସୁନ୍ଦର ହୋଇଅଛି ଶ୍ରୀଯୁକ୍ତ ରେବନସା ସାହେବ ଯାହା ହେଉ ଯିବାବେଳେ ଯେ ସେକ୍ରେଟରୀ ନିଯୁକ୍ତ ବିଷୟରେ ଆପତ୍ତି କରି ଟାଉନଫଣ୍ଡର ଉପକାର କରି ଗଲେ ଏହା ବଡ଼ ସୁଖର କଥା ଅଟଇ । ଅମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ଏହି ଯେ ଟାଉନକମିଟୀ କତ୍ରୁଦିନ ପରିଶ୍ରମ କରି ନଗରର ବର୍ତ୍ତମାନ ଦୁରବସ୍ଥାକୁ ମୋଚନ କରନ୍ତୁ ଓ ତାହା କରିବା ପୂର୍ବ ଲୋକଙ୍କଠାରୁ ଅଧିକ ଟାକ୍ସ ଉସୁଲ କରିବାରୁ ଶାନ୍ତ ରହନ୍ତୁ ।

---

ନାଲଜଲ ଓ ଆଗାମୀ ବନ୍ଦୋବସ୍ତ ।

ସନ ୧୮୭୬ ମସିହା ତା ୧୯ ରିଖ ଜୁଲାଇରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକ୍ରମେ ଓଡ଼ିଶା ର କମିଶନର ଏକଖଣ୍ଡ ବିଜ୍ଞାପନ ଜାରି କରିଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ତହିଁର ପ୍ରଥମ ଦଫାରେ ଲେଖାଥିଲା କି ଭବିଷ୍ୟତ୍‌ରାଜସ୍ୱ ବନ୍ଦୋବସ୍ତରେ ନାଲଜଲ ବ୍ୟବହାର କରୁଥିବା ଭୂମି ଅନ୍ୟ ଭୂମିସହିତ ତୁଲ୍ୟ ଜ୍ଞାନ ହେବ ଏବଂ ଦ ୮ ଫାରେ ଅଛିର ଲେଖାଥିଲା ଯେ ନାଲଜଲଦ୍ୱାରା ସାକ୍ଷାତ୍ ବା ଗୌଣ ସମ୍ବନ୍ଧରେ ଭୂମିର ଯେ ଉତ୍କର୍ଷ ସାଧନ ହେବ ଓ ଅଧିକା ଉତ୍ପନ୍ନ ହେବ ତହିଁନିମିତ୍ତ ଭବିଷ୍ୟତ୍ ବନ୍ଦୋବ-

Digitized by srujanika@gmail.com

ସ୍ତରେ ଗବର୍ଣ୍ଣମେଣ୍ଟ ଉକ୍ତ ଭୂମି ଉପରେ ଅଧିକା ରାଜସ୍ୱ ଧାର୍ଯ୍ୟ ହେବ ନାହିଁ । ଏଥିକି ଉକ୍ତ ବିଜ୍ଞାପନର ସମୟଠାରୁ ଓଡିଶାର ବିଶେଷରେ ନାଲର ଅବସ୍ଥା ଅନେକ ପରିବର୍ତ୍ତନ ହୋଇଅଛି । ଇରିଗେସନ କମ୍ପାନୀ ଉଠି ଯାଇଅଛି ଓ ସେସମୟରେ ମାଣପ୍ରତି ଟ ୫୧ ଙ୍କା ଜଳକର ଦାବୀ ହେଉଥିଲା ବର୍ତ୍ତମାନକୁ ତାହା ଅନେକ ଊଣା ହୋଇଅଛି ଓ ଜମିଦାର ଓ ପ୍ରଜାମାନଙ୍କୁ ଏତାଦୃଶ ଉତ୍ସାହ ଦିଆଗଲେ ସୁଦ୍ଧା ସେମାନେ ଅଧିକ ପରିମାଣରେ ନାଲଜଳର ଫଳ ଲାଭ କରିବାକୁ ଚେଷ୍ଟିତ ହୋଇ ନାହାନ୍ତି କାରଣ ଏତେବେଳେ ସୁଦ୍ଧା ପ୍ରତ୍ୟକ୍ଷ ଦେଖାଯାଉଅଛି କି ଯେତେ ଭୂମିରେ ନାଲଜଳ ମାଡପାରେ ତହିଁର ଅତ୍ୟଳ୍ପ ଅଂଶ ଭୂମି ସକାଶେ ପଟ୍ଟା ନିଆ ଯାଇଅଛି । ଅତଏବ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଲାରିତବର୍ଣ୍ଣ ନିମିତ୍ତ ସେକ୍ରେଟରୀ ଅବଷ୍ଟେଟ ଉପର ଲିଖିତ ସନ ୧୮୬୬ ମସିହାର ଘୋଷଣାପତ୍ରଦ୍ୱାରା ଦିଆଯାଇଥିବା ଅଧିକାରର କଥା ବିବେଚନା କରି ଏହି ସ୍ଥିର କରିଅଛନ୍ତି କି ଅଧିକାଂଶ ଲୋକ ଉକ୍ତ ବିଜ୍ଞାପନ ଅନୁସାରେ ନାଲଜଳ ନେଇ ନ ଥିବାରୁ ଗବର୍ଣ୍ଣମେଣ୍ଟ ଯେଉଁ ଅନୁଗ୍ରହ ପ୍ରକାଶ କରିଥିଲେ ତାହା ଆଉ ରକ୍ଷା କରିବାକୁ ବାଧ୍ୟ ହେବେ ନାହିଁ । ସୁତରାଂ ସନ ୧୮୬୭ ମସିହା ମାର୍ଚ୍ଚମାସ ତା ୩୧ ରିଖ ଉତ୍ତାରୁ ସନ ୧୮୬୬ ମସିହାର ବିଜ୍ଞାପନ ରହିତ ହେବ କେବଳ ଯେଉଁମାନେ ସନ ୧୮୬୭ ମସିହା ଅପ୍ରେଲମାସ ତା ୧ ରିଖ-ଠାରୁ ଯେସମସ୍ତ ଭୂମି ସକାଶେ ପ୍ରତିବର୍ଷ ଜଳ ଗୃହୀତ ହୋଇଅଛି ଏବଂ ଅବିଚ୍ଛିନ୍ନରୂପେ ସନ ୧୮୯୭ ମସିହାର ବନ୍ଦୋବସ୍ତ ପର୍ଯ୍ୟନ୍ତ ଗୃହୀତ ହେଉଥିବ ସେହିମି ପ୍ରତି ସନ ୧୮୬୬ ମସିହାର ବିଜ୍ଞାପନ ପ୍ରବଳ ରହିବ ।

ଉପରଲିଖିତ ମର୍ମରେ ଖଣ୍ଡିଏ ବିଜ୍ଞାପନ ଶ୍ରୀଯୁକ୍ତ ରିଭନସା ସାହେବଙ୍କ ଦସ୍ତଖତରେ ବାହାରି ଅଛି ଏବଂ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ଇଚ୍ଛାକ୍ରମେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କଲୁଁ । ନାଲ ସକାଶେ ଓଡିଶାବାସିଙ୍କୁ କେତେପ୍ରକାର ହରବରରେ ପଡିବାକୁ ହେବ ତହିଁର କଳନା ହୋଇ ପାରୁ ନାହିଁ । ଏଣେ ନାଲ ରଖିବା ପାଇଁ କର ଦେବାକୁ ହେବ ତେଣେ ନାଲଜଳରେ କିଛି ଲାଭ ହେଲେ ତହିଁପାଇଁ ଅଧିକା ରାଜସ୍ୱ ଦେବାକୁ ହେବ । ସୁତରାଂ କୌଣସି ଅତେ ପ୍ରଜାର ଉଦ୍ଧାର ନାହିଁ । ପ୍ରଜା କେବଳ କର ଦେବା ପାଇଁ ଜନ୍ମ ହୋଇଅଛନ୍ତି ! ମାତ୍ର ଆମ୍ଭେମାନେ ବୋଧ କରୁଁ ଯେ ଗବର୍ଣ୍ଣମେଣ୍ଟ ଏତେ ନିର୍ଦ୍ଦୟ ହେବେ ନାହିଁ ନାଲ ସକାଶେ ଭୂମିର ଅଧିକ ଉତ୍କର୍ଷ ସାଧନ ହୋଇଥିଲେ ଅଧିକା ଲାଭରୁ ଅଗ୍ରେ ଜଳକର ନିଆ ଯିବ ତହିଁ ଉତ୍ତାରୁ ଯାହା ଲାଭ ରହିବ ତହିଁର କୌଣସି ଅଂଶ ଗବର୍ଣ୍ଣମେଣ୍ଟ ରାଜସ୍ୱସ୍ୱରୂପ ଧରି ନେବେ ବିଜ୍ଞାପନର ଭାବ ଏହିପରି ଅନୁମାନ ହେଉଅଛି । ତଥାଚ ବୁଝି-ବାର କଠିନ ଯେ ଯଦ୍ୟପି ଲୋକେ ଆପଣା ହାତରୁ ସବୁ ଟଙ୍କା ଦେଇ ନାଲକୁ ରଖିଲେ ତେବେ ତଦ୍ଦ୍ୱାରା ତାହାଙ୍କର ଯାହା ଲାଭ ହେଲା ତହିଁର ଭାଗ ଗବର୍ଣ୍ଣମେଣ୍ଟ କି ସକାଶେ ନେବେ ? ଯେବେ ଏ ଯୁକ୍ତି ଠିକ ହୁଅଇ ତେବେ କୌଣସି ପ୍ରଜା ଆପଣା ଭୂମିର ଉତ୍କର୍ଷ ସାଧନ କଲେ ଜମିଦାର ତାହା ଉପରେ କିଛି ଖଜଣା ବଢାଇବା ଅନ୍ୟାୟ ହେବ ନାହିଁ ।

---

### ଦାଖଲ ଖାରଜର ବ୍ୟୟ ।

ଶ୍ରୀଯୁକ୍ତ ଟେଏନବି ସାହେବଙ୍କ ସୁବିଚାରଦ୍ୱାରା ଦାଖଲ ଖାରଜ ପ୍ରାର୍ଥିଙ୍କ ବୃଥାକଷ୍ଟ ନିବାରଣର ଯଥୋଚିତ ଉପାୟ ହେଲା କିନ୍ତୁ ଖର୍ଚ୍ଚରୁ ରକ୍ଷା ପାଇବାର କିଛିହିଁ ଉପାୟ ନାହିଁ । ଆଇନରେ ଇନ୍ତକାଲ ରସୁମ ଭିନ୍ନ ଅନ୍ୟ କିଛି ଖର୍ଚ୍ଚାର କଥା ନାହିଁ କିନ୍ତୁ ବୋର୍ଡ ବିଧି କଲେ ଯେ ଦରଖାସ୍ତରେ ଆଠଅଣାର କୋର୍ଟଫୀସ ଲାଗିବ ଏ ବିଧି ଅମ୍ଭମାନଙ୍କୁ ଅନ୍ୟାୟ ବୋଧ ହେଉଅଛି ତଥାଚ ସେତିକରେ ଖର୍ଚ୍ଚା ସରିଲେ କିଛିହିଁ ନ ବାଧନ୍ତା ବୋର୍ଡ କଲିକତାରେ ବସି ଆଠଅଣା ଖର୍ଚ୍ଚାର ଆଙ୍କିକୁ ଅତି କୋହଳ ମନେ କରୁଥିବେ କିନ୍ତୁ ଜିଲାରେ ଲୋକଙ୍କୁ ତହିଁର ଦଶଗୁଣ ଖର୍ଚ୍ଚା ପଡୁଅଛି । ଯଥା; ନମ୍ବର ଫୀସ ଟ୦। ଅଣା ଦରଖାସ୍ତ ଲେଖାଇ ଟ୦୵ ଅଣାରୁ ଟ୦। ଅଣା କୋର୍ଟଫୀସ ଟ୦୴ ଅଣା ବିସାଖର୍ଚ୍ଚ ଓ ଗୁହାଖର୍ଚ୍ଚା ଟ ୵୴ ଅଣା ଏରୂପ ଟ ୩।୵ ଏତଦ୍ଭିନ୍ନ ମୁକ୍ତିଆର ଇତ୍ୟାଦି ନ୍ୟାଯ୍ୟ ଓ ଅନ୍ୟାଯ୍ୟ ଖର୍ଚ୍ଚା ଟ୧୴୵ ଅଣା ଏରୂପ ଟ୫୧ଙ୍କା— କିନ୍ତୁ ଯେଉଁ ମକଦ୍ଦମାରେ ମୁଜାହେମୀ ଥିବ ସେଥିରେ ଅନେକ ଟଙ୍କା ଖର୍ଚ୍ଚା ହେବ ଓ କୌଣସି ମକଦ୍ଦମାରେ ଟ ୫୧ଙ୍କାରୁ ମଧ୍ୟ କମ ଖର୍ଚ୍ଚା ହୋଇପାରେ । ଅତଏବ ହାରାହାରି ପ୍ରତି ମକଦ୍ଦମାରେ ଟ୫୧ଙ୍କାରୁ କୌଣସିରୂପେ କମଖର୍ଚ୍ଚା ହେବାର ସମ୍ଭବ ନୁହେ । ବନ୍ଦୋବସ୍ତ ସମୟରେ ଲାଖରାଜଜମି ଓ ଜମିଦାରୀର ସଂଖ୍ୟା ପ୍ରାୟ ୪୦୦୦୦ ଥିଲା ବିଭାଗ ଓ ବିକ୍ରୟଦ୍ୱାରା ବର୍ତ୍ତମାନ ତହିଁର ସଂଖ୍ୟା ଦୁଇ ତିନିଗୁଣ ଅଧିକ ହୋଇଥିବ । ହାରାହାରିରେ ଦୁଇଗୁଣ ଧରିଲେ ଅଶୀହଜାର ହେଉଅଛି ଓ ପ୍ରତି ମକଦ୍ଦମାର ଖର୍ଚ୍ଚା ଟ ୫୧ଙ୍କା ହେଲେ ୮୦୦୦୦କୁ ମୋଟରେ ଲୋକଙ୍କର ଚାରିଲକ୍ଷଟଙ୍କା ଖର୍ଚ୍ଚା ପଡିବ ଓ ଲୋକେ ଯେତେଦିନ ମାମଲା-ରେ ବନ୍ଦ ରହିବେ ତହିଁରେ ସେମାନଙ୍କର ଲକ୍ଷେଟଙ୍କାର ଉପାୟ ମାରି ପଡିପାରେ କାରଣ ସେମାନଙ୍କ ମଧ୍ୟରେ ଅଧିକାଂଶ ସଦ୍ୟବ୍ୟବସାୟୀ ଏହିପ୍ରକାରରେ ଦୁଃଖିଲୋକମାନଙ୍କର ସର୍ବସୁଦ୍ଧା ପାଞ୍ଚଲକ୍ଷଟଙ୍କା ଖର୍ଚ୍ଚା ବା ନଷ୍ଟ ହେବ ଲାଭମଧ୍ୟରେ ସରକାରଙ୍କର କେତେକଗୋଟା ରେଜଷ୍ଟ୍ରୀ ଠିକହୋଇ ଲେଖାଯିବ ଓ ସରକାରଙ୍କୁ ତଲବିଫୀସ ଓ କୋର୍ଟଫୀସ ଟିକଲ ବିକ୍ରୟ ଯୋଗେ ୫୦ କି ୬୦ ହଜାର ଟଙ୍କା ମିଳିବ । ବଙ୍ଗଳା ଧନୀଦେଶ ସେଠାରେ ମା ୫୦ ଶରୁ ଊଣା ଲାଖରାଜୀସବୁ ଖାରଜ ପାଇଅଛି । ଓଡିଶା ଦରିଦ୍ରଦେଶ ଥିବାପ୍ରତ୍ୟକ୍ଷେ ସ୍ଥାନୀୟ କର୍ମଚାରୀମାନେ ସେ ବିଧି ଏଠାରେ ଖଟାଇଲେ ନାହିଁ ବଡ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ । ଆମ୍ଭମାନଙ୍କ ପୂର୍ବ ପ୍ରସ୍ତାବ ଅନୁସାରେ ଯଦି ମା୫୦ଶରୁ କମୀ ଲାଖରାଜବୃତ୍ତି ଓ ଟ୬୦ଙ୍କାରୁ କମୀ ସଦରଜମାର ଜମିଦାରୀପ୍ରତି ଦାଖଲଖାରଜର ଆଇନ ସ୍ଥାନୀୟ ହାକିମମାନେ ଖଟାଇ ନ ଥାନ୍ତେ ତେବେ ଦୁଃଖିଲୋକେ ଏତେ ଖର୍ଚ୍ଚାନ୍ତ ହୁଅନ୍ତେ ନାହି କିମ୍ବା ଏତେ କଷ୍ଟ ଭୋଗନ୍ତେ ନାହିଁ । ବର୍ତ୍ତମାନ ମଧ୍ୟ ସମୟ ଯାଇନାହିଁ ଆଜିପର୍ଯ୍ୟନ୍ତ ପ୍ରାୟ ଆଠ ଦଶହଜାର ଦରଖାସ୍ତ ପଡିଥିବ ଏବେ ମଧ୍ୟ ଉପରଲିଖିତ ଜମି ଓ ଜମିଦାରୀକୁ ଖାରଜ ଦେଲେ ବାଙ୍ଗାଲୋକଙ୍କର ଅନେକ ଉପକାର ହେବ ।

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ଏଫ୍, ଏଫ୍, ହାଣ୍ଡଲୀସାହେବ ପୁରୀରୁ ବଦଳୀହୋଇ କଟକର ଜଏଣ୍ଟମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ଓ ଗତ ଶୁକ୍ରବାର କାର୍ଯ୍ୟ ନେଇଅଛନ୍ତି ।

ଶ୍ରୀଯୁକ୍ତ ବିମସ୍ ସାହେବଙ୍କ ମାଜିଷ୍ଟ୍ରେଟ ସମୟର ଶେଷ ପ୍ରଧାନ କାର୍ଯ୍ୟ ବଲରାମପୁରର ରାଜାଙ୍କ ଭାଇ ଓ କେତେଜଣ ଚାକରଙ୍କୁ ଛମାସ ଲେଖାଁଏ କଏଦ ଦେବା ହୋଇଥିଲା । ଏମାନଙ୍କର ଉପରେ ମଧୁପୁର ରାଜାଙ୍କ ପକ୍ଷରୁ

Split by PDF Splitter

Digitized by srujanika@gmail.com

Split by PDF Splitter



ନାଲିଶ ହୋଇଥିଲା ଯେ ଏମାନେ ସରହଦ ବନ୍ଧର ଚିହ୍ନ ସ୍ଥାନାନ୍ତରିତ ବା ଲୋପ କରିଥିଲେ ଯାହାହେଉ ଜଜସାହେବଙ୍କଠାରେ ଅପିଲ ହେବାରେ ସେମାନେ ଖଲାସ ପାଇଅଛନ୍ତି।

ଗତ ବାରୁଣୀଯାତ୍ରାରେ ଏବର୍ଷ ଜାଜପୁରରେ ୧୦।୧୫ହଜାର ଯାତ୍ରୀ ହୋଇଥିଲେ ଓ ଅନ୍ୟାନ୍ୟ ବର୍ଷପରି ଯାତ୍ରା ଲାଗି ରହିଥିଲା। କୌଣସି ଦୁର୍ଘଟନା ଘଟନାହିଁ।

ଜାଜପୁରର ସିରସ୍ତାଦାର ପ୍ରଭୃତଙ୍କ ନାମରେ ଯେଉଁ ବଦନାମୀ ଦରଖାସ୍ତମାନ ପଡିଥିଲା ସ୍ୱୟଂ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ହମସ୍ସାହେବ ସେଠାରେ ଅନୁସନ୍ଧାନ କରିବାରେ ସେସବୁ ଅମୂଳକ ଜଣାଗଲା ସୁତରାଂ ସିରସ୍ତାଦାର ପ୍ରଭୃତି ରକ୍ଷା ପାଇଲେ କେବଳ ଦୁଇଜଣ ମୋହରର ବଦଳି ହେବାର ଆଜ୍ଞା ହୋଇଅଛି।

ବାବୁ ଫକୀରମୋହନ ସେନାପତି ଢେଙ୍କାନାଳର ଅଶିଷ୍ଟାଣ୍ଟମାନେଜର ନିଯୁକ୍ତ ହୋଇଥିବାର ଶୁଣାଯାଏ। ଏ ମହାଶୟ କେତେକ ମାସ ହେଲା ଡୋମପଡ଼ା ରାଜାଙ୍କ ଦେବାନ ହୋଇ ଉତ୍ତମ କାର୍ଯ୍ୟ କରିବାରୁ ଏଥି ମଧ୍ୟରେ ପାଞ୍ଚହଜାର ଟଙ୍କା ପାରିତୋଷିକ ପାଉଅଛନ୍ତି ଏବଂ ମାସକୁ ଏକଶତ ଟଙ୍କା ଲେଖାଁଏ ବେତନ ପାଉଅଛନ୍ତି। ଏମନ୍ତ ମୁନିବଙ୍କୁ ଛାଡିବାର କାରଣ କି?

ବାବୁ କାଳୀକୁମାର ଗାଙ୍ଗୁଲି କଟକ ନଗରର ଓବରସିଅର କମରୁ ବରଖାସ୍ତ ହୋଇ ଢେଙ୍କାନାଳର ଓବରସିଅର ନିଯୁକ୍ତ ହୋଇ ଅଛନ୍ତି। ଢେଙ୍କାନାଳ ଯେମନ୍ତ ଭଗ୍ନ ଦଶା ତହିଁରେ ଜଣେ ପରୀକ୍ଷୋତ୍ତୀର୍ଣ୍ଣ ଓବରସିଅର ଅଥବା ଅଶିଷ୍ଟାଣ୍ଟ ଇଞ୍ଜିନୀୟରର ଦରକାର ଥିଲା। ଗାଙ୍ଗୁଲି ମହାଶୟ ନିଯୁକ୍ତ ହେବାରୁ ଅନୁମାନ ହୁଅଇ ସେଠାରେ ସର୍ବାଗ୍ରେ ଗୋଟିଏ ହାଟ ନିର୍ମାଣ ହେବ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ହକିମ ଅଲି ଅଫେନ୍ଦି ନାମରେ ଏକଜଣ ଚିକିତ୍ସକ କନଷ୍ଟାଣ୍ଟିନୋପଲରୁ କଲିକତାକୁ ଆସି ନାନାବିଧ ରୋଗର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛନ୍ତି। ବଡ଼ ବଡ଼ ଉତ୍କଟରୋଗମାନ ଆରୋଗ୍ୟ କରିବେ ବୋଲି କହୁଅଛନ୍ତି। ଯେଉଁମାନେ ଇଉନାନି ଚିକିତ୍ସାର ପକ୍ଷପାତୀ ସେମାନେ ଏହାଙ୍କର ତତ୍ତ୍ୱ କରନ୍ତୁ।

ହାଇକୋର୍ଟର ଜଜ ମାନ୍ୟବର ମାର୍କବି ସାହେବ କଲିକତା ବିଶ୍ୱବିଦ୍ୟାଳୟର ବାଇସଚାନସଲର ପଦରେ ନିଯୁକ୍ତ ହୋଇଅଛନ୍ତି।

ଆସାମର ଚିଫ କମିଶନରଙ୍କ ଅଭ୍ୟର୍ଥନା ସକାଶେ ଗୌହାଟି ମିଉନିସିପାଲ ଫଣ୍ଡରୁ ଟଙ୍କା ବ୍ୟୟ ହୋଇଥିବାରୁ ଏକଜଣ ଆପତ୍ତି କରିଅଛନ୍ତି କିନ୍ତୁ ଏପରି ଆପତ୍ତି କିଏ ଶୁଣିବ ଏଣିକି ବଡ଼ ବଡ଼ ହାକିମମାନେ ସମସ୍ତେ ଅଭ୍ୟର୍ଥନାପ୍ରିୟ ହେଲେଣି।

ଭାରତବର୍ଷୀୟ ଚିକିତ୍ସାବିଭାଗର କର୍ମସକାଶେ ନିମ୍ନଲିଖିତ ଭାରତବର୍ଷୀୟ ଲୋକମାନେ ବିଲାତରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା—ବମ୍ବେଇ ନିବାସୀ କେ, ଆର, କୀର୍ତ୍ତିକାର ଏବଂ ଏଚ, ଡି, ମାସୋମୀ ଓ ବଙ୍ଗଲା ନିବାସୀ ଡି, ବୋଷ, ଏନ୍ ଗୁଟେର୍ଯ୍ୟା ଏବଂ ବି, ଏଲ, ଦତ୍ତ।

ଡେଲିନିୟୁସ ଶୁଣିଅଛନ୍ତି କି ମୌଲବୀ ଅବଦୁଲ ଲତିଫଖାନ ବାହାଦୁର ଆପଣା ଜ୍ୟେଷ୍ଠପୁତ୍ରଙ୍କୁ ଶିକ୍ଷା ଲାଭ ନିମିତ୍ତ ଇଂଲଣ୍ଡକୁ ପଠାଉଅଛନ୍ତି। ବାରିଷ୍ଟର କର୍ମ ସକାଶେ ଯୋଗ୍ୟ କରି ଆଣିବା ଏହାଙ୍କର ଉଦ୍ଦେଶ୍ୟ ଅଟଇ।

## ବିଜ୍ଞାପନ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କମିଶ୍ନରକଚେରୀ ହତା ମଧ୍ୟରେ ଗଡ଼ଜାତପୁଲିସ କଚେରିରେ କେତେକ ଖୁଲାବାରୁଦ ଓ ସୀସାର ଗୁଳିମାନ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି। ବାରୁଦ ପ୍ରତ୍ୟେକ ପାଉଣ୍ଡ ଓ ସୀସା ପ୍ରତ୍ୟେକ ପାଉଣ୍ଡ ସକାଶେ ଯେଉଁମାନେ ଯେତେ ମୂଲ୍ୟ ଦେଇ ତାହା ନେବାକୁ ଚାହିବେ ସେମାନଙ୍କର ଆବେଦନ ଆମ୍ଭେ ଅପ୍ରେଲମାସ ତା ୧୪ ରିଖ ପର୍ଯ୍ୟନ୍ତ ଶୁଣିବୁଁ। ବର୍ତ୍ତମାନ ବନ୍ଧୁକର ଖୁଲା ବାରୁଦ ୭୦୦ ପାଉଣ୍ଡରୁ ଅଧିକ ଓ ସୀସା ୧୬୦୦ ପାଉଣ୍ଡରୁ ଅଧିକ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି। ଏପ୍ରକାରେ ବିକ୍ରୟ ହୋଇ ଯାଇ ତା ୧୬ ରିଖ ଅପ୍ରେଲ ପ୍ରାତଃକାଳକୁ ଯେ ବାକି ଥିବ ତାହା ସରକାରୀ ନିଲାମଦ୍ୱାରା ଉକ୍ତ ତାରିଖ ଦୁଇପ୍ରହର ସମୟେ ବିକ୍ରୟ ହେବ ଓ ଅନ୍ୟାନ୍ୟ ଜିନିସମାନ ମଧ୍ୟ ତହିଁ ସଙ୍ଗେ ବିକ୍ରୟ ହେବ। ଓ ସେ ବାରୁଦ ଆତସବାଜୀ ଓ କୌଣସି ଚଢ଼େଇକୁ ଉଡ଼ାଇବା ଓଗେର କର୍ମ ସକାଶେ ଉତ୍ତମରୂପେ ଉପଯୁକ୍ତ ଅଟେ।

Cuttack 5—4—77

By order
DAVID J. POOLE,
*Dist. Supdt. of Police,*
GURJATS POLICE.

ବାବୁ ମହେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ଅତ୍ରଙ୍କ ହରିଦାସ ଇଲିକା ଆପଣା ଗୋଲା ଦାରୋଗାଙ୍କ ଓଗେର ଅମଲାମାନଙ୍କ ଦରମାହା ଟଙ୍କା ଦାଖଲ ନ କରିବାରୁ ତାଙ୍କଦ୍ୱାରା ଯୋଗାନ ହୋଇଥିବା ତଫସିଲ ମୁତାବକ ମ ୧୬୭୭୯ ହଣ ଲବଣ ଯାହାକି ବର୍ତ୍ତମାନ୍ ଗୋଲା ରୋକଡ଼ ହିସାବଅନୁସାରେ ଗୋଲା ବରବଲୁଦ ନ ୧।୨ ମର ଘରେ ମହଯୁଦ ଅଛି ସେ ସମସ୍ତ ଲବଣକୁ ଲବଣ ବିଧାନର ତୃତୀୟ ପୃଷ୍ଠା ଲେଖିତ ଦଫା ମର୍ମାନୁସାରେ କ୍ରୋକ କରାଯାଇଅଛି ଓ ଉକ୍ତ ଲବଣ ପ୍ରକାଶ୍ୟ ନିଲାମ ଶ୍ରୀଯୁକ୍ତ କଲକ୍ଟର ସାହେବଙ୍କ ସଦର କଚେରୀଠାରେ ନିଲାମଦ୍ୱାରା ବିକ୍ରୟ ହେବା ସକାଶ ଚଳିତ ମାସ ତା ୧୫ ରିଖ ଧାର୍ଯ୍ୟ ହୋଇଅଛି। ଅତଏବ ଯେଉଁମାନଙ୍କର ଉକ୍ତ ଲବଣ କ୍ରୟ କରିବାର ମାନସ ଥାଏ ସେମାନେ ଉକ୍ତ ନିରୂପିତ ତାରିଖେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକିବେ; ଯେଉଁ ବ୍ୟକ୍ତି ସର୍ବାଧିକ ମୂଲ୍ୟ ଡାକିବେ ତାହାଙ୍କର ଡାକ ଗ୍ରାହ୍ୟ ହେବ ଓ ଉକ୍ତ ମହଯୁଦ ଲବଣରୁ ଯେ ଯେତେ ନେବାର ମାନସ କରିବେ ତାଙ୍କୁ ସେହି ପରିମାଣରେ ଦିଆଯାଇ ପାରିବ। ଏ ଲବଣ ସରକାରୀ ମାହାସୁଲ ଛଡ଼ା ଅତ୍ୟନ୍ତ ମୂଲ୍ୟରେ ଦିଆଯିବ।

ତା ୪ ରିଖ ଅପ୍ରେଲ ସନ ୧୮୭୭ ମସିହା।

କ୍ରୋକ ହୋଇଥିବା ଲବଣର ତଫସିଲ।

| | |
|---|---|
| ସନ ୧୮୭୩। ୭୪ ମସିହା ଯୋଗାଣୀ ବାବତ | ମ ୧୪୯୩୨ ହଣ |
| ସନ ୧୮୭୪। ୭୫ ମସିହା ଯୋଗାଣୀ ବାବତ | ମ ୫୨ ହଣ |
| ସନ ୧୮୭୫। ୭୬ ମସିହା ଯୋଗାଣୀ ବାବତ | ମ ୧୭୯୫ ହଣ |
| ମୋଟ | ମ ୧୬୭୭୯ ହଣ |

JOSEPH ARMSTRONG, C. S.
*Collector.*

## ମୂଲ୍ୟପ୍ରାପ୍ତି।

| | | | |
|---|---|---|---|
| ବାବୁ ଜଗବନ୍ଧୁଘୋଷ | କଟକ | ବକେୟା | ଟ ୬। |
| " ନିମାଇଚରଣନେଉଗି | " | " | ଟ ୨। |
| " ରାଜକିଶୋରଘୋଷ | " | " | ଟ ୩। |
| " ରାଜେନ୍ଦ୍ରମିଶ୍ର | " | " | ଟ ୨। |
| ଚୌଧୁରୀ ବୈଦ୍ୟନାଥଦାସ | " | " | ଟ ୬। |
| " କାଶୀଚରଣମହାପାତ୍ର | | " | ଟ ୬। |

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ଶ | ତା ୨୧ ଋଖ ଅପ୍ରେଲ ସନ୧୮୭୭ମସିହା । ମୂ । ବୈଶାଖ ଦ୯ ନ ସନ୧୨୮୪ସାଲ ଶନବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ° ୯
ସ ୧୬ ଖ୍ୟା | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ°୬୯
| | ମଫସଲପାଁଇ ଡାକମାସୁଲ ଟ°୧୫୵

ପ୍ରଦେଶୀୟ କର ସମ୍ପର୍କୀୟ ଆଇନର ପାଣ୍ଡୁଲିପି ଗତ ସପ୍ତାହର କଲକତା ଗଜେଟରେ ବାହାର ଅଛି । ତାହା ଠିକ ରୋଡସେସ୍ ଆଇନ ପ୍ରାୟ ଅଟଇ ପ୍ରକୃତରେ ରୋଡସେସ୍ ଆଇନର କେତେ ନିୟମକୁ ଅବଲମ୍ବନ କରି ରୋଡସେସ୍ ଉପରେ ଟଙ୍କା ପ୍ରତି ଆଉ ଦୁଇ ପଇସାର ଅନଧିକ କର ଆଦାୟ କରିବାର ବିଧାନ ହୋଇଅଛି । ସୁତରାଂ ଏ ଆଇନର ଫଳ ଏହି ଯେ ରୋଡସେସ୍ ଯେଉଁ ଜିଲ୍ଲାରେ ଯେତେ ଦରରେ ଆଦାୟ ହେଉଅଛି ତହିଁ ଉପରେ ଟଙ୍କା ପ୍ରତି ଆଉ ଦୁଇପଇସା ଆଦାୟ କରି ତହିଁର ଭିନ୍ନ ହେସାବ ରଖିବାକୁ ହେବ ଓ ତାହାର ନାମ ପ୍ରଦେଶୀୟକର ହେବ ମାତ୍ର ଲୋକମାନେ ଟଙ୍କାରେ ଗୃହପଇସା ପର୍ଯ୍ୟନ୍ତ ଏକାବେଳକେ ରୋଡସେସ୍ ନିୟମରେ ଦାଖଲ କରିବେ । ଗତବର୍ଷର ଗବର୍ଣ୍ଣମେଣ୍ଟ ଲକ୍ଷ୍ୟପଣାରୁ ଜଣାଯାଏ ଯେ ରୋଡସେସ୍‌ଦ୍ୱାରା ତିରିଶଲକ୍ଷ ଟଙ୍କା ଆଦାୟ ହେବାର ଆଶା ଅଛି ସୁତରାଂ ପ୍ରଦେଶୀୟ କରଦ୍ୱାରା ସେହି ପରମାଣ ଅର୍ଥାତ ୩୦ ଲକ୍ଷ ଟଙ୍କା ଆଦାୟ ହେବ ଓ ଯେବେ ଏହିବାଟେ ଗବର୍ଣ୍ଣମେଣ୍ଟଇଣ୍ଡିଆଙ୍କ ପ୍ରୟୋଜନୀୟ ଟଙ୍କା ଉଠିଲା ତେବେ ବଳାତ୍କାର ଲାଇସେନ୍ସ ନେବା ପାଁଇ ବଙ୍ଗଳାଗବର୍ଣ୍ଣମେଣ୍ଟ ଏତେ ବ୍ୟସ୍ତ କାହିଁକି ଆଉ ଲାଇସେନ୍ସ ଆଦାୟ ହେବା ସ୍ଥଳରେ ପ୍ରଦେଶୀୟକର ସୃଷ୍ଟି ହେବ କି ନାହିଁ ଆଇନରେ ତାହା କିଛି ଜଣା ପଡୁ ନାହିଁ ଯେବେ ଦୁଇକର ଏକ ବ୍ୟକ୍ତିଠାରୁ ଆଦାୟ ହେବ ତେବେ ଓଡିଶା ପ୍ରଜାଙ୍କ ଦୁଃଖ କହିଲେ ସରିବ ନାହିଁ ।

---

ଅଦ୍ୟ ଶ୍ରୀଯୁକ୍ତ କମିଶ୍ନର ସାହେବ ପୁରୀର ତଦାରକ କାର୍ଯ୍ୟ ଶେଷ କରି ଏ ନଗରରେ ପହୁଞ୍ଚିବାର କଥାଅଛି । ପୁରୀରେ ତଦାରକର ଫଳ କି ହେଲା ନିଶ୍ଚୟ କିଛି ଜଣାଯାଇ ନାହିଁ । କମିଶ୍ନର ସାହେବ ସେଠାରେ ଖାତମତ ଇଜଲାସ କରି ପୁଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଓ ଇନ୍‌ସ୍ପେକ୍ଟର ପ୍ରଭୃତି କେତେକ ଜଣ କର୍ମଚାରୀ ଡେପୁଟିମାଜିଷ୍ଟ୍ରେଟ, ମହାରାଜା ଦିବ୍ୟସିଂହ ଦେବ ଏବଂ କେତେକଜଣ ମନ୍ଦିରର କର୍ମଚାରୀଙ୍କର ଜୋବାନବନ୍ଦୀ ନେଇଅଛନ୍ତି । ଯୋବାନବନ୍ଦୀ ନେଇସାରି ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ମାଜିଷ୍ଟ୍ରେଟଙ୍କର କଇଫିୟତ ମଧ୍ୟ ନେଇ ଅଛନ୍ତି ଶୀଘ୍ର ସେସବୁ ଆପଣା ରିପୋର୍ଟ ସହିତ ଗବର୍ଣ୍ଣମେଣ୍ଟଙ୍କୁ ପଠାଇବେ । ଶୁଣାଯାଏ ଯେ ମହାରାଜା ଯାତ୍ରିଙ୍କର ଭିଡ ଦେଖି ଆପେ ସମ୍ଭାଳି ପାରିବେ ନାହିଁ ଜାଣି ମାଜିଷ୍ଟ୍ରେଟ ସାହେବଙ୍କୁ ସଂବାଦ ପଠାଇବାର କହିଅଛନ୍ତି ଓ ମାଜିଷ୍ଟ୍ରେଟ ଓ ପୁଲିସ ସାହେବ ମନ୍ଦିର ଦ୍ୱାରେ ଘୋଡା ଚଢ଼ି ଛିଡା ହୋଇ ଯାତ୍ରିଙ୍କୁ ଦର୍ଶନ କରାଇବାର ବନ୍ଦୋବସ୍ତ କରିଥିଲେ । ସିଂହଦ୍ୱାର କବାଟ ଫିଟାଇ ଦେଲା ଜୋବାନବନ୍ଦୀ ଦେଇଥିବା ବ୍ୟକ୍ତିମାନେ ଐକ୍ୟରୂପେ କହି ପାରି ନାହାନ୍ତି । ଆମ୍ଭେମାନେ ଏଠାରେ କେତେକ ଲୋକଙ୍କଠାରୁ ଶୁଣିଅଛୁଁ ଯେ ଭିଡ ସମୟରେ ପଣ୍ଡାମାନେ ଯାତ୍ରିଙ୍କି ଦର୍ଶନ କରାଇ ପାରି ନାହାନ୍ତି ଓ ପୁଲିସ କର୍ମଚାରୀମାନେ ପଣ୍ଡା ହୋଇ ନାନା କୌଶଳରେ ଯାତ୍ରିଙ୍କୁ ଦର୍ଶନ କରାଇ ଥିଲେ ଓ ଦକ୍ଷିଣା ନେଇଥିଲେ କି ନାହିଁ ତାହା ପାଠକମାନେ ଅନୁମାନ କରି ପାରିବେ । ଆମ୍ଭେମାନେ ଆଶା କରୁଁ ଯେ ଜୋବାନବନ୍ଦୀରେ ଏସବୁ କଥା ଉଣାଅଧିକରେ ବାହାରିଥିବ ମାତ୍ର କେତେଗୁଡିଏ ଭଦ୍ରଲୋକଯାତ୍ରିଙ୍କର ଜୋବାନବନ୍ଦୀ ହୋଇଥିଲେ ଆହୁରି ଭଲ ହୋଇଥାନ୍ତା ।

---

ଦାଖଲଖାରଜ ଦରଖାସ୍ତରେ ଜେନରଲ ନମ୍ବର ଦେବାର ଟଏନବୀସାହେବ ଉଠାଇ ଦେବାରୁ କଚେରୀର ବାହାସୁରା ଲେଖକମାନେ ସେ ବିଷୟରେ ମୋଫସଲ ଦରଖାସ୍ତକାରମାନଙ୍କୁ ଠକି ନ ପାରି ଦରଖାସ୍ତରୁ କୋର୍ଟଫିସ୍ ବାହାର କରି ନେଉଥିଲେ । ଅମଲାମାନେ ବାକସ ଫିଟାଇ ଦେଖିଲେ ଯେ କେତେକ ଦରଖାସ୍ତରେ କୋର୍ଟଫିସ ନାହିଁ କିନ୍ତୁ ଟିକଲି ଲାଗିଥିବାର ଚିହ୍ନଅଛି । ଏହିପରି ଦୁଇଦିନ ଦେଖାଯିବାରୁ ଟଏନବୀସାହେବ ବାକସ ନିକଟରେ ଦୁଇଜଣ ଜଗୁଆଳୀ ରଖିଦେଲେ ସେମାନେ ଦରଖାସ୍ତରେ ଟିକଲି ଲାଗିଥିବାର ଦେଖିଲା ଉତ୍ତାରୁ ଦରଖାସ୍ତ ବାକସ ମଧ୍ୟରେ

Digitized by srujanika@gmail.com

Split by PDF Splitter



ପଡୁଅଛି କଟେଇର ଖଣ୍ଡମାନେ ଠକ କଉଡ଼ ନେବାର ଉପାୟରେ ଯେପରି ତ୍ରୁଟି କରୁନାହାନ୍ତି ସେପରି ଷ୍ଟେଏନକାସାହେବ ଲୋକଙ୍କୁ ଅପହରଣରୁ ରକ୍ଷା କରିବାର ଉପାୟରେ ତ୍ରୁଟି କରୁନାହାନ୍ତି । କାହାମ୍ଫୁରି ଲେଖକମାନେ ଯେପର୍ଯ୍ୟନ୍ତ ଏପରି ନୀଚ ଓ ଘୃଣିତ ଉପାୟ ନ ଛାଡ଼ିବେ ସେପର୍ଯ୍ୟନ୍ତ ସେମାନଙ୍କର ବାହାମ୍ଫୁରି ଅବସ୍ଥା ଯିବ ନାହିଁ । " କାକର ଧଇଲେ କି ମାଠିଆ ପୂରିବ " ।

ବୋର୍ଡ ଗୋଟିଏ ସରକ୍ୟୁଲର ଜାରି କରିଅଛନ୍ତି ଯେ ଇଜମାଲ ଜମିଦାରୀ କମ୍ବା ନିଷ୍କର ଭୂମିର ଅଂଶିମାନେ ସେ ସମ୍ପତ୍ତି ପକ୍ଷରେ ଦାଖଲଖାରିଜର ପୃଥକ୍ ୨ ଦରଖାସ୍ତ କରିବେ କିନ୍ତୁ ସେସବୁ ଦରଖାସ୍ତକୁ ଏକତ୍ର କରି ଏକନମ୍ବର ମୋକଦ୍ଦମା ସ୍ୱରୂପ ଫଏସଲ କରିବାକୁ ହେବ । ଯେବେ ଏକନମ୍ବର ମୋକଦ୍ଦମା ହେଲା ତେବେ ପ୍ରତି ଅଂଶିଠାରୁ ପୃଥକ୍ ଦରଖାସ୍ତ ନେବାର କି ପ୍ରୟୋଜନ । ବର୍ତ୍ତମାନ ସେମାନେ ଯେପରି ଏକ ଦରଖାସ୍ତ କରି ତହିଁରେ ସମୁଦାୟ ବୃତ୍ତାନ୍ତ ଲେଖୁଅଛନ୍ତି ଏଥିରେ କି ଅସୁବିଧା ହେଉଅଛି? ଆମ୍ଭମାନଙ୍କ ବିବେଚନାରେ କିଛି ଅସୁବିଧା ନ ଥାଇ ବରଂ ସୁବିଧା ଅଛି । କେବଳ ସରକାରଙ୍କର ଅଧିକ ଲାଭ ହେଉ ନାହିଁ । ଅଧିକ ଲାଭ ଆଶାରେ ବୋର୍ଡ ଏପରି ବିଧି କରିଅଛନ୍ତି କି ? ଏପରି ହେଲେ ଲୋକେ ଅତିଶୟ ଖର୍ଚ୍ଚାନ୍ତ ହେବେ ଓ ଆମ୍ଭେମାନେ ଯେ ଲୋକଙ୍କର ପାଞ୍ଚ ଲକ୍ଷଟଙ୍କା ଦାଖଲଖାରଜରେ ଖର୍ଚ୍ଚ ହେବାର ଅନୁମାନ କରିଥିଲୁଁ ତହୁଁରୁ ଖର୍ଚ୍ଚା ଅନେକ ବଳିଯିବ ।

---

## ଜଲକର ।

ଆମ୍ଭେମାନେ ଆଶା କରିଥିଲୁଁ ଯେ ଶ୍ରୀଯୁକ୍ତ ରେବନସାସାହେବଙ୍କ ପଦୋନ୍ନତିରେ ଓଡ଼ିଶାର ମଙ୍ଗଳ ହୋଇପାରେ ମାତ୍ର ମଙ୍ଗଳ ହେବାର ତେଣିକଥାଉ ଏମହାଶୟ କଲିକତାରେ ପହୁଞ୍ଚି ଏମନ୍ତ ଗୋଟିଏ କାର୍ଯ୍ୟ ଯୋଗ ବସିଅଛନ୍ତି ଯେ ତହିଁରେ ଓଡ଼ିଶାର ଦୁଃଖର ସୀମା ରହିବ ନାହିଁ ସେ ଓଡ଼ିଶାରେ ପଦାର୍ପଣ କଲାମାତ୍ରେ ଯେମନ୍ତ ଲୋକଙ୍କୁ ଜଣାଇଥିଲେ ଏହାକୁ ତ୍ୟାଗକରିମଧ୍ୟ ସେହିରୂପ ଜଣାଇବାକୁ ବସିଅଛନ୍ତି । ଜଲକର ପ୍ରସ୍ତାବଟି ତାହାଙ୍କର ନୁହଇ ଓ ଲେଫ୍ଟନାଣ୍ଟଗବର୍ଣ୍ଣରଙ୍କଠାରୁ ବାହାରିଅଛି ସତ୍ୟ ମାତ୍ର ସେ ଓଡ଼ିଶାପାଇଁ ଲଢ଼ନ୍ତେ ନା ସଭାରେ କେତେଗୁଡ଼ିଏ ଭ୍ରମାତ୍ମକ କଥା କହି ଯହିଁରେ ଓଡ଼ିଶାର ପ୍ରଜାଙ୍କ ଉପରେ ଅଧିକ କର ଭାର ପଡ଼ିବ ତହିଁରେ ଉତ୍ସାହ ଦେଲେ ! ଓଡ଼ିଶାରେ ସେ ଏକଯୁଗ କଟାଇ ଅଛନ୍ତି ଏବଂ ନାଲଖୋଲା ଆରମ୍ଭଠାରୁ ଏପର୍ଯ୍ୟନ୍ତ ଓଡ଼ିଶାର ଅବସ୍ଥା ଦେଖି ଆସିଅଛନ୍ତି ସୁତରାଂ ତାହାଙ୍କ କଥାକୁ ଅତ୍ୟନ୍ତ ପ୍ରାମାଣିକବୋଲି ଗବର୍ଣ୍ଣମେଣ୍ଟ ଓ ବ୍ୟବସ୍ଥାପକ ସଭାର ସଭ୍ୟମାନେ ଗ୍ରହଣ କରି ଅଛନ୍ତି ମାତ୍ର ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ କହୁଅଛୁଁ ଯେ ତାହାଙ୍କ କଥାରେ ଆମ୍ଭମାନଙ୍କ ମନ ମାନୁନାହିଁ ସେ କହୁଅଛନ୍ତି କି ଅନ୍ୟ ଜମି ଅପେକ୍ଷା ନାଲଜଳ ମଡ଼ା ହେବା ଜମିରେ ମାଣପ୍ରତି ଅଧିକା ଟ୩୲ ଲାଭ ହୁଅଇ ମାତ୍ର କେଉଁଠାରେ କପରି ପରୀକ୍ଷାକରି ସେ ତାହା ଦେଖିଅଛନ୍ତି ଏଠାନିବାସୀ ପ୍ରାୟ କେହି ଜାଣନ୍ତିନାହିଁ । ଏପରି ଲାଭ ଯେବେ ନାଲଜଲରେ ଥିଲା ତାହା ଏଠାରେ ସର୍ବସାଧାରଣଙ୍କୁ ନ ଜଣାଇ ସାହେବପ୍ରଶଂସିତ କେବଳ କର ବସାଇବା ସକାଶେ ମନରେ ରଖିଥିଲେ ଏଥିରେ ଆମ୍ଭେମାନେ ହତାଶ ହୋଇଅଛୁଁ । ଆଉ ସେ କହିଅଛନ୍ତି କି ଯେଉଁଦେଶରେ ନାଲ ଯାଇଅଛି ସେଠା ପ୍ରଜାମାନେ ଆପଣା ପରିବାରଙ୍କୁ ଅଲଙ୍କାରାଦି ଦେଇଅଛନ୍ତି ଓ ରାଜସ୍ୱ ସକାଶେ ସେଠାର ଭୂମି ନିଲାମ ହେଉ ନାହିଁ । ନାଲଜଲରେ ଯେବେ ଏତେ ଉପକାର ହୋଇଥାନ୍ତା ତେବେ ଏତେଦିନ ଅନ୍ୟାନ୍ୟ ସ୍ଥାନର ପ୍ରଜାମାନେ ନାଲ ଖୋଲାଇବାସକାଶେ ସ୍ଥାନୀୟ ହାକିମଙ୍କୁ ପୁନଃ ୨ ଆବେଦନକରି ବ୍ୟସ୍ତ କରିଥାନ୍ତେ ଓ ଯେଉଁସ୍ଥଳେ ଟିକିଏ ବଢ଼ିପାଣି ନେବାସକାଶେ ବନ୍ଧରେ ଘୂଲ କରିବା ସକାଶେ ବାରମ୍ବାର ଦରଖାସ୍ତ କରୁଅଛନ୍ତି ସେସ୍ଥଳେ କି ଏତାଦୃଶ ଉପକାର ପାଇବାବିଷୟରେ ତୁନି ହୋଇ ରହନ୍ତେ । ଏଥିରୁ ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ରେବନସାସାହେବଙ୍କ କଥା ପ୍ରାମାଣିକ ନୁହଇ ଓ ସେ ଟାକ୍ସ ବସାଇବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଯାହା ମନକୁ ଆସିଅଛି ତାହା କହିଅଛନ୍ତି । ସେ ଏଠାରେ ଥିଲାବେଳେ ନାଲଜଲର ଉପଯୋଗିତା ଦେଖାଇବା ସକାଶେ କେତେଥର ଚେଷ୍ଟା କରିଥିଲେ ମାତ୍ର କେବେହେଁ ସଫଳ ହୋଇ ନାହାନ୍ତି । କୃତକାର୍ଯ୍ୟ ନ ହେବାର ଦୋଷ ପ୍ରଜାଙ୍କ କୁସଂସ୍କାର ଉପରେ ପକାଇ ଦେଇଅଛନ୍ତି ଲାଭବିଷୟରେ ଯେବେ ପ୍ରଜାଙ୍କର ଏତାଦୃଶ ମୂର୍ଖତା ତେବେ ତାହାଙ୍କ ମତରେ କେତେକ ପ୍ରଜା କିପ୍ରକାରରେ ଦ୍ରବ୍ୟବନ୍ତ ହେଲେ?

ମାନ୍ୟବର ବାବୁ କୃଷ୍ଣଦାସପାଲ ଜଲକର ବିରୁଦ୍ଧରେ ଯେସବୁ କଥା କହିଅଛନ୍ତି ତାହା ଅନେକାଂଶରେ ଯଥାର୍ଥ ଅଟଇ ଏବଂ ଯଦ୍ୟପି କି ଗବର୍ଣ୍ଣମେଣ୍ଟ ଟାକ୍ସ ନେବାକୁ ଦୃଢ଼କଳ୍ପ ହୋଇ ଅଛନ୍ତିବୋଲି ତହିଁରେ କର୍ଣ୍ଣପାତ କଲେ ନାହିଁ ମାତ୍ର ଓଡ଼ିଶାବାସିମାନେ ଅବଶ୍ୟ ତାହାଙ୍କ କଥାକୁ ଯୁକ୍ତିଯୁକ୍ତ ଜ୍ଞାନ କରିବେ । ନାଲଦ୍ୱାରା ଯେକିଛି ଉପକାର ହୋଇ ନାହିଁ ଏକଥା ଆମ୍ଭେମାନେ କହୁନାହୁଁ ଉପକାର ନ ଥିଲେ ଜଣେସୁଦ୍ଧା ପ୍ରଜା କବୁଲିୟତ କରନ୍ତାନାହିଁ ମାତ୍ର ଉପକାର ହେବା ଯେମନ୍ତ ସତ୍ୟ ତାହାର ୨ ପ୍ରତି ଅପ୍ରୟୋଜନ ଓ କେତେକ ଜମିର ଅନିଷ୍ଟ ହେବାମଧ୍ୟ ତଦ୍ରୂପ ସତ୍ୟ ଅଟଇ । ପୁଣି ସବୁ ଜମିର ସମାନ ଉପକାର ନାହିଁ । ବଢ଼ିପାଣି ଓ ପଟୁ ମାଡ଼ିବା ବନ୍ଦ ହେବାରୁ ଅନେକ ଜମିର ବଳ ଊଣା ହୋଇଅଛି ଓ ଅନେକପ୍ରକାର ଶସ୍ୟ ଫଳ ହେଉ ନାହିଁ । ସୁତରାଂ ଏସମସ୍ତ ଘଟି ମିଶା ହେଲେ ନିଟ ଉପକାର କପରିମାଣରେ ହେବ ତାହା ଲିହାଯାଇ ନ ପାରେ ମାତ୍ର ଗବର୍ଣ୍ଣମେଣ୍ଟ ପ୍ରତିବର୍ଷ ମାଣପ୍ରତି ଦୁଇଟଙ୍କାଲେଖାଁଏ କର ନେବେ ! ଅଥଚ ଗବର୍ଣ୍ଣମେଣ୍ଟ କହୁଅଛନ୍ତି ଯେ ନାଲର ସବୁଖର୍ଚ୍ଚା ଲୋକଙ୍କଠାରୁ ନିଆଯାଉ ନାହିଁ କେବଳ ସାମାନ୍ୟ ଟାକ୍ସ ନିଆଯାଉଅଛି । ରେବନସାସାହେବଙ୍କ ମତରେ ମାଣରେ ଟ୩୲ ଲାଭ ଥିବାଅବସ୍ଥାରେ ଯେବେ ସାମାନ୍ୟ ଟାକ୍ସ ସ୍ୱରୂପ ଦୁଇଟଙ୍କା ନେବେ ତେବେ ଉଚିତ କରି ନେଲେ ବୋଧହୁଅଇ ସମ୍ପୂର୍ଣ୍ଣ ତିନିଟଙ୍କା ବା ତହିଁରୁ ଅଧିକ ନିଅନ୍ତେ ! ଯାହାହେଉ ଆମ୍ଭେମାନେ ଏଠା ଜମିଦାର ଓ ପ୍ରଜାଙ୍କୁ ଏସମସ୍ତ କଥା ଜଣାଇ ଅନୁରୋଧ କରୁଅଛୁଁ ଯେ ସବୁ କାର୍ଯ୍ୟ ଛାଡ଼ି ଶୀଘ୍ର ଏ ଆଇନପ୍ରତି ମନୋଯୋଗ ଦେଉନ୍ତୁ ଆଉ ଦୁଇସପ୍ତାହ ଉତ୍ତାରୁ ଆଇନଟି ବିଧିବଦ୍ଧ ହେବ ଓ ତେତେବେଳେ ଯେତେ ମୁଣ୍ଡ କଚାଡ଼ିଲେ କେହି ଶୁଣିବ ନାହିଁ । ଆମ୍ଭେମାନେ ଜାଣୁ ଯେ ଲାଟବନ୍ଦୀ ଦାଖଲଖାରଜ ରୋଡ଼ସେସ ଓ ପଟୁଆରୀ ଯୋଗ ବର୍ତ୍ତମାନ ଜମିଦାରମାନେ ନିତାନ୍ତ ବ୍ୟସ୍ତ ଅଛନ୍ତି ମାତ୍ର ସେସବୁଠାରୁ ଏ କାର୍ଯ୍ୟଟି ଅତ୍ୟନ୍ତ ପ୍ରଧାନ ହୋଇଅଛି ! ଗବର୍ଣ୍ଣମେଣ୍ଟ ଜଲକର ନେବାର ସ୍ଥିର କରି ଅଛନ୍ତି ଅବଶ୍ୟ କିଛି ନେବେ ମାତ୍ର କେତେ କର ହେଲେ ପ୍ରଜାମାନଙ୍କୁ ବଡ଼ ବାଧିବ ନାହିଁ ଅଥଚ ଗବର୍ଣ୍ଣମେଣ୍ଟଙ୍କ କଥା ରହିବ ତହିଁର ବିଷୟର ସର୍ବାଗ୍ରେ ଜମିଦାରଙ୍କୁ

Digitized by srujanika@gmail.com

କରିବାର ଉଚିତ କାରଣ ସବୁ ଦାୟି ତାହାଙ୍କ ଉପରେ ପଡୁଅଛି ।

---

ଜଳକର ଆଇନର ପାଣ୍ଡୁଲିପି ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ଗତ ଶନିବାରର ଅଧିବେଶନରେ ଶ୍ରୀଯୁକ୍ତ ରେବନ୍‌ସା ସାହେବ ଉପରଲିଖିତ ପାଣ୍ଡୁଲିପି ପାଠ କରି ସଭାକୁ ଜଣାଇଲେ ଯେ ସନ୧୮୬୬ ସାଲର ୭ନମ୍ବର ଆଇନରେ ଜଳକରର ଯେଉଁ ନିୟମମାନ ହୋ- ଇଥିଲା ତାହା ସ୍ୱେଚ୍ଛାଧୀନପ୍ରକାରର ଥିଲା ଓ ପରୀକ୍ଷାଦ୍ୱାରା ସେପ୍ରକାର କର ଆଦାୟ ନିଷ୍ଫଳ ହୋଇଅଛି । ଉକ୍ତ ସାଲରୁ ଗବର୍ଣ୍ଣମେଣ୍ଟ ଜଳ- ପ୍ରଣାଳୀ ରକ୍ଷା କରିବା ଏବଂ ମରୁଡି ସମୟରେ ରାଜସ୍ୱ କ୍ଷମା ଦେବାଦ୍ୱାରା ୪୫ ଲକ୍ଷ ଟଙ୍କା କ୍ଷତିଗ୍ରସ୍ତ ହୋଇଅଛନ୍ତି ଓ ଫସଲର ତ୍ରୁଟିରେ ପ୍ରଜାଙ୍କର ପ୍ରାୟ ତିନିକୋଟି ଟଙ୍କା ନଷ୍ଟ ହୋ- ଇଅଛି ତଥାତ କୃଷିମାନେ ପୁରୁଣାରୀତିକୁ ଛାଡୁ ନାହାନ୍ତି ଓ ତାହାଙ୍କର କୁସଂସ୍କାର ଏବଂ ଜାତି ଧର୍ମରୁ ଶ୍ରୀ କାମ୍ବଲ ସାହେବଙ୍କ ଅନୁଷ୍ଠିତ ଆଦର୍ଶ କ୍ଷେତ୍ର ଫଳପ୍ରଦ ହେଲା ନାହିଁ । ଓଡି- ଶାର ଅଳ୍ପସ୍ଥାନରେ ଜଳପ୍ରଣାଳୀ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇଅଛି ମାତ୍ର ପ୍ରମାଣ ହୋଇଅଛି ଯେ ସେ ସ୍ଥାନର ପ୍ରଜାମାନେ ଆପଣା ଘରପାଁଇ ଅଳଙ୍କାରମାନ କରିଅଛନ୍ତି ଏବଂ କେତେଦିନ ହେଲା ସେଠାରେ ବାକି ରାଜସ୍ୱ ସକାଶେ ନିଲାମ ହୋଇ ନାହିଁ ଏପରି ଭୂମିର ମୂଲ୍ୟ ପ୍ରତି- ବର୍ଷ ବଢୁଅଛି । ମେଦନୀପୁର ଓ ବେହାରର କଥା ସେ ଜାଣନ୍ତି ନାହିଁ ମାତ୍ର ଓଡିଶା ପକ୍ଷରେ ସେ ମତ ଦେବାକୁ ଯୋଗ୍ୟ ଅଛନ୍ତି ଅବଶ୍ୟ ସଭ୍ୟ ସ୍ୱୀକାର କରିବେ । ଯେଉଁ ଦରରେ ବର୍ତ୍ତମାନ ଟଙ୍କା ଆଦାୟ ହେବ ତାହା କର ନୁହଇ ବାସ୍ତବରେ କ୍ଷେତ ରକ୍ଷାର ଏକପ୍ରକାର ବୀମା ଅଟଇ । ପ୍ରଜା ମାଣପ୍ରତି ଟ ୨ ଙ୍କା ଲେଖାଏ କର ଦେଲେ ବର୍ତ୍ତମାନ ଅପେକ୍ଷା ମାଣପ୍ରତି ଟ ୩୵ ଅଧିକା ଫସଲ ପାଇବେ ଏବଂ ଜମିଦାରଙ୍କର ଏଥିରେ ଯେ ଲାଭ ହେଉଅଛି ତଦ୍ଦୃଷ୍ଟିରେ ସେମାନେ ଅନାୟାସରେ ଏ କର ଆଦାୟ କରି ଦେବାର ଭାର ନେବେ ।

ମାନ୍ୟବର ବାବୁ କୃଷ୍ଣଦାସ ପାଲ ଏଥିକୁ ଆପତ୍ତି କରି କହିଲେ ଯେ ଏ କର ବସାଇବା- ରେ ସୁଯୋଗ ଅନୁରୋଧରେ ନ୍ୟାୟକୁ ଜଳା- ଞ୍ଜଳୀ ଦିଆଯାଉଅଛି । ପ୍ରଜାମାନେ ଜଳ ନେଉନ୍ତୁ ବା ନ ନେଉନ୍ତୁ ତାହାଙ୍କଠାରୁ କର ନଆପିବ ଏକଥା ସ୍ୱାଧୀନ ବ୍ୟବସାୟର ବହି- ର୍ଭୂତ ଅଟଇ । ଓଡିଶାର ସମସ୍ତ ଭୂମିରେ ଜଳ ଲୋଡା ହୁଅଇ ନାହିଁ କେଉଁ ଜମିର ଉପକାର ଓ କେଉଁ ଜମିର ଅପକାର ମଧ୍ୟ ହୁଅଇ । ଅତ- ଏବ ତାହାଙ୍କ ବିବେଚନାରେ ଇଚ୍ଛାପୂର୍ବକ ଜଳ ନେବାର ନିୟମଟି ଭଲ । ପୂର୍ବେ ଏହି ବଳା- ତ୍କାର ପ୍ରଣାଳୀକୁ ବଙ୍ଗଳାର ସେକ୍ରେଟେରୀ ଅଗ୍ରାହ୍ୟ କରିଥିଲେ ଓ ତହିଁର ହେତୁମାନ ଶ୍ରୀଯୁକ୍ତ ରିବନ୍‌ସା ସାହେବଙ୍କର ସମସ୍ତ ଯୁକ୍ତିକୁ ଖଣ୍ଡନ କରୁଅଛି । ଯେବେ ନାଳଜଳରେ ଲୋକଙ୍କର ଉପକାର ହେଉ ଥାନ୍ତା ତେବେ ସେମାନେ ତାହା ନେବାକୁ ତ୍ରୁଟି କରନ୍ତେ ନାହିଁ ଅନ୍ୟାନ୍ୟ ବିଷୟରେ ଓଡିଶାର ପ୍ରଜାମାନେ ଆପଣା ଲାଭ ପ୍ରତି ଅନ୍ଧ ନାହାନ୍ତି ଏଥିରେ କାହିଁକି ହେବେ । ରେବନ୍‌ସାସାହେବ ଯେଉଁ କ୍ଷତିର କଥା କହି ଅଛନ୍ତି ତହିଁକି ବକ୍ତବ୍ୟ ଏହି ଯେ ଓଡିଶାରେ ଗବର୍ଣ୍ଣମେଣ୍ଟ ଜମିଦାରର ତୁଲ୍ୟ ସୁତରାଂ ଏ ସମସ୍ତ କାର୍ଯ୍ୟ ରକ୍ଷା କରିବାକୁ ଏକପ୍ରକାର ବାଧ ଅଟନ୍ତି ବିଶେଷତଃ ସେ କାର୍ଯ୍ୟମାନ ଏପରି ହୋଇଅଛି କି ଯେତେବେଳେ ଜଳ ଲୋଡ଼ା ତେତେବେ- ଳେ ଜଳ ମିଳଇ ନାହିଁ । ମେଦନୀପୁରର ନାଳ ଏ ବିଷୟରେ ଅକ୍ଷମ ହୋଇ ଅଛି ତେବେ ସୋନନାଳର ଅବସ୍ଥା ଭଲ ଅଟେ ମାତ୍ର ସବୁ- ଠାରୁ ମାଷ୍ଟ ସମାନ ନୁହଇ । ହୁଗୁଳିର ଜଣେ ଜମିଦାରଠାରୁ ସେ ଶୁଣି ଅଛନ୍ତି କି ଓଲବାଡ ଯାୟି ନାଳଦ୍ୱାରା ତହିଁ ପାର୍ଶ୍ୱସ୍ଥ ୧୩ ଟା ମୌଜା- ନଷ୍ଟ ହୋଇ ଅଛି । ପ୍ରଧାନ ଗବର୍ଣ୍ଣମେଣ୍ଟ ଟାକ୍ସ ଦ୍ୱାରା ଟଙ୍କା ଉଠାଇବାକୁ ଆଦେଶ ଦେଇଥି- ବାରୁ ବ୍ୟବସ୍ଥାପକ ସଭା କଠିନ ଅବସ୍ଥାରେ ପଡି ଅଛନ୍ତି ସତ୍ୟ ମାତ୍ର ସେ ବିବେଚନା କରନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କୁ ଏକ ନିର୍ଦ୍ଦିଷ୍ଟ ନ୍ୟାୟପଥରେ ଚାଲିବାର ଉଚିତ ଓ ସେକ୍ରେଟେରୀ ଅବଷ୍ଟୋଟ ଯେଉଁମାର୍ଗ ନିଶ୍ଚୟ କରି ଅଛନ୍ତି ତହିଁରୁ ବାହୁଡି ଯିବା ଉଚିତ ନୁହଇ ।

ମାନ୍ୟବର ଜି, ସି, ପାଲ ରେବନ୍‌ସାସାହେ- ବଙ୍କ କଥା ଉପରେ ନିର୍ଭର କରି କୃଷ୍ଣଦାସ ବାବୁଙ୍କ ଆପତ୍ତିର ପ୍ରତିବାଦ କଲେ ଓ ମାନ୍ୟ- ବର ବେଲ ସାହେବ କହିଲେ ଯେ ମେଦନୀ- ପୁରରେ ବର୍ଷା ଊଣା ହେଲେ କସାଇନଦୀ ଆଂଶିକ ଶୁଖିଯାଇ ନାଳଜଳ ଊଣା ହୁଅଇ ମାତ୍ର ଏକାବେଳକେ ଶୁଖିଯାଏ ନାହିଁ ଓ ଓଡିଶା ଓ ସୋନନାଳରେ ସେପରି ଘଟଇ ନାହିଁ ।

ସଭାପତି ମାନ୍ୟବର ଇଡ଼ନସାହେବ ଲେଫ୍‌ଟ- ନେଣ୍ଟ ଗବର୍ଣ୍ଣର କହିଲେ ଯେ କୃଷ୍ଣଦାସବାବୁଙ୍କ ବୁଝିବାରେ ଭ୍ରମ ଅଛି ଜଳପ୍ରଣାଳୀ ନିର୍ମାଣକାର୍ଯ୍ୟରେ ବ୍ୟୟ ହୋଇଥିବା ଟଙ୍କାର ସମସ୍ତ ସୁଧ ପ୍ରଜାଙ୍କଠାରୁ ଆଦାୟ ହେବାର ପ୍ରସ୍ତାବ ହେଉ ନାହିଁ ଏବଂ ଓଡିଶା ଚିରସ୍ଥାୟୀ ବନ୍ଦୋବସ୍ତ ହୋଇ ନ ଥିଲେ ହେଁ ଗବର୍ଣ୍ଣମେଣ୍ଟ ସେଠାର ଜମିଦାର ନୁହନ୍ତି ମହାଜନ ବ୍ୟବସାୟୀ ଏବଂ ସାଧାରଣଲୋକ- ମାନେ ଆପଣା ଜଳ, ଆଲୁଅ ଏବଂ ପୁଲିସର ଖର୍ଚ୍ଚା ଦେଉ ଅଛନ୍ତି ମାତ୍ର କୃଷିମାନେ ଏକା ସଭ୍ୟତାର ଉନ୍ନତିଦ୍ୱାରା ସମାନଲାଭ ପାଉଥିବା ପ୍ରତ୍ୟକ୍ଷେ ଟାକ୍‌ସ ଦେଉ ନାହାନ୍ତି ।

ଏହିପ୍ରକାର ତର୍କ ବିତର୍କ ଉତ୍ତାରୁ ପାଣ୍ଡୁଲିପିଟି ବିଶେଷ କମିଟୀ ହସ୍ତରେ ତିନିସପ୍ତାହ ମଧ୍ୟରେ ରିପୋର୍ଟ କରିବା ସକାଶେ ଅର୍ପିତ ହେଲା ।

ଆଇନର ପାଣ୍ଡୁଲିପି ଅବଧି ଗଜେଟରେ ବାହାରି ନାହିଁ ସୁତରାଂ ତହିଁରେ କି ନିୟମ- ମାନ ହୋଇଅଛି ତାହା ଆମ୍ଭେମାନେ କହି ନ ପାରୁଁ ଉପରଲିଖିତ ତର୍କ ବିତର୍କରୁ ଜଣାଯାଏ ଯେ ମାଣପ୍ରତି ଦୁଇଟଙ୍କା କର ବସିବ ଓ ଜମି- ଦାରମାନେ ତାହା ବିନାଖର୍ଚ୍ଚାରେ ଆଦାୟ କରିଦେବେ ଓ ବୋଧ ହୁଅଇ ଲାଟବନ୍ଦରେ ବାକିଦାର ହେଲେ ସେମାନଙ୍କର ଜମିଦାରୀ ନିଲାମ ହେବ । ବାହାଲ ଜମିର କର ସୁଦ୍ଧା ଏମାନେ ଆଦାୟ କରିଦେବାର ସମ୍ଭାବନା ହେଉଅଛି । ଯାହା ହେଉ ପାଣ୍ଡୁଲିପି ବାହାରିବା ପର୍ଯ୍ୟନ୍ତ ଆମ୍ଭମାନଙ୍କର କୌଣସିକଥା କଳ୍ପନା କରିବା ଅନର୍ଥକ ଅଟଇ । ଆଗାମୀ ସପ୍ତାହରେ ସବୁ ଜଣା ପଡିବ ।

---

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ଟଏନବୀ ସାହେବ କଲିକତା ରେ- ଜିଷ୍ଟ୍ରାର ଜେନେରଲଙ୍କ ଅଫିସର ପ୍ରଥମ ଇନ- ସ୍ପେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ମାଦ ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ କଟକର ଏକଟିଂ କଲେ- କ୍ଟର ପଦରେ ନିଯୁକ୍ତ ଥିବେ । ଇନସ୍ପେକ୍ଟରୀ ପଦର ବେତନ ଏକହଜାର ଟଙ୍କା ଅଟଇ ।

ଆମ୍ଭମାନଙ୍କ କଲେକ୍ଟର ଟଏନବୀ ସାହେବ ଗତସପ୍ତାହରେ କେନ୍ଦ୍ରାପଡା ଅଞ୍ଚଳକୁ ଗସ୍ତ ସକାଶେ ଯାଇଥିଲେ । ଏ ଗସ୍ତର ଉଦ୍ଦେଶ୍ୟ କିଛି ଜଣାପଡ ନାହିଁ ।

ଗତ ଗୁରୁବାର ସକାଳବେଳେ ଏ ନଗର ତେଲିଙ୍ଗାବଜାରରେ ଜଣେ ମୂଢ଼ ଗଞ୍ଜାଇ ଖାଇ ଯାଣ୍ଟଜଣ ମନୁଷ୍ୟ ଦେହରେ ତମ କାଟିବାର ଅସ୍ତ୍ର ଭୂଷି ଦେଲା । ଏକଜଣ ତତ୍‌କ୍ଷଣାତ୍ ମରିଗଲା, ଏକଜଣ ମରଣାପନ୍ନ ହୋଇଥିଲା ଓ ଆଉ ତିନିଜଣ ବଞ୍ଚିବାର ଆଶାଅଛି ।

ଗଡ଼ଜାତର ଅଶିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ଗଡ଼ଜାତମାନ ଗସ୍ତ କରି ସମ୍ପ୍ରତି ଏ ନଗରକୁ ଫେରି ଆସିଅଛନ୍ତି ।

ଏଠା ଷ୍ଟେଟଅଦାଲତର ଗୋଟିଏ ମୋହରରୀ କର୍ମ ଖାଲି ହେବାରୁ ଜଣେ ବଡଉକୀଲର ମୋହରର ତହିଁ ସକାଶେ ପ୍ରାର୍ଥନା କରି ନିଯୁକ୍ତ ହେଲେ ମାତ୍ର ଦୁଇ ତିନିଦିନ କର୍ମ କରି ଇସ୍ତଫା ଦେଲେ । ଲୋକେ ଏଥିର ପ୍ରକୃତ କାରଣ ନ ଜାଣି ନାନା ଅର୍ଥ କରୁଅଛନ୍ତି ଓ ତହିଁର ଫଳ ଅଦାଲତ ପକ୍ଷରେ ଯେମନ୍ତ ଶୁଭ ତେମନ୍ତ ଅଶୁଭ ଅଟଇ ।

ଡେଲିନ୍ୟୁସ ଅବଗତ ହୋଇଅଛନ୍ତି କି ଟିକାରିର ମହାରାଣୀ ଆପଣା ପ୍ରଜାଙ୍କ ଶିକ୍ଷାନିମନ୍ତେ ଗୋଟିଏ ଇଂରାଜୀସ୍କୁଲ ସ୍ଥାପନ କରିବା କାରଣ ତିରିଶହଜାର ଟଙ୍କା ଦାନ କରିଅଛନ୍ତି ।

ଏହି ସୂତ୍ରରେ ଜାଣିଲୁଁ ଯେ ପ୍ରତାପ ଗଡ଼ର ରାଜା ଆପଣା ସ୍ତ୍ରୀଙ୍କୁ ସଙ୍ଗେ ଘେନି ଇଂଲଣ୍ଡକୁ ଯିବାର ସ୍ଥିର କରିଅଛନ୍ତି ଓ ସେଠାରେ ବାରିଷ୍ଟରର ଯୋଗ୍ୟତା ସକାଶେ ଶିକ୍ଷାଲାଭ କରିବାକୁ ମାନସ ରଖନ୍ତି ।

ଶୁଣାଯାଏ ଯେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ରେବିନ୍ୟୁ ସେକ୍ରେଟରୀ ଭାରତବର୍ଷର ସମସ୍ତ ବନ୍ଦର ଦେଖିବା ଓ କେଉଁ ବନ୍ଦରରେ କି କି ଅଭାବ ଅଛି ତାହା ସ୍ଥିର କରିବା ସକାଶେ ଶୀଘ୍ର କଲିକତାରୁ ଯାତ୍ରା କରିବେ ।

ବମ୍ବେଇଗଜେଟ ଲେଖନ୍ତି କି ବରୋଦାରେ ୧୦୧ ଗୋଟା ସଂସ୍କୃତ ଓ ଭାଷା ବିଦ୍ୟାଳୟ ଅଛି ଓ ତହିଁରେ ୧୦୦୦୦ ବାଳକ ଅଧ୍ୟୟନ କରନ୍ତି ଓ ଏଥିରେ ଗୁଇକୁଆଁରଙ୍କ ସରକାରର ଏକ-ଲକ୍ଷ ଟଙ୍କା ବାର୍ଷିକ ବ୍ୟୟ ହୁଅଇ । ଏପରି ସମ୍ପ୍ରତି ଗୋଟିଏ ଶିଳ୍ପବିଦ୍ୟାଳୟ ସ୍ଥାପନ ହୋଇଅଛି ଏହାଦ୍ୱାରା ଶ୍ରମଜୀବିଙ୍କର ଅନେକ ଉନ୍ନତି ହେବ ।

ସୁରଜନଗରର ଗବର୍ଣ୍ଣମେଣ୍ଟ ଟ୍ରେଜରର ଖଜାଞ୍ଚି ଦଶହଜାର ଟଙ୍କା ଅତ୍ମସାତ୍ କରି ଅନ-ଦେଶ ହୋଇଅଛନ୍ତି ଓ ପୁଲିସ ତାହାଙ୍କୁ ଧରିବାର ଚେଷ୍ଟାରେ ଅଛନ୍ତି । ଏତେ ଜରୁର ସରକାରୀ ଖଜଣାଖାନାରେ ଚୋରି ହେଉଅଛି ବଡ଼ ଆଶ୍ଚର୍ଯ୍ୟ ବ୍ୟାପାର ।

ବାବୁ ଭୋଳାନାଥ ଦାସ ଏକଜିକ୍ୟୁଟିବ ଇ-ଞ୍ଜିନିୟର ଯେକି ପୂର୍ବେ କଟକରେ ଥିଲେ ସମ୍ପ୍ରତି ଧୂବଡ଼ିରେ ଅଛନ୍ତି ଓ ଧୂବଡ଼ିଠାରୁ ଗୌହାଟି ପର୍ଯ୍ୟନ୍ତ ଗୋଟିଏ ସଡ଼କ ଦୁଇଲକ୍ଷ ଟଙ୍କାରେ ଅର୍ଥାତ୍ ପ୍ରଥମରେ ଯେତେ ଇଷ୍ଟିମିଟ ହୋଇଥିଲା ତହିଁରୁ ସତୁରିଲକ୍ଷ ଟଙ୍କା ଊଣାରେ ନିର୍ମାଣ କରି ଅଛନ୍ତି । ଏଥିରୁ ପାଠକମାନେ ଜାଣିବେ ଯେ ଦେଶୀୟ କର୍ମଚାରୀମାନେ ଯେମନ୍ତ ଅଧିକ ଟଙ୍କାର କର୍ମ ଉତ୍ତମରୂପେ କରିପାରନ୍ତି ତେମନ୍ତ ଏହାଙ୍କ ହାତରେ ଇଂରାଜଙ୍କଠାରୁ ଅଳ୍ପ ବ୍ୟୟରେ କା-ର୍ଯ୍ୟ ସାଧନ ହୁଅଇ ।

କଥିତ ହୁଅଇ ଯେ ଚଳିତମାସ ତା୧୦ ରିଖର ଜାହାଜରେ ବମ୍ବେଇର ଗବର୍ଣ୍ଣର ସରଫିଲିପ ଓଡ଼ହାଉସ କର୍ମ ତ୍ୟାଗକରି ସ୍ୱଦେଶକୁ ଯିବେ ଏବଂ ସେହି ଦିନ ସରୁ ରିଚାର୍ଡ଼ ଟେମ୍ପଲ ଉକ୍ତ କାର୍ଯ୍ୟର ଭାର ଗ୍ରହଣ କରିବେ । ବର୍ତ୍ତମାନ ଦୁର୍ଭିକ୍ଷ ସମ୍ପର୍କୀୟ କାର୍ଯ୍ୟରେ ଟେମ୍ପଲସାହେବ ବଡ଼ ବ୍ୟସ୍ତ ଅଛନ୍ତି ସୁତରାଂ ଏହାଙ୍କର କଲିକ-ତା ଆସିବା ହେଲା ନାହିଁ ।

ମହୀସୁରରେ ଗୋଟିଏ ଭୟଙ୍କର ଡକାଇତି ହୋଇଅଛି । ଡକାଇତମାନେ ଘରେ ପଶି ସ୍ତ୍ରୀ-ମାନଙ୍କୁ ଅପମାନ କରି ଓ ଜଣେ ପୁରୁଷକୁ ପୋଡପକାଇ ଦୁଇହଜାର ଟଙ୍କାର ଅଳଙ୍କାର ଓ ନଗଦ ଘେନି ପଳାଇଲେ । ସେମାନଙ୍କ ମଧ୍ୟରୁ ଜି ୧୬ ଣ ଗୋଟାଏ ଜଙ୍ଗଲ ନିକଟରେ ଧରାପଡି ହାଜତରେ ଥିଲେ ଓ ଗୁରିଜଣ କନ-ଷ୍ଟେବଲ ଓ ଜଣେ ଵାର୍ଡର ପହରା ଦେଉଥିବା ପ୍ରତ୍ୟକ୍ଷେ ଜେଲଘରର ପକ୍କା ଛାତକୁ କଣା କରି କି ୯ ଣ ଡକାଇତ ପଳାଇଗଲେ ।

ଦଘାପଟିଆର ଜମିଦାର ରାଜା ପ୍ରମଥନାଥ ରାୟବାହାଦୁର ବଙ୍ଗଲା ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ପଦରେ ନିଯୁକ୍ତ ହୋଇ ଅଛନ୍ତି । ଏ ମହାଶୟ ଜଣେ ପ୍ରାଚୀନ ବଂଶୋଦ୍ଭବ ଏବଂ ବିଚକ୍ଷଣତା ଓ ସାଧାରଣ ହିତ ସକାଶେ ଖ୍ୟାତି ଲଭି ଅଛନ୍ତି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ କେନରାପ-ଡ଼ାର ପୂର୍ବ ହାକମ ଉଇଲସନ ସାହେବ ବାରାସ-ତର ଜଏଣ୍ଟ ମାଜିଷ୍ଟ୍ରେଟ ହୋଇ ଏମନ୍ତ କାର୍ଯ୍ୟ କରୁଅଛନ୍ତି ଯେ ସେଠା ଲୋକେ ତାହାଙ୍କୁ କଲ୍‌ଭିନ ସାହେବଙ୍କ ସରି କରିଅଛନ୍ତି ।

ଟାକ୍ସ ବନ୍ଦୋବସ୍ତ କରି ଲୋକଙ୍କୁ ସନ୍ତୋଷ କରିବା ବଡ଼ କଠିନ ମାତ୍ର ବାଲେଶ୍ୱର ସମ୍ବାଦ-ବାହିକାରୁ ଅବଗତ ହେଲୁଁ ଯେ ସେଠାରେ ଟାଉନ ଟାକ୍ସର ବନ୍ଦୋବସ୍ତ ବର୍ତ୍ତମାନ ଯେପରି ହେଉଅଛି ତହିଁରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି ଅର୍ଥାତ୍ ସୁବିଚାର ପୂର୍ବକ କରି ଧାର୍ଯ୍ୟ ହେଉଅ-ଛି । ଯେଉଁଠାରେ ଅନ୍ୟାୟ ହେଉଅଛି ତହିଁର ଯଥାର୍ଥ ପ୍ରତୀକାର ଅପୀଲରେ ପ୍ରାପ୍ତ ହେଉଅଛି ।

ଗତ ଉତ୍କଳଦର୍ପଣରେ ଅତ୍ୟନ୍ତ ଦୁଃଖରସ-ହିତ ପାଠକଲୁଁ ଯେ ବାଲେଶ୍ୱର ନଗରରେ ଓଲାଉଠା ରୋଗ ବଡ଼ ପ୍ରବଳ ହୋଇଅଛି ଏବଂ ଏମନ୍ତ ତୀକ୍ଷ୍ଣରୂପେ ଆକ୍ରମଣ କରୁଅଛି ଯେ ୩।୪ ଘଣ୍ଟା ମଧ୍ୟରେ ମୃତ୍ୟୁଘଟନା ହେଉଅଛି । କେ-ତେଗୁଡିଏ ଗବର୍ଣ୍ଣମେଣ୍ଟ କର୍ମଚାରୀ ଓ ଭଦ୍ରଲୋକ ଏ ରୋଗରେ ମରାପଡ଼ି ଅଛନ୍ତି ଏବଂ ନଗର ବାସିଙ୍କର ଏମନ୍ତ ଭୟ ହୋଇଅଛି ଯେ ସନ୍ଧ୍ୟା ଉତ୍ତାରୁ ହାଟ ବଜାର କରିବାକୁ କେହି ସାହସୀ ହେଉ ନାହାନ୍ତି । ନଗରର ଅବସ୍ଥା ଏରୂପ ଅଥଚ ସ୍ଥାନୀୟ ହାକମଙ୍କର ଏ ପକ୍ଷରେ କିଛି ଯତ୍ନ ନାହିଁ ଏହା ଶୁଣି ଆମ୍ଭେମାନେ ଅନ୍ତର ଦୁଃଖିତ ହେଲୁଁ ।


# NOTICE.

FOR SALE.

THE ORISSA TRIBUTARY STATES; their present condition, and how to improve it.

Price one Rupee.

To be had at the Cuttack Printing Company's Press Depository.



ବିଜ୍ଞାପନ ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରାଯାଉ ଅଛି ଯେ ଅତ୍ରସ୍ଥ ଓଡ଼ିଶା ମେଡିକେଲ ସ୍କୁଲରେ ଛଅଗୋଟି ବୃତ୍ତି ଖାଲିଅଛି ଏବଂ ଏତଦ୍ଭିନ୍ନ ପରି-ମିତ ସଂଖ୍ୟକ ଅବୈତନିକ ଛାତ୍ର ଗ୍ରହଣ କରା ଯିବେ । ନିମ୍ନଲିଖିତ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ନିକ-ଟରେ ଅବେଦନ କରିବାକୁ ହେବ । ଅବେ-ଦନକାରିମାନେ ୧୮୬୭ ମସିହା ତା ୨୫ ରିଖ ମେ କଟକସ୍ଥ ଓଡ଼ିଶା ମେଡିକଲ ସ୍କୁଲରେ ଉପସ୍ଥିତ ହେବେ ।

W. D. Stewart,
*Supdt. O. M. School.*


☞ ଏହି ଉତ୍କଳଦୀପିକା ସହରକଟକ ଦର-ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



REGISTERED NO. 32

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୨ ଶ
ସ ୧୭ ଖ୍ୟା

ତା ୨୮ ତାରିଖ ମାହେ ଅପ୍ରେଲ ସନ ୧୮୭୭ ମସିହା । ମୁ । ବୈଶାଖ ଦ ୧୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୭୯
ମଫସଲପାଇଁ ଡାକମାସୁଲ ଟ୧୫୦

ଜଳକରର ନୂତନ ଆଇନ ଗତ ସପ୍ତାହର କଲିକତା ଗେଜେଟରେ ପ୍ରକାଶ ଅଛି । ତହିଁର ହେତୁବାଦରେ ଲେଖାଅଛି ଯେ ଗବର୍ଣ୍ଣମେଣ୍ଟଇଣ୍ଡିଆ ବଙ୍ଗଳା ଗବର୍ଣ୍ଣମେଣ୍ଟ ଉପରେ ନାଲବାବତ ନୋକସାନୀ ପୂର୍ଣ୍ଣ କରିବାର ଭାର ପକାଇବାରୁ ବଙ୍ଗାଳାର ନିୟମରେ ଜଳକର ନିଆଯିବ ଓ ଆଇନରେ କର ଆଦାୟ କରିବାର ଏହିରୂପ ବ୍ୟବସ୍ଥା ହୋଇଅଛି କି ଏକ ନାଲ ଅଥବା ତହିଁର ଏକ ଅଂଶରୁ ଯେତେ ଭୂମିକୁ ଜଳ ଦିଆ ଯାଇପାରେ ନାଲ ଇଲାକାର ଇଞ୍ଜିନିୟର ତହିଁର ଏକ ନକ୍ସା ପ୍ରସ୍ତୁତ କରିବେ ଓ ନାଲ ବନ୍ଧଦ୍ୱାରା ଯେତେ ଭୂମି ରକ୍ଷା ପାଇଅଛି ତାହା ପୃଥକ୍ କରି ଦେଖାଇବେ । ଏ ନକ୍ସା କଲେକ୍ଟରସାହେବଙ୍କ ନିକଟକୁ ଆସିଲାରୁ ନକ୍ସା ଲିଖିତ ଭୂମିଖଣ୍ଡରେ କର ଆଦାୟ ହେବ ବୋଲି କଲେକ୍ଟରସାହେବ ଘୋଷଣା ଦେବେ । ଯେତେ ଭୂମିକୁ ଜଳ ଯାଇ ପାରିବ ତହିଁ ଉପରେ ମାଣପ୍ରତି ଦୁଇଟଙ୍କା ଓ ଯେତେ ଭୂମି କେବଳ ବନ୍ଧଦ୍ୱାରା ରକ୍ଷା ପାଇଥିବ ତହିଁ ଉପରେ ମାଣପ୍ରତି ଆଠଅଣା କର ବସିବ । ଜମିଦାରମାନେ ଏ କର ପ୍ରଜାଙ୍କଠାରୁ ଆଦାୟ କରି ଗବର୍ଣ୍ଣମେଣ୍ଟରେ ରାଜସ୍ୱ ଦେବା ନ୍ୟାୟରେ ଦାଖଲ କରିବେ ଓ ଲାଖରାଜ ଭୂମିର କର ମଧ୍ୟ ଜମିଦାରମାନେ ଆଦାୟ କରି ଦେବେ । ରଇତଙ୍କଠାରୁ ଖଜଣା ଆଦାୟ କରିବାର ଯେଉଁ ନିୟମ ପ୍ରଚଳିତ ଅଛି ସେହି ନିୟମାନୁସାରେ ଜଳକର ମଧ୍ୟ ଆଦାୟ ହେବ । କ୍ଷେତକୁ ଜଳ ନେବାସକାଶେ ପାଣିମାହାରା ପ୍ରଜାମାନେ ଆପଣା କ୍ଷେତମଧ୍ୟରେ ବା ପାଖରେ ଆପଣା ବ୍ୟୟରେ କାଟି ନେବେ ଓ ଯେବେ ସେମାନେ କାଟି ନ ନେବେ ଓ ତହିଁରେ ଅନ୍ୟ ରଇତଙ୍କ ଜଳ ନେବାର କଷ୍ଟ ହେବ ତେବେ ନାଲ କର୍ମଚାରୀ ତାହା କଟାଇ ଦେଇ ତହିଁର ଖର୍ଚ୍ଚା ସମସ୍ତ ପ୍ରଜାଙ୍କଠାରୁ ଆଦାୟ କରି ନେବେ । ପାଣିମାହାରା କାଟି ଦେବାଦ୍ୱାରା ଜଳ ବୋହି ଯାଇ ଯେବେ ନୋକସାନ ହେବ ଓ ଯେଉଁ ବ୍ୟକ୍ତି ଉକ୍ତ କ୍ଷତି କରିଥିବ ସେ ଧରା ନ ପଡିବ ତେବେ ନାଲ କର୍ମଚାରୀ ଉକ୍ତ ପାଣିମାହାରା ଯାହାଙ୍କ ବିଲଦେଇ ଯାଇଥିବ ସେ ସମସ୍ତଙ୍କୁ ଦାୟୀ କରି ତାହାଙ୍କଠାରୁ କ୍ଷତିପୂରଣ ନେବେ ।

ଏହିରୂପେ ଦେଖାଯାଏ ଯେ ପ୍ରଜାମାନେ କେବଳ ଜଳକର ଦେବେ ଏମନ୍ତ ନୁହେ ମାହାରା କାଟି ଜଳ ନେବେ ଓ ମାହାରାର ପହରା ଦେବେ ଓ ଜମିଦାରମାନେ ଆପଣା ରଇତଙ୍କ ଖଜଣା ଆଦାୟ କରିବେ ଓ ତହିଁ ଉପରେ ଲାଖରାଜଦାରଙ୍କର ଜମି ମାପ କରି ସେମାନଙ୍କଠାରୁ ଉଚିତ କର ଆଦାୟ କରିବେ ଓ ନିରୂପିତ ଦିନରେ ସରକାରରେ କର ଦାଖଲ ନ କଲେ ତାହାଙ୍କର ଜମିଦାରୀ ନିଲାମ ହୋଇ ପାରିବ । ଜମିଦାର ଓ ପ୍ରଜାଙ୍କର ଏ ଆଇନଦ୍ୱାରା କେତେ ସୁବିଧା ହେବ ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

---

### ଓଡିଶାର ବାଣିଜ୍ୟ ।

ଗତ ଫେବୃଏରିମାସ ବାବତ କଷ୍ଟମ ବିଭାଗର ତାଲିକାମାନଙ୍କରୁ ଦେଖାଯାଏ ଯେ ଉକ୍ତ ମାସରେ ବାଲେଶ୍ୱରରେ ତଳଲିଖିତ ପ୍ରକାର କାର୍ଯ୍ୟ ହୋଇଥିଲା । ଯଥା—

ଖ ୫୩ ଶ୍ରୀ ଜାହାଜ ଏ ବନ୍ଦରକୁ ଆସିଥିଲା ଏବଂ ଖ ୫୪ ଶ୍ରୀ ଜାହାଜ ବନ୍ଦରରୁ ବାହାର ଯାଇଥିଲା । ଏଥିମଧ୍ୟରେ ବିଦେଶକୁ ଦୁଇଖଣ୍ଡ ଜାହାଜ ଓ ଅନ୍ୟସବୁ ଭାରତବର୍ଷୀୟ ବନ୍ଦରମାନଙ୍କୁ ଯାଇଥିଲା ।

ବାଲେଶ୍ୱରକୁ ଏହି ମାସରେ ମୋଟ ଟ ୯୦୨୮୦୭୯ କାର ଦ୍ରବ୍ୟ ଆମଦାନୀ ହୋଇଥିଲା । ତହିଁ ମଧ୍ୟରେ ତଳଲିଖିତ ଦ୍ରବ୍ୟ ପ୍ରଧାନ । ଯଥା;—

| | |
|---|---|
| କପାସୂତା ଓ ଲୁଗା | ଟ ୧୦୧୧୨୮ |
| ଅଖା | ଟ ୫୪୯୩୧ |
| ଧାତୁ | ଟ ୮୪୭୫୭ |
| ଗରମମସଲା | ଟ ୧୭୩୩୫ |
| ଆନରୂପା | ଟ ୨୧୭୭୦୦ |

ଏହି ମାସରେ ମୋଟ ଟ ୯୨୭୦୨୨୯ କାର ଦ୍ରବ୍ୟ ରପ୍ତାନୀ ହୋଇଥିଲା ତହିଁ ମଧ୍ୟରେ ତଳଲିଖିତ ଦ୍ରବ୍ୟମାନ ପ୍ରଧାନ ଅଟଇ । ଯଥା;—

| | |
|---|---|
| ଚାଉଳ | ଟ ୨୧୨୮୪୭ |

Digitized by srujanika@gmail.com

Split by PDF Splitter



| | | |
|---|---|---|
| ଧାନ | ଟ | ୯୩୨୫ |
| ଝୋଟ | ଟ | ୧୦୭୨ |
| ରୂପା | ଟ | ୨୧୧୪୧ |

ଏଥିର ପୂର୍ବମାସସହିତ ତୁଳନା କରି ଦେଖା ଯାଏ ଯେ ସେ ମାସରେ ଯେତେ କାରବାର ହୋଇଥିଲା ତହିଁର ଦ୍ଵିଗୁଣ କାରବାର ଏ ମାସରେ ହୋଇଅଛି ।

କଟକ ବନ୍ଦରରେ ଏହି ଫେବ୍ରୁଏରିମାସରେ ତଳଲିଖିତରୂପ ବାଣିଜ୍ୟ ହୋଇଥିଲା ଅର୍ଥାତ୍ ଏମାସରେ ଟ ୩୫୩୦୦୦୯ ଙ୍କାର ଦ୍ରବ୍ୟ ଆମଦାନୀ ହୋଇଥିଲା ତହିଁମଧ୍ୟରେ ତଳ ଲିଖିତ ଦ୍ରବ୍ୟ ପ୍ରଧାନ । ଯଥା;—

| | | |
|---|---|---|
| ସୂତା ଓ ଲୁଗା | ଟ | ୧୩୬୨୬୫ |
| ମଦ୍ୟ | ଟ | ୫୨୦୦ |
| ରେସମଥାନ | ଟ | ୫୦୦୦ |
| ମସଲା | ଟ | ୪୦୦୦୦ |
| ଧାତୁ | ଟ | ୨୪୦୦୦ |
| ଅଖା | ଟ | ୨୦୦୦୦ |

ରପ୍ତାନୀ ଦ୍ରବ୍ୟର ମୂଲ୍ୟ ମୋଟରେ ଟ ୨୧୪୫୭୨୮ ଏଥିମଧ୍ୟରୁ କେବଳ ପାଞ୍ଚହଜାର ଟଙ୍କାର ମାଲ କଲିକତାକୁ ଓ ଅବଶିଷ୍ଟ ସବୁ ମାନ୍ଦ୍ରାଜକୁ ଯାଇଥିଲା । ରପ୍ତାନୀ ଦ୍ରବ୍ୟ ମଧ୍ୟରେ ଶସ୍ୟ ପ୍ରଧାନ । ଯଥା;—

| | | |
|---|---|---|
| ଚାଉଳ | ଟ | ୧୮୧୨୭୦ |
| ଗହମ | ଟ | ୩୯୭୬ |
| ଅନ୍ୟାନ୍ୟ ଶସ୍ୟ ପ୍ରାୟ | ଟ | ୧୦୦୦୦ |

କଟକ ବନ୍ଦରକୁ ଏମାସ ମଧ୍ୟରେ ଖ ୧୯ ଣ୍ତ ଜାହାଜ ଆସିଥିଲା ଓ ଖ ୧୪ ଣ୍ତ ଜାହାଜ ବୋଝାଇ ହୋଇ ବାହାରି ଯାଇଥିଲା ।

ପୂର୍ବ ମାସର ତାଲିକା ସଙ୍ଗେ ତୁଳନା କରି ଦେଖିଲେ ଏମାସର କାରବାର କିଛି ଊଣା ହୋଇଅଛି ତଥାପି ପ୍ରାୟ ଦୁଇଲକ୍ଷ ଟଙ୍କାର ଚାଉଳ ଏକ ମାସରେ ବାହାରି ଯିବା ସାମାନ୍ୟ କଥା ନୁହଇ । ମାନ୍ଦ୍ରାଜ ଦୁର୍ଭିକ୍ଷ ହେତୁ ଏହା ହୋଇଅଛି ଏବଂ ଏଥିରେ କୃଷିଙ୍କର ଅଧିକା ଲାଭ ହୋଇଥିଲେହେଁ କଣିଖିଆମାନେ ଏକ- ପ୍ରକାର ଦୁର୍ଭିକ୍ଷର କଷ୍ଟ ଭୋଗ କରୁଅଛନ୍ତି ବୋଲିବାକୁ ହେବ କାରଣ ମୋଟଚାଉଳ ସେରକୁ ପାଞ୍ଚପଇସା ହୋଇଅଛି ।

## ଓଡିଶାର ଉନ୍ନତି ।

ଓଡିଶାର ଉନ୍ନତି ବିଷୟରେ ଅମ୍ଭେମାନେ ଗତସପ୍ତାହରେ ଶ୍ରୀଯୁକ୍ତ ରେବନସା ସାହେବଙ୍କ ବକ୍ତୃତାର ଏକଅଂଶ ପ୍ରକାଶ କରିଥିଲୁଁ । ବାସ୍ତବରେ ସେ ଯାହା କହିଅଛନ୍ତି କି ଓଡିଶାର ପ୍ରଜାଙ୍କ ଅବସ୍ଥା ପୂର୍ବଠାରୁ ଅନେକ ଭଲ ହୋ- ଇଅଛି ଯଥା ସେମାନେ କଂସା ବାସନ ଓ ଅଳଙ୍କାର ଲାଭ କରିଅଛନ୍ତି ଏବଂ ଜମିଦାରଙ୍କ- ଉନ୍ନତି ହେବାରୁ କେତେବର୍ଷ ହେଲା ଲାଟବ- ନ୍ଦିରେ ଜମିଦାରୀ ନିଲାମ ହେଉ ନାହିଁ ଏହା ମିଥ୍ୟା ନୁହଇ ମାତ୍ର ବଡ଼ ଦୁଃଖର ବିଷୟ ଯେ ସେ ଏତେକାଳ ଓଡିଶାରେ ରହି ଏ ଉନ୍ନତିର ପ୍ରକୃତ କାରଣ ବୁଝି ନ ପାରି ନାଲଜଳଦ୍ଵାରା ତାହା ହୋଇଥିବାର ଅକାତରରେ କହି ଦେଲେ । ଯେବେ ଚଷାମାନଙ୍କର ଉନ୍ନତି ନାଲଜଳ ହେତୁ ନ ହୋଇ ନାଲକାର୍ଯ୍ୟଦ୍ଵାରା ହୋଇଥିବାର କହିଥାନ୍ତେ ତେବେ ତାହାଙ୍କର କଥା ସମ୍ପୂର୍ଣ୍ଣ ନ ହେଉ ଅନେକ ପରିମାଣରେ ସତ୍ୟ ହୋଇଥାନ୍ତା କାରଣ ନାଲଜଳଦ୍ଵାରା କ୍ଷେତର ବିଶେଷ ଉପକାର ହେବ କି ନାହିଁ ଅବଧି ଜଣା ଯାଇ ନାହିଁ ମାତ୍ର ନାଲ ଯୋଗେ ଅନ୍ୟାନ୍ୟ ଅନେକ ଶ୍ରୀବୃଦ୍ଧି ହୋଇଅଛି । ନାଲ ନିର୍ମାଣ ହେବା ପୂର୍ବେ ଏ ନଗରରେ ମୂଲିଆର ନିତ୍ୟାନି ମୂଲ ପାଞ୍ଚପଇସା ଥିଲା ନାଲ ଯୋଗୁଁ ତାହା ଦଶପଇସା ହେଲା ଓ ଅବଧି ତାହା ଅଛି । ନାଲରେ ଏତେ ମୂଲିଆ ଲାଗିଲେ ଯେ ଦେଶର ମୂଲିଆ ନିଅଣ୍ଟ ହେବାରୁ ଦକ୍ଷିଣରୁ ମୂଲିଆ ଆମଦାନୀ ହେଲା ଏଥିରୁ ଏ ପ୍ରଦେଶର ଚଷାମାନେ ମୂଲିଆ କର୍ମ କରନ୍ତି ଓ ସେମାନେ ନାଲ କାର୍ଯ୍ୟରେ ମୂଲ ଲାଗି ତଦ୍ଦ୍ଵାରା ଆପଣା ଖର୍ଚ୍ଚ ଚଳାଇବାକୁ ସମର୍ଥ ହେଲେ ଏହିପରି ଗୃହ ସଙ୍ଗେ ମୂଲ ଲାଗିବା କର୍ମ ଚଳିବାରୁ ତାହାଙ୍କର ଅବସ୍ଥା ଅନେକ ଭଲ ହୋଇ ଗଲା । ନାଲ ନିର୍ମାଣରେ ସାମାନ୍ୟ ଟଙ୍କା ବ୍ୟୟ ହୋଇ ନାହିଁ ଓ କି ମୂଲିଆ କି ବଢେଇ କମାର ରାଜ ମଜୁର ଇତ୍ୟାଦି ଶିଳ୍ପକର କି ଅନ୍ୟାନ୍ୟ ଶ୍ରେଣୀର ଲୋକମାନେ ପ୍ରଚୁର ପରିମାଣରେ ମୂଲ ପାଇଲେ ଓ ଏସବୁ ବ୍ୟବ- ସାୟ ଲାଭକର ହେବାର ଦେଖି ଅନେକ ଲୋକ ତାହା ଶିକ୍ଷା କଲେ । ସୁତରାଂ ଦେଖା ଯାଏ ଯେ ନାଲକାର୍ଯ୍ୟ ନିର୍ମାଣ ହେବାରେ ଅନେକ ଟଙ୍କା ଏ ଜିଲାରେ ବ୍ୟୟ ହେବାରୁ ତଦ୍ଦ୍ଵାରା ଏଠା ଲୋକଙ୍କର ବିଶେଷ ଉପକାର ହୋଇଅଛି । ଏପରି ନାଲଯୋଗେ ବାଣିଜ୍ୟର ଅଧିକ ବିସ୍ତାର ହେଲା । ଫାଲସର ବନ୍ଦର ତହିଁ ପୂର୍ବରୁ ଥିଲା ସତ୍ୟ ମାତ୍ର କଟକ ନଗରଠାରୁ ଜଳପଥ ନ ଥିବାରୁ ବାଣିଜ୍ୟର ସୁବିଧା ହୋଇ ନ ଥିଲା । ଏକା କେନ୍ଦ୍ରାପଡା ନାଲ ସକାଶେ ଯେ କେତେ ଉପକାର ହୋଇଅଛି ଓ କେତେ ବାଣିଜ୍ୟ ବଢିଅଛି ବୋଲି ଯାଇ ନ ପାରେ ବାସ୍ତବରେ ବର୍ତ୍ତମାନ ବାଣିଜ୍ୟର ଯେତେ ଶ୍ରୀବୃଦ୍ଧି ହୋଇଅଛି ତହିଁର ମୂଳକାରଣ ଏହି ନାଲ ଅଟଇ । ଏ ପ୍ରଦେଶର ପ୍ରଧାନ ବାଣିଜ୍ୟ ଶସ୍ୟ ଅଟଇ ଓ ତାହା ବୃଦ୍ଧି ହେବାରୁ କୃଷିଙ୍କର ସାକ୍ଷାତ୍ ଲାଭ ହୋଇଅଛି ଅତଏବ ଅମ୍ଭେମାନେ ସ୍ଵୀକାର କରୁଁ ଯେ ନାଲଦ୍ଵାରା ଓଡିଶା ପ୍ରଜାଙ୍କର ଅନେକ ଉନ୍ନତି ହୋଇଅଛି ଓ ତହିଁରେ ଗବ- ର୍ଣ୍ଣମେଣ୍ଟଙ୍କର ମଧ୍ୟ ନାନାପ୍ରକାର ଆୟ ବଢିଅଛି ମାତ୍ର ନାଲ ଜଳଦ୍ଵାରା ଫସଲ ରକ୍ଷା ବା ଅଧିକା ଫସଲ ଲାଭଦ୍ଵାରା ପ୍ରଜାଙ୍କର ଉନ୍ନତି ହୋଇଅଛି ଏମନ୍ତ ବୋଲିବା నିତାନ୍ତ ଭ୍ରମାତ୍ମକ ଅଟଇ ଏବଂ ରେବନସାସାହେବ ଏତେ ଦୀର୍ଘକାଳ ଓଡିଶାରେ ରହି ତାହା ଜାଣି ନ ପାରିଲେ ବଡ ଆଶ୍ଚର୍ଯ୍ୟର କଥା ଅଟଇ ସେ ସ୍ଵୟଂ କହି- ଅଛନ୍ତି କି ଓଡିଶାର ଏକ ଅଂଶରେ କେବଳ ନାଲ ନିର୍ମାଣ କର୍ଯ୍ୟ ଶେଷ ହୋଇଅଛି ଏବଂ ଜଳକର ଆୟ ଅଧିକ ନ ହେବାରୁ ଜଣାଯାଏ ଯେ ଉକ୍ତ ଅଂଶର ପ୍ରଜାମାନେ ମଧ୍ୟ ଅଧିକ ପରିମାଣରେ ଜଳ ନେଇ ନାହାନ୍ତି ତେବେ କିପରି ନାଲ ଜଳଦ୍ଵାରା ପ୍ରଜାଙ୍କର ଉନ୍ନତି ହେଲା ? ନାଲଜଳରେ ଉପକାର ଅଛି କି ନାହିଁ ସେ କଥା ପୃଥକ୍ ଅଟଇ ମାତ୍ର ନାଲଜଳ ବ୍ୟବହାରର ଅବସ୍ଥା ଦେଖି ଅବଶ୍ୟ ସ୍ଵୀକାର କରିବାକୁ ହେବ ଯେ ଏଥିରେ ସାଧାରଣରୂପେ ପ୍ରଜାଙ୍କର ଉପକାର ହୋଇ ନାହିଁ ।

ଓଡିଶାର ବିଶେଷରେ କଟକଜିଲାର ପ୍ରକୃତ ଉନ୍ନତି କେବଳ ବାଣିଜ୍ୟଦ୍ଵାରା ହୋଇଅଛି । ପୂର୍ବେ ଓଡିଶାର ଯତ୍କିଞ୍ଚିତ୍ ବାଣିଜ୍ୟ ବାଲେଶ୍ଵର ଓ ପୁରୀରେ ହେଉଥିଲା ଫାଲସରବାଟେ ମାଲ ଆମଦାନୀ ଓ ରପ୍ତାନୀର ସୁବିଧା ନ ଥିବାରୁ କଟକଜିଲାର ବାଣିଜ୍ୟ କିଛିମାତ୍ର ନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ ୧୮୬୦ ମସିହାରେ କଲିକତାର ମହାଜନ ଗୃବର୍ଟ ସେରଅଲ ଏଠାରେ କାରବାର ଆରମ୍ଭ କଲେ ସେହି ସମୟରୁ ବାଣିଜ୍ୟର ସୂତ୍ରପାତ ହେଲା ମାତ୍ର ସଡକ ଇତ୍ୟାଦି କିଛି ନ ଥିବାରୁ ଅତି ସାମାନ୍ୟରେ କାର୍ଯ୍ୟ ଚଳୁଥିଲା । ତହିଁଉତ୍ତାରୁ କେନ୍ଦ୍ରାପଡା ଓ ତାଳଦଣ୍ଡା ସଡକମାନ ହେଲା ଓ ସନ୧୮୬୬ଦୁର୍ଭିକ୍ଷ ପର୍ଯ୍ୟନ୍ତ କିଛି୨ ବାଣିଜ୍ୟ

Digitized by srujanika@gmail.com

Split by PDF Splitter



ବୃଦ୍ଧି ହେଲା । ଦୁର୍ଭିକ୍ଷରେ ଉକ୍ତ ମହାଜନଙ୍କର କାର୍ଯ୍ୟ ଯେମନ୍ତ ବନ୍ଦ ହେଲା ତେମନ୍ତ ଗବର୍ଣ୍ଣମେଣ୍ଟଙ୍କର ଓଡ଼ିଶାପ୍ରତି ଶୁଭଦୃଷ୍ଟି ପଡ଼ିଲା ସେହି ସମୟଠାରୁ ଗବର୍ଣ୍ଣମେଣ୍ଟ ବାଣିଜ୍ୟ ବିସ୍ତାର ଉଦ୍ଦେଶରେ ନାନାପ୍ରକାର କାର୍ଯ୍ୟମାନ କରିବାରୁ ଓ ଧୂଆଁକଳ ଜାହାଜ ଯିବା ଆସିବାର ବନ୍ଦୋବସ୍ତ କରି ଦେବାରୁ ଓଡ଼ିଶାର ଉନ୍ନତି ହୋଇଅଛି ।

---

## ପ୍ରଦେଶୀୟ ଏବଂ ଜଳକର ।

ଗତସପ୍ତାହ ଶୁକ୍ରବାର କଲିକତାରେ ଭାରତବର୍ଷୀୟ ସଭାର ଗୋଟିଏ ବିଶେଷ ଅଧିବେଶନ ହୋଇ ତହିଁରେ ନିମ୍ନଲିଖିତ ବିଷୟମାନ ଧାର୍ଯ୍ୟ ହୋଇଅଛି । ଯଥା—

୧ ॥ ଆୟ ବ୍ୟୟ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଯେଉଁ ନୂତନ ବ୍ୟବସ୍ଥା କରିଅଛନ୍ତି ତହିଁର ଫଳ ଏପରି ହୋଇଅଛି ଯେ ବଙ୍ଗଳାର ରାଜସ୍ୱରୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟର ସମସ୍ତ ବ୍ୟୟ ଉତାରୁ ଟଙ୍କା ଉଦ୍ବୃତ୍ତ ହେଉଥିଲେହେଁ ବଙ୍ଗଳାରୁ ନୂତନ କରଦ୍ୱାରା ଟଙ୍କା ଆଦାୟ କରିବାର ଆବଶ୍ୟକ ହୋଇଅଛି ଏଥିରେ ସଭା ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି ।

୨ ॥ ପ୍ରଦେଶୀୟ କର କେବଳ ଭୂମି ଉପରେ ବସିବାରୁ ଚିରସ୍ଥାୟୀ ବନ୍ଦୋବସ୍ତର ନିୟମକୁ ଲଙ୍ଘନ କରୁଅଛି ଏବଂ ସାଧାରଣ ହିତକାର୍ଯ୍ୟ ସକାଶେ ତାହା ଗୃହୀତ ହେବାରୁ ସ୍ଥାନୀୟ କର ପରି ହେଉ ନାହିଁ ଓ ରୋଡସେସ ଯେଉଁ ନ୍ୟାୟରେ ଗୃହୀତ ହେଉଅଛି ତହିଁର ବିପରୀତ ଅଟଇ ଏବଂ ଏକଶ୍ରେଣୀର ଲୋକଙ୍କଠାରୁ ତାହା ଆଦାୟ ହେଉଥିବାରୁ ଏହା ଅନ୍ୟାୟ ଏବଂ ଏଥିର ଭାର ଅସମାନ ହୋଇଅଛି ।

୩ ॥ ଜଳ ସେଚନକାର୍ଯ୍ୟ ସକାଶେ ବଳାତ୍କାର କର ନେବାର ବ୍ୟବସ୍ଥା ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଜଳ ସେଚନସମ୍ପର୍କୀୟ ନିୟମ ଏବଂ ପଞ୍ଜାବ ନାଳସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କର ସନ ୧୮୭୪ ସାଲର ବିଜ୍ଞପ୍ତିର ସହିତ ଅତ୍ୟନ୍ତ ଅନୈକ୍ୟ ଅଛି । ଏପରି କାର୍ଯ୍ୟକୁ ପ୍ରୟୋଜନ ଯୋଗାଇବାର ସାଧାରଣ ନିୟମରେ ଚଳାଇବାର ଉଚିତ ଓ ଏପରି ଟାକ୍ସର ଭାର ସମାନରୂପେ ପଡ଼ିବ ନାହିଁ କାରଣ ସବୁ ଭୂମି ନାଳଜଳଦ୍ୱାରା ସମାନରୂପ ଲାଭ ପାଇବ ନାହିଁ ଓ ପ୍ରଜାମାନଙ୍କୁ ସୁକାଳ ଓ ଅକାଳରେ ସମାନରୂପ କର ଦେବାକୁ ପଡ଼ିବ ।

୪ ॥ ଉପରଲିଖିତ ମର୍ମରେ ଉକ୍ତ କରଦ୍ୱୟ ବିରୁଦ୍ଧରେ ଗବର୍ଣ୍ଣମେଣ୍ଟ ବଙ୍ଗାଲକୁ ଆବେଦନମାନ ପଠାଯିବ ।

୫ ॥ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କୁ ପ୍ରାର୍ଥନା ହେବ ଯେ ବ୍ୟବସ୍ଥାପକ ସଭାରେ ଆବେଦନକାରଙ୍କ ପକ୍ଷରୁ ଉକୀଲ ଉପସ୍ଥିତ ହୋଇ ତାହାଙ୍କ ସତ୍ତ୍ୱ ରକ୍ଷା ପକ୍ଷରେ ତର୍କ ବିତର୍କ କରିବାକୁ ଅନୁମତି ମିଳିବ ।

ଅତଏବ ପାଠକମାନେ ଦେଖିବେ ଯେ ଅନ୍ୟାନ୍ୟ ସ୍ଥାନର ଲୋକମାନେ କଣ କରିବେ କି ନାହିଁ ତହିଁର ଅପେକ୍ଷା ନ ରଖି କଲିକତା ରାଜଧାନୀର ଦେଶୀୟ ଲୋକମାନେ ପ୍ରସ୍ତାବିତ ଦୁଇକର ବିରୁଦ୍ଧରେ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିବାର ଉଦ୍ୟମ କଲେଣି ଏବଂ ବୋଧହୁଏ ଏ ସରିକି ଦରଖାସ୍ତ ପଠାଇଥିବେ । ବଙ୍ଗଳା ଗବର୍ଣ୍ଣମେଣ୍ଟରେ କିଛି ଫଳ ହେବ ଏମନ୍ତ ଆଶା ହେଉ ନାହିଁ ମାତ୍ର ଇଣ୍ଡିଆ ଓ ଇଂଲଣ୍ଡ ପର୍ଯ୍ୟନ୍ତ ଚେଷ୍ଟା କରି ଦେଖିବାର ଉଚିତ ଏଥିରେ ଅଦୃଷ୍ଟରେ ଯାହା ଥାଉ ଓ ପରିଶେଷରେ ରାଜଦଣ୍ଡକୁ ଶିର କାହାର ଏହିପରି ମନେ କରି ଟାକ୍ସ ଦେବାକୁ ହେବ ।

ଏ ସଭାର ସଭାପତି ବାବୁ ଦିଗମ୍ବର ମିତ୍ର ହୋଇଥିଲେ ଓ ସେ ଗୋଟିଏ ସୁନ୍ଦର ବକ୍ତୃତା କରି ସଭା ଆରମ୍ଭ କରିଥିଲେ ଆମ୍ଭେମାନେ ପାଠକଙ୍କ ଜାଣିବା କାରଣ ତହିଁର କେତେକ ଅଂଶ ଏଠାରେ ଉଦ୍ଧୃତ କଲୁଁ । ଯଥା;—

ସେ କହିଲେ ଯେ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଆଜ୍ଞା ହେବାରୁ ଲେଫ୍ଟନାଣ୍ଟ ବଙ୍ଗାଲ ଅଗତ୍ୟା ଏପରି ଟାକ୍ସମାନ ବସାଇବାକୁ ସ୍ଥିର କରିଅଛନ୍ତି ନୋହିଲେ ମାନ୍ୟବର ଇଡ଼ନ ସାହେବ ଯେମନ୍ତ ବଙ୍ଗଳାର ବନ୍ଧୁ ଅଟନ୍ତି ସେ କଦାଚ ଏପରି ଟାକ୍ସ ବସାଇବାକୁ ପ୍ରବୃତ୍ତ ହୁଅନ୍ତେ ନାହିଁ । ଚିରସ୍ଥାୟୀ ବନ୍ଦୋବସ୍ତକୁ ଆକ୍ରମଣ କରିବା ସକାଶେ ରୋଡସେସ କର ବଙ୍ଗଳାରେ ଗତ ଛଅବର୍ଷ ତଳେ ବସିଥିଲା ମାତ୍ର ସେତେବେଳେ ଯେଉଁ ତର୍କ ବିତର୍କ ହୋଇଥିଲା ତହିଁରେ ବର୍ତ୍ତମାନ କରର କଥା କିରୂପେ ମୀମାଂସା ହେବାର କୁହା ଯିବ ତାହାଙ୍କୁ ଜଣା ନାହିଁ । ଜଳକର ସମ୍ପର୍କରେ ଉକ୍ତ କରର ପ୍ରସ୍ତାବକାରୀ ଏ କର ବସାଇବାର ଦୁଇଗୋଟି ହେତୁ ଦର୍ଶାଇ ଅଛନ୍ତି । ଯଥା—ପ୍ରଥମ ନାଳ ଜଳଦ୍ୱାରା ଦୁର୍ଭିକ୍ଷ ନିବାରଣ ହୋଇ ଦେଶର ଭାରି ଉପକାର ହେବ ଓ ଦ୍ୱିତୀୟ ନାଳ ଜଳଦ୍ୱାରା ସମାନରୂପେ ଅଧିକ ଫସଲ ହେବ । ପ୍ରଥମ ହେତୁ ସମ୍ପର୍କରେ ସେ କହି ପାରନ୍ତି ଯେ କୌଣସି ବର୍ଷରେ ଏକାବେଳକେ ବୃଷ୍ଟି ବନ୍ଦ ହୁଏ ନାହିଁ ଓ ସମ୍ପୂର୍ଣ୍ଣରୂପେ ଫସଲ ମାରି ପଡ଼ିବା ପ୍ରାୟ ଦେଖାଯାଏ ନାହିଁ କାରଣ ଅତ୍ୟନ୍ତ ମନ୍ଦବର୍ଷରେ ସୁଦ୍ଧା ଚତୁର୍ଥାଂଶ ଫସଲ ଲାଭ ହୁଏ ଏତିକି ଫସଲ ଏକଜିଲାର ଖର୍ଚ୍ଚ ସକାଶେ ପ୍ରଚୁର ନୁହଇ ସତ୍ୟ ମାତ୍ର ଅନ୍ୟ ଜିଲାର ଅଧିକା ଉତ୍ପନ୍ନଦ୍ୱାରା ତାହା ପୂର୍ଣ୍ଣ ହୋଇ ପାରେ । ବୃହତ ଭୂମିଖଣ୍ଡର ଦୁର୍ଭିକ୍ଷ କି ଯହିଁରେ ସର୍ବତ୍ରରେ ସମ୍ପୂର୍ଣ୍ଣରୂପେ ଫସଲ ମରି ପଡ଼ଇ ଏମନ୍ତ ପ୍ରାୟ ଘଟନା ହୁଅଇ ନାହିଁ । ଏକଶତ ବର୍ଷରେ ଏକଥର ସୁଦ୍ଧା ଏପରି ଦୁର୍ଭିକ୍ଷ ପଡ଼ିବା କଠିନ ଓ ଏପରି ଦୁର୍ଭିକ୍ଷ ପଡ଼ିଲେ ସୁବିଧାନଦ୍ୱାରା ତହିଁର ପ୍ରତୀକାର ହୋଇପାରେ ଓ ତହିଁରେ ୫ । ୬ କୋଟି ଟଙ୍କା ବ୍ୟୟ ହେବାର ଦେଖାଯାଇଅଛି ସେ ବିବେଚନା କରନ୍ତି ଯେ ନାଳକାର୍ଯ୍ୟ କୌଣସି ଏକଜିଲାରେ ହେବାର ଉଚିତ ନୁହଇ ଓ ସବୁ ଜମିରେ ଜଳ ଯୋଗାଇବା ସକାଶେ ଅନେକ ଟଙ୍କା ବ୍ୟୟ ହେବ । ଏପରି ସ୍ଥଳେ ବରଂ ରାଜଭଣ୍ଡାରରେ ଏକଶତ ବର୍ଷରେ ଥରେ ୫।୬ କୋଟି ଟଙ୍କା ବ୍ୟୟ କରିବାର ଭଲ ଏରୂପ ଟାକ୍ସଦ୍ୱାରା ଟଙ୍କା ଆଦାୟ କରିବା ଉଚିତ ନୁହଇ । ଧାନକ୍ଷେତ ସକାଶେ ପ୍ରଚୁର ଜଳ ଯୋଗାଇବା ଏକପ୍ରକାର ଅସମ୍ଭବ ଅଟଇ । ମହାନଦୀଜଳ ବର୍ଷାଜଳ ସାହାଯ୍ୟରେ ସୁଦ୍ଧା କଟକର ସବୁ ବିଲକୁ ଜଳ ଯୋଗାଇ ପାରି ନାହିଁ ଏମନ୍ତ ପ୍ରମାଣ ହୋଇଅଛି ଓ ମେଦିନୀପୁରରେ ମଧ୍ୟ ଠିକ ଏହିରୂପ ଘଟିଅଛି । ଦ୍ୱିତୀୟ ହେତୁରେ ସେ କହିଅଛନ୍ତି କି ନାଳଜଳ ମଡ଼ା ଜମିରେ ସମାନରୂପେ ଅଧିକା ଫସଲ ହେବ ଏମନ୍ତ ସେ ସ୍ୱୀକାର କରିପାରନ୍ତି ମାତ୍ର ବର୍ଷାଜଳଦ୍ୱାରା ଯେଉଁ ଫସଲ ହୁଅଇ ନାଳଜଳ ମଡ଼ାଯିବା ଜମିରେ ତହିଁରୁ ଅଧିକ ଫସଲ ହେବା ପକ୍ଷରେ ତାହାଙ୍କର ସନ୍ଦେହ ଅଛି । ପ୍ରଜାମାନେ ଯଥାର୍ଥ କହିଅଛନ୍ତି କି ଯଦ୍ୟପି କର ଦେଲେ ହାରିହାରି ପରିମାଣରେ ଫସଲ ନ ମିଳିବ ତେବେ କର ଦେବାଦ୍ୱାରା କିଛି ଲାଭ ନାହିଁ । ଯଦ୍ୟପି ନାଳଜଳ ଯୋଗେ ବର୍ଷ ମଧ୍ୟରେ ଏକ ଫସଲ ସ୍ଥାନରେ ଦୁଇଫସଲ ପ୍ରଜାମାନେ ପାଇପାରନ୍ତେ ତାହା ହେଲେ ଅବଶ୍ୟ ସେମାନଙ୍କର ମଙ୍ଗଳ ହୁଅନ୍ତା ମାତ୍ର ତାହା ହୋଇ ପାରି ନାହିଁ । ଯାହା ହେଉ ତାହାଙ୍କର ବିଶ୍ୱାସ ଏପରି ହୋଇ

Digitized by srujanika@gmail.com

ଇଅଛୁ ଯେ ନାଲକାର୍ଯ୍ୟ କଦାଚ ବଙ୍ଗଳାରେ ସଫଳ ହେବ ନାହିଁ ଏବଂ ସେ ପ୍ରସ୍ତାବ କରନ୍ତି ଯେ ଏବିଷୟରେ ଅନୁସନ୍ଧାନ କରି ରିପୋର୍ଟ କରିବା କାରଣ ଗୋଟିଏ ସ୍ୱତନ୍ତ୍ର କମିସନ ନିଯୁକ୍ତ ହେଲେ ଭଲ ହେବ ।

ବାବୁ ଦିଗମ୍ବର ମିତ୍ର ଯେଉଁ ମତ ପ୍ରକାଶ କରିଅଛନ୍ତି ଏସ୍ଥାନର ଅଧିକାଂଶ ଲୋକଙ୍କର ମତ ଠିକ ଏହିପ୍ରାୟ ଅଟଇ ଓ ଏତେଦିନ ସ୍ୱେଚ୍ଛାପୂର୍ବକ ଜଳକର ନିୟମରେ ଆଶାନୁରୂପ ଫଳ ନ ହେବାରୁ ଉକ୍ତ ମତଟି ଅଧିକ ଦୃଢ଼ ହୋଇଅଛି । କେବଳ ସ୍ଥାନୀୟ ହାକିମମାନେ ଏଥିର ଅନ୍ୟଥା କହୁଅଛନ୍ତି ସୁତରାଂ ଆମ୍ଭେମାନେ ମଧ୍ୟ ଅନେକଦିନରୁ ଏହି ବିଚାର କରୁଥିଲୁଁ ଯେ ଗୋଟିଏ ସ୍ୱତନ୍ତ୍ର କମିସନ ଯେବେ ଗବର୍ଣ୍ମେଣ୍ଟ ନିଯୁକ୍ତ କରି ସମ୍ପୂର୍ଣ୍ଣ ଅବସ୍ଥା ତଦନ୍ତ ପୂର୍ବକ ତହିଁର ଫଳ ସର୍ବସାଧାରଣଙ୍କୁ ଜଣାନ୍ତେ ତାହା ହେଲେ ବର୍ତ୍ତମାନର ପ୍ରସ୍ତାବିତ ବିଲ ବିରୁଦ୍ଧରେ ଯେତେ ଆପତ୍ତି ହେଉଅଛି ତାହା କଦାଚ ହୁଅନ୍ତା ନାହିଁ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ରାଧାଶ୍ୟାମନରେନ୍ଦ୍ର ଗତ ଶନିବାର ଇହ ସଂସାରରୁ ବିଦାୟ ଗ୍ରହଣ କଲେ । ଏ ମହାଶୟ ଓଡ଼ିଶାର ଜଣେ ବିଖ୍ୟାତ ଲୋକ ଥିଲେ ଇଂରାଜ ହାକିମଙ୍କଠାରେ ବିଶେଷରୂପେ ପରିଚିତ ଓ ସମ୍ମାନିତ ହେଉଥିଲେ ଏବଂ ଦେବତା ବୈଷ୍ଣବ ସେବା ଓ ନୈଷ୍ଠିକଙ୍କୁ ଦାନ କରିବାରେ ଏହାଙ୍କର ନାମ ବହୁତଦୂର ଯାଏ ବାଜୁଥିଲା ମୃତ୍ୟୁ ପୂର୍ବ ଦୁଇ ତିନମାସରୁ ଅତ୍ୟନ୍ତ ପୀଡ଼ିତ ହୋଇ ଘରେ ରହି ଥିଲେ ଓ ଏହାଙ୍କର ବୟସ ପ୍ରାୟ ୮୦ ବର୍ଷ ହୋଇ ଥିଲା । ହାକିମମାନଙ୍କ ପାଖରେ ଭଲ ମନ୍ଦ କଥା କହିବାକୁ ତାହାଙ୍କର ବଡ଼ ସାହସ ଥିଲା ସେପରି ସାହସୀ ଲୋକ ଆଉ ଜଣେ ସମ୍ପ୍ରତି ଓଡ଼ିଶାରେ ଦେଖାଯାଉ ନାହିଁ ।

ଅମ୍ଭେମାନେ ଶୁଣିଲୁଁ ଯେ ଅମ୍ଭମାନଙ୍କର ନୂତନ କମିଶନର ସାହେବ ଦଶପଲ୍ଲାର ରାଜାଙ୍କୁ ଏକବର୍ଷ ସକାଶେ ରାଜପଦରୁ ରହିତ କରିବାର ପ୍ରସ୍ତାବ କରିଅଛନ୍ତି । ରାଜା ଅପି କଟକରେ ରହି ଆପଣା ପଦର ଯୋଗ୍ୟ ହେବାକୁ ଶିକ୍ଷା କରିବେ ଓ ବିଶେଷ ଲୋକଙ୍କ କମିଟୀ ଦ୍ୱାରା ରାଜ୍ୟର କାର୍ଯ୍ୟ ନିର୍ବାହ ହେବ । ଏରୂପ ହେବାର ହେତୁ ଏହି ଯେ ବର୍ତ୍ତମାନ୍ ରାଜା ଗାଦିରେ ବସିଲା ଦିନରୁ ପ୍ରାୟ ପ୍ରଜାଙ୍କ ଉପରେ ଅତ୍ୟାଚାର ହେଉଥିଲା ଓ ଶ୍ରୀଯୁକ୍ତ ରେବନସା ସାହେବ ସେସବୁ ନିବାରଣର ଯେଉଁ ଶୃଙ୍ଖଳା ବାନ୍ଧି ଦେଇଥିଲେ ତଦନୁସାରେ ରାଜା କାର୍ଯ୍ୟ କଲେ ନାହିଁ । ବାସ୍ତବରେ ରାଜାଙ୍କ ବିରୁଦ୍ଧରେ ଯେସମସ୍ତ କଥା ଶୁଣାଯାଏ ତଦ୍ଦୃଷ୍ଟିରେ ଶ୍ରୀଯୁକ୍ତ ଟାମସ୍ ସାହେବଙ୍କ କାର୍ଯ୍ୟ ଉତ୍ତମ ହୋଇଅଛି ସନ୍ଦେହ ନାହିଁ । ରାଜା ଥରେ ନ ଚେତିଲେ ସୁମାର୍ଗକୁ ଆସିବେ ନାହିଁ ଏବଂ ଅନ୍ୟାନ୍ୟ ରାଜା ମଧ୍ୟ ଏହାଙ୍କ ଅବସ୍ଥା ଦେଖି ସାବଧାନ ହୋଇ ଚାଲିବେ । ମାତ୍ର ଗୋଟିଏ କଥାରେ ଅମ୍ଭମାନଙ୍କର ସନ୍ଦେହ ହେଉଅଛି । ରାଜାଙ୍କ ପ୍ରତି ଯେ ଆଜ୍ଞା ହେଲା ତାହା ଭଲ ହୋଇଅଛି କିନ୍ତୁ ବ୍ରହ୍ମଗୁରୁଙ୍କର କି ହେଲା ? ରାଜାଙ୍କ ଇଚ୍ଛାବିରୁଦ୍ଧରେ ବ୍ରହ୍ମଗୁରୁଙ୍କୁ ରାଜ ଦରବାରରେ ଶ୍ରୀଯୁକ୍ତ ରେବନସା ସାହେବ ରଖି ଭଲ କରି ନ ଥିଲେ ଓ ସେ କର୍ମଗୁରୁ ବିରୁଦ୍ଧରେ ଅନେକ କଥା ଶୁଣାଯାଏ । ରାଜାଙ୍କୁ କଟକକୁ ଆଣି ଏମନ୍ତ ଲୋକକୁ କଣ୍ଟାରେ ରଖିଲେ ରାଜାଙ୍କର ଦୁଃଖ ଦ୍ୱିଗୁଣ ହେବ ଅଥଚ କଣ୍ଟାର ବାଞ୍ଛାରୂପ ମଙ୍ଗଳ ହେବ ନାହିଁ ।

ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଆଗାମୀ ମାସ ତା ୭ ରିଖରେ ଦାର୍ଜିଲିଂକୁ ଯାତ୍ରା କରିବେ । ଗବର୍ଣ୍ଣରଜେନରଲ ସାହେବ ଏଥି ପୂର୍ବରୁ ଯାଇଅଛନ୍ତି । ସୁତରାଂ କଲିକତା ବର୍ତ୍ତମାନ ଶୂନ୍ୟ ପଡ଼ିଅଛି ।

ଲକ୍ଷ୍ନୌର ଜେଲରେ ଅଗ୍ନି ଲାଗି ପ୍ରାୟ ଚାରିହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି । କେଉଁଠାରୁ ଅଗ୍ନି ବାହାରିଲା ନିଶ୍ଚୟ ଜଣା ଯାଇ ନାହିଁ । କମାରର ଭାଟିରୁ ନିଆଁ ଉଡ଼ି ଯାଇ ଏପରି ହେବାର ଶୁଣା ଯାଏ ।

କଲିକତାର କାଜି ଅବଦୁଲବାରି ମରି ଯାଇ ଅଛନ୍ତି କଲିକତାରେ ଏ ମହାଶୟ ଆରବି ଭାଷାରେ ଅଦ୍ୱିତୀୟ ଥିଲେ ଦେଶୀୟ ଓ ଇଉରୋପୀୟଙ୍କଠାରେ ସମାନରୂପ ମାନ୍ୟ ହୋଇଥିଲେ ।

ଜୟପୁରର ମହାରାଜା ଗବର୍ଣ୍ମେଣ୍ଟ ଇଣ୍ଡିଆଠାରୁ ଚାରିଲକ୍ଷ ଟଙ୍କା କ୍ଷତିପୂରଣ ନେଇ ଆପଣା ରାଜ୍ୟରେ ଲବଣଟାକ୍ସ ଉଠାଇ ଦେବା ପାଇଁ ସମ୍ମତ ହୋଇଅଛନ୍ତି ।

ଡାକ୍ତର ସୌରେନ୍ଦ୍ରମୋହନ ଠାକୁର ଇଉରୋପର ସଙ୍ଗୀତ ସମାଜରେ କ୍ରମଶଃ ଅଧିକ ସମ୍ମାନ ପାଉ ଅଛନ୍ତି । ସମ୍ପ୍ରତି ସ୍ପଇଡ଼ ନଗର ସଙ୍ଗୀତ ବିଦ୍ୟାଳୟର ଜଣେ ସଭ୍ୟ ସ୍ୱରୂପ ସେ ନିଯୁକ୍ତ ହୋଇଅଛନ୍ତି ।

ଶିକ୍ଷା ବିଭାଗର ଡାଇରେକ୍ଟର ସଟକ୍ଲିଫ ସାହେବ ଅଳ୍ପ ଦିନ ହେଲା ମୁରସିଦାବାଦ ବ୍ରହ୍ମପୁରକୁ ଯାଇ ସେଠା କଲେଜର ସାହାଯ୍ୟ ନିମିତ୍ତ ହେବା ସ୍ଥଗିତ କରିବା କାରଣ ଗୋଟିଏ ସଭା କରିଥିଲେ ଓ ତହିଁରେ ବହୁତଲୋକ ସମବେତ ହେବାରୁ ତାହାଙ୍କର ଆଶା ପୂର୍ଣ୍ଣ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି ।

ବଙ୍ଗଳା ବ୍ୟବସ୍ଥାପକ ସଭାର ଗତ ଅଧିବେସନରେ ନାବାଲଗୀ ସମ୍ପର୍କୀୟ ନୂତନ ଆଇନ ବିଧିବଦ୍ଧ ହୋଇଅଛି ।

---

# ବିଜ୍ଞାପନ ।

## ସିନକୋନା ଫେବ୍ରିଫିଉଜ ।

ସିନକୋନା ନାମକ ଏକପ୍ରକାର ବୃକ୍ଷର ଛାଲରୁ ଏ ଔଷଧ ପ୍ରସ୍ତୁତ ହୋଇ ଭାରତବର୍ଷୀୟ ଦରିଦ୍ର ଲୋକଙ୍କ ସକାଶେ ସରକାରରୁ ଅଳ୍ପ ମୂଲ୍ୟରେ ଦିଆ ଯାଉଅଛି କେବଳ ଜ୍ୱରଜନିତ ପୀଡ଼ାମାନଙ୍କ ନିମନ୍ତେ ଏହା ସାମାନ୍ୟ କ୍ୱିନାଇନ ବଦଳରେ ବ୍ୟବହାର ହୋଇପାରେ । ଏହା କଲିକତା ଗଭର୍ଣ୍ମେଣ୍ଟ ହାଉଡ଼ା ମୁକାମର ସରକାରି ଔଷଧ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ମିଳିପାରେ ।

ଦ ୨ ଧା । ସର୍ବସାଧାରଣଙ୍କ ପକ୍ଷରେ ପ୍ରତ୍ୟେକ ପାଉଣ୍ଡ ଅର୍ଥାତ୍ କରିକରଡି ଅଧସେର ଟୀନର ମୂଲ୍ୟ ଟ ୨୦ଙ୍କା
୨୦ ପାଉଣ୍ଡ ବା ସେର ୧୦ ର ଏକସମୟରେ ନେଲେ କମ୍ପା
ସରକାରି କର୍ମଚାରୀମାନେ ଦାତବ୍ୟ ସକାଶେ ନେଲେ ଟ ୧୭ ॥
ଏହିବାଏ ଡାକଘର୍ଣ୍ଣା ପ୍ରତ୍ୟେକ ଟୀନକୁ ଟ ୧୦ଙ୍କା

G. TOYNBEE
*Collector.*

---

ଏତଦ୍ଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଅତ୍ରସ୍ଥ ଓଡ଼ିଶା ମେଡିକେଲ ସ୍କୁଲରେ ଛଅଗୋଟି ବୃତ୍ତି ଖାଲିଅଛି ଏବଂ ଏତଦ୍ଭିନ୍ନ ପଚିଶ ସଂଖ୍ୟକ ଅବୈତନିକ ଛାତ୍ର ଗ୍ରହଣ କରାଯିବେ । ନିମ୍ନଲିଖିତ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ନିକଟରେ ଆବେଦନ କରିବାକୁ ହେବ । ଆବେଦନକାରୀମାନେ ୧୮୭୭ ମସିହା ତା ୨୫ ରିଖ ମେ କଟକସ୍ଥ ଓଡ଼ିଶା ମେଡିକେଲ୍ ସ୍କୁଲରେ ଉପସ୍ଥିତ ହେବେ ॥

W. D. STEWART,
*Supdt. O. M. School.*

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 32

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୨ଶ ସଂ ୧୮ ଖ୍ୟା

ତା ୨୬ ଋଶ ମାହେ ମଇ ସନ ୧୮୭୭ ମସିହା । ମୂ । ବୈଶାଖ ବ ୧୫ ଜ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୧
ମଫସଲଘାଁର ଡାକମାସୁଲ ଟ୧୫

କଟକ ମିଉନସିପାଲଟି ମଧ୍ୟରେ ଗାଡ଼ି ଘୋଡ଼ା ଇତ୍ୟାଦି ଉପରେ ଚଳଲିଖିତ ଶୁଲ୍କରେ ଗତ ଅପ୍ରେଲମାସ ତା ୧ ଋଖଠାରୁ କର ଆଦାୟ କରିବାକୁ ଗବର୍ଣ୍ଣମେଣ୍ଟ ବଙ୍ଗାଳ ମଞ୍ଜୁର କରି ତହିଁର ଘୋଷଣାପତ୍ର କଲିକତା ଗେଜେଟରେ ପ୍ରକାଶ କରାଇଅଛନ୍ତି । ଯଥା;—

| | | |
|---|---|---|
| ଦୁଇଘୋଡ଼ାର ଚାରିଚକିଆ ଗାଡ଼ି ବାର୍ଷିକ | ଟ | ୪୧ |
| ଏକଘୋଡ଼ା ବା ଦୁଇଟଟୁର ଏକଜନ | ,, ଟ | ୨୧ |
| ଦୁଇଚକିଆ ଗାଡ଼ି | ,, ଟ | ୫୧ |
| ଘୋଡ଼ା | ,, ଟ | ୪୧ |
| ଟଟୁ ଖଚର ଓ ଗଧ | ,, ଟ | ୧୫ |
| ହାତୀ | ,, ଟ | ୧୨୧ |
| ଓଟ | ,, ଟ | ୪୧ |
| ଶଗଡ଼ | ,, ଟ | ୪୧ |

୨୨ ଇଞ୍ଚ ବା ତହିଁରୁ ଉଚ୍ଚ ଟଟୁର ଟାକ୍ସ ଘୋଡ଼ା ତୁଲ୍ୟ ହେବ ଏବଂ ୪୪ ଇଞ୍ଚରୁ ଊଣା ପଶୁ ଟାକ୍ସରୁ ମୁକ୍ତ ପାଇବ ।

---

ବମ୍ବେଇର ଦୁର୍ଭିକ୍ଷ ଯେତେ କଠୋର ହୋଇପାରେ ହୋଇଅଛି । ମାତ୍ର ଶସ୍ୟର ମୂଲ୍ୟ ଅତ୍ୟନ୍ତ ଉଚ୍ଚ ହେଲେହେଁ ପ୍ରାପ୍ତ ହେଉଅଛି । ଏଣେ କଛି ବର୍ଷା ହେବାରୁ ଲୋକଙ୍କର ମନ ଦମ୍ଭ ହୋଇଅଛି ଏବଂ ଜଳର ଅଭାବ ଅନେକ ନିବାରଣ ହୋଇଅଛି । ଓଲାଉଠାରୋଗ ରହିଥିଲେହେଁ ବୃଦ୍ଧି ହୋଇ ନାହିଁ ଓ ଆଉ ଦୁଇ ଥର ବୃଷ୍ଟି ହେଲେ ଊଣା ହେବାର ସମ୍ଭାବନା । ସାହାଯ୍ୟ କର୍ମରେ ନିଯୁକ୍ତଥିବା ଲୋକଙ୍କର ଅବସ୍ଥା ଭଲ ଦେଖାଯାଏ ଓ ଗ୍ରୀଷ୍ମ ଅତ୍ୟନ୍ତ ହେଲେହେଁ ସରକାରୀ କର୍ମକାରକମାନେ ପରିଶ୍ରମରେ ତ୍ରୁଟି କରୁ ନାହାନ୍ତି । ମାନ୍ଦ୍ରାଜରେ ମଧ୍ୟ ଭଲ ବର୍ଷା ହୋଇଅଛି ମାତ୍ର ଅବସ୍ଥାର ପରିବର୍ତ୍ତନ ହୋଇ ନାହିଁ । ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ହୋଇଅଛି ଅର୍ଥାତ ସାହାଯ୍ୟ କର୍ମରେ ସାତଲକ୍ଷ ଲୋକ ଲାଗିଅଛନ୍ତି ଏବଂ ପ୍ରାୟ ଅଢ଼େଇଲକ୍ଷ ଲୋକ ସଦାବର୍ତ୍ତରେ ଖାଉଅଛନ୍ତି ।

---

ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଭୂମି ରେଜେଷ୍ଟ୍ରୀ ଅର୍ଥାତ ନୂଆ ଦାଖଲଖାରିଜ ଆଇନ ଅନୁସାରେ ଦରଖାସ୍ତ ଦେବାର ମିଆଦ ଗତମାସ ତା ୩୦ ଋଖ ପର୍ଯ୍ୟନ୍ତ ଥିଲା ମାତ୍ର ବୋର୍ଡ ଅବ ରେବନ୍ୟୁ ଉକ୍ତ ମିଆଦ ଆଗାମୀ ଅଗଷ୍ଟମାସ ତା ୩୧ ଋଖ ପର୍ଯ୍ୟନ୍ତ ବଢ଼ାଇ ଦେଇଅଛନ୍ତି । ବୋଧ ହୁଅଇ କଲା ହାକିମଙ୍କ ପ୍ରସ୍ତାବମତେ ବୋର୍ଡ ଏ ନିୟମ କରିଅଛନ୍ତି । ଯାହା ହେଉ ଏଥିରେ ଲୋକଙ୍କର ଅନେକ ମାନସିକ କଷ୍ଟ ନିବାରଣ ହେଲା ଓ ଏସମୟ ମଧ୍ୟରେ ପ୍ରାୟ ସମସ୍ତେ ଦରଖାସ୍ତ ଦାଖଲ କରିବାକୁ ସକ୍ଷମ ହେବେ ଏମନ୍ତ ଆଶା ହେଉଅଛି । ମାତ୍ର ଅତ୍ୟଳ୍ପ ଲାଖରାଜ ଭୂମି ଯେଉଁମାନେ ଭୋଗ କରୁଅଛନ୍ତି ସେମାନଙ୍କୁ ମୁକ୍ତି ଦେବାର ଆଜ୍ଞା ଏହି ସଙ୍ଗେ ୨ ହୋଇଥିଲେ ବଡ଼ ଉତ୍ତମ ହୋଇଥାନ୍ତା । ଏମାନଙ୍କୁ ଦାଖଲଖାରିଜର ଖର୍ଚ୍ଚା ବଡ଼ ବାଧୁଅଛି ଓ ତାହାଙ୍କୁ ବାଧ କରିବା ଅତ୍ୟନ୍ତ ଅନ୍ୟାୟ ଅଟଇ । ଗବର୍ଣ୍ଣମେଣ୍ଟ କି ଏପକ୍ଷରେ କଛିମାତ୍ର ବିଚାର କରିବେ ନାହିଁ ? ଆଇନ କଲାବେଳେ ମା ୫୦ ଣ ଛାଡ଼ ଦେବାକୁ ପ୍ରସ୍ତୁତ ହେଲେ ଏତେବେଳେ କାର୍ଯ୍ୟରେ ଭଲା ପାଞ୍ଚମାଣ ଅଥବା ଏକମାଣ ଛାଡ଼ ଦେଉନ୍ତୁ ।

---

ଅନେକ ସନ୍ଧି ଓ ସଭା ହେଲା ମାତ୍ର ରୁସିଆ ଓ ତୁରସ୍କର ଯୁଦ୍ଧ ନିବାରଣ ହେଲା ନାହିଁ ଓ ସର୍ବସାଧାରଣ ଯାହା ଶଙ୍କା କରୁଥିଲେ କି ପରିଶେଷରେ ଯୁଦ୍ଧ ହେବ ତାହାଇ ଘଟିଲା । ସେଣ୍ଟପିଟର୍ସବର୍ଗରୁ ଆସିଥିବା ଗତ ମାସ ତା ୨୪ ଋଖର ତାରଡାକ ସମ୍ବାଦରୁ ଜଣାଯାଏ ଯେ ରୁସିଆର ସମ୍ରାଟ ଯୁଦ୍ଧର ଘୋଷଣା ଦେଇଅଛନ୍ତି । ସେ ବୋଲନ୍ତି କି ବୋସନିଆ ବଲଗେରିଆ ଓ ହର୍ଜଗୋବନାର ଖ୍ରୀଷ୍ଟୀୟାନ ପ୍ରଜାଙ୍କ ପ୍ରତି ଅତ୍ୟାଚାର ନିବାରଣ ସକାଶେ ଯେସମସ୍ତ ଉପାୟ ଓ ଚେଷ୍ଟା କଲେ ତାହା ସଫଳ ହେଲା ନାହିଁ । ସେ ନିୟତ ଶାନ୍ତି ପକ୍ଷରେ ବାସନା ରଖିଲେ ଓ ଇଉରୋପର ସମସ୍ତ ଶାସନକର୍ତ୍ତାଙ୍କ ମନୋମତରେ ଯେଉଁ ସନ୍ଧିପତ୍ର ଲେଖାପଢ଼ି ହେଲା ଅହଂକାରୀ ପୋର୍ଟ ତହିଁରେ ସମ୍ମତ ହେଲେ ନାହିଁ । ଶାନ୍ତଭାବରେ ତୁରସ୍କର ସୁଲତାନଙ୍କର ଗର୍ବ ଭାଙ୍ଗିବାକୁ ନ ପାରିବାରୁ ସେ ବାଧ ହୋଇ ଅସ୍ତ୍ରଧାରଣ କରୁଅଛନ୍ତି । ଏବଂ ଈଶ୍ୱରଙ୍କ ଆଶୀ-

Digitized by srujanika@gmail.com

Split by PDF Splitter



ଙ୍କାଦ ପ୍ରାର୍ଥନା କର ସେ ତୁର୍କର ସୀମାକୁ ସୈନ୍ୟ ପ୍ରେରଣର ଆଜ୍ଞା ଦେଇ ଅଛନ୍ତି ।

ଏହିରୂପେ ଯୁଦ୍ଧ ଘୋଷଣା ହେଲା ଓ ସଙ୍ଗେ ସଙ୍ଗେ ସେନା ପ୍ରେରିତ ହେଲେ ତୁର୍କର ମନ୍ତ୍ରୀ ଇଉରୋପର ସମସ୍ତ ରାଜାଙ୍କ ନିକଟକୁ ଲେଖି ପଠାଇଲେ ଯେ ରୁଷିୟାର ଏପରି ଆଚରଣ ଅତ୍ୟନ୍ତ ହେତୁ ବିହୀନ ଅଟଇ ଏବଂ ତହିଁ ସଙ୍ଗେ ସଙ୍ଗେ ସମର ନିମିତ୍ତ ପ୍ରସ୍ତୁତ ହେଲେ । ଗତ ମାସ ତା ୨୭ ରଖରେ ଯୁଦ୍ଧ ଆରମ୍ଭ ହେଲା ମାତ୍ର ଏହନ ରୁଷିୟାର ସେନା ଜ ୮୦୦ ଣ ହତାହତ ପରାସ୍ତ ହେଲେ । ତହିଁ ଉତ୍ତାରୁ ଯେ ସମସ୍ତ ସମ୍ବାଦ ଆସୁଅଛି ତହିଁରୁ ଦେଖଯାଏ ଯେ ତୁର୍କମାନେ ଅବଧି ରୁଷିୟା ସୈନ୍ୟଙ୍କୁ ଆପଣା ସୀମାର ଅନ୍ତରରେ ରଖିଅଛନ୍ତି ଓ ଏକଥା ତୁର୍କ ପକ୍ଷରେ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ବାସ୍ତବରେ ତୁର୍କର କଛି ବଳ ନ ଥିଲେ କାହିଁକି ଯଥାର୍ଥ ବୀରପରି ବ୍ୟବହାର କରିବାକୁ ପ୍ରବୃତ୍ତ ହୁଅନ୍ତେ । ତେବେ ରୁଷିୟାର ଯେତେ ସେନା ଅଛି ତହିଁକି ତୁର୍କ ସରି ନୁହଇ ଓ ସେସବୁ ତୁର୍କ ବିରୁଦ୍ଧରେ ରୁଣ୍ଡ ହେଲେ ପଶ୍ଚାତକୁ ଘଞ୍ଚିବ ବୋଲାଯାଇ ନ ପାରେ ଅନୁମାନ ହୁଅଇ ପରଶେଷରେ ତୁର୍କ ସମ୍ଭାଳ ପାରିବେ ନାହିଁ କାରଣ ରୁଷିୟାର ସୈନ୍ୟ ଅସୀମ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

---

ଗତମାସ ତା ୨୮ ରଖରେ କଟକ ଟାଉନ କମିଟୀର ଯେଉଁ ସଭା ହୋଇଥିଲା ତହିଁର କାର୍ଯ୍ୟାବଳୀର ଏକଖଣ୍ଡ ପ୍ରତଲିପି ଶ୍ରୀଯୁକ୍ତ ଏକଟଂ ମାଜିଷ୍ଟ୍ରେଟଙ୍କଠାରୁ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଉକ୍ତ ସଭାରେ ତଲଲିଖିତ ବିଷୟମାନ ସ୍ଥିର ହୋଇଅଛି ।

୧ । ମିଉନିସିପଲ ଇଲାକାର ନଦୀଘାଟସବୁ ଖାସ ତହସିଲ ରଖିବାର ଫଳ ସହିତ ଇଜରା ଦେବାର ଫଳ ତୁଳନା କରିବାରେ ଦେଖାଗଲା ଯେ ଇଜରାଦ୍ୱାରା ବାର୍ଷିକ ଟ ୨୬୮୪୲ ଙ୍କା ହାରହାର ଆୟ ହୋଇଥିଲା ମାତ୍ର ଖାସତହସିଲରେ କେବଳ ଟ ୭୨୯୦୧ ଙ୍କା ହାରହାର ବାର୍ଷିକ ଆୟ ହେଲା ସୁତରାଂ ଇଜରାଦ୍ୱାରା ପ୍ରାୟ ଟ୧୪୦୦୲ ଙ୍କା ଅଧିକ ମିଳିଥିଲା । ଏଥିପାଇଁ ଧାର୍ଯ୍ୟ ହେଲା ଯେ ଘାଟସବୁ ଆଗାମୀ ଜୁନମାସ ତା ୧ ରଖରେ ନିଲାମଦ୍ୱାରା ଇଜରା ଦଆଯିବ ଓ ଘାଟମହକୁମାର କର୍ମଚାରୀମାନେ ବରଖାସ୍ତ ହେବେ ।

୨ । ଉପରଲିଖିତ ବନ୍ଦୋବସ୍ତ ଦୃଷ୍ଟିରେ କେତେକ କର୍ମଚାରୀଙ୍କ ସଂଖ୍ୟା ଓ ବେତନର ପରିବର୍ତ୍ତନ ହେଲା ମାତ୍ର ମୋଟଖର୍ଚ୍ଚା ଯାହା ପୂର୍ବେ ଥିଲା ତହାଇ ସ୍ଥିର ରହିଲା ।

କମିଟୀ ବିଚାରକଲେ ଯେ ଘାଟର ତତ୍ତ୍ୱାବଧାରଣ ପୁଲିସ କରିବ ଏବଂ ନଗରର ସଡକ ଓ ଅନ୍ୟାନ୍ୟ କାର୍ଯ୍ୟର ତତ୍ତ୍ୱାବଧାରଣ ଟାଉନ ଓଭରସିୟର କରିବ ।

୩ । ବର୍ତ୍ତମାନ ଯେଉଁ ଟାକ୍ସ ବନ୍ଦୋବସ୍ତ ହେଉଅଛି ତହିଁ ବିରୁଦ୍ଧରେ ଅପୀଲ ଶୁଣିବାର ବନ୍ଦୋବସ୍ତ ହୋଇଅଛି ।

୪ । ଗାଡ଼ି ଘୋଡ଼ା ସଗଡ଼ ଇତ୍ୟାଦ ଉପରେ ଟାକ୍ସ ବସାଇବାର ନିୟମ ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଥିବାରୁ ସ୍ଥିର ହେଲା ଯେ ବିଧିମତ ତହିଁର ଘୋଷଣା ଦଆଯିବ ଓ ଆଗାମୀ ଅକ୍ଟୋବରମାସ ତା ୧ ରଖରୁ ଉକ୍ତ ଟାକ୍ସମାନ ଜାରି ହେବ ।

ଅପୀଲ ଶୁଣିବା ବିଷୟରେ ଜ ବନ୍ଦୋବସ୍ତ ହୋଇଅଛି ଏ କାର୍ଯ୍ୟାବଳୀରୁ ତାହା ପ୍ରକାଶ ପାଉ ନ ଥିବାରୁ ପାଠକମାନଙ୍କୁ ତହିଁର ପରିଚୟ ସମ୍ପ୍ରତି ଦେଇ ନ ପାରିଲୁଁ । ନଗରବାସିଙ୍କୁ ତାହା ଜାଣିବାର ଅତ୍ୟନ୍ତ ପ୍ରୟୋଜନ ଓ ଏପଛେ ଜଣାଯାଇ ପାରେ ।

---

ଜଲକର ।

ଗତ ସପ୍ତାହରେ ଆମ୍ଭେମାନେ ପ୍ରସ୍ତାବିତ ଜଲକର ଆଇନର ସାଧାରଣ ଭାବ ପ୍ରକାଶ କରି ତାହା ବିଶେଷକମିଟୀଙ୍କ ବିଚାରରେ ଅର୍ପିତ ହେବାର କହିଥିଲୁଁ । ସମ୍ପ୍ରତି ଜଣାଗଲା ଯେ ରେଭିନସା ସାହେବ ଆଇନଟିକ ଯେମନ୍ତ ସହଜ ମନେ କରିଥିଲେ ତାହା ହେଲା ନାହିଁ ସୁତରାଂ ଏତେ କଠିନ ବିଷୟ ଦ ୧୫ ନ ମଧ୍ୟରେ ବିଚାର ହେବାର ଦୁଃସାଧ ଦେଖି ବିଶେଷ କମିଟୀଙ୍କ ବିଚାରରେ ଆଉ ଦ ୧୫ ନ ରହିବାର ଅନୁମତ ପ୍ରାର୍ଥନା କରିବାରୁ ବ୍ୟବସ୍ଥାପକ ସଭା ତହିଁରେ ସମ୍ମତ ହୋଇଅଛନ୍ତି । ଅତଏବ ଏ ଆଇନଟି ଶୀଘ୍ର ବିଧିବଦ୍ଧ ହେବାର ଯେ ଭୟ ଥିଲା ତାହା ନିବାରିତ ହେଲା ଜମିଦାର ଓ ପ୍ରଜାମାନେ ଏ ସମ୍ବାଦ ଶୁଣି ଆନନ୍ଦିତ ହେବେ କାରଣ ସେମାନେ ଇଚ୍ଛା କଲେ ଗବର୍ଣ୍ଣମେଣ୍ଟଙ୍କୁ ଏ ଆଇନ ବିରୁଦ୍ଧରେ ଆବେଦନ କରିବା ସକାଶେ ଯଥେଷ୍ଟ ସମୟ ପାଇଅଛନ୍ତି ମାତ୍ର ଅବଧି ଏଠା ଜମିଦାର ଓ ପ୍ରଜାଙ୍କୁ ଯେପ୍ରକାର ନିଶ୍ଚିନ୍ତ ଦେଖା ଯାଉଅଛି ତହିଁରେ ବୋଧ ହୁଅଇ ଯେ ଏ ଆଇନରେ କ ବିଧାନମାନ ହେଉଅଛି କାହାର ମନରେ ତାହା ପ୍ରବେଶ କରି ନାହିଁ । ବାସ୍ତବରେ ଯେଉଁଠାରେ ନ ଜାଣିବାରେ ସୁଖ ଅଛି ସେଠାରେ ଜାଣିବା ମୂର୍ଖତା ଅଟଇ । ମାତ୍ର ଏ ଅବସ୍ଥାଟି ସେପରି ନୁହଇ । ଆଜ ନ ଜାଣିଲେ ସୁଖ ହେଉଅଛି ସତ୍ୟ ମାତ୍ର ଆଇନଟି ଜାରି ହେଲେ ଘୋର ଦୁଃଖ ପଡ଼ିବ ଓ ସେ ଦୁଃଖ କପ୍ରକାର ଅଟଇ ସର୍ବସାଧାରଣଙ୍କୁ ତହିଁର କିଞ୍ଚିତ ପରିଚୟ ଦେଉଅଛୁଁ । ଯଥା;—

ପ୍ରଥମ କର ବନ୍ଦୋବସ୍ତ । ଏଥି ପକ୍ଷରେ ନିୟମ ହୋଇଅଛି ଯେ କୌଣସି ଏକ ନାଳରୁ ଯେତେ ଭୂମିକୁ ଜଳ ମାଡ ପାରେ ଓ ନାଳ ସମ୍ପର୍କୀୟ ବନ୍ଧଦ୍ୱାରା ଯେତେ ଭୂମି ଧୋଇବରୁ ରକ୍ଷା ହୋଇପାରେ ନାଳ କର୍ମଚାରୀ ସେ ସମସ୍ତ ଭୂମିର ଖଣ୍ଡେ ନକ୍ସା ପ୍ରସ୍ତୁତ କରିବେ ଓ ନାଳ ଇଲାକା ଇଞ୍ଜିନୟର ସାର୍ଟିଫିକଟ ଦେବେ ଯେ ଉକ୍ତ ଭୂମିଖଣ୍ଡକୁ ଜଳ ଯୋଗାଇବାର ସମସ୍ତ ଆୟୋଜନ ସମ୍ପୂର୍ଣ୍ଣ ହୋଇଅଛି । କଲେକ୍ଟର ସାହେବ ଏହି ନକ୍ସାରୁ ଉକ୍ତ ଇଲାକାର ଜମିଦାର ଓ ଅନ୍ୟ ହକଦାରଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କଠାରୁ ଦ ୧୫ ନ ମଧ୍ୟରେ ଆପଣା୨ ମହାଲ ମଧ୍ୟରେ ଥିବା ଭୂମିର ଦଖଲକାରଙ୍କର ତାଲିକା ନେବେ । ଉକ୍ତ ତାଲିକାରେ ପ୍ରତ୍ୟେକ ଦଖଲକାରର ନାମ ଭୂମିର ପରିମାଣ ଓ କରର ହାର ଲେଖାଥିବ । କଲେକ୍ଟର କିମ୍ବା ନାଳ କର୍ମଚାରୀ ଏ ତାଲିକାକୁ ପ୍ରକାଶ କରି ଘୋଷଣା ଦେବେ ଯେ ଭୂମ୍ୟଧିକାରୀ ଓ ପ୍ରଜାମାନେ ଆପଣା୨ ଯୋତ ଚଢାଇ ଦେବାକାରଣ ତାହାଙ୍କ ନିକଟକୁ ଆସିବେ ଓ ଅନ୍ୟ ପ୍ରକାରରେ ତାହା ଠିକ କରିବା ପକ୍ଷରେ ସାହାଯ୍ୟ କରିବେ । ତାଲିକା ଠିକ ହେଲେ ଯେ ଯେଉଁ ଗ୍ରାମର ସେଠାରେ ପ୍ରଚାରିତ ହେବ ଓ କଲେକ୍ଟର ସାହେବ ଏଥିର ଏକପ୍ରସ୍ତ ନକଲ ଜମିଦାର ଓ ହକଦାରଙ୍କ ନିକଟକୁ ପଠାଇ ଦେଲେ ସେମାନେ ଏହାର ଆଜ୍ଞା ତୁଲ୍ୟ ଜାଣି କର ଆଦାୟ କରିବେ ।

ଉପରଲିଖିତ ନିୟମରେ ବନ୍ଦୋବସ୍ତ ହେଲେ କେତେ ପ୍ରକାର ଅସୁବିଧା ବା ଅତ୍ୟାଚାର ହୋଇପାରେ ପାଠକମାନେ ଥରେ ତହିଁ ପ୍ରତି ଦୃଷ୍ଟି କରନ୍ତୁ । ଯଥା;—

୧ । ଯେଉଁ ଭୂମିରେ ଜଳ ମାଡ ପାରେ

Digitized by srujanika@gmail.com

Split by PDF Splitter



ଏଥିରୁ ମାହାଣ୍ଡ କାଟି ଦେଲେ ଜଳ ଆପେ ବହି ଯାଉ ବା ସେଣା ଇତ୍ୟାଦିରେ ଉପରକୁ ବୁହାଇ ନିଅ ତହିଁରେ ପ୍ରଭେଦ ନାହିଁ । କୌଣସିରୂପେ ଜଳ ମାଡ ପାଇଲେ କରର ଦାୟି ପଡିବ ।

୨ । ନାଳ ଇଞ୍ଜିନିୟରଙ୍କ ସାର୍ଟିଫିକଟ ଅକାଟ୍ୟ ଅଟଇ । ତହିଁ ଉପରେ କୌଣସି ଅପିଲ ବା ପ୍ରତୀକାର ନାହିଁ । ସେ ମାପ କରି ଯାହା ଲେଖିବେ ତାହାକୁ ଅଭ୍ରାନ୍ତ ଜ୍ଞାନ କରିବାକୁ ହେବ । ଅଥଚ ପ୍ରତ୍ୟକ୍ଷ ଦେଖା ଯାଇଅଛି ଯେ ଅନେକ କ୍ଷେତକୁ ବାରିକମାସ୍ତରମାନେ ଜଳ ଯିବବୋଲି ହେସାବ କରି କହିଥାନ୍ତି ମାତ୍ର ଜଳ ଛଡ଼ଦେଲେ କଦାଚ ତହିଁ ଉପରକୁ ମାଡ ଯାଏ ନାହିଁ ।

୩ । ଯେଉଁ ତାଲିକା ଅନୁସାରେ ଟଙ୍କା ଉସୁଲ ହେବ ଓ ତହିଁରେ କେବଳ କୃଷିଙ୍କ ନାମ ରହିବ ଏମନ୍ତ ନୁହେ ଜମିଦାର ହେଉ କି କୃଷି ହେଉ ଯେ ଦଖଲକାର ଥିବ ତାହାର ନାମ ଲେଖାଯିବ ଓ ତାହାଠାରୁ କର ନିଆଯିବ ସୁତରାଂ ଏକା କୃଷ ଜମି ଉପରେ କର ନିଆଯିବାର ହେଲା ନାହିଁ । ଉଠିଆ ପଡିଆ ଲାଏକ ନାଲାଏକ ସବୁ ଭୂମିକୁ କର ଅଦାୟ ହେବ । ଘର ତଳ ଇତ୍ୟାଦି କି ଯାହା ଉଚ୍ଚଭୂମି ଥିବାରୁ କଦାଚ ବଢି ପ୍ରବେଶ କରିବାର ସମ୍ଭବ ନାହିଁ ଓ ଯହିଁ ସକାଶେ କର୍ଣ୍ଣିନ୍ କାଳରେ ବନ୍ଧ ଖୋଲା ନ ଥିଲା ଏପରି ଜମି ଉପରେ ସୁଦ୍ଧା କର ବସିବ । ଫଳତଃ ଆଇନଷ୍ଟ ଏପରି ହୋଇଅଛି ଯେ କୌଣସିପ୍ରକାର ଭୂମି କରରୁ ମୁକ୍ତ ରହିବ ନାହିଁ ।

ନାଳଜଳଦ୍ୱାରା ଫସଲ ବୃଦ୍ଧି ଓ ମରୁଡିରୁ ରକ୍ଷା ହେଉଅଛି ଏବଂ ନାଳବନ୍ଧଦ୍ୱାରା ଧୋଇ ନିବାରଣ ହେଉଅଛି ଏହି ସମସ୍ତ ଲାଭ ଦେଖାଇ ଗବର୍ଣ୍ଣମେଣ୍ଟ ବଳପୂର୍ବକ କର ନେବାର ପ୍ରସ୍ତାବ କଲେ ସୁତରାଂ ତହିଁରୁ ଏତକ ବୁଝାଗଲା ଯେ କେବଳ କୃଷଭୂମି ଉପରେ ଏ ସମସ୍ତ ଦାୟି ପଡିବ ମାତ୍ର ବନ୍ଦୋବସ୍ତର ନିୟମ ତାହା କହୁ ନାହିଁ ଏଥିରୁ ବଳ କର ଅତ୍ୟାଚାର କି ଅଛି ।

ଦ୍ୱିତୀୟ ଜଳକର ଆଦାୟ । ଯେଉଁ ଜମିଦାର ଏଲାକାରେ ଯେତେ ଭୂମି ଉପରେ ଉପରଲିଖିତ ତାଲିକା ଅନୁସାରେ କର ବସିଥିବ ସେ ତାହା ଗବର୍ଣ୍ଣମେଣ୍ଟକୁ ଆଦାୟ କରିବ ଓ ଆପଣା ଏଲାକାଭୁକ୍ତ କୃଷୀ ଓ ଲାଖରାଜଦାର ଓ ଅନ୍ୟ ହକଯୁକ୍ତଦାରଠାରୁ ସେ କସ୍ତୁବନ୍ଦୀ ଅନୁସାରେ ଖଜଣା ସହିତ ଜଳକର ଆଦାୟ କରିବ । ଜମିଦାର ଲାଟବନ୍ଧ ଦନ ଖଜଣା ଦେବ ଓ ଅଧୀନ ହକଯୁକ୍ତଦାର ବା ପ୍ରଜା କର ନ ଦେଲେ ପ୍ରଚଳିତ ଆଇନାନୁସାରେ ବାକି ଖଜଣାସ୍ୱରୂପ ତାହା ଆଦାୟ କରିବ । କେବଳ ଯୋତଦାରପ୍ରଜାମାନେ ଖଜଣା ଦେବେ ଏମନ୍ତ ନୁହେ । ଯେଉଁ ପ୍ରଜା ଉପରେ ଜମିଦାର ଖଜଣା ବୃଦ୍ଧି କରି ପାରଇ ନାହିଁ ସେପ୍ରକାର ପ୍ରଜା ସମ୍ପୂର୍ଣ୍ଣ ଜଳକର ଦେବେ ଓ ଯେଉଁ ପ୍ରଜା ଉପରେ ଖଜଣା ବୃଦ୍ଧି କରିବାର ଅଧିକାର ଜମିଦାରଙ୍କୁ ଅଛି ସେ ପ୍ରଜାର ଯୋତ ବାବଦ ଜଳକର ମଧ୍ୟରୁ ଅଧେ ଜମିଦାର ଓ ଅଧେ ପ୍ରଜା ଦେବ ।

ଏ ନିୟମରେ ପ୍ରଜା ଓ ଜମିଦାରଙ୍କର ଅସୁବିଧା ଓ କ୍ଷତି କେତେ ହେଉଅଛି ଦେଖାଯାଉ ।

୧ । ଥାନି ପ୍ରଜା, ପୂର୍ଣ୍ଣ କର ଓ ପାହି କୃଷୀ ଅର୍ଥାତ ଯାହା ଉପରେ ଜମା ବୃଦ୍ଧି କରିବାର କ୍ଷମତା ଜମିଦାରର ଅଛି ସେ ଅଧେ ଜମା ଦେବ ଏଥିରେ ଜମିଦାର ଓ ପ୍ରଜାମଧ୍ୟରେ ସର୍ବଦା ବିବାଦ ଲାଗିବାର ସମ୍ଭାବନା ଓ ଅନୁମାନ ହୁଅଇ ଜମିଦାର ସବୁକର ପ୍ରଜାଠାରୁ ଆଦାୟ କରିବାର ସମ୍ଭାବନା ଅଛି । କାରଣ ପ୍ରଜା ଅଧେ କର ଦେବାକୁ ଇଚ୍ଛା କଲେ ସେ ଆପଣାକୁ ଜମା ବୃଦ୍ଧିର ଯୋଗ୍ୟ ବୋଲି ସ୍ୱୀକାର କରିବ ଓ କେଉଁଠାରେ ଜମିଦାର ଜମା ବୃଦ୍ଧି କରିବାକୁ ଇଚ୍ଛୁକ ହୋଇ ପସ କର ପ୍ରଜାଠାରୁ ନେବ ନାହିଁ । ଅନେକ ମକଦ୍ଦମାର ସୂତ୍ରପାତ ହେବ ।

୨ । ପ୍ରଜା ଜଳ ସୁବିଧାକ୍ରମେ ପାଇଲା କି ନାହିଁ ଓ ଜଳ ନେବାରେ ତାହାର ଲାଭ ଅଛି କି କ୍ଷତି ଅଛି ତହିଁର ବିଚାର ହେବ ନାହିଁ । ତାଲିକାରେ ଯେଉଁ ପ୍ରଜାର ନାମ ଥିବ ତାହାକୁ କର ଦେବାକୁ ପଡିବ ।

୩ । ଯେତେ ଜମିରେ ଫସଲ ହୁଅଇ ନାହିଁ ଓ ଫସଲଯୋଗ୍ୟ ଥିଲେ ମଧ୍ୟ ତାହାକୁ କେହି କୃଷ କରି ନାହିଁ ସେ ସମସ୍ତ ଜମିର ଖଜଣା ଜମିଦାରଙ୍କୁ ଦେଣ ପଡିବ ସୁତରାଂ ଜମିଦାର କେବଳ ବିନାଲାଭରେ ପ୍ରଜାଙ୍କଠାରୁ କର ଉସୁଲ କରି ଦେବ ଏମନ୍ତ ନୁହଇ ତହିଁ ଉପରେ ଆପଣା ହାତରୁ ଅନେକଗୁଡାଏ ଟଙ୍କା ଦେବ ଓ ନ ଦେଲେ ତାହାଙ୍କ ଜମିଦାରୀ ନିଲାମ ହେବ । ଏପରି ଦେଖାଯାଏ ଯେ ଏ ଆଇନରେ ପ୍ରଜା ଅପେକ୍ଷା ଜମିଦାରର ଅନେକ କ୍ଷତି ଅଛି ।

୪ । କୌଣସି ଅବସ୍ଥାରେ କର ମାଫ ହୋଇଥିବାର ନିୟମ ନାହିଁ କେବଳ ଆଇନର ଏକ ସ୍ଥାନରେ ବିଧାନ ଅଛି ଯେ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ପରିମାଣରେ ଜଳ ଯୋଗାଇବାକୁ ଅକ୍ଷମ ହେଲେ ଅଥବା ପାଣିମାହାଣ୍ଡ ବନ୍ଦ ହେବାଦ୍ୱାରା କ୍ଷତି ହେଲେ କିଛି କର ମାଫ ହେବ ଓ ତାହା ଗବର୍ଣ୍ଣମେଣ୍ଟ ବିଚାର କରିବେ । କର ନେବାବେଳକୁ ଏତେ ସହଜ ଉପାୟ ମାତ୍ର କିନ୍ତୁ ମାଫ ଦେବାବେଳକୁ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାର ଆବଶ୍ୟକ । ଏପରି ହେଲେ ଯେତେ ମାଫ ମିଳିବ ତାହା ପାଠକମାନେ ଅନୁଭବ କରନ୍ତୁ ଫଳତଃ ଜମିଦାର ଓ ପ୍ରଜାର ଲାଭ ହେଉ କି ନ ହେଉ କର ଦେବାକୁ ହେବ ଆଇନର ସ୍ପଷ୍ଟ ଉଦ୍ଦେଶ୍ୟ ଏହାଇ ଅଟଇ ଓ ଏପରି ନିୟମ ଯେ ଅତ୍ୟନ୍ତ ନ୍ୟାୟର ବହିର୍ଭୂତ ତାହା ଦେଖାଇବାର ଆବଶ୍ୟକ ନ ରଖଇ ।

ତୃତୀୟ କ୍ଷେତକୁ ପାଣି ନେବା । ପ୍ରଜାମାନେ ସ୍ୱୟଂ ଆପଣା ଆପଣା କ୍ଷେତକୁ ଜଳ ନେବାର ପାଣିମାହାଣ୍ଡ କାଟି ନେବେ ଓ ଜମିଦାରମାନେ ତହିଁରେ ସାହାଯ୍ୟ କରିବେ । ଜମିଦାର ଓ ପ୍ରଜାର ଏ ବିଷୟରେ ତ୍ରୁଟି ହେଲେ କଲେକ୍ଟର ମାହାଣ୍ଡ କଟାଇଦେଇ ଯାହା୨ ଭୂମି ଉପରଦେଇ ତାହା ଯିବ ସବୁ ଖର୍ଚ୍ଚା ସେମାନଙ୍କଠାରୁ ହାରାହାରିରୂପେ ଆଦାୟ କରିବେ । ଯେବେ ପାଣିମାହାଣ୍ଡରୁ ପାଣି ବାହାରିଯାଇ ନଷ୍ଟହେବ ଓ କାହା ଦୋଷରେ ତାହା ହେଲା ଧରାପଡିବ ନାହିଁ ତେବେ କ୍ଷତି ହୋଇଥିବା ଜଳର ମୂଲ୍ୟ ଉକ୍ତ ପାଣିମାହାଣ୍ଡ ସକାଶେ ଯେତେଲୋକ ଦାୟିଗ୍ରସ୍ତ ସେ ସମସ୍ତଙ୍କଠାରୁ ଆଦାୟ ହେବ ।

ଏହି ନିୟମରେ ଅତ୍ୟାଚାର ସୀମାପର୍ଯ୍ୟନ୍ତ ପହୁଞ୍ଚିଅଛି । ଜଣେ ଶତ୍ରୁତା କରି କାର୍ଯ୍ୟ କଲେ ଦଶଜଣ ମାରାପଡିବେ ଓ ଜଣେ ପ୍ରଜାର ଜଳର ପ୍ରୟୋଜନ ଅଛି ମାତ୍ର ଅନ୍ୟ ଦଶଜଣ ପ୍ରଜାଙ୍କ ଯାହାଙ୍କର ପ୍ରୟୋଜନ ନାହିଁ ତାହାଙ୍କ କ୍ଷେତଦେଇ ପାଣିମାହାଣ୍ଡ ନ ଗଲେ ସେବ୍ୟକ୍ତି ଜଳ ପାଉ ନାହିଁ ସୁତରାଂ ଏକବ୍ୟକ୍ତି ସକାଶେ ଦଶଜଣଙ୍କୁ ଖର୍ଚ୍ଚାନ୍ତ ଓ କ୍ଷତିଗ୍ରସ୍ତ ହେବାକୁ ହେବ । ବାଟର ବାଟୋଇ ଚାଲି ଯାଉଁ୨ ହିଡ କାଟିଦେଇ ପାଣି ଗଡିବାର କୌତୁକ ଦେଖନ୍ତି ନାଳ ପାଣିମାହାଣ୍ଡ ଏହିପରି କେହି କାଟି

Digitized by srujanika@gmail.com

ହେବାର ବଡଜ୍ଞ ନୁହଇ। ପ୍ରଜାମାନେ କ୍ଷେତରେ ଲଗି ନ ବସିଲେ ଚଳବ ନାହିଁ । କି ଅତ୍ୟାଶ୍ଚର !!

ଆମ୍ଭେମାନେ ଉପରେ ଯାହା ଲେଖିଲୁଁ ତାହା ଛଡ଼ା ଅନ୍ୟର କେତେ ଆପତ୍ତି ଛି ସେ ସମସ୍ତ ଲେଖିବାକୁ ସ୍ଥାନ ବା ସମୟ ନାହିଁ କିନ୍ତୁ ଏତକରେ ଦେଖାଯାଏ ଯେ ବଳପୂର୍ବକ କର ନେବା ଅତ୍ୟନ୍ତ ଅନ୍ୟାୟ ଅଟଇ କାରଣ ଯାହା ନ୍ୟାୟ ତାହାକୁ କାର୍ଯ୍ୟରେ ଚଳାଇବାକୁ କଷ୍ଟ ହୁଅଇ ନାହିଁ କିମ୍ବା ଅତ୍ୟାଶ୍ଚର ହେବାର ସମ୍ଭାବନା ନ ଥାଏ ।

---

## ସାପ୍ତାହିକସଂବାଦ ।

ଆଗାମି ସୋମବାର ଶିକ୍ଷକ ଓ ଡେପୁଟୀ ମାଜିଷ୍ଟ୍ରେଟଙ୍କର ପରୀକ୍ଷା ଆରମ୍ଭ ହେବ ।

ବାବୁ ନାରାୟଣଚନ୍ଦ୍ର ନାୟକ ଖୋର୍ଦ୍ଧାର ସବଡେପୁଟୀ ପଦରେ ଏକଟିଂ ନିଯୁକ୍ତ ହୋଇ ଗତ ମଙ୍ଗଳବାର ଏଠାରୁ ଉକ୍ତ ସ୍ଥାନକୁ ଯାତ୍ରା କଲେ । ବାବୁ ବଳରାମ ଦାସଙ୍କଠାରୁ ଚାର୍ଯ୍ୟ ନେବେ ଓ ବଳରାମ ଦାସ ସେ କର୍ମରୁ ବରଖାସ୍ତ ହୋଇ ଫେରି ଆସୁଅଛନ୍ତି । ଶ୍ରୀଯୁକ୍ତ କାମ୍ସ ସାହେବ ତାହାଙ୍କ ଚରିତ୍ରରେ କୌଣସି ଦୋଷ ଦେଖି ଏପରି ବନ୍ଦୋବସ୍ତ କଲେ । ବଳରାମ ବାବୁ କୃତବିଦ୍ୟ ହୋଇ ଗୋଟିଏ ଅବିବେଚନାର କାର୍ଯ୍ୟ କରି ଅବନତିକୁ ଲଭିଲେ ବଡ ଦୁଃଖର ବିଷୟ ଅଟଇ ।

ସମ୍ପ୍ରତି ଏନଗରରେ ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ଓ ଦୁଇ ଏକଥର ବର୍ଷା ହେଲେହେଁ ଲୋକଙ୍କର କଷ୍ଟ ଯାଉ ନାହିଁ । ଏସମୟରେ ଚନ୍ଦନଯାତ୍ରା ଓ ଶ୍ରୀରାମନବମୀ ଯାତ୍ରା ନଗରର ନାନାସ୍ଥାନରେ ଲାଗି ଥିବାରୁ ଲୋକେ ତାହା ଦେଖିବା ଲାଗି ଯିବାରେ କିଛି କିଛି ସୁଖୀ ହେଉଅଛନ୍ତି । ଆନନ୍ଦର ବିଷୟ ଯେ କୌଣସି ପ୍ରବଳ ପୀଡା ଏସମୟରେ ହୋଇ ନାହିଁ ।

ଗତ ତା ୧୫ ନ ଠାରୁ ଶସ୍ୟ ରପ୍ତାନି କର୍ମ ପ୍ରାୟ ବନ୍ଦ ହୋଇ ଯିବାରୁ ଚାଉଳର ଦର କିଛି ଊଣା ଅଛି ବୋଧ ହୁଅଇ ଏସମୟରେ ଆଉ ରପ୍ତାନି ହେବ ନାହିଁ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ମାନ୍ୟବର ଇଡ଼ନ ସାହେବଙ୍କ ପ୍ରସ୍ତାବିତ ମୋଫସଲ ଅପୀଲ ବେଞ୍ଚ ବସାଇବାର ନିୟମାବଳୀ ହାଇକୋର୍ଟର ଜଜ ଜାକ୍ସନ ସାହେବ ପ୍ରସ୍ତୁତ କରୁଅଛନ୍ତି । ଏ ପ୍ରଣାଳୀଟି ଶୀଘ୍ର ପ୍ରଚଳିତ ହେବ କି ?

ମାନ୍ଦ୍ରାଜରୁ ଲୋକେ ଯାଇ ବ୍ରହ୍ମଦେଶରେ ବାସ କରିବା ନିମିତ୍ତ ଗବର୍ଣ୍ଣମେଣ୍ଟ ଉତ୍ସାହ ଦେବାକୁ ସ୍ଥିର କରିଅଛନ୍ତି ଏବଂ ଏହି କାର୍ଯ୍ୟରେ ଊଣେଇଶଲକ୍ଷ ଟଙ୍କା ବ୍ୟୟ ହେବାର ମଞ୍ଜୁର କରିଅଛନ୍ତି । ବ୍ରହ୍ମଦେଶରେ ପ୍ରଚୁର ଶସ୍ୟ ହୁଅଇ ଓ ଲୋକସଂଖ୍ୟା ଅନେକ ଊଣା ମାନ୍ଦ୍ରାଜରୁ ଯେଉଁମାନେ ଉଠି ଯାଇ ସେଠାରେ ବସତି କରିବେ ତାହାଙ୍କର ଲାଭ ଅଛି ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ଚାରି ପାଞ୍ଚଜଣ ମୁସଲମାନ ଯୁବା ଶିକ୍ଷା ଲାଭ କରିବା କାରଣ ଇଂଲଣ୍ଡକୁ ଯାଉଅଛନ୍ତି । ଏମାନେ ସମସ୍ତେ ସଦ୍‌ବଂଶୋଦ୍ଭବ ଏବଂ ଧନୀ ଅଟନ୍ତି । ମୁସଲମାନଙ୍କର ଶିକ୍ଷାପ୍ରତି ଏପରି ଅନୁରାଗ ଆନନ୍ଦର ବିଷୟ ଅଟଇ ।

ଶିକ୍ଷାବିଭାଗର ଡାଇରେକ୍ଟର ସଟ୍‌କ୍ଲିଫ ସାହେବ ମା ୧୫ ସର ଛୁଟୀ ନେଇ ଇଂଲଣ୍ଡକୁ ଯାତ୍ରା କଲେ ଓ ତାହାଙ୍କ କର୍ମରେ ଶ୍ରୀଯୁକ୍ତ କ୍ରଫ୍ଟ ସାହେବ ଏକଟିଂ ହୋଇଅଛନ୍ତି । ଏ ମହାଶୟ ଅତି ଯୋଗ୍ୟ ଲୋକ ଅଟନ୍ତି ଏବଂ ଏହାଙ୍କଦ୍ୱାରା ଉତ୍ତମରୂପେ କାର୍ଯ୍ୟ ଚଳିବାର ଆଶା ଅଛି ।

ବରୋଦାର ନାବାଳଗ ଗୁଇକୁଅଁର ସୈନିକ ଶିକ୍ଷା ଲାଭ କରିବେ । ଶ୍ରୀମତୀ ଭାରତେଶ୍ୱରୀଙ୍କ ଇଉରୋପୀୟ ସେନାର ସରଜଣ୍ଟ କୁଇନସାହେବ ଏହାଙ୍କୁ ଶିକ୍ଷା ଦେବାନିମିତ୍ତ ନିଯୁକ୍ତ ହୋଇଅଛନ୍ତି । କି ମିଶ୍ରର ଯୁଦ୍ଧରେ ଏ ମହାଶୟ ପ୍ରଶଂସା ପାଇଥିଲେ ।

ଅଯୋଧ୍ୟାର ତାଲୁକଦାରମାନେ ଆପଣା ପ୍ରଦେଶକୁ ଉତ୍ତରପଶ୍ଚିମ ପ୍ରଦେଶ ସଙ୍ଗେ ମିଶାଇବା ବିରୁଦ୍ଧରେ ଚେଷ୍ଟା କରିବାକୁ ନିଶ୍ଚୟ କରିଅଛନ୍ତି ଓ ଏଥିସକାଶେ ଖଣ୍ଡିଏ ଆବେଦନପତ୍ର ଅନେକ ଲୋକଙ୍କ ସ୍ୱାକ୍ଷରରେ ଇଂଲଣ୍ଡକୁ ପ୍ରେରିତ ହେଉଅଛି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ଜୟପୁରର ମହାରାଜା ଆପଣା ରାଜଧାନୀରେ ଗୋଟିଏ ସଙ୍ଗୀତବିଦ୍ୟାଳୟ ସ୍ଥାପନ କରିବାକୁ ମନସ୍ଥ କରି ବିଖ୍ୟାତ ଅଧ୍ୟାପକ ମୌଲାବକ୍ସଙ୍କୁ ଉକ୍ତ ବିଦ୍ୟାଳୟର ତତ୍ତ୍ୱାବଧାରକ ନିଯୁକ୍ତ କରିଅଛନ୍ତି । ସଙ୍ଗୀତବିଦ୍ୟା ପ୍ରଚାରପକ୍ଷରେ ମହାରାଜାଙ୍କର ଏରୂପ ଉତ୍ସାହ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ।

ଗୁଜରାଟ ଆଦର୍ଶ କଲେଜ ସକାଶେ ସୁଶିକ୍ଷିତା ହେବାନିମନ୍ତେ ବମ୍ବାଇଗବର୍ଣ୍ଣମେଣ୍ଟ ଦୁଇଜଣ ପାରସୀଜାତୀୟ ସ୍ତ୍ରୀଙ୍କୁ ବିଲାତକୁ ପଠାଇବାର ସ୍ଥିର କରିଅଛନ୍ତି ।

ମାନ୍ଦ୍ରାଜର ଜଣେ ଦେଶୀୟ କର୍ମଚାରୀ ସେକ୍ରେଟରୀ ଅବଷ୍ଟେଟଙ୍କ ନିକଟରେ ଏହି ମର୍ମରେ ଅପିଲ କରିଥିଲେ କି ଜଜ ସାହେବ ସର୍ବଦା ମାଜିଷ୍ଟ୍ରେଟଙ୍କ ଘରେ ଓ ତାହାଙ୍କ ବ୍ୟୟରେ ଖାଇବା ପିଇବା କରିବାରୁ ମାଜିଷ୍ଟ୍ରେଟଙ୍କର ପକ୍ଷପାତୀ ହୋଇଅଛନ୍ତି । ଏଥିରୁ ସେକ୍ରେଟରୀ ଆଜ୍ଞା ଦେଇଅଛନ୍ତି କି ଏପରି ବ୍ୟବହାର ଭଲ ନୁହଇ ଓ ତ୍ୟାଗ କରିବା ଉଚିତ । ଏତ ବଡ ହରବର କଥା ହେଲା ।

---

## ବିଜ୍ଞାପନ ।


ଡାକ୍ତର ଷ୍ଟିବାର୍ଟସାହେବଙ୍କ କୃତ ଭୈଷଜ୍ୟରତ୍ନାକର ଅର୍ଥାତ୍ ଓଡ଼ିୟାଭାଷାରେ ରଚିତ ମେଟିରିଆମେଡିକା । ଏଥିରେ ଦେଶୀୟ ଓ ବିଲାତି ଔଷଧ ସମସ୍ତର ଇଂରାଜୀ ଓ ଲାଟିନ ନାମ ଓ ସେ ସମସ୍ତର ଗୁଣ ଓ ମାତ୍ରାଦିର ବିବରଣ ସହିତ ବୃହତ୍ ସୂଚି ସଂଯୁକ୍ତ ହୋଇଅଛି ।

ମୂଲ୍ୟ ଟ ୨
ଡାକମାସୁଲ ଟ ୦।୵

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଅତ୍ରସ୍ଥ ଓଡିଶା ମେଡିକେଲ ସ୍କୁଲରେ ଛଅଗୋଟି ବୃତ୍ତି ଖାଲି ଅଛି ଏବଂ ଏତଦ୍ଭିନ୍ନ ପରିମିତ ସଂଖ୍ୟକ ଅବୈତନିକ ଛାତ୍ର ଗ୍ରହଣ କରାଯିବେ । ନିମ୍ନଲିଖିତ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ନିକଟରେ ଆବେଦନ କରିବାକୁ ହେବ । ଆବେଦନକାରୀମାନେ ୧୮୭୨ ମସିହା ତା ୨୫ ରିଖ ମେ କଟକସ୍ଥ ଓଡିଶା ମେଡିକଲ ସ୍କୁଲରେ ଉପସ୍ଥିତ ହେବେ ।

W. D. STEWART,
*Supdt. O. M. School.*


---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରାଜକିଶୋର ଘୋଷ | କଟକ | ବକ୍ସୀ | ଟ ୩ |
| ଚୌଧୁରୀ ରଘୁନାଥ ଦାସ | „ | „ | ଟ ୬ |
| ବାବୁ ସଚ୍ଚିଦ୍ର ମିଶ୍ର | „ | „ | ଟ ୬ |
| ବାବୁ ଜଗମୋହନ ଦାସ ବାଲେଶ୍ୱର | „ | | ଟ ୨୨ |
| ଏଜନ୍ସି | | ଦାଖି | ଟ ୨ |
| „ ହରେକୃଷ୍ଣଦାସ | କଟକ | „ | ଟ ୩ |
| „ ଗୋବିନ୍ଦଚନ୍ଦ୍ର ଘୋଷ | „ | ବକ୍ସୀ | ଟ ୬ |
| „ ରସିକଚରଣ ମହାନ୍ତି | „ | „ | ଟ ୬ |
| „ ରାମଗୋବିନ୍ଦ କେନ୍ଦ୍ରାପଡ଼ା | „ | | ଟ ୨ |

☞ ଏହି ଉତ୍କଳଦୀପିକା ସହରକଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

REGISTERED NO. 32

77

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୬ ଗ
ସଂ ୧୯ ଖ୍ୟା

ତା ୧୨ ରଖ ମାହେ ମଇ ସନ ୧୮୭୭ ମସିହା । ମୂ । ଜ୍ୟେଷ୍ଠ ଦି ୧ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ ୬
ମଫସଲପାଇଁ ଡାକମାସୁଲ ଟ ୧।୯/

ସମ୍ବଲପୁର ବନ୍ଧୁସ୍ଥଳୀମାନଙ୍କ ସମ୍ପର୍କରେ ଖଣ୍ଡିଏ ବେନାମିପତ୍ର ଆମ୍ଭେମାନେ ପାଇଅଛୁଁ ମାତ୍ର ବେନାମିପତ୍ର ଛାପିବା ଆମ୍ଭମାନଙ୍କର ନିୟମ ନ ଥିବାରୁ ତାହା ପ୍ରକାଶ କଲୁଁ ନାହିଁ । ଯେଉଁମାନେ ବେନାମିପତ୍ର ପଠାଇଅଛନ୍ତି ଯେବେ ସେମାନଙ୍କର ବାସ୍ତବରେ କୌଣସି ଗୁହାରି ଥାଏ ତେବେ ଉପରସ୍ଥ ହାକିମଙ୍କୁ ତାହା ସ୍ପଷ୍ଟ ଜଣାଉ ନାହାନ୍ତି କାହିଁକି ? ସେମାନେ ସାହସ କରି ଜଣାଇଲେ ଅବଶ୍ୟ ସୁବିଚାର ପାଇବେ ମାତ୍ର ବେନାମୀ ଲେଖାରେ କିଛି ଲାଭ ହେବ ନାହିଁ କାରଣ ତହିଁରେ କିପରି ଲୋକଙ୍କର ବିଶ୍ୱାସ ହେବ ? ବର୍ତ୍ତମାନର ସମୟ ଏପରି ହୋଇଅଛି କି ଯେଉଁମାନେ ଅତ୍ୟାଚାର ସହି ରହିବେ ସେମାନଙ୍କପ୍ରତି ଅତ୍ୟାଚାର ହେଉଥିବ ମାତ୍ର ଯେଉଁମାନେ ସାହସ କରି ପ୍ରତୀକାର ଲୋଡିବେ ସେମାନଙ୍କର ଅବଶ୍ୟ ମଙ୍ଗଳ ହେବ । ନ୍ୟାୟକଥା ଗବର୍ଣ୍ଣମେଣ୍ଟ ସର୍ବଦା ଶୁଣିବାକୁ ପ୍ରସ୍ତୁତ ଓ ତହିଁପାଇଁ ଉଚ୍ଚ ହାକିମଙ୍କର ଶୃଙ୍ଖଳା ବନ୍ଧା ହୋଇଅଛି କିନ୍ତୁ ଗବର୍ଣ୍ଣମେଣ୍ଟ ସର୍ବଜ୍ଞ ନୁହନ୍ତି ଯେ ସମସ୍ତଙ୍କର ମନକଥା ଜାଣି ପାରିବେ । ଯାହାର ଯେ ଦୁଃଖ ଥିବ ତାହା ସେ କହିଲେ ଅବଶ୍ୟ ତହିଁର ପ୍ରତୀକାର ହେବ କେବଳ ପ୍ରଜାଙ୍କର ଉଚିତ ଯେ ଯଥାର୍ଥ ରାଜଭକ୍ତି ସହିତ ସାହସ ପ୍ରଦର୍ଶନପୂର୍ବକ ଆପଣା ଦୁଃଖ ଜଣାଇବେ । ଡରି ରହି ମନରେ ବ୍ୟସ୍ତ ହେଲେ କିଛି ଫଳ ହେବ ନାହିଁ ।

---

ଏପତ୍ରିକାର ସ୍ଥାନାନ୍ତରରେ ପାଠକମାନେ ଦେଖିବେ ଯେ ଜଳକର ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ କେତେକବିଷୟ ତଦନ୍ତ କରିବା କାରଣ ଜଣେ କର୍ମଚାରୀ ପଠାଇବାକୁ ସ୍ଥିର କରିଅଛନ୍ତି । ସମ୍ପ୍ରତି ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଟିଏନଣ୍ଟ ସାହେବ ଉକ୍ତ କର୍ମରେ ନିଯୁକ୍ତ ହେଉଅଛନ୍ତି ଏବଂ ତାହାଙ୍କ ଅନୁରୋଧକ୍ରମେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଜମିଦାର ଓ ପ୍ରଜାମାନଙ୍କର ପ୍ରତିନିଧିସ୍ୱରୂପ ଯେଉଁମାନେ ଏବିଷୟରେ ଆପଣା ୨ ମତ ଜଣାଇବାକୁ ବାଞ୍ଛା କରିବେ ସାହେବ ପ୍ରଶଂସିତ ଅତ୍ୟନ୍ତ ଆନନ୍ଦିତ ହୋଇ ତାହା ଶ୍ରବଣ କରିବେ ଏବଂ କେହି ଜମିଦାର ଅଥବା ରଇଏତ ଏପ୍ରସଙ୍ଗରେ ଆପଣାର କଥା ଯାହା କହିବାକୁ ମନ ବଳାଇବ ସାହେବ ପ୍ରଶଂସିତ ତାହାକୁ ସାକ୍ଷାତ ଦେଇ ତାହାର କଥା ଆଗ୍ରହପୂର୍ବକ ଶୁଣିବେ ।

ଶ୍ରୀଯୁକ୍ତ ଟିଏନଣ୍ଟ ସାହେବଙ୍କ ଦୟା ଔଦାର୍ଯ୍ୟ ଓ ପ୍ରଜାବତ୍ସଲତା ଓ ନ୍ୟାୟ ଏଠା ଲୋକଙ୍କୁ ଅବିଦିତ ନାହିଁ ଓ ସେ କଲେକ୍ଟର ପଦରେ ନିଯୁକ୍ତ ହେଲାଦିନୁ ଅଧିକ ପରିମାଣରେ ଅନୁଭୂତ ହୋଇଅଛି । ସେ ଏପରି ଗୁରୁତର କର୍ମରେ ନିଯୁକ୍ତ ହୋଇଅଛନ୍ତି ଜମିଦାର ଓ ପ୍ରଜାଙ୍କର ଭାଗ୍ୟର ବିଷୟ ଅଟଇ ଅତଏବ ଭରସା ହୁଅଇ ଯେ ଜଳକର ବିଷୟରେ ଯାହାର ସମ୍ପର୍କ ଅଛି ସେ ଅକାତରରେ ସାହେବଙ୍କ ନିକଟକୁ ଯାଇ ଆପଣା ମନୋଭାବ ସରଳଭାବରେ ବ୍ୟକ୍ତ କରିବ ଓ ଏ ପ୍ରସ୍ତାବର ନ୍ୟାୟ ଅନ୍ୟାୟ ସମ୍ପର୍କରେ ଯାହା ଯେ ସ୍ୱୟଂ ଅନୁଭବଦ୍ୱାରା ଜାଣିଥିବ ସରଳାନ୍ତଃକରଣସହିତ ବ୍ୟକ୍ତ କରିବ ତାହା ହେଲେ ଏ ଅଞ୍ଚଳର ସମସ୍ତ ଆପଦ ଖଣ୍ଡନ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି ।

---

ରୁସିୟା ଓ ତୁରସ୍କ ଯୁଦ୍ଧର କିଛି ନୂତନ ସମ୍ବାଦ ଏସପ୍ତାହରେ ତାରଡାକଯୋଗେ ଆସି ନାହିଁ । ରୁସୀୟମାନେ ଇଉରୋପ ଓ ଆସିୟା ଦୁଇପାଖରୁ ତୁରସ୍କକୁ ଆକ୍ରମଣ କରିଅଛନ୍ତି ଓ ତୁରସ୍କ ମଧ୍ୟ ଦୁଇପାଖରେ ପ୍ରଚୁର ସେନା ରଖି ଆପଣା ସୀମାକୁ ରକ୍ଷା କରୁଅଛି । ଆସିୟା ଦିଗରୁ ଦୁଇ ଏକଥର ରୁସୀୟ ସଙ୍ଗରେ ଯୁଦ୍ଧ ହୋଇଥିଲା ଯେ ତହିଁରେ ରୁସୀୟମାନେ ତୁରସ୍କର ଗୋଟିଏ କେଲ୍ଲା ହସ୍ତଗତ କରିବାର କଥିତ ହୁଅଇ । ଉଭୟ ସ୍ଥଳ ଓ ଜଳରେ ଯୁଦ୍ଧ ହେବାର ଆୟୋଜନ ହେଉଅଛି ଓ ତୁରସ୍କମାନେ ସତର୍କ ହୋଇ ସମୁଦ୍ର ବାଟମାନ ବନ୍ଦ କରୁଅଛନ୍ତି । ରୁସିୟାର ସେନା ବିସ୍ତର ସନ୍ଦେହ ନାହିଁ କିନ୍ତୁ ତୁରସ୍କର ସିପାହୀମାନେ ଅଧିକ ସାହସୀ ଓ ସେମାନେ ଆପଣା ରାଜ୍ୟ ରକ୍ଷା ସକାଶେ ଲଢୁଥିବାରୁ ସମଧିକ ଉତ୍ସାହିତ ହୋଇଅଛନ୍ତି । ସୁତରାଂ ରୁସିୟା ଅତି ସହଜରେ ଏମାନଙ୍କୁ ପାରିବାର ଜଣାଯାଉ ନାହିଁ ।

ଇଂଲଣ୍ଡ ଇଟାଲି ଫ୍ରାନ ଅଷ୍ଟ୍ରେଲିୟା ପ୍ରଭୃତି ଇଉରୋପର ପ୍ରଧାନ ରାଜ୍ୟମାନ ଏ ଯୁଦ୍ଧରେ

Split by PDF Splitter

Digitized by srujanika@gmail.com

ନିରପେକ୍ଷ ରହିବେ ବୋଲି ମତ ପ୍ରକାଶ କରିଅଛନ୍ତି ଏବଂ ଇଂଲଣ୍ଡ କୌଣସି ପକ୍ଷକୁ ଅବଲମ୍ବନ ନ କରିବାର ଘୋଷଣାପତ୍ର ଦେଇଅଛନ୍ତି ଏଣେ ଗ୍ରୀସ ରୁସିୟା ସଙ୍ଗେ ଓ ଇଜେପ୍ଟ ତୁରସ୍କ ସଙ୍ଗେ ଯୋଗ ଦେବାର ସ୍ଥିର ହୋଇଅଛି । ଇଜେପ୍ଟର ଖେଦିବଙ୍କୁ ରୁସିୟା କହି ପଠାଇଥିଲେ ଯେ ସେ ତୁରସ୍କକୁ ସାହାଯ୍ୟ କରିବେ ନାହିଁ ମାତ୍ର ଖେଦିବ ତାହା ମାନିଲେ ନାହିଁ । ଏଥିପାଇଁ ଯେବେ ରୁସିୟା ଖେଦିବ ସଙ୍ଗରେ ଯୁଦ୍ଧ କରନ୍ତି ତାହା ହେଲେ ଇଂଲଣ୍ଡ ନିସ୍ତବ୍ଧ ରହିବାର ଅସମ୍ଭବ ସୁତରାଂ ବର୍ତ୍ତମାନ ଯେଉଁ ରାଜାମାନେ ନିରପେକ୍ଷ ରହୁଅଛନ୍ତି ସେମାନେ ଭବିଷ୍ୟତରେ କି କରିବେ ନିଶ୍ଚୟରୂପେ ବୋଲାଯାଇ ନ ପାରେ ।

---

ଗତ ମାର୍ଚ୍ଚମାସରେ ବାଲେଶ୍ୱରକୁ ଭାରତବର୍ଷୀୟ ନାନାବନ୍ଦରରୁ ଖ ୪୬ ଣ୍ଡ ଏବଂ ବିଦେଶରୁ ଖ ୩ ଣ୍ଡ ମୋଟ ଖ ୪୯ ଣ୍ଡ ଜାହାଜ ଆସିଥିଲା ଏବଂ ପ୍ରଥମପ୍ରକାରର ଖ ୬୨ ଣ୍ଡ ଓ ଦ୍ୱିତୀୟପ୍ରକାରର ଖ ୭ ଣ୍ଡ ମୋଟ ଖ ୬୯ ଣ୍ଡ ଜାହାଜ ପ୍ରସ୍ଥାନ କରିଥିଲା । ଏ ଜାହାଜ ସବୁ ମଧ୍ୟରେ କେବଳ ଖ ୧୩ ଣ୍ଡ ଧୂଆଁକଳ ଅଟଇ ଅନ୍ୟ ସମସ୍ତ ପାଲଟଣା ଯାହାଜ ।

ଏସମସ୍ତ ଜାହାଜରେ ତଲଲିଖିତରୂପେ ମାଲ ଆମଦାନୀ ଓ ରପ୍ତାନୀ ହୋଇଅଛି । ଯଥା;

| | |
|---|---|
| ଆମଦାନୀ ମୋଟ | ଟ ୪୯୧,୯୩୨ |
| ଏଥିମଧ୍ୟରେ ପ୍ରଧାନଦ୍ରବ୍ୟ । | |
| କପାସୂତା | ଟ ୮୪୭୮୭ |
| ଏକ୍ସ ଥାନଲୁଗା | ଟ ୩୬୭୬୧ |
| ଔଷଧୀୟ ଦ୍ରବ୍ୟ | ଟ ୮୦୨୬ |
| ଅଖା | ଟ ୫୭୩୩୩ |
| ଧାତୁ | ଟ ୬୩୫୪୭ |
| ଗରମମସଲା | ଟ ୨୭୩୦୮ |
| ତମାଖୁ | ଟ ୧୧୫୬୫ |
| ନଗଦଟଙ୍କା | ଟ ୧୬୫୪୦୦ |
| ରପ୍ତାନୀ ମୋଟ | ଟ ୯୨୧୫୮୨ |
| ଏଥିମଧ୍ୟରେ ପ୍ରଧାନଦ୍ରବ୍ୟ । | |
| ଧାନ ଚାଉଳ | ଟ ୭୧୮୧୨୧ |
| ନଗଦ ଟଙ୍କା | ଟ ୧୬୦୩୮୭ |

ଏହି ମାସ ମଧ୍ୟରେ କଟକ ବନ୍ଦରକୁ ଭାରତବର୍ଷୀୟ ନାନା ବନ୍ଦରରୁ ଖ୧୩ଣ୍ଡ ଓ ବିଦେଶରୁ ଖ୦ଣ୍ଡ ଜାହାଜ ଆସିଥିଲା ଏବଂ ଏଠାରୁ ଭାରତବର୍ଷୀୟ ନାନା ବନ୍ଦରକୁ ଖ୧୯ଣ୍ଡ ଓ ବିଦେଶକୁ ଖ୧ଣ୍ଡ ମୋଟ ଖ୨୦ଣ୍ଡ ଜାହାଜ ପ୍ରସ୍ଥାନ କରିଥିଲା । ଏଥିମଧ୍ୟରେ ଧୂଆଁକଳ ଜାହାଜ ଖ୯ଣ୍ଡ ଅନ୍ୟ ସମସ୍ତ ପାଲଟଣା ।

ଏ ସମସ୍ତ ଜାହାଜରେ ତଲଲିଖିତରୂପେ ମାଲ ଆମଦାନୀ ଓ ରପ୍ତାନୀ ହୋଇଅଛି । ଯଥା;

| | |
|---|---|
| ଆମଦାନୀ | ଟ ୨,୨୮,୮୪୭ |
| ଏଥିମଧ୍ୟରେ ପ୍ରଧାନଦ୍ରବ୍ୟ । | |
| ବିଲାତି କପାସୂତା ଓ ଲୁଗା | ଟ ୧୪୩୯୧୧ |
| ମଦଗ | ଟ ୫୩୪୩ |
| ମସଲା ବିଶେଷ ଗୁଆ | ଟ ୩୨୪୧୬ |
| ଧାତୁ ଓ ଧାତୁନିର୍ମିତ ଦ୍ରବ୍ୟ | ଟ ୨୩୮୨୯ |
| ଲବଣ | ଟ ୧୯୨୨ |
| ରପ୍ତାନୀ | ଟ ୪୫୬୨୬୫ |
| ଏଥିମଧ୍ୟରେ ପ୍ରଧାନ । | |
| ଚାଉଳ | ଟ ୪୩୦୧୬୨ |
| ଗହମ | ଟ ୨୧୦୮ |
| ରୂପାର ଅଲଙ୍କାର | ଟ ୧୫୫୦ |
| ଚମଡା | ଟ ୮୫୩୭ |
| ଜଉ | ଟ ୧୧୭୨୨ |

ପ୍ରଧାନ ରପ୍ତାନୀଦ୍ରବ୍ୟ ମଧ୍ୟରୁ ମ୨୦୦୦୦ ମହଣକୁ ମୂଲ୍ୟ ଟ ୫୫୦୦୦ ଟଙ୍କାର ଚାଉଳ ଆରବଦେଶକୁ ଯାଇଥିଲା ଓ ତହିଁ ଉପରେ ଟ ୩୭୫୦ ଟଙ୍କା କଷ୍ଟମ ମାସୁଲ ଆଦାୟ ହୋଇଥିଲା ବାକି ଚାଉଳ ସମସ୍ତ ମାନ୍ଦ୍ରାଜ ଓ ବମ୍ବେଇକୁ ଯାଇଅଛି ।

ଉପରଲିଖିତ ତାଲିକାରୁ ଦେଖାଯାଏ ଯେ ଗତ ମାର୍ଚ୍ଚମାସରେ କଟକର ଦ୍ୱିଗୁଣ କାରବାର ବାଲେଶ୍ୱରରେ ହୋଇଥିଲା ମାତ୍ର ଚାନ୍ଦବାଲି ବନ୍ଦରର ଅଧିକାଂଶ କାରବାର କଟକଙ୍କ ସଙ୍ଗେ ସମ୍ପର୍କ ରଖୁଥିବାରୁ ତାହା ବାଲେଶ୍ୱରକୁ ମିଶା ଦେଲେ ଏତେ ତାରତମ୍ୟ ରହିବ ନାହିଁ । ତଥାପି ବାଲେଶ୍ୱରର କାରବାର ଅଧିକ ହେବ ।

---

## ନୂତନ କର ।

ବଙ୍ଗଳା ବ୍ୟବସ୍ଥାପକ ସଭାର ଗତ ଶନିବାରର ଅଧିବେଶନରେ ନୂତନ ପ୍ରଦେଶୀୟ କର ବିଷୟକ ଆଇନ ବିଧିବଦ୍ଧ ହେଲା ଓ ଦାଖଲ ଖାରଜ କାର୍ଯ୍ୟଦ୍ୱାରା ଏବର୍ଷ ଗବର୍ଣ୍ଣମେଣ୍ଟଙ୍କର ଅନେକ ଆୟ ହେବବୋଲି ଉକ୍ତ କର ସ୍ଥଗିତ ରଖିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ସ୍ଥିର ରହି ଥିବୁଲା ନାହିଁ କାରଣ ତଦାସ ତନ ଗୃହକଙ୍କୁ ଅଧିକ ଟଙ୍କା ଗବର୍ଣ୍ଣମେଣ୍ଟ ପାଇବାର ଆଶା କରୁ ନାହାନ୍ତି । ଏ ଆଇନପ୍ରତି ଆଉ ଯେତେ ଆପତ୍ତି ସଭାରେ ହେବାର ଥିଲା ତାହା ସମସ୍ତ କଥାପଦକେ ସ୍ଥଗିତ ହୋଇଗଲା ।

ଏ ଆଇନ ନିଷ୍ପତ୍ତି ହେଲା, ଉତ୍ତାରୁ ମାନ୍ୟବର ରେବନ୍‌ସାସା ହେବ ସଭାରେ ଜଣାଇଲେ ଯେ ଦେଶର ଅବସ୍ଥାପ୍ରତି ଜଳକର ଆଇନର ବିଧାନମାନ ଖଟାଇବାକୁ ଖାସ କମିଟୀ କେତେକ କଷ୍ଟ ବୋଧ କରୁଅଛନ୍ତି । ଜଲର କେତେକ ଅଂଶରେ କର ଧାର୍ଯ୍ୟ କରିବା ସକାଶେ ଯେଉଁ ଜରିବ ଆରମ୍ଭ ହୋଇଅଛି ତାହା ଶେଷକରିବା ଏବଂ ଜଲର ପ୍ରୟୋଜନ ତଦନ୍ତକରି ବୁଝିବାସକାଶେ ଜଣେ କର୍ମଚାରୀଙ୍କୁ ପଠାଇବାର ଉଚିତ ହୋଇଅଛି ଅତଏବ ଏ ସବୁ କାର୍ଯ୍ୟ ଶେଷ ହେବା ଦୃଷ୍ଟିରେ ଖାସ କମିଟୀକୁ ଆଉ ଛମାସ ମହଲତ ଦିଆଯାଉ । ଏଥିକୁ ମାନ୍ୟବର ବେଲିସାହେବ କହିଲେ ଯେ କଥିତ ଜରିବକାର୍ଯ୍ୟ ଛମାସରେ ଶେଷ ହେବ ନାହିଁ ମାତ୍ର ଏ ପାଣ୍ଡୁଲିପିକୁ ବର୍ତ୍ତମାନ ମୁଲତବି ରଖିବାର ଉଚିତ ଅଟଇ । ଏହିରୂପେ ଜଳକର ବ୍ୟବସ୍ଥା ଛମାସ ସକାଶେ ସ୍ଥଗିତ ରହିଲା ଓ ଈଶ୍ୱରଙ୍କ ଇଚ୍ଛାରେ ଚିରକାଳ ସକାଶେ ସ୍ଥଗିତ ହୋଇପାରେ କାରଣ ଯହିଁର ମୂଳରେ ଅନ୍ୟାୟ ରହିଅଛି ତାହାକୁ ନ୍ୟାୟମାର୍ଗକୁ ଆଣିବା ବଡ କଠିନ ବ୍ୟାପାର । ବଳପୂର୍ବକ ଜଳକର ଆଦାୟ କରିବା କାର୍ଯ୍ୟତଃ କଠିନବୋଲି ପୂର୍ବରୁ ପରିଚ୍ଛିନ୍ନ ହୋଇଅଛି । ଏଥର ଆମ୍ଭେମାନେ ଏହି ପ୍ରାର୍ଥନା କରୁଁ କି କେହି ଜଣେ କର୍ମଚାରୀ ନାଲସମ୍ପର୍କରେ ଓଡିଶାର ଅବସ୍ଥା ତଦନ୍ତ କରିବାକୁ ଆସିବାର ଯାହା ପ୍ରସ୍ତାବ ହୋଇଅଛି ଗବର୍ଣ୍ଣମେଣ୍ଟ ତାହା ନ କରି ଗୋଟିଏ କମିଟୀଦ୍ୱାରା ନାଲର ଉପଯୋଗିତା ଓ ତଦ୍ୱାରା କି ପରିମାଣରେ ସାଧାରଣ ଉପକାର ହୋଇଅଛି ବା ହେବାର ସମ୍ଭାବନା ଅଛି ଏ ସମସ୍ତ ବିଷୟର ଅନୁସନ୍ଧାନ କରାଇ ନେଉନ୍ତୁ ତାହା ହେଲେ ଅନେକ ଭ୍ରମ ଓ ମନସ୍ତାପ ନିବାରିତ ହେବ ଓ ବାସ୍ତବରେ ଯାହାଙ୍କର ନାଲଦ୍ୱାରା ଉପକାର ହୋଇଅଛି ସେମାନେ କର ଦେବାକୁ କଦାଚ କୁଣ୍ଠିତ ହେବେ ନାହିଁ ଏଥିରେ ଯେବେ ଗବର୍ଣ୍ଣମେଣ୍ଟ ସମ୍ମତ ନ ହୁଅନ୍ତି ତେବେ ବିନାମୂଲ୍ୟରେ ଦୁଇବର୍ଷ ନାଲଜଳ ପ୍ରଜାଙ୍କୁ ଛାଡିଦେଉନ୍ତୁ ତାହା ହେଲେ ଇଚ୍ଛାମତେ ପ୍ରଜାମାନେ ଜଳ ନେଇ ତହିଁରେ ଲାଭ ଅଛି କି ନାହିଁ ଜାଣିପାରିବେ ଓ କେତେ ଜମିକୁ ନାଲଜଳ ଗବର୍ଣ୍ଣମେଣ୍ଟ ଯୋଗାଇପାରନ୍ତି ଏଥିର ମଧ୍ୟ ଜଣା

Split by PDF Splitter
Digitized by srujanika@gmail.com

Split by PDF Splitter



ହୋଇଯିବ । ଗବର୍ଣ୍ଣମେଣ୍ଟଙ୍କରତ ଆଦ୍ୟରୁ ଷତ ହେଉଅଛୁ ଏବାଟେ ୨।୩ ବର୍ଷ ଷତ ହେଲେ ଭବିଷ୍ୟତରେ ଅନେକ ଲାଭ ହେବ । ଜମିଦାରମାନେ ଜମି ଆବାଦ ସକାଶେ ପାଞ୍ଚ୨ ବର୍ଷର ଖଜଣା ଛଡ ଦେଉଅଛନ୍ତି ।

---

## ଓଡିଶା ଗଡ଼ଜାତ ମହାଲ ।

ତହିଁର ବର୍ତ୍ତମାନ ଅବସ୍ଥା ଓ ତାହା କରୂପେ ଭଲ ହେବ ଏହି ନାମରେ ଅମ୍ଭେମାନେ କଛି-ଦନ ହେଲା ଖଣ୍ଡିଏ ପୁସ୍ତିକା ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହା ଇଂରାଜୀ ଭାଷାରେ ରଚତ ଓଡିଶାପେଟ୍ରିଅଟ ପ୍ରେସରେ ମୂଦ୍ରିତ ଏବଂ ଶ୍ରୀଯୁକ୍ତ ବୀମ୍ସ ସାହେବଙ୍କୁ ଉତ୍ସର୍ଗିତ ହୋଇଅଛୁ । ରଚୟିତାଙ୍କ ନାମ ଗ୍ରନ୍ଥୋପର ଲେଖା ନାହିଁ । ମାତ୍ର ସେ ଏହି ସ୍ଥାନରେ ରହି ସ୍ୱୟଂ ଯେତେ ଅଳ୍ପ ଦେଖିଅଛନ୍ତି ବା ଅନୁଭବ କରିଅଛନ୍ତି ତାହା ଏଥିରେ ଲେଖିଅଛନ୍ତି ଓ ଯେଉଁମାନେ ଅଧିକ ଆଶାକରନ୍ତି ତାହାଙ୍କଠାରେ କ୍ଷମା ପ୍ରାର୍ଥନା କରିଅଛନ୍ତି ।

ଏ ପୁସ୍ତିକା ଖଣ୍ଡିକ ତିନି ଅଧ୍ୟାୟରେ ସମାପ୍ତ ହୋଇଅଛୁ । ପ୍ରଥମ ଅଧ୍ୟାୟରେ ରାଜାଙ୍କ ଅବସ୍ଥା ଦ୍ୱିତୀୟ ଅଧ୍ୟାୟରେ ପ୍ରଜାଙ୍କ ଓ ମାହାଲର ବର୍ତ୍ତମାନ ସାଧାରଣ ଅବସ୍ଥା ଓ ତୃତୀୟ ଅଧ୍ୟାୟରେ କ ଉପାୟରେ ଗଡ଼ଜାତ ମହାଲର ଉତ୍କର୍ଷ ସାଧିତ ହେବ ସେସବୁ ବର୍ଣ୍ଣିତ ହୋଇଅଛୁ । ପ୍ରଥମ ଦୁଇ ଅଧ୍ୟାୟରେ ଏମନ୍ତ କଛି ନାହିଁ କି ଯାହା ଏ ପ୍ରଦେଶୀୟ ଲୋକଙ୍କୁ ଜଣା ଅଧିକରେ ଜଣା ନାହିଁ । ଅଧିକାଂଶ ରାଜାଙ୍କର ମୂର୍ଖତା ଅମିତବ୍ୟୟିତା ପ୍ରଜାପୀଡନ ଇତ୍ୟାଦ ସମସ୍ତଙ୍କୁ ଜଣାଅଛୁ ଓ ସେହିସମସ୍ତ ପ୍ରଥମ ଅଧ୍ୟାୟରେ ଲେଖା ହୋଇଅଛୁ । ପ୍ରଜାଙ୍କର ବର୍ତ୍ତମାନ ଦୁରବସ୍ଥା କୃଷି ଓ ଶିଳ୍ପ କାର୍ଯ୍ୟର ହୀନାବସ୍ଥା ଉତ୍ପନ୍ନଜାତ ଦ୍ରବ୍ୟର ପରମାଣ ମାତ୍ର ବାଣିଜ୍ୟର ଅଭାବ ଓ ସାଧାରଣ ଶିକ୍ଷାର ଅଭାବ ଇତ୍ୟାଦ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛୁ । ଲେଖକଙ୍କ ମତ ପାଠକଲେ ଏପରି ବୋଧ ହୁଅଇ ଯେମନ୍ତ ସେ ମୂଗଲବନ୍ଦିଙ୍କ ପ୍ରଜା ଓ କୃଷି ଅବସ୍ଥାଠାରୁ ଗଡ଼ଜାତର ଅବସ୍ଥାକୁ ଅଧମ ଜ୍ଞାନ କରନ୍ତି ମାତ୍ର ପ୍ରକୃତ ଅବସ୍ଥାରେ ସେରୂପ ନୁହଇ । କେବଳ ଶାସନ ପ୍ରଣାଳୀର ଦୋଷରୁଁ ଗଡ଼ଜାତର ପ୍ରଜାମାନେ ମୂଗଲବନ୍ଦୀ ଅପେକ୍ଷା ଅଛି ହୀନାବସ୍ଥାରେ ଅଛନ୍ତି ନୋହିଲେ ଯେମନ୍ତ କୃଷି ଓ ବାଣିଜ୍ୟର ବିସ୍ତାର ମୂଗଲବନ୍ଦରେ ହେଉଅଛୁ ତେମନ୍ତ ଗଡ଼ଜାତରେ ମଧ ହେଉଅଛୁ । ବର୍ଷକୁ ବର୍ଷ କୃଷ ଭୂମିର ପରମାଣ ବୃଦ୍ଧି ହେଉଅଛୁ ପୂର୍ବେ ଯେତେ ଜଙ୍ଗଲ ଥିଲା ତହିଁର ଅନେକାଂଶ ସମ୍ପ୍ରତି କୃଷ ହେଲାଣି ଓ ବର୍ଷକୁ ବର୍ଷ ଧାନ ଚାଉଳ ଓ ତୈଳଜ ରକମ ଅଧିକ ପରମାଣରେ ବାଣିଜ୍ୟ ସକାଶେ ଆସୁଅଛୁ । ଫସଲ ବୃଦ୍ଧି ପକ୍ଷରେ ପ୍ରଜାଙ୍କର ତ୍ରୁଟି ନାହିଁ ଓ ପୂର୍ବଠାରୁ ତାହାଙ୍କର ଅବସ୍ଥା କଛି ଭଲ ହେବାର ପ୍ରତ୍ୟକ୍ଷ ହେଉଅଛୁ । ତେବେ ଇଉରୋପ ବା ଆମେରିକାରେ ଯେରୂପ କୃଷିର ଉନ୍ନତି ହୋଇଅଛୁ ତାହା ଯେମନ୍ତ ଏଠାର ମୂଗଲବନ୍ଦରେ ହୋଇ ନାହିଁ ତେମନ୍ତ ଗଡ଼ଜାତରେ ସୁଦ୍ଧା ହୋଇ ନାହିଁ । ଯାହା ହେଉ ଏସମସ୍ତ ସାମାନ୍ୟ ଭ୍ରମ ଓ ଏଥିପାଇଁ ଅମ୍ଭେମାନେ ଏ ପୁସ୍ତିକାର ଉପଯୋଗିତା ଲାଘବ ହୋଇଅଛୁ ବୋଲି କହୁ ନାହୁଁ । ଗଡ଼ଜାତର ଅବସ୍ଥା ଅତି ଶୋଚନୀୟ ଓ ତାହା ଏତଦେଶୀୟ ଲୋକଙ୍କୁ ଜଣାଥିଲେହେଁ ତହିଁରେ କଛି ଉପକାର ନାହିଁ । ରାଜପୁରୁଷ ଓ ବଦେଶୀୟ ଲୋକଙ୍କୁ ତାହା ଜଣାଇଲେ ଅନେକ ଲାଭ ହେବାର ସମ୍ଭାବନା ଓ ଗ୍ରନ୍ଥକର୍ତ୍ତା ଗଡ଼ଜାର ଦୁଃଖରେ ଦୁଃଖିତ ହୋଇ ଇଂରାଜୀ ଭାଷାରେ ତାହା ବର୍ଣ୍ଣନା କରି ରାଜପୁରୁଷଙ୍କୁ ଅବଗତ କରାଇବା ସକାଶେ ଶ୍ରମ ସ୍ୱୀକାର କରିଥିବାରୁ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ । ସ୍ଥାନାଭାବ ହେତୁରୁ ତୃତୀୟ ଅଧ୍ୟାୟ ସମ୍ପର୍କରେ ଆମ୍ଭେମାନେ ବର୍ତ୍ତମାନ କଛି କହିପାରିଲୁଁ ନାହିଁ । ଭବିଷ୍ୟତରେ ତହିଁର ସମାଲୋଚନା କରିବୁଁ ।

---

## କଟକ ମିଉନସିପାଲିଟିର ନଦୀ ଘାଟମାନ ।

ଚଳତମାସ ତା ୫ ରିଖରେ କଟକ ମିଉନିସିପାଲ କମିଟୀର ଗୋଟିଏ ସଭା ହୋଇଥିଲା । ତହିଁରେ ତଲଲିଖିତ କାର୍ଯ୍ୟମାନ ହୋଇଅଛୁ । ଯଥା;—

"୧ । କମିଶନର ସାହେବଙ୍କ ଚଳତ ମାସ ତା ୨ ରିଖର ନଂ ୭୭ ସ୍ୱର ଚିଠି ପାଠ ହୋଇ ଧାର୍ଯ୍ୟ ହେଲା (୧୦ ଜଣ ମଧ୍ୟରୁ ୯ ଜଣ ସଭ୍ୟଙ୍କ ମତରେ) ଯେ ନଗରର ଘାଟମାନ ଇଜରା ଦେବା ବିଷୟ ଏଥି ପୂର୍ବେ ଯାହା ଅବଧାରିତ ହୋଇଅଛି କମିଟୀ ସେହି ମତକୁ ଦୃଢରୂପେ ଅବଲମ୍ବନ କଲେ ।

୨ । ଧାର୍ଯ୍ୟ ହେଲା ସେ ଗତ ସଭାରେ ବଜେଟରେ ଯାହା ପରିବର୍ତ୍ତନ ହୋଇଅଛି ତାହା ନଗରର ଘାଟମାନଙ୍କର ବନ୍ଦୋବସ୍ତ ପ୍ରସଙ୍ଗରୁ ସ୍ୱତନ୍ତ୍ର ଥାଇ ବାଞ୍ଛନୀୟ ଅଟଇ ଅତଏବ ତାହା ମଞ୍ଜୁର କରିବା କାରଣ କମିଶନର ସାହେବଙ୍କୁ ପ୍ରାର୍ଥନା ହେଉ ।"

ପ୍ରଥମ ନିର୍ଦ୍ଧାରଣର ମର୍ମରୁ ଜଣାଯାଏ ଯେ ଟାଉନକମିଟୀ ଗତ ଅଧିବେଶନରେ ଘାଟମାନ ପୂର୍ବ ପ୍ରାୟ ଇଜରା ଦେବାର ସ୍ଥିର କରିଥିବାରୁ କମିଶନର ସାହେବ ତହିଁରେ ଆପତ୍ତି କରିଅଛନ୍ତି । ଏ କଥା ସ୍ୱାଭାବିକ ଅଟଇ । ପାଠକମାନେ ଜାଣନ୍ତି ଯେ ଘାଟରେ ମାସୁଲ ବସିବା ସମୟଠାରୁ ତାହା ବରାବର ଇଜରା ବନ୍ଦୋବସ୍ତରେ ଥିଲା । ଶ୍ରୀଯୁକ୍ତ ବୀମସ୍ ସାହେବ ଏଠାର ମାଜିଷ୍ଟ୍ରେଟ ହୋଇ ଖାସତହସିଲରେ ରଖିଲେ । ନା ତହିଁରେ ଆୟ ଅଧିକ ହେଲା ନା ଲୋକଙ୍କର କଷ୍ଟ ଫେଡଗଲା । ମାତ୍ର ଟାଉନକମିଟୀର କେହି ସଭ୍ୟ ତହିଁରେ ଆପତ୍ତି କରି ନ ଥିଲେ । ଆଜ ଯେମନ୍ତ ଶ୍ରୀଯୁକ୍ତ ବୀମସ୍ ସାହେବ ଟାଉନ କମିଟୀର ସଭାପତି ପଦରୁ ଅପସାରିତ ହେଲେ ତେମନ୍ତ ସଭ୍ୟମାନେ ଏକମତ ହୋଇ ଖାସ ବନ୍ଦୋବସ୍ତ ଉଠାଇ ଦେଇ ଇଜରା ଦେବାର ସ୍ଥିର କଲେ ! ଏକପ୍ରକାରରେ ବୁଝିଲେ ଏଥିରେ ବୀମସ୍ ସାହେବଙ୍କ ସୁଖ୍ୟାତି ଓ ଏକ ପ୍ରକାରରେ ନିନ୍ଦା ହେଉଅଛୁ । ସୁଖ୍ୟାତି ଏହି ଯେ ତାହାଙ୍କ ପରି ଯବରଦସ୍ତ ମାଜିଷ୍ଟ୍ରେଟ ଆଉ କଏ ହେବ ଯେ ନିତ୍ୟାନି ହଜାର କାର୍ଯ୍ୟ ମଧ୍ୟରେ ଘାଟର ଚର୍ଚ୍ଚା ସୁଦ୍ଧା ସ୍ୱୟଂ ବୁଝିବ ମାସୁଲ ଲୋକଙ୍କ ନିବାରଣ ସକାଶେ ନାନାକୌଶଳର ବାକ୍ସମାନ ପ୍ରସ୍ତୁତ କରାଇବ ଓ ସଂସାରର ଅକର୍ମଣ୍ୟ ଲୋକଙ୍କୁ ବାଛି ଆଣି ଗୋଟାଏ୨ ଦଲଖିଆ ତଟୁ ଉପରେ ଚଢାଇ ଦେଇ ଆଜ୍ଞା ଦେଲା ମାତ୍ରକେ ସେ ଘାଟରେ ଛିଡା ହୋଇ ଅକ୍ଲେଶରେ ଲୋକଙ୍କୁ ପାର କରାଇ ଦେବ ଓ କାହାର ଗୁହାରି କରିବାର ବାଟ ନ ଥିବ । ନିନ୍ଦା ଏହି ଯେ ତାହାଙ୍କର ବନ୍ଦୋବସ୍ତରେ ସଭ୍ୟମାନେ ମନେ୨ ଏମନ୍ତ ବିରକ୍ତ ଥିଲେ ଯେ ତାହାଙ୍କ ଯିବାର ଦୁଇମାସ ପୂର୍ଣ୍ଣ ନ ହେଉଣୁ ତାହାକୁ ଉଲଟାଇ ଦେଲେ । ଫଳତଃ ସଭ୍ୟମାନଙ୍କର ମନୋଭାବ ଯାହା ହେଉ ବୁଝିବାର ଚେଷ୍ଟା ନ କରି ଅମ୍ଭେମାନେ ଅବସ୍ଥା ଦୃଷ୍ଟିରେ ଅନାୟାସରେ କହି ପାରୁଁ ଯେ ସଭ୍ୟମାନେ ମତ ବ୍ୟକ୍ତ କରିବା ସମୟରେ ସବୁଦିଗ ସମ୍ଭାଳି ଚାଲିବାକୁ ବଡ କଠିନ ବୋଧ କରିଥିବେ ।

ଯାହା ହେଉ ବର୍ତ୍ତମାନ ବିଷୟରେ ଟାଉନ କମିଟୀର ମତ ସାଧାରଣ ଅଭିପ୍ରାୟ ସହିତ ଐକ୍ୟ ହୋଇଅଛୁ ଓ ଇଜରା ନିୟମ ଜାରି କରିବାକୁ

Digitized by srujanika@gmail.com

Split by PDF Splitter



ସେମାନଙ୍କର ଏକାନ୍ତ ଇଚ୍ଛା ଦେଖି ଆମ୍ଭମାନେ ଆନନ୍ଦିତ ହୋଇଅଛୁଁ କାରଣ କମିଶନର ସାହେବ ଯାହା ବୋଲନ୍ତି ଇଜରା ଅପେକ୍ଷା ଖାସ ତହସିଲରେ ଲୋକଙ୍କର ସୁବିଧା ଅଧିକ ହୋଇ ନ ଥିଲା ବରଂ ଇଜରା ବେଳେ ଇଜରାଦାରକୁ ଧମକ ଚମକ କରି ଭୟ ଦେଖାଇ ଯେଉଁ ଉପକାର ସାଧିତ ହେଉଥିଲା ଖାସ ସମୟରେ ତାହା ସିଦ୍ଧା ହୋଇ ପାରୁ ନ ଥିଲା ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଆମ୍ଭେମାନେ ଶୁଣିଲୁଁ ଯେ କମିଶ୍ନରସାହେବ ମିଉନିସିପାଲ କମିଶ୍ନରଙ୍କ ମତକୁ ଅଗ୍ରାହ୍ୟ କରି ତାହାଙ୍କ ବେଦଖଲ କରିଅଛନ୍ତି । ମାଜିଷ୍ଟ୍ରେଟସାହେବ ଖାସରେ ରଖି ନଦୀ ଘାଟସବୁର ବନ୍ଦୋବସ୍ତ କରିବେ ଏହିପରି ଆଜ୍ଞା ଦେଇଅଛନ୍ତି । ଆମ୍ଭେମାନେ ଏଥିରେ ବଡ଼ ଦୁଃଖ ଦେଖୁ ନାହୁଁ ମିଉନିସିପାଲ କମିଶ୍ନରମାନେ ତ କାଲକମିଶ୍ନରସାହେବଙ୍କ ସମସର ହେବେ । ଏତେଦିନ ମିଳଜୁଳ ରହିଥିଲେବୋଲି ଆପଣା ମାନ ସେନ ବସିଥିଲେ ଏବେ ଯେମନ୍ତ ସ୍ୱାଧୀନତା ଦେଖାଇବାକୁ ବସିଲେ ତେମନ୍ତ ଆପଣ ଅଧିକାରରୁ ବଞ୍ଚିତ ହେଲେ । ଅଥବା ଯଦ୍ୟପି ଏ ନଗରର ନଦୀଘାଟମାନ ଏହାଙ୍କୁ ଅର୍ପିତ ହୋଇଥିଲା ମାତ୍ର ଏମାନେ ପୂର୍ବରୁ ମାଜିଷ୍ଟ୍ରେଟଙ୍କ ହାତରେ ଦେଇ ଛାଡ଼ିନ୍ତି ଥିଲେ । ଏବେ ଦଖଲ କରିବାକୁ ଗଲେ ତାହା କପରି ହେବ ସେମାନଙ୍କ ହାବରେ ତମାଦ ହୋଇଥିବାର ଆମ୍ଭେମାନେ ବିବେଚନା କରୁଁ ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଦିନେ ଦୁଇଦିନ ଛଡ଼ା ଥରେ୨ ବର୍ଷା ହେଉଥିବାରୁ ଗ୍ରୀଷ୍ମ ଅନେକ ଊଣା ଅଛି ଓ ଲୋକମାନେ ସୁସ୍ଥ ଅଛନ୍ତି । ବର୍ଷା ହେବାରୁ ଚନ୍ଦନଯାତ୍ରାର କିଛି ବ୍ୟାଘାତ ହୋଇଥିଲା ।

ଗତ ବୁଧବାର ସକାଳବେଳେ ଜେଲଖାନା ସମ୍ମୁଖରେ ଜଣେ ଗଡ଼ଜାତର ଫାଶୀ ହେଲା । ଏହିଟି ଶ୍ରୀଯୁକ୍ତ ବାମସ୍ ସାହେବଙ୍କ ଅମଳର ପ୍ରଥମ ଫାଶୀ ଅଟଇ । ଅପରାଧିକୁ ଜେଲ ଭିତରୁ ଫାଶିକାଠ ନିକଟକୁ ଆଣି ତହିଁ ଉପରେ ଚଢ଼ାଇ ଦେଇ ବେକରେ ଦୌଡ଼ି କସି ଝୁଲାଇ ଦେବା ପର୍ଯ୍ୟନ୍ତ ସେ କେବଳ "ହରେ କୃଷ୍ଣ ହରେ କୃଷ୍ଣ" ଉଚ୍ଚୈଃସ୍ୱରରେ କହୁଥିଲା । ଉକ୍ତ ଚୋବାଳ ବା ଅନ୍ୟ କୌଣସି କଥା କହି ନାହିଁ । ଏ ଫାଶୀ ଦେଖି ଏକବ୍ୟକ୍ତି କହିଲେ କି ଗଡ଼ଜାତୀୟମାନେ ଠିକ ପଶୁ ପ୍ରାୟ ଏହାଙ୍କୁ ଫାଶୀ ଦେବାରେ କିଛି ଉପକାର ନାହିଁ ଓ ଯେବେ ଅନ୍ୟଙ୍କୁ ଡରାଇବା ଏଥିର ଉଦ୍ଦେଶ୍ୟ ହୁଅଇ ତେବେ ଯେଉଁ ଗଡ଼ଜାତରେ ଖୁନ ହୋଇଥିଲା ସେହିଠାରେ ଫାଶୀ ଦେବାର ଉଚିତ ଥିଲା । ସହରରେ ଫାଶୀ ଦେଲେ ଗଡ଼ଜାତୀୟମାନେ କିଛି ଜାଣି ପାରନ୍ତେ ନାହିଁ ।

ଗଞ୍ଜାମ ବ୍ରହ୍ମପୁରରେ ବାର୍ତ୍ତାଲହରୀ ନାମରେ ଖଣ୍ଡିଏ ନୂତନ ପାକ୍ଷିକପତ୍ରିକା ବାହାରିଅଛି ଓ ତହିଁର ପ୍ରଥମ ସଂଖ୍ୟା ଆମ୍ଭେମାନେ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ପତ୍ରିକା ଖଣ୍ଡିକ ଦୀର୍ଘଜୀବୀ ହେଉ ଏହି ପ୍ରାର୍ଥନା । ଏହା ସ୍ୱଦେଶୀ ପର ଇଂରାଜୀ ଓଡ଼ିଆ ଏବଂ ତେଲଙ୍ଗୀ ଏହି ତିନିଭାଷାରେ ମୁଦ୍ରିତ ହୋଇଅଛି ।

କଲିକତା ସହର ଲୋକମାନେ ବୁଝିଥିଲେ ଯେ ତାହାଙ୍କୁ ନୂତନ ଆଇନାନୁସାରେ ଦାଖଲ ଖାରଜ କରିବାକୁ ହେବ ନାହିଁ । ସମ୍ପ୍ରତି ବୋର୍ଡ ତାହାଙ୍କର ଭ୍ରମ ଭଙ୍ଗାଇ ଦେବାରୁ ସେମାନେ ବ୍ୟସ୍ତ ହୋଇ ଦରଖାସ୍ତ ଫାରମ ନେବାପାଇଁ କଲେକ୍ଟରୀ ଅଫିସରେ ଭିଡ଼ ହେଲେ ଓ ମିଆଦ ଶେଷ ସମୟରେ ଏପରି ହେବାର ଦେଖି ଗବର୍ଣ୍ମେଣ୍ଟ ଆଉ ତିନିମାସ ମିଆଦ ବଢ଼ାଇ ଦେଇଅଛନ୍ତି ।

ମାନ୍ଦ୍ରାଜ ମିଉନିସିପାଲିଟିର ଉପକାର ନିମିତ୍ତ ଉକ୍ତ ନଗରରେ ଇନ୍‌କମ୍ ଟାକ୍ସ ବସିବାର ନିୟମ ହୋଇଅଛି ଓ ଏଥିର ଆଇନ ସ୍ଥାନୀୟ ବ୍ୟବସ୍ଥାପକ ସଭା ମଞ୍ଜୁର କରିଅଛନ୍ତି । ଟାକ୍ସର ଧୂମ ପୁଣିଆରେ ଲାଗିଅଛି ତେବେ ଗବର୍ଣ୍ମେଣ୍ଟ ଇଣ୍ଡିଆ ଗୋଟିଏ ଟାକ୍ସ ନ ବସାଇ ଏତେ ପ୍ରକାର ଟାକ୍ସର ସୃଷ୍ଟି କାହିଁକି କରୁଅଛନ୍ତି ।

ମାନ୍ଦ୍ରାଜରେ ଘରର ଟାକ୍ସ ଶତକଡ଼ା ଦଶଟଙ୍କା ଧାର୍ଯ୍ୟ ହୋଇ ଟାଉନ ଡିଉଟି ଅର୍ଥାତ୍ ନଗର ମଧ୍ୟରେ ଦ୍ରବ୍ୟାଦି ଆମଦାନୀ ରପ୍ତାନୀ କର ଉଠି ଯାଇଅଛି । କିନ୍ତୁ ଏ ନଗରରେ ଭୂମିର ଖଜଣା ଓ ମିଉନିସିପଲ କର ଏକାବେଳକେ ବୃଦ୍ଧି ହେଉଅଛି ।

ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦ ଗ୍ରହଣକୁ ଚିରସ୍ମରଣୀୟ କରିବା ସକାଶେ ରଙ୍ଗପୁରର ଜମିଦାର ଓ ଅନ୍ୟ ବ୍ୟକ୍ତିମାନେ ଟ ୧୫୦୦୦ ଙ୍କା ହେବା ଏକତ୍ର କରି ଦୁଇଟି ଛାତ୍ରବୃତ୍ତି ତହିଁରେ ସ୍ଥାପନ କରିଅଛନ୍ତି । ଗୋଟିଏ ବୃତ୍ତି ମାସକେ ଟ ୧୫ ଙ୍କା ଓ ଆଉ ଗୋଟିଏ ଟ ୧୦ ଙ୍କା ଅଟଇ ।

ଇଣ୍ଡିପେଣ୍ଡେଣ୍ଟ ଶୁଣିଅଛନ୍ତି କି ମିଷ୍ଟର ଅଲେଞ୍ଜେ ମଙ୍ଗଳାସାହେବ ମିଶ୍ରଦେଶରେ ଚାକିରି କରିବାକୁ ସ୍ୱୀକାର କରିଅଛନ୍ତି ସୁତରାଂ ଆଉ ଭାରତବର୍ଷକୁ ଫେରି ଆସିବେ ନାହିଁ । ତାହା ହେଲେ ଶ୍ରୀଯୁକ୍ତ ରେଭନସା ସାହେବ ବୋର୍ଡରେ ପକ୍କା ହୋଇଯିବେ ।

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଅତ୍ରସ୍ଥ ଓଡ଼ିଶା ମେଡିକେଲ ସ୍କୁଲରେ ଛଅଗୋଟି ବୃତ୍ତି ଖାଲିଅଛି ଏବଂ ଏତଦ୍ଭିନ୍ନ ପରିମିତ ସଂଖ୍ୟକ ଅବୈତନିକ ଛାତ୍ର ଗ୍ରହଣ କରାଯିବେ । ନିମ୍ନଲିଖିତ ସ୍ୱାକ୍ଷରିତ ବ୍ୟକ୍ତିଙ୍କ ନିକଟରେ ଆବେଦନ କରିବାକୁ ହେବ । ଆବେଦନକାରୀମାନେ ୧୮୭୭ ମସିହା ତା ୨୫ ରଖ ମେ କଟକସ୍ଥ ଓଡ଼ିଶା ମେଡିକଲ ସ୍କୁଲରେ ଉପସ୍ଥିତ ହେବେ ।

W. D. Stewart,
*Supdt. O. M. School.*

---

ତଦନ୍ତର୍ଗତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ଯଥା;

| | | |
|---|---|---|
| ଉତ୍ତରା | ... ... ... ... | ଟ ॥୵ |
| ଲବଣାବତୀ | ... ... ... | ଟ ॥୵ |
| ପ୍ରଥମଶିକ୍ଷା | ... ... ... | ଟ ୵ |
| ଅଧ୍ୟାତ୍ମଗୀତା | ... ... ... | ଟ [illegible] |

---

### NOTICE.

The Second mastership of Balasore Zilla school is likely to become vacant. Applications will be received up to the end of current month salary Rs. 50.

Cuttack
The 1st May,
1877.

N. K. Das.
*Joint Inspector of Schools Orissa.*

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| [illegible] ଓ [illegible] ଅଗ୍ରିମ | ଟ [illegible] |
| ବାବୁ [illegible] | ଟ [illegible] |
| „ [illegible] „ „ | ଟ [illegible] |
| „ [illegible] „ „ | ଟ [illegible] |

---

ଏହି ଉତ୍କଳଦୀପିକା ସହର କଟକ [illegible] କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com